# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩୦/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, October 30/2025 Page 14 ₹ 7.00

୫୧ଶ ଭାଗ ୩୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 333 ମୂଲ୍ୟ₹୭/-




**ଭାବି ନ ଥିଲେ ଅନନ୍ୟା**

ପାଠ ପଢୁଥିବାବେଳେ ହଠାତ୍ କରନ୍ ଜୋହରଙ୍କ ନିକଟରୁ ଅଭିନୟ ଅଫର ପାଇବେ ବୋଲି ଅନନ୍ୟା ପାଣ୍ଡେ କେବେ ବି ଭାବି ନ ଥିଲେ।

୧୩

୧୪

**ଦକ୍ଷିଣ ଆଫ୍ରିକା ଫାଇନାଲରେ**

ଲୌରା ୱୁଲଭାର୍ଡଟଙ୍କ ଶତକ ସହାୟତାରେ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ଇଂଲଣ୍ଡକୁ ହରାଇ ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି।





କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀ ବାଲିଶଯ୍ୟାରେ ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ଓ କରଗୋଳା ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ବାଲି ସତ୍ୟାଗ୍ରହର ବୁଧବାର ଷଷ୍ଠ ଦିନରେ ଗ୍ରାମବାସୀ ବର୍ଷା ସତ୍ତ୍ୱେ ଛତା ଧରି ବସିଛନ୍ତି। (ଫଟୋ– ସୁଶାନ୍ତ କୁମାର ସାହୁ)

# ବେଆଇନ ଉତ୍ତୋଳନ ବିରୋଧରେ ବାଲି ସତ୍ୟାଗ୍ରହ

ଆନନ୍ଦପୁର,୨୯।୧୦
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀରେ କରଗୋଳା ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ବାଲି ସତ୍ୟାଗ୍ରହ ଷଷ୍ଠ ଦିନରେ ପହଞ୍ଚିଛି। ପ୍ରବଳ ବର୍ଷା, ପବନ ସତ୍ତ୍ୱେ ଶତାଧିକ ସତ୍ୟାଗ୍ରହୀ ଛତା ଧରି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ ସତ୍ୟାଗ୍ରହର ନେତୃତ୍ୱ ନେଇ ବାଲି ମାଫିଆଙ୍କ ବିରୋଧରେ ବିଷୋଦଗାର କରିଥିଲେ।

ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ଅଭିଭାଷଣରେ କହିଥିଲେ, ବେଆଇନ ଘାଟରେ ନିୟୋଜିତ ବଡ଼ ମେଶିନକୁ ଜବତ କରାଯାଉ। ଲୁଟ୍ ହୋଇଥିବା ବାଲି ପରିମାଣକୁ ମାପା ଯାଇ ଜରିମାନା ଆଦାୟ, ଚୋରା ବାଲି ବ୍ୟବସାୟୀ ଓ ତାଙ୍କ ସହଯୋଗୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ସେ ଦାବି କରିଛନ୍ତି। ବିଭିନ୍ନ ସ୍ଥାନରେ ବେଆଇନ ଘାଟ ପାଇଁ କଟାଯାଇଥିବା ଗଛ ବାବଦ କ୍ଷୟକ୍ଷତି ଆକଳନ କରିବାକୁ ମଧ୍ୟ କହିଛନ୍ତି। ସେହିପରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ କୁମ୍ଡ଼ ଘାଟ ବେଆଇନ ଭାବେ ଚାଲିବା ଯୋଗୁ ଠେକୁଆ, ଝିଙ୍କ ଆଦି ବନ୍ୟପ୍ରାଣୀ ପ୍ରଭାବିତ ହେଉଛନ୍ତି। ବନ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ☞ପୃଷ୍ଠା–୪

# କମ୍ପାନୀ ମିଥ୍ୟାରେ ସରକାର ବି ବାଇଆ

ଭୁବନେଶ୍ୱର,୨୯।୧୦
(ରବିନାରାୟଣ ଜେନା)

ଓଡ଼ିଶାରେ ପୂର୍ବରୁ କେବଳ ଗରିବ ଗ୍ରାମୀଣ ଜନସାଧାରଣଙ୍କୁ ବଡ଼ ବଡ଼ କମ୍ପାନୀଗୁଡ଼ିକ ଠକି ଅସତ୍ୟ କହିଆସୁଥିଲେ। ମୁଖ୍ୟତଃ ରାଜ୍ୟର ଖଣିଜ ପଦାର୍ଥରେ ଆକର୍ଷିତ ହୋଇ ଏହି କମ୍ପାନୀଗୁଡ଼ିକ ଓଡ଼ିଶାର ବିଭିନ୍ନ ଅନୁନ୍ନତ ଅଞ୍ଚଳରେ ଶିଳ୍ପ ବସାଇବା ପାଇଁ ଧାଇଁଆସିଥିଲେ। ବିଗତ ବର୍ଷଗୁଡ଼ିକରେ ରାଜ୍ୟ ସରକାରଙ୍କ ସର୍ବୋଚ୍ଚସ୍ତରରେ ମାଲିକମାନଙ୍କୁ ଭେଟିବାର ସୁଯୋଗ ମିଳିବା ସହିତ ଜିଲାସ୍ତରରେ ପ୍ରଶାସନିକ ଯଥା ପୋଲିସ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ବିପୁଳ ସାହାଯ୍ୟ ମିଳିପାରୁଥିଲା। ଏବେ ସେହି ପରିସ୍ଥିତି ବଦଳିଗଲା ଭଳି ପ୍ରତୀୟମାନ ହେଉଛି। କମ୍ପାନୀ ପକ୍ଷରୁ ଯେଉଁ ଫଲ୍‌ସ(ସରକାରୀ ଭାଷାରେ ମିଥ୍ୟା) ତଥ୍ୟ ଦିଆଯାଇ ରାଜ୍ୟର ମୂଲ୍ୟବାନ୍ ଜମିକୁ ହାତେଇ ନିଆଯାଇଛି, ତାହା ଉପରୁ ଏବେ ପରଦା ହଟିବାକୁ ଯାଉଛି।

ଜଗତ୍‌ସିଂହପୁରରେ ଜେଏସ୍‌ଡବ୍ଲ୍ୟୁ କିଭଳି ସରକାରଙ୍କୁ ଫଲ୍ସ ତଥ୍ୟ ଦେଇଛି ସେନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗର ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଲିଙ୍ଗରାଜ ଓଟା ଅକ୍ଟୋବର ୨୫ରେ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଓ ଏଚ୍‌ଓଏଫ୍‌ଏଫ୍ ଓଡ଼ିଶା ଏବଂ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଏସମ୍ପର୍କରେ ପତ୍ର ଲେଖି ଅବଗତ କରାଇଛନ୍ତି। ସ୍ୱତନ୍ତ୍ର ସଚିବ ଓଟା ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ଜଗତ୍‌ସିଂହପୁର ଜିଲା ଢିଙ୍କିଆର ପ୍ରତିବ କୁମାର ଶତପଥୀ କମ୍ପାନୀର ମିଥ୍ୟାକୁ ନେଇ ଏକ ଅଭିଯୋଗ ଦାଖଲ କରିଥିଲେ। ଏହାକୁ ନେଇ ୨୦୨୫ ସେପ୍ଟେମ୍ବର ୨୨ରେ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ସେଥିରେ ଉପଯୁକ୍ତ ପଦକ୍ଷେପ ନେବାକୁ କୁହାଯାଇଥିଲା। ହେଲେ ଏହାର ଅନୁସନ୍ଧାନ ଏପର୍ଯ୍ୟନ୍ତ ହୋଇ ନ ଥିବାବେଳେ ଜଗତ୍‌ସିଂହପୁରର ଏରସମା ବ୍ଲକର ଜିଲା ପରିଷଦ ଜୋନ୍–୪ ସଭ୍ୟ ପିନାକୀ ନାରାୟଣ ଦାସ ପୁନଶ୍ଚ ଏକ ଅଭିଯୋଗ ଆଣିଛନ୍ତି। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ତୁରନ୍ତ ଜଣେ ବରିଷ୍ଠ ଅଧିକାରୀଙ୍କ ଜରିଆରେ ଉକ୍ତ ଅଭିଯୋଗର ତଦନ୍ତକରି ଉପଯୁକ୍ତ ପଦକ୍ଷେପ ଗ୍ରହଣପୂର୍ବକ ତ୍ୱରିତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବାକୁ ସେ ଦର୍ଶାଇଛନ୍ତି।

ଏ ସଂକ୍ରାନ୍ତରେ ପିନାକୀ ଏକ ଅଭିଯୋଗପତ୍ର ମୁଖ୍ୟମନ୍ତ୍ରୀ, ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ଅଧ୍ୟକ୍ଷ, ପ୍ରଧାନମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ଏବଂ ଜଗତ୍‌ସିଂହପୁର ଜିଲାପାଳଙ୍କୁ ☞ପୃଷ୍ଠା–୪



GOVERNMENT OF ODISHA
FOREST, ENVIRONMENT & CLIMATE CHANGE DEPARTMENT
*****

No.FE-DIV-FLD-0059-2025-31789/FE&CC, Date 25 OCT 2025
10F (Cons) 36/2019

From
Shri Lingaraj Otta,
OSD-cum-Special Secretary to Government

To
The Principal Chief Conservator of Forests & HoFF, Odisha
The Collector & DM, Jagatsinghpur.

Sub: Urgent Appeal against JSW False Reply and protection of Dhinkia Panchayat's Livehood, Forests, and Ecology.

Sir,

In inviting kind reference to the subject cited above, I am directed to say that you were requested vide this Department letter No.29694, dtd.22.09.2025 to take appropriate action on the representation dated 18.08.2025 of Shri Pratib Ku Satapathy, At/Po- Dhinkia, Ps- Abhagachandpur, Jagatsinghpur, Odisha-754141 under intimation to all concerned. But, no reply in this connection has been received by this Department yet.

In the meantime, petitions on the same matter have been received from the Zillaparisad, Zone-4, Erasama Block, Jagatsinghpur and PS Member, Panchayat-Dhinkia, Zone-4, Block-Erasama, Dist-Jagatsinghpur (Copies enclosed). You are therefore requested to conduct an inquiry by a senior officer and take appropriate action and furnish the action taken report to this Department at the earliest for further action.

Yours faithfully,
OSD-cum-Special Secretary to Government

Memo No. 31790/FE&CC, Date 25 OCT 2025

Copy along with copy of enclosure forwarded to the Additional Secretary to Govt., R&DM Department/ Director, ST & SC Dev., M & BCW Department for information and necessary action.

OSD-cum-Special Secretary to Government

Memo No. 31791/FE&CC, Date 25 OCT 2025

Copy forwarded to Shri Pinaki Narayan Das, Zillaparisad, Zone-4, Erasama Block, Jagatsinghpur, Odisha-754141, M.No.- 9090985561, (email Id:pinaki.das30@yahoo.com) / Smt. Mitanjali Bhoi, PS Member, Panchayat-Dhinkia, Zone-4, Block-Erasama, Dist-Jagatsinghpur, M.No.-8018567378, (email Id:mitanjalibhoianjali@gmail.com) for information.

OSD-cum-Special Secretary to Government

# ଯୁବତୀଙ୍କୁ ବଳାତ୍କାର ପରେ ପୋଡ଼ି ହତ୍ୟା

## ଧାନ କିଆରିରୁ ଗଳିତ ମୃତଦେହ ଜବତ

**ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କୁ ୩ ବନ୍ଧୁ ମିଶି ହତ୍ୟା କରିବା ଘଟଣା ଜଣାପଡ଼ିବାର ୪୮ ଘଣ୍ଟା ନ ପୂରୁଣୁ ଉକ୍ତ ଫାଣ୍ଡି ଅନ୍ତର୍ଗତ ଗଏଲପିଟା ଗ୍ରାମ ନିକଟସ୍ଥ ଧାନ କିଆରିରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହ ଜବତ ହେବା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରିବା ସହ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଅପରାଧୀମାନେ ମୁହଁକୁ ପୋଡ଼ି ଦେଇଥିବା ଜଣାପଡ଼ିଛି। ପୀଡ଼ିତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।**

ଦେଓଗାଁ,୨୯।୧୦
(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ଗଏଲପିଟା ଗ୍ରାମରେ ବୁଧବାର ସକାଳେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଛେଳି ଚରାଇବା ପାଇଁ ଯାଇଥିଲେ। ନିକଟସ୍ଥ ଏକ ଚାଷଜମିରେ ଜଣେ ଯୁବତୀଙ୍କ ମୃତଦେହ ପଡ଼ିଥିବାର ଦେଖିଥିଲେ। ସେମାନେ ତୁରନ୍ତ ଗାଁକୁ ଆସି ଲୋକଙ୍କୁ କହିବା ପରେ ଜମି ମାଲିକ ସ୍ଥାନୀୟ ଫାଣ୍ଡିରେ ଖବର ଦେଇଥିଲେ। ପ୍ରଥମେ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ଘଟଣାସ୍ଥଳକୁ ଯିବା ପରେ ଦେଓଗାଁ ଥାନାକୁ ସୂଚନା ଦିଆଯାଇଥିଲା। ଦେଓଗାଁ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ଦିଗକୁ ଅନୁଧ୍ୟାନକରି ତଦନ୍ତ ଜାରି ରଖିଛି। ମୃତ ଯୁବତୀ ଜଣକ ସାୟା, ବ୍ଲାଉଜ ଓ ଅନ୍ତର୍ବସ୍ତ୍ର ପରିଧାନ କରିଥିବା ପୋଲିସ କହିଛି। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇ ପ୍ରମାଣ ନଷ୍ଟ ଏବଂ ପରିଚୟ ଲୁଚାଇବା ଉଦ୍ଦେଶ୍ୟରେ ତାଙ୍କ ମୁହଁକୁ ପୋଡ଼ି ଦିଆଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ (ନଂ .୧୮/୨୦୨୫) ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବନ୍ଧପଡ଼ା ଫାଣ୍ଡି ଅଧୀନ ଅନ୍ତର୍ଲା ଗ୍ରାମ ପତ୍ରଫଡ଼ି ନିକଟରେ ରବିବାର ରାତିରେ ୪ଜଣ ସାଙ୍ଗ ମିଶି ଭୋଜି କରିଥିଲେ। ଏହି ସମୟରେ କୌଣସି କାରଣକୁ କେନ୍ଦ୍ର କରି ସାଙ୍ଗଙ୍କ ମଧ୍ୟରେ ବଚସା ହେବାରୁ ସୁଜିତ ଭୋଇଙ୍କୁ ତାଙ୍କ ୩ଜଣ ସାଙ୍ଗ ମିଶି ହତ୍ୟା କରିଥିଲେ। ଏନେଇ ଅଭିଯୋଗ ପରେ ୩ ଅଭିଯୁକ୍ତ ସାଙ୍ଗଙ୍କୁ ପୋଲିସ ସୋମବାର ଗିରଫ କରିଥିବାବେଳେ ମଙ୍ଗଳବାରକୋର୍ଟଚାଲାଣକରିଥିଲା।

# ଓଡ଼ିଶାରେ ବେଆଇନ ଖଣି ଖନନ: କ୍ଷତିପୂରଣ ଅନାଦାୟକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ,୨୯।୧୦
(ପି.ଟି./ ଲାଇଭ୍ ଲ)

ଓଡ଼ିଶାରେ ଖଣି ଖନନ ନିୟମଗୁଡ଼ିକୁ ଉଲ୍ଲଂଘନ କରିଥିବା ଲିଜ୍‌ଧାରୀଙ୍କଠାରୁ ୨,୭୪୫ କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ବୁଧବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲିଜ୍‌ଧାରୀମାନେ ଯେପରି ସରକାରୀ ରାଜସ୍ୱ ଫାଙ୍କି ନ ପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଅଗୁଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଓଡ଼ିଶା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡ୍‌ଭୋକେଟ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲାରେ ବେଆଇନ ଖଣି ଖନନ ନେଇ ଲିଜ୍‌ଧାରୀଙ୍କଠାରୁ ୨,୭୪୫ କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବାକୁ ୨୦୧୭ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ରାଜ୍ୟ କର୍ତ୍ତୃପକ୍ଷ ଓ ଲିଜ୍‌ଧାରୀଙ୍କ ସୁଲାସୁତୁରା ଯୋଗୁ ଏହି ଅର୍ଥ ଆଦାୟ ହୋଇପାରି ନ ଥିବା ଦର୍ଶାଇ ଏନ୍‌ଜିଓ କମନ୍ କଜ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ, ଖଣି କମ୍ପାନୀଗୁଡ଼ିକଠାରୁ ରାଜ୍ୟ ସରକାର ବହୁ କୋଟି ଟଙ୍କାର ବକେୟା ଆଦାୟ କରନ୍ତୁ ବୋଲି ପୂର୍ବରୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ସହ ଅନେକ ରାୟ ପ୍ରକାଶ କରିଛନ୍ତି। ତେବେ ଖଣି ଖନନକାରୀ ସଂସ୍ଥାଗୁଡ଼ିକ ଟାଳଟୁଳ ନୀତି ଆପଣାଇଥିବା ସମ୍ପର୍କରେ ରାଜ୍ୟ ସରକାର ନିକଟରେ ଏନେଇ ଦାଖଲ କରିଥିବା ଷ୍ଟାଟସ୍ ରିପୋର୍ଟରୁ ପ୍ରଘଟ ହୋଇଛି। ୨୦୧୭ ଡିସେମ୍ବର ୩୧ ସୁଦ୍ଧା ୨,୭୪୫ କୋଟି ଟଙ୍କାର ବକେୟା (ସୁଧକୁ ବାଦ୍ ଦେଇ) ପଇଠ ହୋଇଯିବା ଉଚିତ ଥିଲା। ସୁଧକୁ ମିଶାଇଲେ ଏହା ପ୍ରାୟ ଦୁଇଗୁଣା ହୋଇଯିବ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ସନ୍ଥଙ୍କ ରହସ୍ୟମୟ ମୃତ୍ୟୁ

# ନେତା ଏପଟସେପଟ, ଭୋଟର ଦ୍ୱନ୍ଦ୍ୱରେ

**ନୂଆପଡ଼ା ଉପନିର୍ବାଚନ**

ନୂଆପଡ଼ା,୨୯।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ଏକ ନୂଆ ଅଡୁଆ ବା ଦ୍ୱନ୍ଦ୍ୱ ଉଭୟ ପ୍ରାର୍ଥୀ ଓ ଭୋଟରଙ୍କୁ ଘାରିଛି। ଏହି ଉପନିର୍ବାଚନ ପୂର୍ବରୁ ବିଭିନ୍ନ ଦଳୀୟ ଓ ନିର୍ଦ୍ଦଳୀୟ ନେତା ଏପଟସେପଟ ହୋଇଛନ୍ତି। ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆ ପ୍ରଥମେ ୨୦୦୪ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଜିଣିଥିଲେ। ପରେ ସେ ବିଜେଡିରେ ଯୋଗଦେଇଥିଲେ। ବିଜେଡି ପ୍ରାର୍ଥୀ ଭାବେ ରାଜେନ୍ଦ୍ର ଲଗାତର ୪ଟି ନିର୍ବାଚନ ଲଢ଼ି ୩ଟିରେ ବିଜୟୀ ହୋଇ ଏହି ଅଞ୍ଚଳରେ ବିଜେଡିର ଅପ୍ରତିଦ୍ୱନ୍ଦ୍ୱୀ ନେତା ପାଲଟିଥିଲେ। ରାଜେନ୍ଦ୍ର ଢୋଲକିଆଙ୍କ ଦଳୀୟ ଚିହ୍ନ ଶଙ୍ଖଚିହ୍ନ ବୋଲି ନିର୍ବାଚନମଣ୍ଡଳୀର ଭୋଟରମାନେ ଜାଣିଯାଇଥିଲେ। ତାଙ୍କ ମୃତ୍ୟୁ ପରେ ଏବେ ଯେଉଁ ଉପନିର୍ବାଚନ ହେଉଛି, ସେଥିରେ ତାଙ୍କ ପୁଅ ଜୟ ଢୋଲକିଆ ପ୍ରାର୍ଥୀ ହୋଇଛନ୍ତି। ମାତ୍ର ସେ ବିଜେଡି ପରିବର୍ତ୍ତେ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଏବେ ଜୟ ଢୋଲକିଆଙ୍କ ଦଳୀୟ ନିର୍ବାଚନୀ ଚିହ୍ନ ପଦ୍ମଫୁଲ ହୋଇଛି। ସ୍ୱର୍ଗତ ରାଜୁ ଢୋଲକିଆଙ୍କୁ ଯେଉଁ ଭୋଟରମାନେ ବିଜେଡି ନେତା ଓ ତାଙ୍କ ଚିହ୍ନ ଶଙ୍ଖ ବୋଲି ଗ୍ରହଣ କରିଥିଲେ, ସେମାନେ ତାଙ୍କ ପୁଅ ଜୟଙ୍କୁ ସହାନୁଭୂତି ଦେଖାଉଥିଲେ ମଧ୍ୟ ନିର୍ବାଚନୀ ଚିହ୍ନ ଓ ଦଳ ବଦଳକୁ ନେଇ ଅଡୁଆ ସ୍ଥିତିରେ ପଡ଼ିଛନ୍ତି। ଅନେକେ ଜୟଙ୍କ ନିର୍ବାଚନୀ ପ୍ରଚାରରେ ରାଜୁଭାଇ ଜିନ୍ଦାବାଦ୍ ନାରା ଦେଉଥିଲେ ମଧ୍ୟ ଦଳୀୟ ଚିହ୍ନ ପଦ୍ମ କହୁଥିବାରୁ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ବିଶେଷକରି ଗ୍ରାମୀଣ ଅଞ୍ଚଳର ଭୋଟରଙ୍କ ପାଇଁ ଏହି ଅଡୁଆ ବଢ଼ିଛି।

ସେହିଭଳି ବିଜେଡି ପ୍ରାର୍ଥୀ ହୋଇଥିବା ☞ପୃଷ୍ଠା–୪







ଦକ୍ଷିଣ କୋରିଆର ସିଓଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

# ଲଦାଖ ହିଂସା: କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ସୋନମ୍ ୱାଙ୍ଗଚୁକ୍



ଗୀତାଞ୍ଜଳି ଜେ. ଆଙ୍ଗମୋ

ନୂଆଦିଲ୍ଲୀ,୨୯।୧୦

ଲଦାଖ ହିଂସାରେ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗଚୁକ୍ଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ତାଙ୍କୁ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଥିବାବେଳେ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଜେ. ଆଙ୍ଗମୋ କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତ ଏହା ଉପରେ ୧୦ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କେନ୍ଦ୍ର ସରକାର ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍‌ଭି ଅଞ୍ଜରିଆଙ୍କ ଖଣ୍ଡପୀଠ କେନ୍ଦ୍ର ତଥା ଲଦାଖ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ସଂଶୋଧିତ ଆବେଦନ ଉପରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ

## ସୋନମ୍‌ଙ୍କ ମୁହଁ ବନ୍ଦ ପାଇଁ ଉଦ୍ୟମ କରାଯାଇଛି: ସ୍ତ୍ରୀ

ଶୁଣାଣି ନଭେମ୍ବର ୨୪ରେ ହେବ। ପ୍ରକାଶ ଯେ, ସେପ୍ଟେମ୍ବର ୨୪ରେ ଲଦାଖକୁ ରାଜ୍ୟ ମାନ୍ୟତା ଓ ଷଷ୍ଠ ପରିଚ୍ଛେଦରେ ସାମିଲ ଦାବିରେ ବିକ୍ଷୋଭ ବେଳେ ହିଂସା ଘଟିଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯୦ ଆହତ ହୋଇଥିଲେ। ଏହାର ୨ ଦିନ ପରେ ସୋନମ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇଥିଲା। ସୋନମ୍ ହିଂସା ଉସୁକାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ସୋନମ୍‌ଙ୍କ ସ୍ୱରକୁ ଚପାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଯୋଜନାବଦ୍ଧଭାବେ ଉଦ୍ୟମ ହୋଇଥିଲାବୋଲି ଗୀତାଞ୍ଜଳି ଅଭିଯୋଗ କରିଛନ୍ତି।

# ଏଲ୍‌ଏସିରେ ଶାନ୍ତି ପାଇଁ ଭାରତ-ଚାଇନା ସହମତି

ନୂଆଦିଲ୍ଲୀ,୨୯।୧୦(ପି.ଟି.)

ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଶାନ୍ତି ବଜାୟ ରଖିବା ପାଇଁ ଭାରତ ଓ ଚାଇନା ମଧ୍ୟରେ ଏକ ଉଚ୍ଚସ୍ତରୀୟ ସାମରିକ ଆଲୋଚନାବେଳେ ସହମତି ପ୍ରକାଶ ପାଇଛି। ଗତ ୨୫ରେ ମୋଲ୍‌ଡୋ-ଚୁଶୁଲ୍ ସୀମାର ଭାରତ ପଟେ ଏକ କର୍ କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ବନ୍ଧୁତାପୂର୍ଣ୍ଣ ଆଲୋଚନା ହୋଇଥିବା ବୁଧବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ଦୁଇପକ୍ଷ ସହମତ ହୋଇଛନ୍ତି।

# କାନାଡାରେ ଭାରତୀୟ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

ଅଟ୍ଟାୱା,୨୯।୧୦(ପି.ଟି.)

କାନାଡାର ବ୍ରିଟିଶ୍ କଲମ୍ବିଆରେ ଜଣେ ୬୮ ବର୍ଷୀୟ ଭାରତୀୟ ବଂଶୋଦ୍ଭବଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଦର୍ଶନ ସହସି ଅବୋଟ୍ସଫୋର୍ଡ ସହରସ୍ଥିତ ନିଜ ଘର ବାହାରେ ଥିବାବେଳେ ତାଙ୍କୁ ଟାର୍ଗେଟକରି ଗୁଳି କରାଯାଇଥିଲା। ପୋଲିସ ତାଙ୍କୁ ଗୁଳିବିଦ୍ଧ ଅବସ୍ଥାରେ କାର୍‌ରେ ଠାବ କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ତାଲିବାନ୍‌କୁ ଗୁମ୍ଫାକୁ ପଠାଇଦେବୁ: ପାକ୍ ପ୍ରତିରକ୍ଷା ମନ୍ତ୍ରୀ



ଖ୍ୱାଜା ଆସିଫ୍

ଇସ୍‌ଲାମାବାଦ,୨୯।୧୦(ପି.ଟି.)

ଆଫଗାନିସ୍ତାନର ତାଲିବାନ୍ ଭବିଷ୍ୟତରେ ପାକିସ୍ତାନ ଉପରେ ଆକ୍ରମଣ କଲେ ଏହାକୁ ସମୂଳେ ନାଶ କରି ଗୁମ୍ଫାକୁ ପଠାଇ ଦିଆଯିବ ବୋଲି ବୁଧବାର ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଧମକ ଦେଇଛନ୍ତି। ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଇସ୍ତାନବୁଲରେ ୪ ଦିନ ଧରି ଚାଲିଥିବା ଶାନ୍ତି ଆଲୋଚନା ବିଫଳହେବା ପରେ ଆସିଫ୍ ସୋସିଆଲ ମିଡିଆରେ ଏଭଳି ଚେତାବନୀ ଦେଇଛନ୍ତି। ଆଫଗାନିସ୍ତାନ ଭୂଖଣ୍ଡକୁ ପାକିସ୍ତାନ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାରକୁ ତାଲିବାନ୍ ରୋକିବା ଉଚିତ ବୋଲି ସେ କହିଛନ୍ତି।

# ୭ ନୂଆ ଯୁଦ୍ଧବିମାନ ଖସିଥିଲା: ଟ୍ରମ୍ପ୍

ଟୋକିଓ,୨୯।୧୦

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ୭ଟି ସମ୍ପୂର୍ଣ୍ଣ ନୂଆ ଯୁଦ୍ଧବିମାନ ଖସିଥିଲା ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏଥିସହ ୨୫୦ ପ୍ରତିଶତ ଟାରିଫ୍ ଭୟ ଦେଖାଇ ଦୁଇ ଆଣବିକ ଶକ୍ତିସମ୍ପନ୍ନ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରିଥିବା ବିଷୟ ସେ ପୁଣି ଦୋହରାଇଛନ୍ତି।

ଏସିଆ ଗସ୍ତରେ ଥିବା ଟ୍ରମ୍ପ୍ ଟୋକିଓରେ ବିଜ୍‌ନେସ୍ ଲିଡରମାନଙ୍କ ସହ ଡିନର ବେଳେ କହିଛନ୍ତି, ଦୁଇଟି ବଡ଼ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ମଧ୍ୟରେ ସେ ଯୁଦ୍ଧ ବନ୍ଦ କରାଇଥିଲେ। ସେହି ସମୟରେ ୭ଟି ନୂଆ ଯୁଦ୍ଧବିମାନ ଖସିଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ସେ ଯୁଦ୍ଧ ଅଟକାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପାକିସ୍ତାନ ସେନାମୁଖ୍ୟ ଆସିଫ୍ ମୁନିରଙ୍କୁ ଫୋନ୍‌ରେ ସେ କହିଥିଲେ, ଆପଣ ଯଦି ଯୁଦ୍ଧ ବନ୍ଦ ନ କରନ୍ତି ତେବେ ଆମେରିକା ଭାରତ ଓ ପାକିସ୍ତାନ ସହ କୌଣସି ପ୍ରକାର ବାଣିଜ୍ୟିକ କାରବାର କରିବ ନାହିଁ। ଏଭଳି ଚେତାବନୀ ଦେବାର ୨୪ ଘଣ୍ଟା ଭିତରେ ଯୁଦ୍ଧ ବନ୍ଦ ହୋଇଯାଇଥିଲା ବୋଲି ଟ୍ରମ୍ପ୍ ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀମାନେ



ଡୋନାଲ୍ଡ ଟ୍ରମ୍ପ୍

୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହା ପରେ ମେ’ ୭ରେ ଭାରତୀୟ ସଶସ୍ତ୍ର ବଳ ଅପରେଶନ୍ ସିନ୍ଦୂରରେ ପାକିସ୍ତାନ ତଥା ପାକ୍-ଅଧିକୃତ କଶ୍ମୀର(ପିଓକେ)ରେ ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ନଷ୍ଟ କରିଦେଇଥିଲା। ମେ’ ୧୦ରେ ଭାରତ ଓ ପାକିସ୍ତାନ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ କରିଥିଲେ, ଯାହାକି ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଘୋଷଣା କରିଥିଲେ। ସେବେଠୁ ଟ୍ରମ୍ପ୍ ଅଦ୍ୟାବଧି ୫୦ରୁ ଅଧିକ ଥର ନିଜେ ଯୁଦ୍ଧ ବନ୍ଦ କରାଇଥିବା ଦାବି କରିସାରିଲେଣି। ପାକିସ୍ତାନୀ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହା ପୂର୍ବରୁ ଭାରତର ୬ ଯୁଦ୍ଧବିମାନ ଖସିଥିବା ଦାବି କରିଥିଲେ।

## ୨୫୦% ଟାରିଫ୍ ଭୟ ଦେଖାଇ ଭାରତ-ପାକ୍ ଅସ୍ତ୍ରବିରତି କରାଇଥିବା କହିଲେ

ଭାରତୀୟ ସେନା ଓ ବାୟୁସେନାର ଶୀର୍ଷ ଅଧିକାରୀମାନେ ମଧ୍ୟ ଯୁଦ୍ଧବିମାନ ଖସିଥିବା ବିଷୟ କହିଆସୁଛନ୍ତି। କିନ୍ତୁ ଭାରତ କେତୋଟି ଯୁଦ୍ଧବିମାନ ହରାଇଥିଲା, ତାହା କେହି ସ୍ପଷ୍ଟ କରୁ ନ ଥିବାବେଳେ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଫାଲ ଫାଇଟର ଜେଟ୍‌ରେ ଉଡ଼ାଣ କରିଛନ୍ତି।

## ‘ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରନ୍ତୁ ମୋଦି’

ନୂଆଦିଲ୍ଲୀ/ ଦରଭଙ୍ଗା, ୨୯।୧୦ (ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ-ପାକିସ୍ତାନ ସଂଘର୍ଷ ଅଟକାଇଥିବା ନେଇ ବାରମ୍ବାର ଦାବି କରୁଥିବାବେଳେ ବୁଧବାର ଏହି ପ୍ରସଙ୍ଗରେ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛି।



ରାହୁଲ ଗାନ୍ଧୀ

ବିହାର ନିର୍ବାଚନ ପ୍ରଚାରବେଳେ ଦରଭଙ୍ଗାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପଙ୍କୁ ଡରୁଛନ୍ତି। ସେ ଏହାର ଜବାବ ରଖିବା ପାଇଁ ସାହସ ଦେଖାଇବା ଉଚିତ। ମୋଦି ବିହାରକୁ ପ୍ରଚାର ପାଇଁ ଆସିଲେ ଟ୍ରମ୍ପ୍ ମିଛ କହୁଛନ୍ତି ବୋଲି ଖଣ୍ଡନ କରନ୍ତୁ। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ‘X’ ରେ ଟ୍ରମ୍ପଙ୍କ ମନ୍ତବ୍ୟ ବେଳର ଦୃଶ୍ୟ ପୋଷ୍ଟକରି କହିଛନ୍ତି, ମୋଦିଙ୍କ ୫୬ ଇଞ୍ଚ ଛାତି ସଙ୍କୁଚିତ ହୋଇଗଲାଣି। ଏହା ତାଙ୍କ ନୀରବତାରୁ ସ୍ପଷ୍ଟ ହୋଇଛି।

# ରାଫାଲରେ ରାଷ୍ଟ୍ରପତି



ଅମ୍ବାଲା,୨୯।୧୦

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ରାଫାଲ ଯୁଦ୍ଧବିମାନରେ ଉଡ଼ାଣ ଭରି ଇତିହାସ ରଚିଛନ୍ତି। ହରିୟାଣାର ଅମ୍ବାଲାସ୍ଥିତ ଭାରତୀୟ ବାୟୁସେନା (ଆଇଏଏଫ୍) ଷ୍ଟେଶନ୍‌ରୁ ଫାଇଟର ଜେଟ୍‌ରେ ଏହି ଯାତ୍ରାର ଅନୁଭୂତି ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଷ୍ଟ୍ରପତି ମୁର୍ମୁ ୨୦୨୩ ଏପ୍ରିଲରେ ଆସାମର ତେଜପୁରରେ ସୁଖୋଇ ଏମ୍‌କେଆଇରେ ଉଡ଼ାଣ କରିଥିଲେ। ଏବେ ସେ ରାଫାଲ ଯୁଦ୍ଧବିମାନରେ ଉଡ଼ାଣ କରିବା ସହ ଦୁଇଟି ଫାଇଟର ଜେଟ୍‌ରେ ଯାତ୍ରା କରିବାରେ ପ୍ରଥମ ରାଷ୍ଟ୍ରପତି ଭାବେ ଇତିହାସ ସୃଷ୍ଟି କରିଛନ୍ତି। ସଦ୍ୟ ଉଡ଼ାଣ ବେଳେ ୩ ସେନାର ସୁପ୍ରିମ କମାଣ୍ଡର ମୁର୍ମୁ ଜି-ସୁଟ୍ ଓ ସ୍ପୋର୍ଟି ସନ୍‌ଗ୍ଲାସ୍ ପିନ୍ଧିଥିଲେ। ପୂର୍ବାହ୍ନ ୧୧ଟା ୨୭ରେ ଫ୍ରାନ୍ସ ନିର୍ମିତ ରାଫାଲ ଫାଇଟର ଜେଟ୍‌ର ଚାଳକ ଗ୍ରୁପ୍ କ୍ୟାପ୍‌ଟେନ୍ ଅମିତ୍ ଗେହାନି ଏହାକୁ ୩୦ ମିନିଟ୍ ମଧ୍ୟରେ ୨୦୦ କି.ମି. ପର୍ଯ୍ୟନ୍ତ ଉଡ଼ାଇଥିଲେ। ଯୁଦ୍ଧବିମାନଟିର ବେଗ ଘଣ୍ଟା ପ୍ରତି ୭୦୦ କି.ମି. ରହିଥିଲା। ଏହା ସମୁଦ୍ର ପତ୍ତନଠାରୁ ୧,୫୦୦ ଫୁଟ୍ ଉଚ୍ଚତାକୁ ଉଡ଼ାଣ କରିଥିଲା।

# ପୋସେଇଡୋନ୍ ଡ୍ରୋନ୍ ପରୀକ୍ଷାକଲା ରୁଷିଆ

ମସ୍କୋ,୨୯।୧୦

ରୁଷିଆ ବୁଡ଼ାଜାହାଜରୁ ଆଣବିକ ଶକ୍ତିସମ୍ପନ୍ନ ପୋସେଇଡୋନ୍ ଡ୍ରୋନ୍‌ର ସଫଳ ପରୀକ୍ଷା କରିଛି। ଏନେଇ ବୁଧବାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୂଚନା ଦେଇଛନ୍ତି। ପୁଟିନ୍ ଏକ ସେନା ହସ୍ପିଟାଲକୁ ଯାଇଥିବାବେଳେ ସାମରିକ ଅଧିକାରୀଙ୍କ ସହ ସାକ୍ଷାତ ବେଳେ ଟେଲିଭିଜନକୁ କହିଛନ୍ତି, ପୋସେଇଡୋନ୍



ଡ୍ରୋନ୍ ଆଣବିକ ଶକ୍ତିସମ୍ପନ୍ନ ସ୍ୱୟଂଚାଳିତ ମାନରହିତ ଯାନ, ଯାହାକି ରୁଷିଆର ସବୁଠୁ ଅତ୍ୟାଧୁନିକ ‘ସମରତ୍’ ବାଲିଷ୍ଟିକ୍ ମିଶାଇଲଠାରୁ ମଧ୍ୟ ଶକ୍ତିଶାଳୀ। ଏହି ଘାତକ ଡ୍ରୋନ୍‌ର ସଫଳ ପରୀକ୍ଷଣ ଏକ ବୁଡ଼ାଜାହାଜରୁ କରାଯାଇଛି। ମଙ୍ଗଳବାର ପରୀକ୍ଷା କରାଯାଇଥିବା ସମରତ୍ ମିଶାଇଲକୁ ଖୁବ୍‌ଶୀଘ୍ର ଯୁଦ୍ଧ କ୍ଷେତ୍ରରେ ମୁତୟନ କରାଯିବ ବୋଲି ୟୁକ୍ରେନ୍ ଯୁଦ୍ଧରେ ଆହତ ଜଣେ ସୈନ୍ୟଙ୍କୁ ସାଙ୍ଗରେ ଧରି ପୁଟିନ୍ କହିଛନ୍ତି। ପୁଟିନ୍‌ଙ୍କ ଭାଷାରେ ଘଣ୍ଟା ପ୍ରତି ୧୮୫ କି.ମି. ଯାତ୍ରାକରି ୧୦,୦୦୦ କି.ମି. ଦୂରକୁ ଲକ୍ଷ୍ୟଭେଦ କରିପାରୁଥିବା ଏହି ଡ୍ରୋନ୍‌ର ପରୀକ୍ଷଣ ପଛର ଲକ୍ଷ୍ୟ ହେଉଛି, ୟୁକ୍ରେନ୍ ଯୁଦ୍ଧକୁ ନେଇ ପାଶ୍ଚାତ୍ୟର ଚାପରେ ରୁଷିଆ ମୁଣ୍ଡ ନୁଆଁଇବ ନାହିଁ।

# ଥାଇଲାଣ୍ଡରୁ ଫେରିବେ ୫୦୦ ଭାରତୀୟ

ନୂଆଦିଲ୍ଲୀ/ବ୍ୟାଙ୍କକ୍,୨୯।୧୦

ମ୍ୟାନ୍‌ମାର ସ୍କାମ୍ ସେଣ୍ଟରଗୁଡ଼ିକରେ ଚଢ଼ାଉ ପରେ ସେଠାରୁ ଥାଇଲାଣ୍ଡକୁ ପଳାୟନ କରିଥିବା ପ୍ରାୟ ୫୦୦ ଭାରତୀୟଙ୍କୁ ସ୍ୱଦେଶକୁ ଫେରାଇ ଅଣାଯିବ। ଏନେଇ କେନ୍ଦ୍ର ସରକାର ଥାଇଲାଣ୍ଡ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଥିବା ସୂତ୍ରରୁ ଜଣାପଡ଼ିଛି। ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ପ୍ରତ୍ୟର୍ପିତ ହେବାକୁ ଥିବା ଭାରତୀୟମାନଙ୍କୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ବିମାନ ପଠାଯିବ।

ଏହି ଭାରତୀୟମାନେ ବର୍ତ୍ତମାନ ପଶ୍ଚିମ ଥାଇଲାଣ୍ଡର ସୀମାନ୍ତ ମାଓ ସୋଟ୍ ସହରରେ ଅଟକ ଥିବା ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ନଭିରାକୁଲ

## ମ୍ୟାନ୍‌ମାର ସ୍କାମ୍ ସେଣ୍ଟରରେ ଚଢ଼ାଉ ପରେ ପଳାୟନ କରିଥିଲେ

କହିଛନ୍ତି। ମ୍ୟାନ୍‌ମାର କେକେ ପାର୍କ କମ୍ପ୍ଲେକ୍ସସ୍ଥିତ ସ୍କାମ୍ ସେଣ୍ଟରଗୁଡ଼ିକରେ ୨୮ ଦେଶର ନାଗରିକଙ୍କ ସମେତ ପ୍ରାୟ ୧,୫୦୦ ଜଣ ସାଇବର ଠକେଇର ଶିକାର ହୋଇଥିଲେ। କେନ୍ଦ୍ର ସରକାର ଏନେଇ ଅବଗତ ଅଛନ୍ତି। ଆଇନଗତ ଔପଚାରିକତା ଶେଷ ହେବା ପରେ ସେମାନଙ୍କୁ ଭାରତକୁ ଅଣାଯିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ସୂଚନା ଦେଇଛନ୍ତି।

# ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ୧୦୪ ପାଲେଷ୍ଟିନୀୟ ମୃତ

ଦେଇର ଅଲ୍-ବଲାହ, ୨୯।୧୦

ଇସ୍ରାଏଲୀ ସେନାର ରାତିଅଧିଆ ଏୟାରଷ୍ଟ୍ରାଇକ୍‌ରେ ଗାଜାରେ ୪୬ ଶିଶୁଙ୍କ ସମେତ ୧୦୪ ଜଣଙ୍କ ମୃତ୍ୟୁ ଘଟିଛି। ଏହା ପରେ ଯୁଦ୍ଧବିରତି ପୁଣି ଫେରିଥିବା ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ କହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ଅକ୍ଟୋବର ୧୦ରେ ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଅସ୍ତ୍ରବିରତି ହୋଇଥିଲା। ତେବେ ସୀମାନ୍ତରେ ହମାସ୍ ଆକ୍ରମଣରେ ଜଣେ ଇସ୍ରାଏଲୀ ସୈନ୍ୟ ନିହତ ହୋଇଥିଲେ, ଯିଏକି ଆମେରିକାର ମଧ୍ୟ ନାଗରିକ ଥିଲେ। ପରବର୍ତ୍ତୀ ସମୟରେ ଉଭୟ ପକ୍ଷ ପରସ୍ପର ଉପରେ ଯୁଦ୍ଧବିରତି ଉଲ୍ଲଂଘନ ନେଇ ଦୋଷ ଦେଇଥିଲେ। ଇସ୍ରାଏଲ୍



ଇସ୍ରାଏଲ୍ ଆକ୍ରମଣରେ ଗାଜାସ୍ଥିତ ବୁରେଇଜ୍ ଶିବିର ବିଧ୍ୱସ୍ତ ହୋଇଯାଇଥିବାବେଳେ ପିଲାମାନେ ସେଠାରୁ ଆସବାବପତ୍ର ଠୁଳ କରୁଛନ୍ତି।

ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା ଉପରେ ପୁଣି ଆକ୍ରମଣ ପାଇଁ ମଙ୍ଗଳବାର ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଏସିଆ ଗସ୍ତରେ ଥିବା ଟ୍ରମ୍ପ୍ ଏହି ଏୟାରଷ୍ଟ୍ରାଇକ୍‌କୁ ସମର୍ଥନକରି ଯଥାର୍ଥ ବୋଲି କହିଛନ୍ତି।




# ଯୁକ୍ତ୨ ଏକ୍ସ-ରେଗୁଲାର ଫର୍ମ ପୂରଣ ଅବଧି ବୃଦ୍ଧି

ଭୁବନେଶ୍ୱର,୨୯।୧୦(ସୁଚିସ୍ମିତା ସାହୁ)

୨୦୨୬ରେ ହେବାକୁଥିବା ଯୁକ୍ତ ୨ ପରୀକ୍ଷା ପାଇଁ ଫର୍ମ ପୂରଣ ଅବଧିକୁ ବୃଦ୍ଧି କରାଯାଇଛି। ବାତ୍ୟା 'ମୋନ୍ଥା' ଲାଗି ଫର୍ମପୂରଣ ବାଧାପ୍ରାପ୍ତ ହୋଇଥିବାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମର କେବଳ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କୁ ଏହି ସୁଯୋଗ ଦିଆଯାଇଛି। ପୂର୍ବରୁ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣର ଶେଷ ତାରିଖ ଅକ୍ଟୋବର ୨୫ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଏହାକୁ ନଭେମ୍ବର ୩ ଯାଏ ବୃଦ୍ଧି କରାଯାଇଛି। ସେହିପରି ଅକ୍ଟୋବର ୨୭ ପର୍ଯ୍ୟନ୍ତ ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏବେ ଏହାକୁ ନଭେମ୍ବର ୩ ଯାଏ ବୃଦ୍ଧି କରାଯାଇଛି। କଲେଜ କର୍ତ୍ତୃପକ୍ଷଙ୍କ ନିବେଦନ ପରେ ସିଏଚ୍‌ଏସ୍‌ଇ ଏଭଳି ନିଷ୍ପତ୍ତି ନେଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସିଏଚ୍‌ଏସ୍‌ଇ ଅଧୀନରେ ଥିବା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଫର୍ମ ପୂରଣ ନିମନ୍ତେ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ୬୦୦ ଟଙ୍କା ସହିତ ମାଇଗ୍ରେଶନ ସାର୍ଟିଫିକେଟ ପାଇଁ ୧୦୦ ଟଙ୍କା ଏବଂ ପାସ୍ ସାର୍ଟିଫିକେଟ ଲାଗି ୧୦୦ ଟଙ୍କା ପୈଠ କରିବାକୁ ପଡ଼ିବ। ଏହାସହ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ନିଜ ବିଷୟ ଅନୁଯାୟୀ ପ୍ରୋଜେକ୍ଟ ୱାର୍କ/ପ୍ରାକ୍ଟିକାଲ ପରୀକ୍ଷା/ଇଭାଲ୍ୟୁଏଶନ କିମ୍ବା ଇଣ୍ଟରନାଲ ପରୀକ୍ଷା ପାଇଁ ପ୍ରତି ପେପର ପିଛା ୪୦ ଟଙ୍କା ଲେଖାଏ ଦାଖଲ କରିବାକୁ ପଡ଼ିବ। ଯେଉଁ ପରୀକ୍ଷାର୍ଥୀମାନେ ବିଳମ୍ବରେ ଫର୍ମ ପୂରଣ କରିବେ, ସେମାନଙ୍କୁ ଅତିରିକ୍ତ ଦେୟ ବା ଫାଇନ୍ ଦେବାକୁ ପଡ଼ିବ। ଫର୍ମ ପୂରଣ ପାଇଁ ଦିଆଯାଇଥିବା ନିର୍ଦ୍ଧାରିତ ତାରିଖ ପରେ ଅର୍ଥାତ୍ ନଭେମ୍ବର ୧୦ରୁ ୧୪ ମଧ୍ୟରେ ଫର୍ମ ପୂରଣ କଲେ ୨୦୦ ଟଙ୍କା ଫାଇନ୍ ଦେବାକୁ ପଡ଼ିବ। ଯଦି ଏହି ସମୟରେ ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିପାରିବେ ନାହିଁ, ତେବେ ସେମାନେ ନଭେମ୍ବର ୧୭ରୁ ୧୯ ଭିତରେ ଫର୍ମ ପୂରଣ କରିବା ପାଇଁ ପରିଷଦ ପକ୍ଷରୁ ସୁଯୋଗ ଦିଆଯିବ। କିନ୍ତୁ ଏଥିନିମନ୍ତେ ଅତିରିକ୍ତ ଦେୟ ୬୦୦ ଟଙ୍କା ପଇଠ କରିବାକୁ ହେବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରେଗୁଲାର ପରୀକ୍ଷାର୍ଥୀଙ୍କ ଫର୍ମ ପୂରଣ ଓ ଅନ୍ୟାନ୍ୟ ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ।

# ପ୍ରତିଜବାବ ଦାଖଲ ପାଇଁ ସମୟ ନେଲା ଜେଏସ୍‌ପିଏଲ୍

## ରୋଇଡ଼ା-୧ ଲୁହାପଥର ଖଣି କାର୍ଯ୍ୟାଦେଶ ପ୍ରତ୍ୟାହାର ବିରୋଧରେ ମାମଲା

## ୧୦ରେ ପରବର୍ତ୍ତୀ ଶୁଣାଣି

କଟକ,୨୯।୧୦(କାର୍ତ୍ତିକ ସାହୁ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣିରେ ଜଙ୍ଗଲ ଆଇନର ଉଲ୍ଲଂଘନ ଅଭିଯୋଗରେ ବନ ବିଭାଗ ଦ୍ୱାରା ଏହାର କାର୍ଯ୍ୟାଦେଶ ପ୍ରତ୍ୟାହୃତ କରାଯିବା ଘଟଣାରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍‌ପିଏଲ୍) ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ହାଇକୋର୍ଟ ବିଚାରପତି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ମଙ୍ଗଳବାର ମାମଲାର ପ୍ରାଥମିକ ଶୁଣାଣି କରିଛନ୍ତି। ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ଜବାବ ଦାଖଲ କରାଯାଇଥିବାବେଳେ ଆବେଦନକାରୀ ଜେଏସ୍‌ପିଏଲ୍ ହାଇକୋର୍ଟରେ ପ୍ରତିଜବାବ ଦାଖଲ କରିବା ପାଇଁ ସମୟ ଲୋଡ଼ିଛି। ବିଚାରପତି ଏହାକୁ ଗ୍ରହଣକରି କେନ୍ଦୁଝର ଡିଏଫ୍‌ଓଙ୍କ ପକ୍ଷରୁ ଦାଖଲ ହୋଇଥିବା ଜବାବର ପ୍ରତିଟି ପାରାଗ୍ରାଫ୍ ଅନୁଯାୟୀ ପ୍ରତିଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନଭେମ୍ବର ୧୦ ତାରିଖ ଅପରାହ୍ନ ୨ଟାକୁ ଧାର୍ଯ୍ୟ ହୋଇଛି।

ସୂଚନା ଅନୁସାରେ, କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣିରେ ଜଙ୍ଗଲ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗରେ ଜେଏସ୍‌ପିଏଲ୍ କମ୍ପାନୀର ଖଣି କାର୍ଯ୍ୟାଦେଶ ବନ ବିଭାଗ ପ୍ରତ୍ୟାହାର କରିଛି। ବନବିଭାଗ ଗତ ୨୨ ତାରିଖରେ ଏନେଇ ଏକ ମାମଲା ରୁଜୁ କରିବା ସହ ଜିନ୍ଦଲର ୨ଟି ଗାଡ଼ି ମଧ୍ୟ ଜବତ କରିଛି। ୨୦୨୫ ନିଲାମ ପ୍ରକ୍ରିୟାରେ ରୋଇଡ଼ା-୧ ଲୁହାପଥର ଖଣି ଜିନ୍ଦଲ କମ୍ପାନୀ ହାତକୁ ଯାଇଥିଲା। ପ୍ରକ୍ରିୟା ଅନୁଯାୟୀ ପୂର୍ବ ଲିଜ୍‌ଧାରୀଙ୍କ ଦ୍ୱାରା ଧାରଣ ସମସ୍ତ ଅଧିକାର ଏବଂ ବୈଧାନିକ ମଞ୍ଜୁରୀ ଅନୁଯାୟୀ କାର୍ଯ୍ୟ ଜାରି ରଖିବା ପାଇଁ ଜିନ୍ଦଲକୁ ଅନୁମିତ ମିଳିଥିଲା। ୨୦୨୫ ନିଲାମ ପ୍ରକ୍ରିୟା ପୂର୍ବରୁ ଏହି ଖଣି ବଡ଼ବିଲସ୍ଥିତ ମିଡ୍ ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଅଧୀନରେ ଥିଲା। ଏହି କମ୍ପାନୀ ମଧ୍ୟ ସେତେବେଳେ ବୈଧାନିକ ସରକାରୀ ଅନୁମୋଦନରେ କିଛି ସର୍ତ୍ତକୁ ଖିଲାପ କରିଥିଲା। ଏଥିସହ ଉକ୍ତ କମ୍ପାନୀ ସେତେବେଳେ ସିଦ୍ଧମଠ ଜଙ୍ଗଲ ଦେଇ ଯାଇଥିବା ଏକ ରାସ୍ତା ବ୍ୟବହାର କରୁଥିଲା। ଜିନ୍ଦଲ ନିଲାମରେ ଖଣି ପାଇବା ପରେ ସିଦ୍ଧମଠ ଜଙ୍ଗଲ ଦେଇ ଯାଇଥିବା ସେହି ରାସ୍ତାକୁ ବ୍ୟବହାର କରୁଛି। ଯଦିଓ ପୂର୍ବରୁ ଏହା ଅଣ ଜଙ୍ଗଲରେ ରୂପାନ୍ତରିତ ପାଇଁ ଡାଇଭର୍ସନ ପ୍ରସ୍ତାବ ଦାଖଲ କରାଯାଇଥିଲା। ଏଥିରେ ସର୍ତ୍ତାବଳୀ ପାଳନ ହୋଇ ନ ଥିବାରୁ ଜଙ୍ଗଲ ଅନୁମୋଦନ ମିଳି ନ ଥିଲା। କିନ୍ତୁ ଜିନ୍ଦଲ ରୋଇଡ଼ା ଜଙ୍ଗଲ ଜମି ଡାଇଭର୍ସନ ଲାଗି ପୂର୍ବ ଅନୁମୋଦନ ନ ନେଇ ଖଣିଜ ପରିବହନ ପାଇଁ ଉକ୍ତ ରାସ୍ତାକୁ ବ୍ୟବହାର କରି ଆସୁଥିଲା, ଯାହାକି ଆବଶ୍ୟକ ଅନୁମତି ବିନା ରାସ୍ତା ବ୍ୟବହାର ଜଙ୍ଗଲ ସଂରକ୍ଷଣ ଆଇନ ଏବଂ ଓଡ଼ିଶା ଜଙ୍ଗଲ ଆଇନର ସ୍ପଷ୍ଟ ଉଲ୍ଲଂଘନ ବୋଲି ବନ ବିଭାଗ ଦର୍ଶାଇଛି। ଏନେଇ ବନ ବିଭାଗ ପକ୍ଷରୁ ଜିନ୍ଦଲର ସ୍ଥାନୀୟ ଅଧିକାରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ବନ ବିଭାଗର ଏଭଳି କାର୍ଯ୍ୟକୁ ନେଇ ଜେଏସ୍‌ପିଏଲ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

ଜେଏସ୍‌ପିଏଲ୍ ପକ୍ଷରୁ ଆଗତ ମାମଲାରେ ରାଜ୍ୟ ସରକାର, ଓଡ଼ିଶା ମାଇନ୍ସ ଆଣ୍ଡ ଜିଓଲୋଜିର ନିର୍ଦ୍ଦେଶକ, ରାଜ୍ୟ ଇସ୍ପାତ ଓ ଖଣି ବିଭାଗ, କେନ୍ଦୁଝର ଡିଏଫ୍‌ଓ, କେନ୍ଦୁଝର ଜିଲାପାଳ, ବଡ଼ବିଲ ରେଞ୍ଜ ଅଫିସରଙ୍କୁ ପକ୍ଷଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ନାୟକ ଓ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ପରିଜା ମାମଲା ପରିଚାଳନା କରୁଛନ୍ତି।

# ରାଜ୍ୟ ସମବାୟ ବ୍ୟାଙ୍କକୁ ୨୦ହଜାର ଜରିମାନା

## ଅବସରପ୍ରାପ୍ତଙ୍କୁ ଗ୍ରାଚ୍ୟୁଇଟି ପ୍ରଦାନରେ ଟାଳଟୁଳ

ଭୁବନେଶ୍ୱର,୨୯।୧୦
(ରବିନାରାୟଣ ଜେନା)

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ(ଓଏସ୍‌ସିବି) ଓ ତାହାର ଅଧିବକ୍ତାଙ୍କ ଆଚରଣକୁ ନେଇ ଓଡ଼ିଶା ହାଇକୋର୍ଟ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଣେ କର୍ମଚାରୀଙ୍କୁ ସରକାରୀ ପ୍ରାପ୍ୟ(ଗ୍ରାଚ୍ୟୁଇଟି) ପ୍ରଦାନରେ ଅହେତୁକ ବିଳମ୍ବ ଏବଂ କୋର୍ଟଙ୍କ ସମୟ ଅପଚୟକୁ ନେଇ ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ଓଏସ୍‌ସିବିକୁ ଭର୍ତ୍ସନା କରାଯାଇଛି। ଏହାସହିତ ୬ ସପ୍ତାହ ମଧ୍ୟରେ ୨୦ ହଜାର ଟଙ୍କାର ଜରିମାନା ରାଶିକୁ ସଂପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ମଙ୍ଗଳବାର ମାନଗୋବିନ୍ଦ ବାରିକ ନାମକ ଜଣେ କର୍ମଚାରୀଙ୍କ ମାମଲାର ଶୁଣାଣିକରି ବିଚାରପତି ସଞ୍ଜୟ କୁମାର ମିଶ୍ର ଏହି ରାୟ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ଜଣାଯାଇଛି ଯେ, ମାନଗୋବିନ୍ଦ ଅବସର ନେଲାପରେ ବି ତାଙ୍କ ଗ୍ରାଚ୍ୟୁଇଟି ରାଶି ଦୀର୍ଘଦିନ ଧରି ପ୍ରଦାନ କରାଯାଇ ନ ଥିଲା। ଏଥିପାଇଁ ତାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଇନ ସହ ଲଢ଼ିବାକୁ ପଡ଼ିଥିଲା। ବିଚାରପତି ମାମଲାର ଶୁଣାଣିବେଳେ କହିଛନ୍ତି, ବ୍ୟାଙ୍କ ପକ୍ଷରୁ ଅଧିବକ୍ତା ଅଦାଲତ ସମ୍ମୁଖରେ ଭୁଲ୍ ବିବୃତି ଦେଇଥିଲେ ଓ ପୂର୍ବର ସମାନ ମାମଲାର ରାୟଗୁଡ଼ିକୁ ମଧ୍ୟ ଲୁଚାଇ ରଖିଥିଲେ। ହାଇକୋର୍ଟ ଏହାକୁ ପେସାଗତ ଅନୀତି ଭାବେ ବିବେଚନା କରିବା ସହିତ ଏପରି ଆଚରଣ ଅଧିବକ୍ତାଙ୍କ ସତ୍ୟନିଷ୍ଠା ଓ ଅଦାଲତର ଭରସାକୁ ହାନି କରେ ବୋଲି ଟିପ୍ପଣୀ ଦେଇଛନ୍ତି। ଅଦାଲତକୁ ଭ୍ରମିତ କରିବା କିମ୍ବା ତଥ୍ୟ ଲୁଚାଇ ରଖିବା ଗୁରୁତର ଅପରାଧ। ତେଣୁ ହାଇକୋର୍ଟ ରିଟ୍ ପିଟିଶନକୁ ଖାରଜ କରିବା ସହିତ ଓଏସ୍‌ସିବି ଉପରେ ୨୦,୦୦୦ ଟଙ୍କାର ଆର୍ଥିକ ଦଣ୍ଡ ପ୍ରଦାନ କରିଛନ୍ତି। ଏହି ଅର୍ଥକୁ ୬ ସପ୍ତାହ ମଧ୍ୟରେ ଅବସରପ୍ରାପ୍ତ ମାନଗୋବିନ୍ଦଙ୍କୁ ପ୍ରଦାନ କରିବାକୁ ବିଚାରପତି ଆଦେଶରେ ଦର୍ଶାଇଛନ୍ତି।

# ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନ, ସହାୟତା ବଣ୍ଟନ: ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର,୨୯।୧୦
(ରବିନାରାୟଣ ଜେନା)



ଖବରଦାତା ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ସଚିବ ଦେଓରଞ୍ଜନ କୁମାର ସିଂ।

■ ୩୩ ବ୍ଲକ୍, ୧୧ ସହରାଞ୍ଚଳ ପ୍ରଭାବିତ
■ ବାତ୍ୟା ପରବର୍ତ୍ତୀ ସମୀକ୍ଷା ବୈଠକ

ବାତ୍ୟା ମୋନ୍ଥା ପ୍ରଭାବରେ ୩୩ଟି ବ୍ଲକ୍ ଓ ୧୧ଟି ସହରାଞ୍ଚଳ ପ୍ରଭାବିତ ହୋଇଛି। ୩୬୨ ସ୍ଥାନରେ ୧୮ ହଜାର ୭୬୨ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ଗୁରୁବାରଠାରୁ କ୍ଷୟକ୍ଷତି ଆକଳନ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବୁଧବାର ବାତ୍ୟା କ୍ଷୟକ୍ଷତି ସମୀକ୍ଷା ପରେ ମନ୍ତ୍ରୀ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି, ବାତ୍ୟା ଯୋଗୁ କ୍ଷତି ହୋଇଥିବା ଶସ୍ୟର ଠିକ୍ ଭାବେ ଅଧିକାରୀ ଆକଳନ କରିବେ। ୭୨ ଘଣ୍ଟାରେ ରିପୋର୍ଟ ଦେବାକୁ କୁହାଯାଇଛି। ଅଧିକ ସରକାରୀ କର୍ମଚାରୀ ଆବଶ୍ୟକ ହେଲେ ଅନ୍ୟ ଜିଲାରୁ ଅଣାଯିବ। ବହୁ ସ୍ଥାନରେ ଘରର କାନ୍ଥ ଭାଙ୍ଗିଛି, ସେମାନଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ଘର କ୍ଷତି ହୋଇଥିଲେ ଆକଳନ ପରେ କ୍ଷତିପୂରଣ ଦିଆଯିବ। ଆକଳନ ବେଳେ ଅଧିକାରୀମାନେ ବ୍ୟାଙ୍କଖାତା, ଆକାଉଣ୍ଟ ନମ୍ବର ସଂଗ୍ରହ କରିବାକୁ କୁହାଯାଇଛି। ଯାହାଫଳରେ ଅନ୍‌ଲାଇନ୍ ଜରିଆରେ ତୁରନ୍ତ କ୍ଷତିପୂରଣ ସହାୟତା ଦିଆଯାଇପାରିବ।

ମନ୍ତ୍ରୀ ଆହୁରି କହିଥିଲେ, ଆସନ୍ତା ୩୧ ତାରିଖ ଯାଏ ସତର୍କ ରହିବାକୁ ପଡ଼ିବ। ଗୁରୁବାର ମଧ୍ୟ କିଛି ସ୍ଥାନରେ ବର୍ଷାହେବାର ସମ୍ଭାବନା ରହିଛି। ଗଜପତିର ଗୋଷାଣୀ ବ୍ଲକ୍‌ରେ ସର୍ବାଧିକ ୧୫୦ ମିଲିମିଟର ବର୍ଷା ହୋଇଛି। ଅନ୍ୟ ୫୬ଟି ବ୍ଲକ୍‌ରେ ୫୦ରୁ ୧୦୦ ମି.ମି. ବର୍ଷା ହୋଇଛି। ବାତ୍ୟା ମୁକାବିଲା ନିମନ୍ତେ ୧୬୧ଟି ଟିମ୍ ନିୟୋଜିତ ହୋଇଥିଲା। ୨୧୬୪ଟି ବାତ୍ୟା ଆଶ୍ରୟସ୍ଥଳକୁ ୧୯ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏଥିସହ ୨୧୮୯ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଥିଲା। ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ଆହ୍ୱାନ ଥିଲା। ଅଧିକାଂଶ ସ୍ଥାନରେ ଭାଙ୍ଗିପଡ଼ିଥିବା ଗଛ କଟାଯାଇ ରାସ୍ତା ସଫା କରାଯାଇଛି। ୨୯ ଅକ୍ଟୋବର ଆଜିର ଦିନରେ ୧୯୯୯ ମସିହାରେ ମହାବାତ୍ୟା ଆସିଥିଲା। ଆଇଏମ୍‌ଡିର ପୂର୍ବ ଆକଳନ ଅନୁଯାୟୀ ବାତ୍ୟା ମୋନ୍ଥା ୨୯ ତାରିଖରେ ହେବାର ଥିଲା। ସମ୍ଭାବ୍ୟ ବାତ୍ୟାରୁ ଓଡ଼ିଶା ରକ୍ଷା ପାଇଯାଇଛି। ବାତ୍ୟା ଦିଗ ପରିବର୍ତ୍ତନ କରି ଓଡ଼ିଶା ସୀମା ଛୁଇଁ ଝାଡ଼ଖଣ୍ଡ ଚାଲିଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ପୂଜାରୀ ପୁଣି କହିଛନ୍ତି, ରାଜ୍ୟ ସରକାର ବାତ୍ୟା ପୂର୍ବରୁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ପ୍ରାକ୍ ପ୍ରସ୍ତୁତି କରିଥିଲେ। ମୋନ୍ଥା ପରିଚାଳନା ପାଇଁ ୩୩ଟି ଓଡ୍ରାଫ୍ ଦଳ, ୫ଟି ଏନ୍‌ଡିଆର୍‌ଏଫ୍, ୧୩୩ଟି ଅଗ୍ନିଶମ ବାହିନୀକୁ ମିଶାଇ ମୋଟ ୧୬୧ଟି ଦଳ ନିୟୋଜିତ ହୋଇଥିଲେ। ୨୧୬୪ଟି ବାତ୍ୟା/ବନ୍ୟା ଆଶ୍ରୟସ୍ଥଳକୁ ଚିହ୍ନଟ କରାଯାଇ ୧୮,୭୩୨ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯାଇଥିବାବେଳେ ସେମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏହାସହିତ ୨୧୯୮ ଜଣ ଆସନ୍ନ ପ୍ରସବାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଓ ମା'ଗୃହକୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଥିଲା। ବାତ୍ୟା ପ୍ରଭାବ ଆଶଙ୍କା ଥିବା ଅଞ୍ଚଳରେ ୬୦ ଡାକ୍ତରୀଦଳକୁ ନିୟୋଜିତ କରାଯାଇଥିବାବେଳେ ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୩୫ଟି ପଶୁଚିକିତ୍ସା ଦଳ ନିୟୋଜିତ ହୋଇଥିଲେ।

# ନିଶା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ ଏକ କଳଙ୍କିତ ଅଧ୍ୟାୟ: କଂଗ୍ରେସ

ଭୁବନେଶ୍ୱର,୨୯।୧୦
(ରବିନାରାୟଣ ଜେନା)

ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରେ ଘଟିଥିବା ନିଶା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ ରାଜ୍ୟ ସରକାରଙ୍କ ପାଇଁ ଏକ କଳଙ୍କିତ ଅଧ୍ୟାୟ ବୋଲି କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି। ବୁଧବାର କଂଗ୍ରେସ ଭବନରେ ବିଧାୟକ ଦାସ ଖବରଦାତା ସମ୍ମିଳନୀରେ କହିଛନ୍ତି, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ତଥ୍ୟ ଅନୁଧ୍ୟାନ କମିଟି ଉକ୍ତ ଅଞ୍ଚଳକୁ ଗସ୍ତ କରିଥିଲା। ଉକ୍ତ କମିଟିର ସଦସ୍ୟ ଭାବେ ସେ ମଧ୍ୟ ଅନାହାର ମୃତ୍ୟୁ ସ୍ଥଳକୁ ଯାଇ ସମସ୍ତ ତଥ୍ୟ ଅନୁଧ୍ୟାନ କରିଥିଲେ। ନିଶା ମାଙ୍କଡ଼ିଆକୁ ଚାଉଳ ମିଳୁ ନ ଥିଲା। ବାସୋପଯୋଗୀ ଘର ଖଣ୍ଡିଏ ନ ଥିବାରୁ ନିଶା ପଲିଥିନ ତଳେ ରହୁଥିଲେ। ସମ୍ପର୍କୀୟଙ୍କ କିଛି ଖାଦ୍ୟରେ ସେ ଜୀବନ ବିତାଉଥିଲେ। ରୋଗଗ୍ରସ୍ତ ହୋଇ ତାଙ୍କର ଅନାହାରରେ ମୃତ୍ୟୁ ଘଟିଛି। ଦାସ ପୁଣି କହିଛନ୍ତି, କଂଗ୍ରେସ ସରକାର ଥିବା ବେଳେ ଅନାହାର ମୃତ୍ୟୁକୁ ରୋକିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଆରମ୍ଭ ହୋଇଥିଲା ଏବଂ ଏହାର ସୁଫଳ ମଧ୍ୟ ମିଳିଥିଲା। କିନ୍ତୁ ଏବର ସରକାର ବିଭିନ୍ନ ଆଳ ଦେଖାଇ ଉକ୍ତ ଯୋଜନାକୁ ଯେତେ ଟଙ୍କା ଦେବା କଥା ଦେଉନାହାନ୍ତି।

ଦାସ କହିଛନ୍ତି ଯେ, ଆଦିବାସୀଙ୍କ କଲ୍ୟାଣ ନିମନ୍ତେ ଅନେକ ଯୋଜନା ଅଛି। ହେଲେ ହିତାଧିକାରୀଙ୍କ ପାଖରେ ତାହା ପହଞ୍ଚିପାରୁନାହିଁ କିମ୍ବା ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ପୂର୍ବରୁ ସୁକିନ୍ଦା ଅଞ୍ଚଳରେ ସୁଭଦ୍ରା ମାଙ୍କଡ଼ିଆ ନାମ୍ନୀ ଜଣେ ଆଦିବାସୀ ମହିଳାଙ୍କ ଅନାହାରରେ ମୃତ୍ୟୁ ଘଟିଥିବାବେଳେ ଏବେ ନିଶା ମାଙ୍କଡ଼ିଆଙ୍କ ମୃତ୍ୟୁ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ଅନାହାରଜନିତ ମୃତ୍ୟୁକୁ ସରକାର ହାଲୁକା ଭାବେ ଗ୍ରହଣ ନ କରି ଆଦିବାସୀଙ୍କ ସୁବିଧା ସୁଯୋଗ ପ୍ରତି ଯତ୍ନବାନ୍ ହେବା ପାଇଁ ବିଧାୟକ ଦାସ ଦାବି କରିଛନ୍ତି। ଏହି ସମ୍ମିଳନୀରେ ପିସିସି ମୁଖପାତ୍ର ହିମାଂଶୁ ଲେଙ୍କା ଉପସ୍ଥିତ ଥିଲେ।

# ଗଜପତିରେ ଭୂସ୍ଖଳନ: ରାସ୍ତା ଅବରୋଧ, ଯାତାୟାତ ଠପ୍



ପାରଳାଖେମୁଣ୍ଡି,୨୯।୧୦
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ରାୟଗଡ ବ୍ଲକ ଏସ. କରାଡସିଂ ପଞ୍ଚାୟତର ବୋଣ୍ଡା ଗ୍ରାମରେ ଭୂସ୍ଖଳନ ଘଟିଛି। ଫଳରେ ବୋଣ୍ଡା, ଖିଲିଗଣ୍ଡା, କୁଡ଼ିଙ୍ଗି, ଉପରସାଙ୍କୁରଡ଼ା ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗତ ୪ଦିନ ହେଲା ଲଗାଣ ବର୍ଷା ଯୋଗୁ ବ୍ଲକର ବିଭିନ୍ନ ସ୍ଥାନରେ ମାଟି ଅତଡା ଧସିବା ସହ ଭୂସ୍ଖଳନ ଘଟିଥିବା ଜଣାପଡିଛି। ଘଟଣା ସ୍ଥଳରେ ଏନ୍‌ଡିଆରଏଫ ଓ ଓଡ୍ରାଫ ଟିମ୍ ପହଞ୍ଚି ଯାତାୟାତ ସ୍ୱାଭାବିକ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ବାତ୍ୟା 'ମୋନ୍ଥା' ଦୁର୍ବଳ ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ ଲଗାଣ ବର୍ଷା ଜାରି ରହିଥିବାରୁ ଜିଲାର ବିଭିନ୍ନ ସ୍ଥାନରେ ମାଟି ଧସିବା ସହ ଭୂସ୍ଖଳନ ପରିସ୍ଥିତି ସୃଷ୍ଟି ହୋଇଛି।

# ପିନ୍ ଗିଳିଦେବାରୁ ଛାତ୍ରଙ୍କ ମୃତ୍ୟୁ

## ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗ ଆଣିଲେ ବାପା

ଫୁଲବାଣୀ,୨୯।୧୦
(ରାକେଶ କୁମାର ରାଉତ)

ଫୁଲବାଣୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜଣେ ୭ମ ଶ୍ରେଣୀ ଛାତ୍ର ନୋଟିସ୍ ବୋର୍ଡରେ ଲାଗିଥିବା ପିନ୍ ଗିଳି ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ଛାତ୍ର ଜଣଙ୍କ ହେଲେ ତୁଷାର ମିଶ୍ର। ପୁଅର ମୃତ୍ୟୁ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ପ୍ରିନ୍ସିପାଲ ଦାୟୀ ବୋଲି ତୁଷାରଙ୍କ ବାପା କାଳୀପ୍ରସାଦ ମିଶ୍ର ଅଭିଯୋଗ କରିଛନ୍ତି। ତୁଷାରଙ୍କ ଘର ଦାରିଙ୍ଗବାଡ଼ିରେ। ସେ ମାମୁଘର ଫୁଲବାଣୀ କନ୍ଧାକୁରପଡ଼ାରେ ରହି ଆଦର୍ଶ ବିଦ୍ୟାଳୟରେ ପଢୁଥିଲେ। ଗତ ୧୫ ତାରିଖରେ ତୁଷାର ସ୍କୁଲ ଯାଇଥିଲେ। ସ୍କୁଲ ନୋଟିସ ବୋର୍ଡରୁ ଏକ ପିନ୍ ଆଣି ସେ ପାଟିରେ ଧରିଥିବା ବେଳେ ଅସାବଧାନତାବଶତଃ ତାହାକୁ ଗିଳି ଦେଇଥିଲେ। ତୁଷାର ଏବଂ ତାଙ୍କର କେତେଜଣ ସାଙ୍ଗ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପ୍ରିନ୍ସିପାଲଙ୍କୁ ଜଣାଇଥିଲେ। ହେଲେ ସେମାନେ ଏହାକୁ ଗୁରୁତ୍ୱ ନ ଦେଇ ପାଣି ପିଇଦେ ଚାଲିଯିବ ବୋଲି କହିଥିଲେ। ଘରକୁ ଆସିବା ବାଟରେ ତୁଷାର ନିଃଶ୍ୱାସ ନେବାରେ ଅସୁବିଧା ଅନୁଭବ କରିଥିଲେ। ଅଜାଙ୍କୁ ସେ ଏହି ଘଟଣା କହିବାରୁ ତୁରନ୍ତ ତାଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ରେଫର କରି ଦିଆଯାଇଥିଲା। ବ୍ରହ୍ମପୁର ମେଡିକାଲରେ ଡାକ୍ତର ପରୀକ୍ଷା କରିବାରୁ ପିନ୍‌ଟି ଫୁସ୍‌ଫୁସ ପାଖରେ ଅଟକି ଥିବା ଜଣାପଡିଥିଲା। ସେଠାରୁ ତୁଷାରଙ୍କୁ କଟକ ଶିଶୁଭବନ ପଠାଇ ଦିଆଯାଇଥିଲା। ଡାକ୍ତର ଅସ୍ତ୍ରୋପଚାର କରି ପିନ୍‌ଟି କାଢ଼ିଥିଲେ। ଚିକିତ୍ସାରେ ବିଳମ୍ବ ହୋଇଥିବାରୁ ତୁଷାର ପ୍ରଥମେ ପକ୍ଷାଘାତର ଶିକାର ହୋଇ କୋମାକୁ ଚାଲି ଯାଇଥିଲେ। ଡାକ୍ତରମାନଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଗତ ୨୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଅ ପିନ୍ ଖାଇ ଦେଲା ପରେ ଶିକ୍ଷକମାନଙ୍କୁ ଜଣାଇଥିଲା। ହେଲେ ଏହାକୁ କେହି ଗୁରୁତ୍ୱର ସହ ନେଇ ନ ଥିଲେ। ତେଣୁ ମୋ ପୁଅ ଚାଲିଗଲା। ସରକାର ଏ ଦିଗରେ କଡ଼ା ପଦକ୍ଷେପ ନେଇ ତୁରନ୍ତ ସେମାନଙ୍କୁ ବହିଷ୍କାର କରନ୍ତୁ ବୋଲି ତୁଷାରଙ୍କ ବାପା କାଳୀପ୍ରସାଦ କହିଛନ୍ତି।



DSPL - 331

ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଭାରତ ବର୍ଷର ଅନ୍ୟାନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ମଧ୍ୟ ଅକ୍ଟୋବର ୩୦ ତାରିଖକୁ ବିଶ୍ୱ ମିତବ୍ୟୟିତା ଦିବସ ରୂପେ ପାଳନ କରାଯାଉଛି । ଏହି ଅବସରରେ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଯୁଗେ ଯୁଗେ ମନୁଷ୍ୟ ଜୀବନରେ ମିତବ୍ୟୟିତା ଓ ସଂଚୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି । ଆର୍ଥିକ ଦୃଷ୍ଟିରୁ ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ନିୟମିତ ସଞ୍ଚୟ ଏକାନ୍ତ ଅପରିହାର୍ଯ୍ୟ । ନିୟମିତ ସଞ୍ଚୟ ବ୍ୟକ୍ତିଙ୍କୁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗୃହନିର୍ମାଣ ଭଳି ପ୍ରମୁଖ ଅତ୍ୟାବଶ୍ୟକୀୟ କାର୍ଯ୍ୟ ସମାପନ ପାଇଁ ପାଣ୍ଠି ଯୋଗାଇ ଦେଇଥାଏ ।

ଆର୍ଥିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଅପବ୍ୟୟ ପରିହାର, ମିତବ୍ୟୟିତା ଅବଲମ୍ବନ ଓ ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା ଆଜିର ଦିବସରେ ଆମ ସମସ୍ତଙ୍କର ସଂକଳ୍ପ ହେଉ ।

ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ ଆଶା କରିବା ସହିତ ମୁଁ ସମସ୍ତ ରାଜ୍ୟବାସୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ହରି ବାବୁ କମ୍ଭମ୍‌ପାଟି)
ରାଜ୍ୟପାଳ, ଓଡ଼ିଶା

OIPR-05001/13/0012/2526

DSPL - 331

ବିଶ୍ୱ ମିତବ୍ୟୟିତା ଦିବସ
ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଖାଦ୍ୟ, ବସ୍ତ୍ର, ବାସଗୃହ ମନୁଷ୍ୟର ଜୀବନଧାରଣ ପାଇଁ ଯେପରି ତିନୋଟି ମୌଳିକ ଆବଶ୍ୟକତା, ଠିକ୍ ସେହିପରି ବର୍ତ୍ତମାନ ସମୟରେ ସୁଶିକ୍ଷା, ସୁସ୍ୱାସ୍ଥ୍ୟ ଓ ସୁଚିନ୍ତିତ ଆର୍ଥିକ ସଞ୍ଚୟ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନିଶ୍ଚିତ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ନିୟମିତ ଓ ଯୋଜନାବଦ୍ଧ ସଞ୍ଚୟ ଏକାନ୍ତ ଜରୁରୀ ।

ଅପବ୍ୟୟ ଓ ଅପଚୟକୁ ପରିତ୍ୟାଗ କରି ନିଜସ୍ୱ ସମ୍ବଳର ମିତବ୍ୟୟିତା ପୂର୍ବକ ସୁବିନିଯୋଗ, ନିୟମିତ ସଞ୍ଚୟକୁ ସହଜସାଧ୍ୟ କରିଥାଏ । ଏହି ସଞ୍ଚିତ ଜମାରାଶି ହିଁ ବ୍ୟକ୍ତିକୁ ଭବିଷ୍ୟତର କୌଣସି ଆକସ୍ମିକ ଜରୁରୀ ପରିସ୍ଥିତି ପାଇଁ ଅତ୍ୟନ୍ତ ସହାୟକ ହୋଇଥାଏ ଓ ଆବଶ୍ୟକୀୟ ଅର୍ଥରାଶି ଯୋଗାଇ ଦେଇଥାଏ । ଅନାବଶ୍ୟକ ଖର୍ଚ୍ଚରୁ ଦୁରେଇ ରହି ମିତବ୍ୟୟୀ ହେବା, ଆଜିର ଦିବସରେ ସମସ୍ତଙ୍କର ସଂକଳ୍ପ ହେଉ । ଏହା ବ୍ୟକ୍ତିଗତ ତଥା ରାଷ୍ଟ୍ରୀୟ ସ୍ୱାର୍ଥ ସାଧନରେ ଅତ୍ୟନ୍ତ ଉପଯୋଗୀ ।

ରାଜ୍ୟବାସୀଙ୍କ ହିତଦୃଷ୍ଟିରୁ ସରକାର ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଅଗ୍ରାଧିକାର ଦେଉଛନ୍ତି । କୌଣସି ସନ୍ଦିଗ୍ଧ, ଅଣ ସ୍ୱୀକୃତିପ୍ରାପ୍ତ ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥାର ମିଥ୍ୟା ପ୍ରତିଶ୍ରୁତିରେ ପ୍ରଲୋଭିତ ହୋଇ ସର୍ବସ୍ୱାନ୍ତ ନ ହେବା ପାଇଁ ସମସ୍ତଙ୍କୁ ମୋର ନିବେଦନ ।

ଡାକଘର ଓ ବ୍ୟାଙ୍କ ଭଳି ବିଶ୍ୱସନୀୟ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କିଙ୍ଗ୍ ସେବା ଓ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାର ଉପଯୋଗ କରି ନିଜର ତଥା ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ସହିତ ରାଷ୍ଟ୍ରୀୟ ପ୍ରଗତିରେ ଭାଗୀଦାର ହେବା ପାଇଁ ମୋର ସମସ୍ତଙ୍କୁ ଅନୁରୋଧ ।

ଏହି ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କ ସ୍ୱଚ୍ଛଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-05001/13/0013/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବାର୍ଷିକ ଗୋଷ୍ଠାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ବାଲିଅନ୍ତା ବ୍ଲକ ଭୁବନପୁର ଗ୍ରାମର ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ନବୀନ ବରଣ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା' ପଞ୍ଚବଟୀ ତାରିଣୀଙ୍କ ୨୩ ତମ ବାର୍ଷିକ ଜନ୍ମୋତ୍ସବ ପାଳନ ଉପଲକ୍ଷେ କଳସ ଯାତ୍ରା ଓ ଅଙ୍କୁରରୋପଣ, ସ୍ଥାନ: ବାଲିଅନ୍ତାସ୍ଥିତ ମା' ଙ୍କ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ସଂସ୍କୃତିଚର୍ଚ୍ଚା ପକ୍ଷରୁ ୮୮ତମ ସଂସ୍କୃତିଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୫ଟା ୩୦।
- ଶାନ୍ତିଧାମ ଫାଉଣ୍ଡେଶନ୍ ପକ୍ଷରୁ ଝୁମ୍ ଇନ୍ଷ୍ଟରନ୍ୟାଶନାଲ୍ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୫ଟା ୩୦।
- ୨୮ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ ରାବଣ ବଧ ଓ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ସ୍ଥାନ: ବାଲିଅନ୍ତାସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## କଟକ

- ଏଆଇଡିଏସଓ ସର୍ବଭାରତୀୟ ସ୍ତରୀୟ ନେତୃବୃନ୍ଦଙ୍କ ଦ୍ୱାରା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗୋପବନ୍ଧୁ ବାଗ, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଆଇଡିଏସଓ ସର୍ବଭାରତୀୟ ପରିଷଦ ପକ୍ଷରୁ ଛାତ୍ର ସମାବେଶ, ସ୍ଥାନ: କଳା ବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି ଆନୁକୂଲ୍ୟରେ ବିଶ୍ୱଶାନ୍ତି ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଶ୍ରୀଚୈତନ୍ୟ ମଠ, ରାୟ ରାମାନନ୍ଦ ଉଦ୍ୟାନ, ସମୟ: ଅପରାହ୍ନ ୫ଟା।

## ପୁରୀ

- ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗଣଦୌଡ଼, ସ୍ଥାନ: ଦିଗବାରେଣୀ ଛକଠାରୁ ହୋଟେଲ ଏମ୍ପାୟାର, ସମୟ: ସକାଳ ୭ଟା।
- ହାଇ ମାସ ନେଶନାଲ ଫ୍ଲାଗ ଓ ପଣ୍ଡିତ ହରିହର ଦାସଙ୍କ ମୂର୍ତ୍ତି ଅନାବରଣ ଉତ୍ସବ, ସ୍ଥାନ: ସଦାଶିବ ପରିସର, ସମୟ: ସକାଳ ୯ଟା।

- ନିମାପଡ଼ା ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ, ସୁରଭି -୨୦୨୫, ସ୍ଥାନ: ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଗୋପାଷ୍ଟମୀ ଉତ୍ସବ, ସ୍ଥାନ: ଗୋବର୍ଦ୍ଧନ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ଗୋସେବା ସଂସ୍ଥାନମ ପକ୍ଷରୁ ଗୋପାଷ୍ଟମୀ ଉତ୍ସବ, ସ୍ଥାନ: ବାଘ ଆଖଡ଼ା ମଠ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଗୋପାଷ୍ଟମୀ ଉତ୍ସବ, ସ୍ଥାନ: ଗୋବିନ୍ଦ ଗୋଧାମ ଗୋଶାଳା, ଆଲିପଡ଼ା, ସମୟ: ପୂର୍ବାହ୍ନ ୧୦ଟା୩୦।

## ବାଲେଶ୍ୱର

- ମିନି ମାରାଥନ୍, ସ୍ଥାନ: ମଥାନୀ ବାଇପାସ୍, ବସ୍ତା, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ପ୍ରାଣୀ ଚିକିତ୍ସାଳୟ ପଡ଼ିଆ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଜଗଦ୍ଧାତ୍ରୀ ପୂଜା ଓ ଗ୍ରାମୀଣ ମେଳା, ସ୍ଥାନ: ସାତଗୋହଳିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଷ୍ଟେଶନ କ୍ଲବ ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଗଦ୍ଧାତ୍ରୀ ପୂଜୋତ୍ସବ ଓ ସ୍ଥାନୀୟ ମେଳା, ସ୍ଥାନ: ବାଗରୁଖୀ ହାଇସ୍କୁଲ ଖେଳ ପଡ଼ିଆ, ଭୋଗରାଇ, ସମୟ: ଅପରାହ୍ନ ୧ଟା।
- ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ନୀଳବାଡି ଶୀତଳା ମଣ୍ଡପ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଏକାଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିମୁଳିଆ ଫାଷ୍ଟ ଫୁଡ୍ ମାର୍କେଟ, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଚକ୍ଷୁ ଚିକିତ୍ସା ଶିବିର , ସ୍ଥାନ : ମରିଗାଁ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ଟା
- ଭଜନ ମଣ୍ଡଳୀ ତରଫରୁ ଭଜନ ସମ୍ମିଳନୀ ଏବଂ ନାମ ସଂକୀର୍ତ୍ତନ : ହାଟଡିହୀ ତହସିଲ ସାମ୍ନା , ହାଟଡିହୀ, ସମୟ : ସନ୍ଧ୍ୟା ୬ଟା

## ମୟୂରଭଞ୍ଜ

- ଜଗଧାତ୍ରୀ ପୂଜା ଲାଗି ଘଟଉତ୍ତୋଳନ,ସ୍ଥାନ: ଭଞ୍ଜପୁର, ବାରିପଦା,ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ଗୌରୀଆମ୍ମା ଯାତ୍ରାରେ ମଞ୍ଚସ୍ଥ ହେବ ନାଟକ, ସ୍ଥାନ: ଲାଞ୍ଜିପଲ୍ଲୀ ରେଡିକା ସାହି, ସମୟ: ରାତି ୮ଟା।

## କନ୍ଧମାଳ

- ବିଶ୍ୱ ସଞ୍ଚୟ ଦିବସ ପାଳନ, ସ୍ଥାନ: ଫୁଲବାଣୀ ବ୍ଲକ ସଭାଗୃହ, ସମୟ: ସକାଳ ୯ଟା ୩୦।

## ଗଜପତି

- ଆଇନ ଓ ପୂର୍ତ୍ତମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ସର୍କିଟ ହାଉସ୍, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ଗୋପାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ରନ୍ତଲେଇ ଶ୍ରୀଗୋପାଳ ଗୋଶାଳା, ସମୟ: ସକାଳ ୯ଟା।
- ଗୋପାଷ୍ଟମୀ ଉତ୍ସବ, ସ୍ଥାନ: ଛେଣ୍ଡିପଦା ପାଟକମୁଣ୍ଡା ପଶ୍ଚିମେଶ୍ୱର ଶିବ ମନ୍ଦିର, ସମୟ: ସକାଳ ୬ଟାରୁ।

## ଜଗତ୍‌ସିଂହପୁର

- ପିସି ଓ ପିଏନ୍‌ଡିଟି ଉପରେ ଜିଲାସ୍ତରୀୟ ଉପଦେଷ୍ଟା ସମିତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ଉପରେ ମାସିକିଆ ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା

- ଶ୍ରୀ ସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ:ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡା ସହର, ସମୟ:ପ୍ରାତଃ ୫ଟା ।
- ସାଇବର ଅପରାଧ ସମ୍ପର୍କରେ ଜିଲା ପୋଲିସର ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୧ଟା ।

## ଯାଜପୁର

- ଧର୍ମଶାଳା ଗୋମାତା ସେବା ସଙ୍ଗଠନ ଜାରକା ଶାଖା ପକ୍ଷରୁ ଗୋମାତା ପୂଜା, ସ୍ଥାନ: ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ ସକାଳ: ୯ଟା।

## ନୟାଗଡ଼

- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ଅଷ୍ଟମ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ପ୍ରାତଃ ୫ଟା ।
- ଜୀବନଜ୍ୟୋତି ପରିଷଦ ଦ୍ୱାରା ଗୋଷ୍ଠାଷ୍ଟମୀ ମହୋତ୍ସବ, ସ୍ଥାନ: ନୂଆଗାଁ ବ୍ଲକ ଜଗନ୍ନାଥପ୍ରସାଦ ଗୋଶାଳା, ସମୟ: ପ୍ରାତଃ ୫ଟାରୁ ପୂର୍ବାହ୍ନ ୧୦ଟା।
- ପଞ୍ଚଦଶ ଭାଗବତ ପାରାୟଣ, ସ୍ଥାନ: ନୟାଗଡ ବେଗୁନିଆପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା।
- ସପ୍ତାଙ୍ଗ କାର୍ଯ୍ୟକ୍ରମର ୨ୟ ଦିବସ, ସ୍ଥାନ, ଖଣ୍ଡପଡା ବ୍ଲକ ମୁଣ୍ଡିଆ ହନୁମାନ ପୀଠ, ମର୍ଦ୍ଦରାଜପୁର, ସମୟ: ସକାଳ ୮ଟା ।
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ, ମର୍ଦ୍ଦରାଜପୁର, ସମୟ:ସକାଳ ୯ଟା ।
- ଗୋଷ୍ଠାଷ୍ଟମୀ ପର୍ବ, ସ୍ଥାନ: କଣ୍ଟିଲୋ ରାଧାମୋହନ ଜୀଉ ମଠ, ସମୟ: ଅପରାହ୍ନ ୪ଟା ।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣରେ କଥାଯଜ୍ଞର ଅଷ୍ଟମ ଦିବସରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସନ୍ଧ୍ୟା ୬ଟା ।

## ରାୟଗଡ଼ା

- ନିୟମିତ ସଞ୍ଚୟର ଆବଶ୍ୟକତା ଓ ଅନଲାଇନ ଆର୍ଥିକ ଠକେଇ ସମ୍ପର୍କିତ ସଚେତନତା
- ସ୍ଥାନ: ସଂସ୍କୃତି ଭବନ, ରାୟଗଡ଼ା, ସମୟ: ଅପରାହ୍ନ ୩ଟା ୩୦।
- ୨୪ ପ୍ରହର ନାମଯଜ୍ଞ ନିମନ୍ତେ ଗଙ୍ଗା ଆବାହନ ଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୩ଟା।

## ନବରଙ୍ଗପୁର

- ନୋଡାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଘରୋଇ ହିଂସାରୁ ସୁରକ୍ଷା ସମ୍ପର୍କିତ ଜିଲାସ୍ତରୀୟ ତାଲିମ୍, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଗୋ ଅଷ୍ଟମୀ ପୂଜା, ସ୍ଥାନ: ଉମରକୋଟ ବ୍ଲକ ଏକମ୍ବା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟ ନେଇ ବୈଠକ, ସ୍ଥାନ: କୋରାପୁଟ ବାର ଆସୋସିଏସନ ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ପରବ ପ୍ରସ୍ତୁତି ବୈଠକ, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏକ ଭାରତ ଆତ୍ମନିର୍ଭରଶୀଳ ଭାରତ କାର୍ଯ୍ୟକ୍ରମ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର

- ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ବାମରା ବ୍ଲକ ଗୋବିନ୍ଦପୁର, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : କବରିବାହାଲ ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା।
- ସମ୍ବଲପୁର ରେଳ ମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ, ମାଷ୍ଟର, ମିସ ଟିନ ଓ ମାଷ୍ଟର ଟିନ-୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ କଲୋନୀସ୍ଥିତ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଲୋଇସିଂହା ବ୍ଲକ କଳାକାର ସଂଘ ସମାବେଶ, ସ୍ଥାନ: କଲ୍ୟାଣ ମଣ୍ଡପ,ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- କାହାଣୀ ଲିଖନ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍ ସ୍କୁଲ, ସମୟ: ସକାଳ ୮ଟା।
- ନୃତ୍ୟ ଅନୁରାଗ ପକ୍ଷରୁ ନାଟ୍ୟ କର୍ମଶାଳା, ସ୍ଥାନ: ସେକ୍ଟର-୨୦ ଏକତା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ହୋଟେଲ ସୋଲେସ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଶ୍ରୀ ଶ୍ରୀ ସୁରଭି ଯଜ୍ଞ ଓ ଗୋପାଷ୍ଟମୀ ମହୋତ୍ସବ,ସ୍ଥାନ: ଆନନ୍ଦକୁଞ୍ଜ ଆଶ୍ରମ, ଭୁନ୍ଦୁବାହାଲ, ଗାଇସିଲେଟ,ସମୟ: ସକାଳ ୯ଟା।
- ପୁରାତନ ଛାତ୍ରୀଛାତ୍ରଙ୍କ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ,ସମୟ:ସନ୍ଧ୍ୟା ୬ଟା।
- ନାଟକ ଜୀବନ ଡାକର, ସ୍ୱାଧୀନତା ଆମର୍ (ମାଧୋ ସିଂ) ମଞ୍ଚସ୍ଥ,ସ୍ଥାନ:ସମଲେଶ୍ୱରୀ ମଣ୍ଡପ, ତଳିପଡ଼ା, ବରଗଡ଼,ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ସାଇବର ଅପରାଧ ଉପରେ କର୍ମଶାଳା, ସ୍ଥାନ:ଭବାନୀପାଟଣା ସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୧ଟା।
- ମା' ମାଣିକେଶ୍ୱରୀଙ୍କ ବିଶ୍ୱ ବିଦ୍ୟାଳୟରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀଙ୍କ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ: ରୁଣ୍ଡିମହୁଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କଣ୍ଟାମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଶିଶୁ ଉତ୍ସବ ମହକ-୨୦୨୫, ସ୍ଥାନ: ଦେବଗଡ଼ସ୍ଥିତ ସେଣ୍ଟର୍ ଫର୍ କଲଚର୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟେ ଷଷ୍ଠ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ସନ୍ତୁଳନ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଲେଖ ମହିମା ଅଷ୍ଟପ୍ରହର ଭଜନ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ବିନିକା ମହିମା ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ହଠାତ୍ ସକାଳୁ ସକାଳୁ ବିଗିଡ଼ିଯାଇଥିବା ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କରେ ଚିନ୍ତା କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। ଅଭାବ ଦୂରେଇବା କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କ, ବନ୍ଧୁପ୍ରୀତି, ଅର୍ଥପ୍ରାପ୍ତି , ଯାତ୍ରା ଓ ଆଲୋଚନା ବାଧାପ୍ରାପ୍ତ ହେବ।

**ବୃଷ** ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ଚେଷ୍ଟା କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିପାରେ।

**ମିଥୁନ** ଆଜି ଯେମିତି ଯାହା ଆଶା କରୁଛନ୍ତି ସେହିପରି ପାଇବାରେ ଅସୁବିଧା ରହିବ ନାହିଁ। ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିପାରେ। ଟିକିଏ ଟିକିଏ କଥାରେ ବିରକ୍ତ ହେଲେ ପାରିବାରିକ ସମସ୍ୟା ବଢ଼ିଯାଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇବାର ଆଶା ରହିଛି।

**ସିଂହ** ପୂର୍ବର କଳହକୁ ନେଇ ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଭିନ୍ନ ପ୍ରତିବନ୍ଧକଜନିତ ବିଳମ୍ବରେ କାମ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରିବ। ଆଶା କରୁଥିବା ଦିଗରୁ କିଛି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**କନ୍ୟା** ଦିନଟି ବହୁତ ଭଲ ମାତ୍ର କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିବ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ପାଇପାରନ୍ତି। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ସମାଲୋଚନା କରିପାରନ୍ତି।

**ତୁଳା** କେତେକ କଥାରେ ମନ ଚାହୁଁ ନ ଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ଚଳିବାକୁ ପଡ଼ିବ। ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହେବାର ଆଶା ରହିଛି।

**ବିଛା** କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ହୋଇଯିବ।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁମିଳନ ସାଙ୍ଗକୁ ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି। ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଦ୍ୱାରା ସୁଫଳ ମିଳିବ। ଅତିରିକ୍ତ ଭ୍ରମଣ ହେତୁ କ୍ଳାନ୍ତି ଅନୁଭବ କରିପାରନ୍ତି। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି।

**ମକର** ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବେ। ବାଣିଜ୍ୟ କ୍ଷେତ୍ରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇ ପାରେ।

**କୁମ୍ଭ** ପରିବାରରେ ଅଭାବ ଅସୁବିଧା ଅସ୍ଥିରତାର ମୁଖ୍ୟ କାରଣ ହୋଇପାରେ। ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂଆ ଯୋଜନାରୁ ଖୁସି ରହିବେ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ।

**ମୀନ** ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ବିଚଳିତ କରିପାରେ ତଥାପି ଅନ୍ୟର ସେବା କରି ଖୁସି ରହିବେ।

ଆଜି ଅକ୍ଟୋବର ୩୦ ତାରିଖ, ବିଶ୍ୱ ମିତବ୍ୟୟିତା ଦିବସ, ଜଗମୋହନ ଭୋଗ, ଭାଗବତ ସପ୍ତାହ ଆରମ୍ଭ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, କାର୍ତ୍ତିକ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ଗୁରୁବାର, ରାଶିନକ୍ଷତ୍ର-ଶ୍ରବଣା/ମକର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୨୫ ଗତେ ଘ.୦୭।୧୧ ମଧ୍ୟେ, ଘ.୦୬।୦୦ ଗତେ ଘ.୦୯।୨୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୫୫ ଗତେ ଘ.୦୨।୨୦ ମଧ୍ୟେ ରାହୁ କାଳ।

# ବନ୍ଧୁକ ସହ ୭୨ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୯।୧୦(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦୁଇଟି ସ୍ଥାନରେ ବୁଧବାର ୭୨ ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ର ବିଜାପୁର ଜିଲା ପୋଲିସ ନିକଟରେ ଦକ୍ଷିଣ ବସ୍ତର ଡିଭିଜନର ୫୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୯ଜଣ ମହିଳା ଓ ୪୨ ଜଣ ପୁରୁଷ ମାଓବାଦୀ ରହିଛନ୍ତି। ସେହିପରି କାଙ୍କେର ଜିଲା ପୋଲିସ ନିକଟରେ ମଧ୍ୟ ୨୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତେବେ ଏହି ସମସ୍ତ ମାଓବାଦୀ ଜଙ୍ଗଲ ଛାଡି ସହରମୁହାଁ ହେଉଥିବା ବେଳେ ସମସ୍ତେ ବନ୍ଧୁକ ସହ ଆତ୍ମସମର୍ପଣକରି ଅସ୍ତ୍ର ତ୍ୟାଗ କରିଥିବା କହିଛନ୍ତି। ମାଓବାଦୀ ସଂଗଠନ ଦିନକୁ ଦିନ ଭୁଶୁଡିବାରେ ଲାଗିଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଜାପୁର ପୋଲିସ ନିକଟରେ ମୋଟ ୪୬୧ ଜଣ ମାଓବାଦୀ ଆତ୍ମମସମର୍ପଣ କରିଥିବା ବେଳେ ୧୩୮ ଜଣ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ସେହିପରି ୪୮୫ ଜଣ ମାଓବାଦୀଙ୍କୁ ପୋଲିସ ଗିରଫ କରିଥିବା ବିଜାପୁର ଏସ୍‌ପି. ସୂଚନା ଦେଇଛନ୍ତି।



ବିଜାପୁର ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

# ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଷକା କଢ଼ି**
**ମନେ ପଡୁଥିବ ଘଡ଼ିକି ଘଡ଼ି ।**
ସମବୟସ୍କା ଦୁଇ ତରୁଣୀ ପରସ୍ପର ମଧ୍ୟରେ ମିତ୍ରତା ଗଢ଼ିବାକୁ ଯାଇ ଓଷକା ବସିଥାନ୍ତି। ଏହା ସଙ୍ଗାତ, ସହୀ ଓ ମିତର ଅନ୍ୟରୂପ ହୋଇଥାଏ। ଏହି ଭାବରେ ଦୁହେଁ ପରସ୍ପରକୁ ସ୍ମରଣ କରିଥାନ୍ତି। ଦୁଇ ବାନ୍ଧବୀଙ୍କ ମଧ୍ୟରେ ବନ୍ଧୁତାକୁ ବାନ୍ଧି ରଖିବା ନେଇ ଦୃଢ଼ ପ୍ରତିଶ୍ରୁତି ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଧ ଖାଇଗଲା ପାଣି କଖାରୁ,**
**ଗୋଧ ଖାଇଗଲା ପାନ**
**ଭୁଆଁ ଖାଇଗଲା କୋଡ଼ି କୋଦାଳ,**
**କାଉ ନେଇଗଲା କାନ।**
ଅବିଶ୍ୱସନୀୟ ଘଟଣା ବେଳେବେଳେ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ସତର୍କତାରେ ଯିଏ ଯାହା ମାରିନିଏ, ଅସତର୍କ ରହିଲେ ନିଜର କିଛି ହରାଇବାକୁ ପଡ଼େ, ଯାହାକି ଜୀବଜନ୍ତୁଙ୍କ ଛଳରେ ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ ବେଆଇନ ...

ବୋଲି ପ୍ରଶାନ୍ତ ଭୂଷଣ କହିଥିଲେ। ଅନ୍ୟପକ୍ଷେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଆଡଭୋକେଟ ଜେନେରାଲ ଖଣ୍ଡପୀଠଙ୍କୁ ସମୟ ମାଗିଛନ୍ତି। ଯାହା ଆଇନଗତ ପଦକ୍ଷେପ ନିଆଯିବା ଆବଶ୍ୟକ, ସେସବୁ ନିଆଯିବ ବୋଲି ଏଜି କହିଛନ୍ତି। ତେବେ ଖିଲାପକାରୀଙ୍କଠାରୁ ବକେୟା ଆଦାୟ ନେଇ ବ୍ୟକ୍ତିଗତ ଭାବେ ଏଜି ଉପଯୁକ୍ତ ପଦକ୍ଷେପ ନେବେ ବୋଲି କହିଥିବା ଖଣ୍ଡପୀଠ ପ୍ରକାଶ କରିଛନ୍ତି। ଓଡ଼ିଶା ସରକାର ଖିଲାପକାରୀ ଲିଜ୍‌ଧାରୀଙ୍କଠାରୁ ବକେୟା ଆଦାୟ ନେଇ ଯେଉଁ ପଦ୍ଧତି ଆପଣାଇଛନ୍ତି ତାକୁ ନେଇ ଆମେ ଅସନ୍ତୁଷ୍ଟ ବୋଲି ଖଣ୍ଡପୀଠ କହିଛନ୍ତି। ଏହା ଉପରେ ଡିସେମ୍ବର ୧ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପାଇଁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ସମୟ ଦେଇଛନ୍ତି। ଏହି ପ୍ରସଙ୍ଗରେ ୮ ସପ୍ତାହ ପରେ ଅର୍ଥାତ୍ ଡିସେମ୍ବର ୩ରେ ପରବର୍ତ୍ତୀ ଶୁଣାଣି କରାଯିବ।

### ନେତା ଏପଟସେପଟ,...

ପୂର୍ବତନ ମନ୍ତ୍ରୀ ତଥା ବରଗଡ ଜିଲା ଅତାବିରା ଅଞ୍ଚଳର ନାରୀ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନେଇ ମଧ୍ୟ ଭୋଟର ଦ୍ୱନ୍ଦ୍ୱରେ ରହିଛନ୍ତି। ସ୍ନେହାଙ୍ଗିନୀ ଅତାବିରା ଅଞ୍ଚଳରେ ଲୋକପ୍ରିୟ ନେତ୍ରୀ ହୋଇଥିଲେ ମଧ୍ୟ ନୂଆପଡା ନିର୍ବାଚନମଣ୍ଡଳୀରେ ତାଙ୍କର ସେପରି ଲୋକପ୍ରିୟତା ନାହିଁ। ତାଙ୍କୁ ବାହାର ଜିଲାର ପ୍ରାର୍ଥୀ ବୋଲି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ଟାର୍ଗେଟ କରୁଥିବାରୁ ନିର୍ବାଚନ ପ୍ରଚାରବେଳେ ବିଜେଡି ନେତା ଓ କର୍ମୀମାନେ ଅଡୁଆର ସମ୍ମୁଖୀନ ହେଉଛନ୍ତି। ଲୋକେ ଶଙ୍ଖଚିହ୍ନକୁ ଆଦର କରୁଥିଲେ ମଧ୍ୟ ଦଳୀୟ ପ୍ରାର୍ଥୀ ବଦଳକୁ ନେଇ ଅଡୁଆ ଦେଖାଦେଇଛି। ବିଶେଷକରି ଗ୍ରାମୀଣ ଅଞ୍ଚଳରେ ବିଜେଡିର ଚିହ୍ନ ଠିକ୍ ଥିଲେ ମଧ୍ୟ ପ୍ରାର୍ଥୀଙ୍କୁ ନେଇ ଅଡୁଆ ବଢ଼ିଛି। ବୁଧବାର ସ୍ନେହାଙ୍ଗିନୀ ନିର୍ବାଚନ ମଣ୍ଡଳୀର ସୁନାବେଡା ଅଞ୍ଚଳରେ ଗାଁକୁ ଗାଁ ଯାଇ ଭୋଟ ପ୍ରଚାର କରିଥିଲେ। କିଛି ଗାଁରେ ଭୋଟରମାନେ ଯେଭଳି ଶଙ୍ଖଚିହ୍ନକୁ ନେଇ ଆଗ୍ରହ ଦେଖାଇଥିଲେ ପ୍ରାର୍ଥୀଙ୍କୁ ଦେଖିବା ପରେ ନକାରାତ୍ମକ ମନ୍ତବ୍ୟ ଦେଉଥିବା ଶୁଣିବାକୁ ମିଳିଛି।

ଅନ୍ୟପଟେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଘାସିରାମ ମାଝି ୨୦୨୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ 'ଫୁଟ୍‌ବଲ ଖେଳାଳି' ଚିହ୍ନରେ ନିର୍ବାଚନ ଲଢ଼ି ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲେ। ସେତେବେଳେ ଘାସିରାମଙ୍କ ସମର୍ଥକମାନେ କଂଗ୍ରେସର ଟିକେଟ ବଣ୍ଟନ ନୀତିକୁ ଜୋରଦାର ସମାଲୋଚନା କରି ତାଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ପରାମର୍ଶ ଦେଇଥିଲେ। ଘାସିରାମ ମଧ୍ୟ ସମର୍ଥକଙ୍କ କଥା ମାନି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ଶକ୍ତି ପ୍ରଦର୍ଶନ କରିଥିଲେ। ତେବେ ଗତ ନିର୍ବାଚନର ପ୍ରାୟ ୧୭ ମାସ ପରେ ଏବେ ଘାସିରାମ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ଚିହ୍ନ ବି ବଦଳି ଯାଇ ହାତଚିହ୍ନ ହୋଇଯାଇଛି। ତାଙ୍କର ସବୁଠୁ ବେଶୀ ସମର୍ଥକ ଆଦିବାସୀ ସମ୍ପ୍ରଦାୟର ରହିଛନ୍ତି ବୋଲି କୁହାଯାଉଛି। ସେ ଏବେ କଂଗ୍ରେସ ପ୍ରାର୍ଥୀ ହୋଇଥିବାରୁ ଭୋଟର ଏବଂ ତାଙ୍କ ସମର୍ଥକମାନେ ଏହାକୁ କିପରି ଗ୍ରହଣ କରିବେ ତାହା ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି।

ନୂଆପଡା ନିର୍ବାଚନ ମଣ୍ଡଳୀର ଭୋଟରମାନେ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଏପଟସେପଟକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେମାନଙ୍କ ଦଳୀୟ ନିର୍ବାଚନ ଚିହ୍ନ ମଧ୍ୟ ଅଡୁଆ ବଢ଼ାଇଛି। ଅନେକଙ୍କ ନିର୍ବାଚନୀ ପ୍ରଚାର ସଭାରେ ଏହି ଆଭାସ ମିଳିଲାଣି। ଚଳିତ ଉପନିର୍ବାଚନରେ ନେତାମାନେ ନିଜ ସ୍ୱାର୍ଥ ପାଇଁ ଏପଟସେପଟ ହୋଇଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରାର୍ଥୀମାନଙ୍କ ଏପଟସେପଟ ହେବା ଏବଂ ସେମାନଙ୍କ ଦଳୀୟ ଚିହ୍ନ ବଦଳିଯିବା ଏଠାକାର ଭୋଟରମାନଙ୍କୁ ଯେ ଅଡୁଆରେ ପକାଇବ ଏହା ଜଳ ଜଳ ଦେଖାଗଲାଣି।

### କମ୍ପାନୀ ମିଥ୍ୟାରେ ...

ପ୍ରଦାନ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ, ଡିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ, ବାଲିତୁଠ, ବାମଦେଇପୁର, ଛତୁଆ ପଞ୍ଚାୟତରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲି଼. ବେଆଇନ ନିର୍ମାଣ କାର୍ଯ୍ୟ କରୁଛି। ସେଠାରେ ଦଶନ୍ଧି ଦଶନ୍ଧି ଧରି ଚାଷ ଉପରେ ନିର୍ଭର କରୁଥିବା ଏହିସବୁ ଗ୍ରାମବାସୀଙ୍କ କ୍ଷେତ ଉଜୁଡ଼ିଯାଇଛି। ଜୀବନଜୀବିକା ଦୁର୍ବିସହ ହୋଇପଡୁଛି। କମ୍ପାନୀ ପକ୍ଷରୁ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳି ନ ଥିବାବେଳେ ଥଇଥାନ ନୀତିର ଅନୁପାଳନ ହୋଇନାହିଁ। ଯେଉଁମାନେ କମ୍ପାନୀର ଏଭଳି ବେଆଇନ କାର୍ଯ୍ୟକୁ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରୁଛନ୍ତି, ସେମାନଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରାଯିବା ସହ ଅପରାଧୀ ସଜାଇ ଦିଆଯାଉଛି, ଯଦ୍ୱାରା ଲୋକଙ୍କ ମୌଳିକ ଅଧିକାର ୧୯(୧)(ଏ) ଏବଂ ୧୯(୧)(ବି) କ୍ଷୁଣ୍ଣ ହେଉଛି।

ପିନାକୀ ପୁଣି ଅଭିଯୋଗରେ ଦର୍ଶାଇଛନ୍ତି, କମ୍ପାନୀ ସରକାରଙ୍କୁ କହିଛି ଯେ ଗୋଟିଏ ବି ଗଛ ସେ ଅଞ୍ଚଳରୁ କଟାଯାଇନାହିଁ। କିନ୍ତୁ ବାସ୍ତବରେ ଉକ୍ତ ଅଞ୍ଚଳରୁ ୧୦ ଲକ୍ଷ ଗଛ କଟାଯାଇଛି। ଏଥିପାଇଁ ବନ୍ୟପ୍ରାଣୀମାନେ ବାସଚ୍ୟୁତ ହୋଇପଡ଼ିଛନ୍ତି, ଯାହା ବନ୍ୟପ୍ରାଣୀ ସୁରକ୍ଷା ଆଇନ-୧୯୭୨ର ଖୋଲାଖୋଲି ଉଲ୍ଲଂଘନ। ଏହାବାଦ୍ କମ୍ପାନୀ କର୍ତ୍ତୃପକ୍ଷ କିଭଳି ବିଭିନ୍ନ ପ୍ରକାର ମିଥ୍ୟା ତଥ୍ୟ ସରକାରଙ୍କୁ ଦେଇ ନିର୍ମାଣ କାର୍ଯ୍ୟ କରୁଛି ସେ ସମ୍ପର୍କରେ ପିନାକୀ ଟିକିନିଖି ଦର୍ଶାଇଛନ୍ତି।

### ବେଆଇନ ଉତ୍ତୋଳନ ...

ବୋଲି କହିଥିଲେ। ସତ୍ୟାଗ୍ରହରେ ପୂର୍ବତନ ସରପଞ୍ଚ ଗୋପାଳ ସେଠୀ, ସତ୍ୟବ୍ରତ ଜେନା, ଆଲୋକ ବେହେରା, ବିଜୟ ସାହୁ, ସୁଲି ଜେନା, ଅହଲ୍ୟା ସାହୁ, ରିତାଞ୍ଜଳି ସାହୁ, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନାଙ୍କ ସମେତ ୩ଶହରୁ ଅଧିକ ସତ୍ୟଗ୍ରହୀ ସାମିଲ ହୋଇଥିଲେ। ଉପଜିଲାପାଳ ନୀଳମାଧବ ସୁନା ସତ୍ୟାଗ୍ରହୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ନିଷ୍କର୍ଷ ବାହାରିପାରିନାହିଁ।

## ଡ. ପବିତ୍ର ସାମଲ ଆଇନ ବିଭାଗ ସଚିବ ନିଯୁକ୍ତ

ଭୁବନେଶ୍ୱର,(ରବିନାରାୟଣ ଜେନା): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ମଙ୍ଗଳବାର ରାଜ୍ୟ ଆଇନ ବିଭାଗ ସଚିବଙ୍କ ସହ ଅନ୍ୟ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶନାମା ଜାରି ହୋଇଛି। ହାଇକୋର୍ଟଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଡ. ପବିତ୍ର ମୋହନ ସାମଲଙ୍କୁ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅଶାନ୍ତ କୁମାର ଦାସଙ୍କୁ ଗଞ୍ଜାମର ବ୍ରହ୍ମପୁରସ୍ଥିତ ଜିଲା ସେସନ୍ସ ଜଜ୍ ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଜଗତ୍‌ସିଂହପୁର ଜିଲା ସେସନ୍ସ ଜଜ୍ ଭାବେ ଅବସ୍ଥାପିତ କରାଯାଇଛି।

# ମାଲବାହୀ ଟ୍ରେନ୍‌ର ୧୦ ବଗି ଲାଇନଚ୍ୟୁତ

## ରାଉରକେଲା-ରାଞ୍ଚି ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

ରାଉରକେଲା,୨୯।୧୦
(ସଙ୍ଗୀତା ଜେନା)



ବୁଧବାର ସକାଳେ ରାଉରକେଲା-ରାଞ୍ଚି ମୁଖ୍ୟ ରେଳ ଲାଇନ୍‌ରେ ଏକ ମାଲବାହୀ ଟ୍ରେନ୍‌ର ବଗିଗୁଡିକ ଲାଇନ୍‌ଚ୍ୟୁତ ହୋଇଛି।

ରାଉରକେଲା-ରାଞ୍ଚି ମୁଖ୍ୟ ରେଳ ଲାଇନରେ ବୁଧବାର ସକାଳେ ଏକ ମାଲବାହୀ ଟ୍ରେନ୍‌ର ପ୍ରାୟ ୧୦ଟି ବଗି ଲାଇନଚ୍ୟୁତ ହୋଇଛି। ଫଳରେ ଉକ୍ତ ମାର୍ଗରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏକାଧିକ ଟ୍ରେନ ବାତିଲ ଯୋଗୁ ରାଉରକେଲା ଷ୍ଟେଶନରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅପରପକ୍ଷେ ହାଟିଆ ଓ ବନ୍ଧମୁଣ୍ଡା ରେଲୱେ ରିଲିଫ୍ ଏବଂ ଉଦ୍ଧାରକାରୀ ଦଳକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଛି। ଏହି ଦୁର୍ଘଟଣାରେ ସେଭଳି ବଡ଼ଧରଣର କ୍ଷୟକ୍ଷତି ହୋଇ ନ ଥିବାବେଳେ ରେଲୱେ ପକ୍ଷରୁ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୦ଟାରେ ବନ୍ଧମୁଣ୍ଡାରୁ ହାଟିଆ ଯାଉଥିବା ଏକ ବିଏସ୍‌ସିଏସ୍ ମାଲବାହୀ ଟ୍ରେନ୍‌ର ୧୦ଟି ବଗି ବାନୋ ଓ କନରୱା ଷ୍ଟେଶନ ମଧ୍ୟରେ ଲାଇନଚ୍ୟୁତ ହୋଇଥିଲା। ଦୁର୍ଘଟଣା ଏତେ ଅଧିକ ଥିଲା ଯେ, ଏଥିରେ ୨ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଓଭରହେଡ୍ ତାର କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଅପ୍ ଓ ଡାଉନ୍ ଲାଇନ୍‌ରେ ରେଳସେବା ବ୍ୟାହତ ହୋଇଥିଲା। ସୂଚନା ପାଇ ରେଲୱେ ସୁରକ୍ଷା ବାହିନୀ, ବାନୋ ପୋଲିସ ଷ୍ଟେଶନ ଅଧିକାରୀ ଏବଂ ରେଳ ବୈଷୟିକ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ସମୟରେ ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସକୁ ତାଟି ରେଳ ଷ୍ଟେଶନରେ ଅଟକାଯାଇ ରୁଟ୍ ପରିବର୍ତ୍ତନ କରାଯାଇଥିଲା। ସେହିପରି ଅନ୍ୟ ଏକାଧିକ ଟ୍ରେନର ରୁଟ୍ ପରିବର୍ତ୍ତନ କରାଯାଇଛି। ଚକ୍ରଧରପୁର ରେଳ ଡିଭିଜନରେ ଅନେକ ଟ୍ରେନକୁ ବାତିଲ ମଧ୍ୟ କରାଯାଇଛି। ହାଟିଆରୁ ପୁରୀ ଯାଉଥିବା ତପସ୍ୱିନୀ ଏକ୍ସପ୍ରେସ (ଉଭୟ ଅପ୍ ଆଣ୍ଡ ଡାଉନ୍) ବୁଧବାର ପାଇଁ ବାତିଲ କରାଯାଇଛି। ସମ୍ବଲପୁର-ଗୋରଖପୁର ଦେଇ ମୁରି ଅଭିମୁଖେ ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ କରାଯାଇଛି। ବିଶାଖାପାଟଣା-ବନାରସ ଏବଂ ବନାରସ-ବିଶାଖାପାଟଣା ରୁଟ୍‌ରେ ଟ୍ରେନଗୁଡ଼ିକୁ ମଧ୍ୟ ଅପରାହ୍ନ ସାଢ଼େ ୩ଟାରେ ମୁରି ଓ ଚକ୍ରଧରପୁର ଷ୍ଟେଶନ ଦେଇ ଛଡାଯାଇଛି। ଯଥାଶୀଘ୍ର ଅପ୍ ଏବଂ ଡାଉନ ଲାଇନ୍‌ରେ ରେଳ ଚଳାଚଳ ସ୍ୱାଭାବିକ କରାଯିବ। ସେହିପରି କ୍ଷତିଗ୍ରସ୍ତ ଟ୍ରାକ୍‌ଗୁଡ଼ିକର ଯାଞ୍ଚ କରାଯାଉଛି ଏବଂ ଶୀଘ୍ର ଯାତାୟାତ ପୁନଃ ସ୍ଥାପିତ କରିବା ପାଇଁ ପ୍ରୟାସ କରାଯାଉଛି ବୋଲି ରେଲୱେ ସୂତ୍ରରୁ ସୂଚନା ମିଳିଛି।

## ଜାତୀୟ ରାଜପଥରେ ବସ୍ ଦୁର୍ଘଟଣାଗ୍ରସ୍ତ: ୨ ମୃତ, ୭ ଗୁରୁତର

ଜଳେଶ୍ୱର, ୨୯।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଜଳେଶ୍ୱର କୋର୍ଟ ସମ୍ମୁଖରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ଜଣ ଗୁରୁତର ହୋଇଛନ୍ତି।

ମଙ୍ଗଳବାର ଅପରାହ୍ନ ୫ଟାରେ ଏକ ବସ୍ (ନଂ.ଓଡି୦୫ବିଏଲ୍-୭୧୬୫) ଢେଙ୍କାନାଳ ଜିଲା ନୃସିଂହପୁରରୁ କୋଲକାତା ଅଭିମୁଖେ ବାହାରିଥିଲା। ରାତି ୩ଟାରେ ବସ୍ ଜଳେଶ୍ୱର ନୂଆ କୋର୍ଟ ସମ୍ମୁଖ ଦେଇ ଯାଉଥିଲା। ଏହି ସମୟରେ ରାସ୍ତା ଉପରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ବସ୍ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍ ଚାଳକ କଟକ ଜିଲା ସାଲେପୁର ଅଞ୍ଚଳର ମୀର ଅବଦୁଲ ରହିମ୍ (୩୯) ଓ ହେଲପର ମାହାଙ୍ଗାର ନୃସିଂହ କାଠୁଆ (୪୦)ଙ୍କ ମୃତ୍ୟୁ ହୋଇଯାଇଛି।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବୁଧବାର ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଜାତୀୟ ପଛୁଆବର୍ଗ କମିଶନ ଅଧକ୍ଷ ହଂସରାଜ ଗଙ୍ଗାରାମ ଅହିର୍।

## କୁଲାଡ଼ ଉପର ବ୍ୟାଘ୍ରଦେବୀ ମନ୍ଦିରରୁ ଖସିଲା ପଥର



ପଥର ଖସିବା ପରେ କ୍ଷତିଗ୍ରସ୍ତ ଶିବ ମନ୍ଦିର।

ଭଞ୍ଜନଗର,୨୯।୧୦
(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ସହର ନିକଟସ୍ଥ କୁଲାଡ ଉପର ବ୍ୟାଘ୍ରଦେବୀ ମନ୍ଦିରରୁ ବୁଧବାର ସନ୍ଧ୍ୟାରେ ଏକ ବିରାଟ ପଥର ଖସି ପଡ଼ିଛି। ଏହାକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ପଥରଟି ଖସି ତଳକୁ ଆସିବା ସମୟରେ ତଳେ ଥିବା ଶିବ ମନ୍ଦିରରେ ମାଡ଼ ହୋଇ ମନ୍ଦିରର କ୍ଷତି ହୋଇଛି। ପଥର ଖସିବା ବେଳେ ମନ୍ଦିରର ମଧ୍ୟ କିଛି ଅଂଶ କ୍ଷତି ହୋଇଛି। ପ୍ରଶାସନ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଲଗାଣ ବର୍ଷା ଯୋଗୁ ପଥରଟି ଖସି ପଡ଼ିଥିବା ଅନୁମାନ କରାଯାଉଛି।

# କଂଗ୍ରେସ କାର୍ଯ୍ୟାଳୟରେ ପଶିଲା ପୋଲିସ

ନୂଆପଡ଼ା,୨୯।୧୦
(ମକାରୁ ବେମାଲ)



ଦଳୀୟ କର୍ମୀ ଓ ପୋଲିସ କଥା କଟାକଟି ହେଉଛନ୍ତି।

ନୂଆପଡ଼ା ଉପନିର୍ବାଚନକୁ ନେଇ ସ୍ଥାନୀୟ ଖୁଣ୍ଟିଆ ଭବନରେ କଂଗ୍ରେସ ପକ୍ଷରୁ କାର୍ଯ୍ୟାଳୟ ଖୋଲାଯାଇଛି। ବୁଧବାର ପୂର୍ବାହ୍ନରେ ଏହି କାର୍ଯ୍ୟାଳୟରେ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ ଚାଲିଥିଲା। ଏହି ସମୟରେ କଂଗ୍ରେସ ପକ୍ଷରୁ ଟଙ୍କା ବଣ୍ଟାଯାଉଛି ବୋଲି ଖବର ପାଇ ପୋଲିସ କାର୍ଯ୍ୟାଳୟ ଭିତରକୁ ପଶିଥିଲା। ସେ ସମୟରେ କଂଗ୍ରେସ ମୁଖପାତ୍ର ଓ ଅନ୍ୟ କର୍ମକର୍ତ୍ତା ପୋଲିସକୁ ପ୍ରଶ୍ନ କରିଥିଲେ। ଏଠାରେ ଖବରଦାତା ସମ୍ମିଳନୀ ଚାଲିଛି, ଆପଣ କାହିଁକି ଆସିଲେ ବୋଲି ପଚାରିଥିଲେ। ପୋଲିସ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ଟଙ୍କା ବଣ୍ଟାଯାଉଛି ବୋଲି ଅଭିଯୋଗ ପାଇ ତଦନ୍ତରେ ଆସିଥିଲୁ ବୋଲି କହିଥିଲା। ଏହାକୁ ନେଇ କାର୍ଯ୍ୟାଳୟ ବାହାରେ ପୋଲିସ ଓ ଦଳୀୟ କର୍ମୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ପୋଲିସ କାର୍ଯ୍ୟାଳୟ ଛାଡି ଚାଲିଯାଇଥିଲା।

## ମହୁମାଛି ଆକ୍ରମଣରେ ଜଣେ ମୃତ, ୨ ଗୁରୁତର

ଚମ୍ପୁଆ,୨୯।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ବୁଧବାର ମହୁମାଛି ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ଏଥିସହ ୨ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାମଚନ୍ଦ୍ରପୁର ଗ୍ରାମର ମଝିସାହିର ନିରାଶ ମୁଣ୍ଡା (୭୦)। ଗୁରୁତ୍ୱର ଦ୍ୱୟ ମାର୍କଣ୍ଡ ମୁଣ୍ଡା (୫୦), ରାଜା ମୁଣ୍ଡା(୧୪)। ଉଭୟଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ନିରାଶ, ମାର୍କଣ୍ଡ, ରାଜାଙ୍କ ସମେତ ଗ୍ରମାର ଫୁଲମତି ମୁଣ୍ଡା ଓ ଅନ୍ୟ ଜଣେ ମହିଳା ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଛେଳି ଚରାଇବା ସମୟରେ ବଣୁଆ ମହୁମାଛି ପ୍ରଥମେ ରାଜାଙ୍କୁ ଆକ୍ରମଣ କରିଥିଲେ। ପରେ ମାର୍କଣ୍ଡ ମୁଣ୍ଡାଙ୍କୁ ଆକ୍ରମଣ କରିବାରୁ ସମସ୍ତେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଦୌଡ଼ି ପଳାଇବା ସମୟରେ ନିରାଶ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରେ ଉପସ୍ଥିତ ଲୋକେ ତୁରନ୍ତ ୩ ଜଣଙ୍କୁ ଚମ୍ପୁଆ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ନିରାଶଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ରାଜା ଓ ମାର୍କଣ୍ଡଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

## ୧ରୁ ଧାମରା ଦେବୀ ମୁହାଣ, ଗହୀରମଥାରେ ମାଛଧରା କଟକଣା

ରାଜନଗର, ୨୯।୧୦
(ଭାସ୍କର ରାଉତରାୟ)

ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅନ୍ତର୍ଜାତୀୟ ଭାବେ ପ୍ରସିଦ୍ଧ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସମେତ ଧାମରା ମୁହାଣରୁ ଦେବୀ ମୁହାଣ ଯାଏ ୧୬୦ କି.ମି. ପର୍ଯ୍ୟନ୍ତ ନଭେମ୍ବର ୧ରୁ କଇଁଛ ଋତୁ ପାଇଁ କଟକଣା ଲାଗିବ। ନଭେମ୍ବର ୧ରୁ ମେ ୩୧ ଯାଏ ୭ ମାସଧରି ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବର୍ଷ ତମାମ ଟ୍ରଲର ଚଳାଚଳ ଓ ମାଛଧରା ଉପରେ ନିଷେଧାଦେଶ ଥିବାବେଳେ କଇଁଛ ଋତୁ ନିମନ୍ତେ ଧାମରା ମୁହାଣରୁ ଦେବୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ରକୂଳଠାରୁ ୨୦ କି.ମି. ଯାଏ ଯନ୍ତ୍ରଚାଳିତ ଟ୍ରଲର, ବୋଟ ଓ ଭୁଟଭୁଟି ଚଳାଚଳ ବନ୍ଦ ସହିତ ମାଛ ଧରା ଉପରେ କଟକଣା ଜାରି କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବାବୁବାଲି ଓ ମାଦଳିଠାରେ ଦୁଇଟି କ୍ୟାମ୍ପ କରାଯାଇଥିବା ବେଳେ ଏକକୂଳା, ସାତଭାୟା, ଜଉଦିଆ, ଦୋବନ୍ଧି, ତାଲଙ୍ଗ, ଜଟାଧାର, ଷଣ୍ଢକୁଦ ୧, ୨, ହାୱାଖାନା, ରାମତାରା ଓ ବନ୍ଦର ଆଦି ୧୪ ସ୍ଥାନରେ ଟର୍ଟଲ ପ୍ରୋଟେକ୍ସନ କ୍ୟାମ୍ପ କରାଯିବ। ଏହା ସମେତ ବାବୁବାଲି ଓ ଶାସନପେଟାରେ ଗୋଟିଏ ସେକ୍ସନ ଲେଖାଏ ଏପିଆର୍ ଫୋର୍ସ ମୁତୟନ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୬୦ ସ୍ଥାନରେ ଗଛ କାଟି ସଫାକଲା ଅଗ୍ନିଶମ ଟିମ୍





## ବାତ୍ୟା 'ମୋନ୍ଥା' ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ଜାରି

ଭୁବନେଶ୍ୱର,୨୯।୧୦
(ସତ୍ୟଜିତ ରାଉତ)

ବାତ୍ୟା 'ମୋନ୍ଥା' ଦ୍ୱାରା ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲା ଅଧିକ ପ୍ରଭାବିତ ହୋଇଛି। ସେସବୁ ଜିଲାରେ ଅଗ୍ନିଶମ ସେବା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତେବେ ଏଯାଏ ଅଗ୍ନିଶମ ବାହିନୀ ମୋଟ ୬୦ ସ୍ଥାନରେ ଗଛ କାଟି ରାସ୍ତା ସଫା କରିଥିବାବେଳେ ଅନ୍ୟାନ୍ୟ ଉଦ୍ଧାର କାର୍ଯ୍ୟ କରାଯାଉଥିବା ବୁଧବାର ସୂଚନା ଦିଆଯାଇଛି। ଗଜପତି ଜିଲାର ଗୁମ୍ମା ବ୍ଲକ ଅନ୍ତର୍ଗତ ରୁଙ୍ଗୁରୁଙ୍ଗୁବାଠାରେ ଏକ ଗଛ ଉପୁଡ଼ିପଡ଼ିବାରୁ ଜଣେ ବ୍ୟକ୍ତିଙ୍କ ଗୁହାଳ କ୍ଷତିଗ୍ରସ୍ତ ହୋଇଥିଲା। ସେଥିରେ ଥିବା ଦୁଇଟି ଗାଈ ଗୁରୁତର ଆହତ ହୋଇଥିଲେ। ଗୁମ୍ମା ଅଗ୍ନିଶମ କେନ୍ଦ୍ରର ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଗାଈକୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନାନ୍ତର କରିଥିଲେ। ଅନ୍ୟ ଏକ ଘଟଣାରେ ଗଜପତି ଜିଲା ମୁନିସିଂ ହାଇସ୍କୁଲ ନିକଟରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିବାରୁ ରାସ୍ତା ଅବରୋଧ ହୋଇଥିଲା। ଗୁମ୍ମା ଅଗ୍ନିଶମ ଟିମ୍ ଗଛ କାଟିରାସ୍ତା ସଫା କରିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେପଟେ କୋରାପୁଟ ଜିଲା ନନ୍ଦପୁର ଅଗ୍ନିଶମ ଟିମ୍ ଭଣ୍ଡାରୀସାହିସ୍ଥିତ ଏକ ଘର ଛାତ ଉପରେ ପଡ଼ିଥିବା ବଡ଼ ଗଛକୁ ସଫା କରିବାରୁ ବଡ଼ ଦୁର୍ଘଟଣାରୁ ପରିବାର ବର୍ତ୍ତି ଯାଇଥିବା ସୂଚନା ଦିଆଯାଇଛି। ଗଜପତି ଜିଲାରେ ସର୍ବାଧିକ ୧୬ ସ୍ଥାନ ଓ ଗଞ୍ଜାମ ଜିଲାର ୯ଟି ଅଞ୍ଚଳରେ ଗଛ କଟାଯାଇ ରାସ୍ତା ସଫା କରାଯାଇଛି। ସେହିପରି କୋରାପୁଟ ଜିଲାରେ ୧୪ଟି ଘଟଣାରେ ଉଦ୍ଧାର କାର୍ଯ୍ୟ କରାଯାଇଛି। ରାୟଗଡା ଜିଲାରେ ୭ଟି ସ୍ଥାନ, କନ୍ଧମାଳରେ ୩, ମାଲକାନଗିରିରେ ୨, ବଲାଙ୍ଗୀରରେ ୨ଟି ସ୍ଥାନରେ ଗଛ ହଟାଯାଇଛି। ସେହିପରି ମୟୂରଭଞ୍ଜର କପ୍ତିପଦାର ପେଡ଼ାଗଡ଼ି, କଟକ ଏବଂ କେନ୍ଦୁଝର ଚମ୍ପୁଆ ନୋଡାଲ୍ ଗାର୍ଲ୍ସ ହାଇସ୍କୁଲ୍ ଅଞ୍ଚଳରେ ପଡ଼ିଥିବା ଗଛ ହଟାଯାଇଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲାରେ ୪ଟି ଏବଂ ପୁରୀ ଜିଲାରେ ୪ଟି ସ୍ଥାନରେ ଜଳ ନିଷ୍କାସନ କରାଯାଇଛି। ଗଜପତି ଜିଲା ରାମଗିରି ଓ ଗର୍ଭାରେ ୨ଟି ଭୂସ୍ଖଳନ ଘଟଣା ଏବଂ କୋରାପୁଟ ଜିଲାର ବରିପୁର ଘାଟିରେ ଗୋଟିଏ ଭୂସ୍ଖଳନ ଘଟଣାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏନେଇ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଭୁବନେଶ୍ୱରରେ ୨୪ ଘଣ୍ଟିଆ ରାଜ୍ୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ଆମେ ବିପର୍ଯ୍ୟୟ ପରର ସ୍ଥିତିକୁ ପୂର୍ବବସ୍ଥାକୁ ଫେରିଆଣିବାକୁ ଚେଷ୍ଟା କରୁଛୁ ବୋଲି ଡିଜି କହିଛନ୍ତି।

## ଗ୍ରହଣୀୟ ହେଉନି 'ଆୟୁଷ୍ମାନ୍': ବିଜେଡି

ଭୁବନେଶ୍ୱର,୨୯।୧୦
(ରବିନାରାୟଣ ଜେନା)

ସ୍ୱାସ୍ଥ୍ୟସେବା କ୍ଷେତ୍ର ଲାଗି ଭାଜପା ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ପ୍ରଧାନମନ୍ତ୍ରୀ ଆୟୁଷ୍ମାନ୍ ଭାରତ ଯୋଜନା ରାଜ୍ୟରେ ଏପର୍ଯ୍ୟନ୍ତ ଗ୍ରହଣୀୟ ହୋଇପାରିନାହିଁ ବୋଲି ବିଜେଡି କହିଛି। ବୁଧବାର ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ବଦଳରେ ଓଡ଼ିଶାରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁହେଲା। ହେଲେ ବିଏସ୍‌କେୱାଇରେ ମିଳୁଥିବା ସୁବିଧାଗୁଡ଼ିକ ଆୟୁଷ୍ମାନ୍ ଯୋଜନାରେ ମିଳୁ ନ ଥିବାରୁ ହିତାଧିକାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଏସ୍‌କେୱାଇରେ ରୋଗୀଜଣକ ସିଧାସଳଖ ହସ୍ପିଟାଲରେ ଭର୍ତ୍ତି ହୋଇପାରୁଥିବା ବେଳେ ଆୟୁଷ୍ମାନ୍‌ରେ ଓଟିପି ଭେରିଫିକେଶନ ବାଧ୍ୟତାମୂଳକ ହୋଇଥିବାରୁ ରୋଗୀଙ୍କୁ ହସ୍ପିଟାଲରେ ଚିକିତ୍ସା ପାଇଁ ୮ରୁ ୧୦ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏଥିଯୋଗୁ ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀ ଚିକିତ୍ସିତ ହୋଇ ନ ପାରି ପ୍ରାଣ ହରାଉଥିବା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ଲେନିନ୍ ଆହୁରି କହିଛନ୍ତି, ପୂର୍ବ ସରକାର ମ୍ୟାଲେରିଆ ନିୟନ୍ତ୍ରଣରେ ନୂତନ କୀର୍ତ୍ତିମାନ ହାସଲ କରିଥିବା ବେଳେ ୨୦୨୪ରେ ଓଡ଼ିଶାରେ ମାଲେରିଆ ମାମଲା ୬୩.୬% ବୃଦ୍ଧି ପାଇଛି।

# ଆସନ୍ତାକାଲିକୁ ଜୟ କରନ୍ତୁ

## ବିଶ୍ୱ ସଞ୍ଚୟ ଦିବସ

ଟଙ୍କା ସଞ୍ଚୟର ଗୁରୁତ୍ୱ ବିଷୟରେ ସଚେତନ କରାଇବା ଲାଗି ପାଳିତ ହୋଇଆସୁଛି ବିଶ୍ୱ ସଞ୍ଚୟ(ବଚତ୍) ଦିବସ। ଏହି ଦିବସ ଆମ ଦେଶରେ ଅକ୍ଟୋବର ୩୦ ଏବଂ ବିଶ୍ୱ ସ୍ତରରେ ଅକ୍ଟୋବର ୩୧ରେ ପାଳନ କରାଯାଏ। ଟଙ୍କା ଘରେ ରଖିବା ପରିବର୍ତ୍ତେ ବ୍ୟାଙ୍କରେ ସଞ୍ଚୟ କରିବାର ଧାରଣା ବିଷୟରେ ସୂଚନା ଦେବା ନିମନ୍ତେ 'ବିଶ୍ୱ ସଞ୍ଚୟ ଦିବସ' ୧୯୨୪ ମସିହାରେ ପ୍ରଥମେ ଇଟାଲୀରେ ଆରମ୍ଭ ହୋଇଥିଲା। ଏହାର ସୂତ୍ରଧର ଥିଲେ ଇଟାଲୀୟ ପ୍ରଫେସର ଫିଲିପୋ ରବିଜା।



ଚଳିତବର୍ଷ ଏହି ଦିବସଲାଗି ବିଷୟବସ୍ତୁ ରହିଛି 'ଆପଣଙ୍କର ଆସନ୍ତାକାଲିକୁ ଜୟ କରନ୍ତୁ'। ଯାହା ବିଶ୍ୱ ସଞ୍ଚୟ ଏବଂ ଖୁଚୁରା ବ୍ୟାଙ୍କିଂ ପ୍ରତିଷ୍ଠାନ (ଡବ୍ଲ୍ୟୁଏସ୍‌ବିଆଇ) ଦ୍ୱାରା ଆରମ୍ଭ କରାଯାଇଛି। ଏଥି ସହ ଜଡିତ ଏକ ଅଭିଯାନ 'ଏହା ଏକ ସଞ୍ଚୟ ଆକାଉଣ୍ଟ ନୁହେଁ' ବାର୍ତ୍ତା ବହନ କରେ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଲୋକେ ସଞ୍ଚୟକୁ କେବଳ ବ୍ୟାଙ୍କରେ ଟଙ୍କା ରଖିବା ଅପେକ୍ଷା ଅଧିକ କିଛି ଦେଖାଇ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା। ଏହା ସୂଚିତ କରେ ଯେ, ସଞ୍ଚୟ କିପରି ବ୍ୟକ୍ତି, ପରିବାର ଏବଂ ସମ୍ପ୍ରଦାୟ ସକାଶେ ଆର୍ଥିକ ସ୍ଥିରତା, ସୁରକ୍ଷା ଏବଂ ଏକ ସ୍ଥିର ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରେ। ଏଥିସହିତ ଆସନ୍ତା କାଲିକୁ ସୁରକ୍ଷିତ କରିବା ପାଇଁ ଆଜି ପ୍ରସ୍ତୁତ ହେବାର ଧାରଣାକୁ ପ୍ରୋତ୍ସାହିତ କରେ।


# ଝୋଟ ପାଇଁ ଭାରତ ସରକାରଙ୍କ ତରଫରୁ ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ର ଘୋଷଣା

ଭାରତ ସରକାର ଛଅଗୋଟି ଝୋଟ ଉତ୍ପାଦନକାରୀ ରାଜ୍ୟରେ ଭାରତୀୟ ଝୋଟ ନିଗମ ଲିମିଟେଡ୍ (ଜେସିଆଇ)ର ୧୧୦ଟି କ୍ରୟ କେନ୍ଦ୍ର ଓ ୧୪ଟି ଆଞ୍ଚଳିକ କାର୍ଯ୍ୟାଳୟ ମାଧ୍ୟମରେ ଚାଷୀମାନଙ୍କୁ ଏମ୍ଏସ୍‌ପି ସହାୟତା ପ୍ରଦାନ କରୁଛନ୍ତି

JCI ଭାରତୀୟ ଝୋଟ ନିଗମ ଲିମିଟେଡ୍ (ଜେସିଆଇ) କଞ୍ଚା ଝୋଟ ପାଇଁ କେନ୍ଦ୍ରୀୟ ନୋଡାଲ ଏଜେନ୍ସି ଅଟେ

## ଏମ୍ଏସ୍‌ପି ଦର : ୨୦୨୫-୨୬

ସାରା ଭାରତରେ ୨୦୨୫-୨୦୨୬ ଫସଲ ଋତୁ ପାଇଁ କଞ୍ଚା ଝୋଟ ମେସ୍ତା ଓ ବିମ୍ଲିର ବିଭିନ୍ନ କିସମ ଓ ଗ୍ରେଡ୍ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନିମ୍ନ ଅନୁଯାୟୀ ସ୍ଥିର କରାଯାଇଛି:

**ସମଗ୍ର ଭାରତ**

| କିସମ | ଗ୍ରେଡ୍ ⇨ | ଟିଡି-୧/ଡବ୍ଲ୍ୟୁ୧ | ଟିଡି-୨/ଡବ୍ଲ୍ୟୁ୨ | ଟିଡି-୩/ଡବ୍ଲ୍ୟୁ୩ | ଟିଡି-୪/ଡବ୍ଲ୍ୟୁ୪ | ଟିଡି-୫/ଡବ୍ଲ୍ୟୁ୫ | |
|---|---|---|---|---|---|---|---|
| ଟୋସ୍ସା/ହ୍ୱାଇଟ୍ | ₹ / କୁଇଣ୍ଟାଲ | ୬୩୫୦ | ୬୧୫୦ | ୫୬୫୦ | ୫୧୨୫ | ୪୮୭୫ | |
| କିସମ | ଗ୍ରେଡ୍ ⇨ | ଏମ୍୧ / ଓ.ଟିଓପି | ଏମ୍୨ / ଏସ୍.ଏମ୍ଆଇଡି | ଏମ୍୩ / ଏମ୍ଆଇଡି | ଏମ୍୪ / ବିଓଟି | ଏମ୍୫ / ବି.ବିଓଟି | ଏମ୍୬ / ଏକ୍ସ.ବିଓଟି |
| ମେସ୍ତା / ବିମ୍ଲି | ₹ / କୁଇଣ୍ଟାଲ | ୪୧୩୫ | ୩୯୮୫ | ୩୮୬୦ | ୩୭୬୦ | ୩୬୬୦ | ୩୫୬୦ |

ଭାରତୀୟ ଝୋଟ ନିଗମ ଲିମିଟେଡ୍ (ଜେସିଆଇ) ୧୯୭୧ରେ ଏହାର ଗଠନ ପରଠାରୁ ଝୋଟ ଚାଷୀମାନଙ୍କୁ ସହାୟତା କରିଆସିଛି

- ୧୦ ବର୍ଷରେ ଏମ୍ଏସ୍‌ପି ୧୩୫% ବୃଦ୍ଧି - ସିଓ୍ୱାଇ ୨୦୧୪-୧୫ରେ ଥିବା ₹୨୪୦୦/କୁଇଣ୍ଟାଲ ସିଓ୍ୱାଇ ୨୦୨୫-୨୬ରେ ₹୫୬୫୦/କୁଇଣ୍ଟାଲକୁ ବୃଦ୍ଧି ପାଇଛି
- ନୂଆ ରାଜ୍ୟରେ ଏମ୍ଏସ୍‌ପି କାର୍ଯ୍ୟ ଆରମ୍ଭ - ନାଗାଲାଣ୍ଡ, ମେଘାଳୟ, ଝାଡ଼ଖଣ୍ଡ
- ୩ କାର୍ଯ୍ୟଦିବସ ମଧ୍ୟରେ ଚାଷୀଙ୍କୁ ଦେୟରାଶି ବିତରଣ
- ବାସ୍ତବ ସମୟ ଭିତ୍ତିରେ ସ୍ୱଚ୍ଛତା ଆଣିବା, ଅନୁସନ୍ଧାନଯୋଗ୍ୟତା, ମୂଲ୍ୟ ଆବିଷ୍କାର ତଥା ଦ୍ରବ୍ୟ ତାଲିକା ପରିଚାଳନା ପାଇଁ ବ୍ଲକ୍ ଚେନ୍ ଟେକ୍ନୋଲୋଜି ଭିତ୍ତିରେ ଇ-ଯୋଗାଣ ଶୃଙ୍ଖଳ ତଥା ଇ-ନିଲାମ ପ୍ଲାଟ୍‌ଫର୍ମ ଯୋଜନା ପଥରେ
- କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କଠାରୁ ତ୍ୱରିତ ଭାବେ ଉତ୍ପାଦ କିଣିବା ପାଇଁ ପରିଚାଳନା କାର୍ଯ୍ୟର ଡିଜିଟାଲାଇଜେଶନ୍
- ଜେସିଆଇ "ଏକ କାର୍ଯ୍ୟାନ୍ୱୟନକାରୀ ଏଜେନ୍ସି ଭାବେ" ୧୧ ବର୍ଷ ଧରି ଜ୍ୟୁଟ୍ ଏଗ୍ରୋନୋମି ଡେଭଲପମେଣ୍ଟ ପ୍ରୋଜେକ୍ଟ ଆଇ-କେୟାର୍‌ର ପରିଚାଳନା କରିଆସୁଛି
- ସବ୍‌ସିଡିଯୁକ୍ତ (୫୦%) ଉଚ୍ଚ ଅମଳକ୍ଷମ ପ୍ରମାଣିତ ବିହନ ବିତରଣ
- ଚାଷୀମାନଙ୍କ ପାଇଁ ଆଧୁନିକ କୃଷିବିଜ୍ଞାନ ଯନ୍ତ୍ରପାତି ନିଃଶୁଳ୍କରେ ବିତରଣ
- ନିଃଶୁଳ୍କ ରେଟିଂ ଆକ୍ସିଲିରେଟର୍ସ ବିତରଣ
- ନିଃଶୁଳ୍କ ପ୍ରଦର୍ଶନ ଓ ସଚେତନାତା କାର୍ଯ୍ୟକ୍ରମ
- ୨୦୧୫ଠାରୁ ୨.୧୫ ଲକ୍ଷ ହେକ୍ଟର ଜମିରେ ୫.୬ ଲକ୍ଷ ଚାଷୀମାନଙ୍କୁ ଲାଭାନ୍ୱିତ କରୁଛି






ଜେସିଆଇ ଶୁଭାରମ୍ଭ କରିଛି ପିଏଏଟି ମିତ୍ରୋ ଆପ୍ ଯାହା ଯୋଗାଉଛି:
- ଏମ୍ଏସ୍‌ପି ଦର ଏବଂ କ୍ରୟ କେନ୍ଦ୍ରର ସୂଚନା।
- କୃଷିବିଜ୍ଞାନ ପରାମର୍ଶ।
- ପାଣିପାଗର ସୂଚନା।
- ଝୋଟର ଗୁଣବତ୍ତା ମାନଦଣ୍ଡ।
- ସଂଗ୍ରହଣ ପରେ ଦେୟ ପରିଶୋଧ ସ୍ଥିତି।

ବିଗତ ଦୁଇ ଦଶନ୍ଧିରେ ଭାରତ ସରକାରଙ୍କ ଦ୍ୱାରା ଏମ୍ଏସ୍‌ପି ଜରିଆରେ କରାଯାଇଥିବା କ୍ରୟଗୁଡ଼ିକର ତୁଳନା
(୨୦୦୫-୨୦୧୪ : ୨୦୧୫ - ୨୦୨୪)

| ୨୦୦୫-୨୦୧୪ | | ୨୦୧୫ - ୨୦୨୪ | |
|---|---|---|---|
| ପରିମାଣ (ଆନୁମାନିକ ଲକ୍ଷ ବେଲ୍‌ସରେ) | ମୂଲ୍ୟ (କୋଟି ₹ ରେ) | ପରିମାଣ (ଆନୁମାନିକ ଲକ୍ଷ ବେଲ୍‌ସରେ) | ମୂଲ୍ୟ (କୋଟି ₹ ରେ) |
| ୧୫ | ୩୮୦ | ୧୮ | ୧୩୪୫ |

JCI
ଦ୍ୟ ଜୁଟ କର୍ପୋରେଶନ ଅଫ ଇଣ୍ଡିଆ ଲିମିଟେଡ
भारतीय पटसन निगम लिमिटेड
The Jute Corporation of India Limited
A Government of India CPSE under Ministry of Textiles
ମୁଖ୍ୟ କାର୍ଯ୍ୟାଳୟ: ପଟସାନ ଭବନ, ୩ୟ ଓ ୪ର୍ଥ ମହଲା, ବ୍ଲକ୍-ସିଏଫ୍, ଆକ୍ସନ୍ ଏରିଆ-୧
ନ୍ୟୁ ଟାଉନ୍, କୋଲକାତା-୭୦୦୧୫୬, ଫୋନ୍: (୦୩୩) ୨୨୫୨ ୧୧୦୦ / ୬୨୭୦ / ୬୬୭୦ / ୨୧୦୭ / ୨୧୦୯
ଫାକ୍ସ: (୦୩୩) ୨୨୫୨ ୧୬୭୧ । ଇମେଲ: jci@jcimail.in. www.jutecorp.in

ପଶ୍ଚିମବଙ୍ଗ:
ଆଞ୍ଚଳିକ କାର୍ଯ୍ୟାଳୟ (ଆରଓ): କୋଲକାତା ଆରଓ, କ୍ରୀଶନଗର ଆରଓ, ବେଥୁଆଦାହାରି ଆରଓ, ବ୍ରହ୍ମପୁର ଆରଓ, ସିଲିଗୁଡ଼ି ଆରଓ, କୁଚ୍‌ବିହାର ଆରଓ, ମାଲ୍‌ଦା ଆରଓ

ଆସାମ:
ବିହାର:
ଓଡ଼ିଶା: ଆରଓ: ଭଦ୍ରକ ଆରଓ ପର୍ଚେଜ୍ ସେଣ୍ଟର୍ସ (ଡିପିସି): ଧାମନଗର, ଭଦ୍ରକ, କେନ୍ଦ୍ରପାଟଣା, ସାଇଲଙ୍ଗ, ଦାନପୁର, ମାର୍ଶାଘାଇ
ଆନ୍ଧ୍ରପ୍ରଦେଶ:
ତ୍ରିପୁରା:

CBC 41122/15/0035/2526

“ କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। –ଶ୍ରୀମା



# ସନ୍ଥଙ୍କ ରହସ୍ୟମୟ ମୃତ୍ୟୁ



ଦେବଦତ୍ତ ପଟ୍ଟନାୟକ

ଦ୍ୱାଦଶ ଶତାବ୍ଦୀରେ ଗୁଜରାଟ ଓ ମହାରାଷ୍ଟ୍ରରେ ଚକ୍ରଧର ସ୍ୱାମୀ ନାମକ ଜଣେ ବ୍ୟକ୍ତି ଥିଲେ। ସେ କୃଷ୍ଣଙ୍କ ଭକ୍ତି ବାଣୀ ପ୍ରଚାର କରୁଥିଲେ। ତାଙ୍କ କୃଷ୍ଣ ଭକ୍ତିରେ ରାଧାଙ୍କୁ ସେ ସମିଲକରି ନ ଥିଲେ। ତାଙ୍କ ଭକ୍ତି ଥିଲା ଅଦ୍ୱୈତ ଅର୍ଥାତ୍ ପରମେଶ୍ୱର କୃଷ୍ଣ ହିଁ ଏକ। ଏହି ଭକ୍ତି ପବିତ୍ରତା ଓ ବ୍ରହ୍ମଚର୍ଯ୍ୟ ଉପରେ ଆଧାରିତ ଥିଲା। ତେବେ ଜଣେ ଉଚ୍ଚ ଖ୍ୟାତିସମ୍ପନ୍ନ ପଣ୍ଡିତଙ୍କ ମତରେ, ସେ ସ୍ଥାନୀୟ ବ୍ରାହ୍ମଣ ସମୁଦାୟଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ ଏବଂ ଏମାନଙ୍କ ପ୍ରଭାବରେ ଯାଦବ ରାଜା ତାଙ୍କ ମୁଣ୍ଡ କାଟ ପାଇଁ ସୈନ୍ୟମାନଙ୍କୁ ପଠାଇଲେ। ଚକ୍ରଧର ସ୍ୱାମୀ କୌଣସି ପ୍ରକାରେ ସେହି ଆକ୍ରମଣରୁ ନିଜ ଜୀବନ ରକ୍ଷା କରିବା ପାଇଁ ସକ୍ଷମ ହୋଇଥିଲେ। ମୁଣ୍ଡଠାରୁ ଅଲଗା ହୋଇଥିବା ତାଙ୍କ ଶରୀର ପୁଣି ମୁଣ୍ଡକୁ ଉଠାଇ ଆଣି ତାଙ୍କ ବେକରେ ଲଗାଇଦେଇଥିଲେ। ସେ ପୁନର୍ଜୀବନ ପ୍ରାପ୍ତ ହୋଇ ଜଣେ ଯୋଗୀ ହେବା ପାଇଁ ହିମାଳୟ ଅଭିମୁଖେ ଯାତ୍ରା କରିଥିଲେ। ଏହିପରି ଭାବେ ଭକ୍ତି ମାର୍ଗର ସନ୍ନ୍ୟାସୀଙ୍କ ସହ ଲଢ଼େଇ ଭାରତର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳେ।

ପଞ୍ଚଦଶ ଶତାବ୍ଦୀର ସନ୍ଥ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମସ୍ଥାନ ପଶ୍ଚିମବଙ୍ଗ। ଓଡ଼ିଶାର ପୁରୀରେ ତାଙ୍କର ବହୁ ଭକ୍ତ ଥିଲେ। ସେ ସର୍ବସାଧାରଣ ସ୍ଥାନରେ ନାମ ଓ ଭକ୍ତି ସଙ୍ଗୀତ ଗାନ କରୁଥିଲେ। ତାଙ୍କର ଭକ୍ତି ମାର୍ଗକୁ ସ୍ଥାନୀୟ ପୂଜକମାନେ ସହଜରେ ଗ୍ରହଣ କରିପାରୁ ନ ଥିଲେ, ଯେଉଁମାନେ ସାଖ୍ୟ ଭାବ (ବନ୍ଧୁତ୍ୱ) ମାର୍ଗରେ ଦେବତ୍ୱ ପ୍ରାପ୍ତି ହୋଇଥାଏ ବୋଲି ଭାବୁଥିଲେ। କୁହାଯାଏ, ଚୈତନ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ସହ ନିମଗ୍ନ ହୋଇଯାଇଥିଲେ। ତେବେ ଅନେକ ଶତାବ୍ଦୀ ପରେ ତାଙ୍କ ଉପରେ ଲିଖିତ ଜୀବନୀ ଚରିତରେ ଅନେକ ପ୍ରକାର କଥା ଉଲ୍ଲେଖ ରହିଛି। ଅନେକେ ଦାବି କରନ୍ତି, ସେ ସମୁଦ୍ର ମଧ୍ୟକୁ ଚାଲିଯାଇ ଅଦୃଶ୍ୟ ହୋଇଯାଇଥିଲେ। ଆଉ କେହି ଦର୍ଶାଇଛନ୍ତି, ତାଙ୍କ ମନ୍ଦିର ବାହାରେ ଦେଖିବାକୁ ମିଳିଥିଲା। ଏପରିକି ଏକ ଲେଖାରେ କୁହାଯାଇଛି, ତାଙ୍କୁ ସ୍ଥାନୀୟ ବ୍ରାହ୍ମଣମାନେ ଆକ୍ରମଣ କରିଥିଲେ। କିନ୍ତୁ ଏହିସବୁ ଲେଖା ବା ସିଦ୍ଧାନ୍ତଗୁଡ଼ିକର କୌଣସି ପ୍ରମାଣ ନାହିଁ। କିନ୍ତୁ ଚୈତନ୍ୟ ମହାପ୍ରଭୁଙ୍କ ମୃତ୍ୟୁ ଅଦ୍ୟାବଧି ରହସ୍ୟମୟ ତଥା କଳ୍ପନାର ଉତ୍ସ ହୋଇ ରହିଯାଇଛି।

ମରାଠୀ ସନ୍ଥ ତୁକାରାମ ପଣ୍ଡରପୁରଙ୍କ ପାଇଁ ତାଙ୍କ ଭକ୍ତି ସଙ୍ଗୀତ ସକାଶେ ବିଖ୍ୟାତ। ମହାରାଷ୍ଟ୍ରରେ କୃଷ୍ଣଙ୍କ ସ୍ଥାନୀୟ ରୂପ ହେଉଛି ପଣ୍ଡରପୁର। ସେ ସଶରୀରରେ ବୈକୁଣ୍ଠ ଯାଇଛନ୍ତି ବୋଲି କୁହାଯାଏ। ଏଭଳି ଧାରଣାକୁ ଅନେକ ଲେଖା ଏବଂ ଚଳଚ୍ଚିତ୍ରରେ ମଧ୍ୟ ଦର୍ଶାଯାଇଛି।



ସ୍ଥାନୀୟ ଭାଷାରେ ରଚିତ ତାଙ୍କ କାବ୍ୟକୁ ଭୌତିକ ସୁଖକୁ ଭୁଲ୍ ବୁଝୁଥିବା ଶୁଦ୍ଧାଚାରୀବାଦୀମାନେ ବିରୋଧ କରିଥିଲେ। ସେମାନେ ବିଶ୍ୱାସ କରୁଥିଲେ, ଭଗବାନ୍‌ଙ୍କ କଥା କେବଳ ସଂସ୍କୃତରେ ଉପସ୍ଥାପିତ ହେବା ଉଚିତ। ଏହି କଥାକୁ ବିଚାରକୁ ନେଲେ ତାଙ୍କର ଏହା ଏକ ପ୍ରାକୃତିକ ନା ହିଂସାତ୍ମକ ମୃତ୍ୟୁ, ତାହାକୁ ନେଇ ପ୍ରଶ୍ନ ଉଠେ।

ରାଜପୁତ ରାଜକୁମାରୀ ମୀରାବାଈ ସବୁ ସ୍ଥାନରେ ବୁଲି ବୁଲି ଭକ୍ତିସଙ୍ଗୀତ ଗାନ କରୁଥିଲେ ଏବଂ ତାଙ୍କ ରାଜପୁତ ପରିବାର ସହଜରେ ଏହାକୁ ଗ୍ରହଣ କରିପାରୁ ନ ଥିଲେ। କୁହାଯାଇଛି, ସେ ଦ୍ୱାରକାରେ ପ୍ରଭୁ କୃଷ୍ଣଙ୍କ ମୂର୍ତ୍ତିରେ ଲୀନ ହୋଇଯାଇଥିଲେ। ଏଥିରୁ କ'ଣ ବୁଝାପଡୁଛି? ଏହା ଅନର କିଲିଂ ବା ସମ୍ମାନ ପାଇଁ ମୃତ୍ୟୁ ହୋଇପାରେ ବୋଲି ନାରୀବାଦୀମାନେ ଦାବି କରନ୍ତି। କିନ୍ତୁ ଭକ୍ତିମାର୍ଗୀମାନେ ସୂଚିତ କରନ୍ତି,ଏହା ଏକ ଆଧ୍ୟାତ୍ମିକ, ଅଲୌକିକି ତଥା ଚମତ୍କାର ଘଟଣା ଥିଲା। ତାମିଲନାଡୁରେ ଅଷ୍ଟମ ଓ ନବମ ଶତାବ୍ଦୀରେ ନାୟନାର ସନ୍ଥ ନନ୍ଦନାର ସକ୍ରିୟ ଥିଲେ। ସେ ଥିଲେ ନୀଚବର୍ଗର ଏବଂ ଜଣେ ଶିବଭକ୍ତ। ସେ ଶିବ ସ୍ତୁତି ଗାନ କରୁଥିଲେ ଏବଂ ଶିବ ମନ୍ଦିରରେ ପ୍ରବେଶ କରିବାକୁ ଚାହୁଁଥିଲେ। ନିଜକୁ ଅଗ୍ନିରେ ଶୁଦ୍ଧକଲେ ମନ୍ଦିରରେ ପ୍ରବେଶ କରିପାରିବେ ବୋଲି ତାଙ୍କୁ କୁହାଯାଇଥିଲା ଏବଂ ସେ ତାହା କରିଥିଲେ। ନିଆଁରେ ଝାସ ଦେଇ ବଞ୍ଚିବାର ଏହା ଏକ କାଳ୍ପନିକ କଥା ନା ତାଙ୍କ ଜାତି ପରିବର୍ତ୍ତନ ସମ୍ପର୍କିତ ରୀତିନୀତିର ଏକ ବର୍ଣ୍ଣନା କିମ୍ବା ଉଚ୍ଚଜାତିର କ୍ଷେତ୍ରକୁ ଗ୍ରହଣ କରିବାର ବିଷୟ, ତାହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ରଢ଼ିବାଦକୁ ଯେଉଁ ସନ୍ଥମାନେ ବିରୋଧ କରିଥିଲେ ସେମାନଙ୍କର ମୃତ୍ୟୁ ରହସ୍ୟଜନକ ଭାବେ ଘଟିଛି କିମ୍ବା ନିଜେ ସମାଧି ନେଇଥିବା (ଜ୍ଞାନଦେବ ଯୁବାବସ୍ଥାରେ ନିଜେ ସମାଧି ନେଇଛନ୍ତି) କଥା କୁହାଯାଇଛି, ଯାହାକୁ ନେଇ ପ୍ରଶ୍ନ ଉଠୁଛି। ଏହିସବୁ କାହାଣୀରେ ସେସମୟର ପ୍ରାୟୋଜିତ କିଛି ବାଧ୍ୟବାଧକତାକୁ ସୂଚିତ କରିବାକୁ ଚେଷ୍ଟା କରାଯାଇଛି କି?

ଏପରିକି ଏବେ ମଧ୍ୟ ଧର୍ମରେ ପ୍ରାଧାନ୍ୟ ବଢ଼ାଇବା ପାଇଁ ବିଭିନ୍ନ ଧର୍ମୀୟ ବିଚାର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି। ସନାତନୀ ସାତ୍ତ୍ୱିକ ଧର୍ମ ଏବେ ନିଜକୁ ଶ୍ରେଷ୍ଠ ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛି, ଏପରିକ ଅନେକ ସମୟରେ ସରକାରୀ ସହଯୋଗରେ ଏହା କରାଯାଉଛି। ଇତିହାସରେ ପ୍ରଥମ ଥର ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ମହାକାବ୍ୟର କାହାଣୀ, ଭକ୍ତି କାବ୍ୟ କିମ୍ବା ବେଦାନ୍ତ ଦର୍ଶନ ବଦଳରେ ମନୁସ୍ମୃତି ମାଧ୍ୟମରେ ହିନ୍ଦୁଧର୍ମ ସମ୍ପର୍କରେ ଶିକ୍ଷା ଦିଆଯାଉଛି। ବୈଷ୍ଣବ ଗ୍ରନ୍ଥ ଭଗବଦ୍ ଗୀତା ହିନ୍ଦୁଧର୍ମର ସବୁଠୁ ପବିତ୍ର ଗ୍ରନ୍ଥ ବୋଲି ଆମକୁ କୁହାଯାଉଛି, ଯାହା ଅଦ୍ୱୈତ ଧର୍ମର ପବିତ୍ର ଗ୍ରନ୍ଥର ସିଦ୍ଧାନ୍ତକୁ ପରିହାସ କରେ। କିନ୍ତୁ ଶ୍ରୀରଙ୍ଗମର ବୈଷ୍ଣବ ବ୍ରାହ୍ମଣମାନେ ବିଷ୍ଣୁ ପୁରାଣକୁ ସ୍ୱୀକାର କରନ୍ତି ଏବଂ ଗରୁଡ଼କୁ ପୂଜା କରୁଥିବାବେଳେ ଉଡୁପିର ମହାଦେବ ବ୍ରାହ୍ମଣମାନେ ଭାଗବତ ପୁରାଣକୁ ଗ୍ରହଣ କରନ୍ତି ଓ ହନୁମାନଙ୍କୁ ପୂଜା କରିଥାନ୍ତି। ଗୁଜରାଟର ପୁଷ୍ଟିମାର୍ଗୀମାନେ ଏକ ହିନ୍ଦୁଧର୍ମକୁ ଅନୁସରଣ କରିଥାନ୍ତି ଯାହା ସେହି ରାଜ୍ୟରେ ଜଣାଶୁଣା ସ୍ୱାମୀନାରାୟଣମାର୍ଗୀଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ହିନ୍ଦୁଧର୍ମ କେବେ ବି ଏକ ରୂପରେ ପରିପ୍ରକାଶ ହୋଇନାହିଁ। ତେବେ ଭକ୍ତି ଇତିହାସରୁ ଜଣାପଡ଼େ, ଯେ, ହିନ୍ଦୁଧର୍ମର ବିକଳ୍ପ ବିଚାରଗୁଡ଼ିକୁ ଧ୍ୱଂସ କରାଯାଇଛି ଏବଂ ଧର୍ମରେ ଥିବା ଉଚ୍ଚବର୍ଗର ବ୍ୟକ୍ତିମାନେ ସେମାନଙ୍କ ମାର୍ଗକୁ ଅନୁସରଣ କରିବା ପାଇଁ ବାଧ୍ୟ କରିଛନ୍ତି।

ଏହା କେବଳ ହିନ୍ଦୁଧର୍ମରେ ସୀମିତ ନାହିଁ। ରୋମ୍‌ରେ କ୍ୟାଥଲିକମାନେ ପୋପ୍‌ଙ୍କୁ ଅନୁସରଣ କରନ୍ତି। ରଢ଼ିବାଦୀ ଖ୍ରୀଷ୍ଟିଆନମାନେ ରୁଷିଆ ଓ ଗ୍ରୀସ୍‌ର ନେତାମାନଙ୍କୁ ଅନୁସରଣ କରନ୍ତି। ପ୍ରୋଟେଷ୍ଟାଣ୍ଟଙ୍କର ନିଜସ୍ୱ ଚର୍ଚ୍ଚ ଅଛି। କେତେକ ଚର୍ଚ୍ଚରେ ଧର୍ମଯାଜକଙ୍କୁ ବିବାହ କରିବା ପାଇଁ ଅନୁମତି ରହିଛି। କେତେକଙ୍କ ସମଲିଙ୍ଗୀ ବିବାହ ପାଇଁ ଅନୁମତି ଦିଆଯାଏ। ଇସ୍‌ଲାମ ସମ୍ପୂର୍ଣ୍ଣ ଭାବେ ବିରୋଧୀ ବିଚାରରେ ପରିପୂର୍ଣ୍ଣ। ଶିୟା, ସୁନ୍ନି ଏବଂ ସୁଫିମାନେ ଅନେକ ବିଷୟରେ ଏକମତ ନୁହନ୍ତି, ଯେଉଁଥିପାଇଁ ହିଂସକ ଲଢ଼େଇ ଜାରି ରହିଛି। ବୌଦ୍ଧଧର୍ମାବଲମ୍ବୀଙ୍କ ବିଚାରକୁ ନେଇ ସବୁବେଳେ ଝଗଡ଼ା ଦେଖିବାକୁ ମିଳେ। ଏପରିକି ମୌର୍ଯ୍ୟ ସମ୍ରାଟ ଅଶୋକ ସେମାନଙ୍କ ସହ ଏକମତ ହୋଇପାରି ନ ଥିଲେ।

ଧର୍ମ କହିଲେ ଆଧ୍ୟାତ୍ମିକତାକୁ ବୁଝାଏ ଏବଂ ଆମକୁ ଉଚ୍ଚସ୍ତରକୁ ନେଇଯାଏ। କିନ୍ତୁ ଏହାକୁ ଏକ ରାଜନୈତିକ ସାଧନ ଭାବେ ଦେଖିଲେ ତାହା ଶେଷ ହୋଇଯାଏ। ଏଠାରେ ସ୍ୱାଧୀନ ଚିନ୍ତାଶୀଳ ବ୍ୟକ୍ତିମାନେ ସବୁଠୁ ଭୟଭୀତ ରହିଛନ୍ତି। ଭକ୍ତି ହିନ୍ଦୁ ସନ୍ଥମାନେ ସହସୀ ଭାବେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ନିଜସ୍ୱ ପଥରେ ଆଗକୁ ବଢ଼ିଛନ୍ତି । ହେଲେ ହିନ୍ଦୁଧର୍ମରେ ଥିବା ପୁରୋଧାମାନେ ସେମାନଙ୍କୁ ସେହି ଦୃଷ୍ଟିରେ ନ ଦେଖିନାହାନ୍ତି।

–devduttofficial@gmail.com

## ଏଇ ଭାରତରେ

ଚେନ୍ନାଇର ମୟାବତୀଙ୍କ ବୟସ ଏବେ ୨୬, ହେଲେ ତାଙ୍କ କାର୍ଯ୍ୟ ଅତ୍ୟନ୍ତ ପ୍ରେରଣାଦାୟକ। ସେ ଷ୍ଟେଶନରେ ବହି ପଢ଼ିବା ଲାଗି ଲୋକଙ୍କୁ ସହଯୋଗ କରୁଛନ୍ତି। ବିଶେଷକରି ସେ ଏମ୍‌ଜିଆର ଚେନ୍ନାଇ ସେଣ୍ଟ୍ରାଲ ଏବଂ ତାମ୍ବାରାମ ରେଲୱେ ଷ୍ଟେଶନରେ ବୁକ୍ ଭେଣ୍ଡିଂ ମେସିନ ବସାଇଛନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ସନ୍‌ସେଟ୍ ହ୍ୟୁଜ୍' ମାଧ୍ୟମରେ ସେ ଏହି କାର୍ଯ୍ୟ କରୁଛନ୍ତି। ମୟାବତୀ ବ୍ୟାଙ୍କିଂ ଛାଡ଼ି ଏଥିରେ ସମୟ ଦେଇଛନ୍ତି। ଏହାଦ୍ୱାରା ଟ୍ରେନ୍‌ଯାତ୍ରା ସମୟରେ ସେ ଲୋକମାନଙ୍କୁ ବିଭିନ୍ନ ବହି ପଢ଼ି ଆନନ୍ଦ ଉଠାଇବାରେ ସାହାଯ୍ୟ କରୁଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଶୀର୍ଷକ ପିଲାଙ୍କ କଲରିଂ ବହିଠାରୁ ଆରମ୍ଭକରି ଆକ୍ଟିଭିଟି ବୁକ୍ସ ସହିତ ବିଭିନ୍ନ ଗଳ୍ପ ଓ ବାସ୍ତବ ବିଷୟଆଧାରିତ ବହି ସମ୍ପର୍କରେ ଅନ୍‌ଲାଇନ୍ ଚୟନର ବ୍ୟବସ୍ଥା ରହିଛି ଏହି ମେସିନରେ। ପ୍ରତି ବହିର ଦାମ୍ ୩୦୦ ଟଙ୍କାରୁ କମ୍ ରହିଛି। ପ୍ରତ୍ୟେକସ୍ତରରେ ମେସିନ ୟୁଜରଙ୍କୁ ମାର୍ଗଦର୍ଶନ କରୁଛି ଏବଂ ବହି ବିତରଣରେ ବିଫଳ ହେଲେ ସେନ୍‌ସର ତୁରନ୍ତ ସମାଧାନ କରି ମୂଲ୍ୟ ଫେରାଇ ଦେଉଛି କିମ୍ବା ତା' ବଦଳରେ ଅନ୍ୟ ବହି ଦେବାରେ ସହଯୋଗ କରୁଛି। ଏହି ଦୁଇ ଷ୍ଟେଶନରେ ଲୋକେ ବହି ପଢ଼ିବାରେ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

### ୩୦ ଅକ୍ଟୋବର ୧୯୭୬

- ସମ୍ବିଧାନର ପ୍ରସ୍ତାବନାରେ ସମାଜବାଦ, ଧର୍ମ ନିରପେକ୍ଷତା ଓ ଜାତୀୟ ସଂହତି ବା ଅଖଣ୍ଡତା ସଂକ୍ରାନ୍ତରେ ସ୍ପଷ୍ଟତର ଉଲ୍ଲେଖନ ସମ୍ବଳିତ ବ୍ୟବସ୍ଥା ସହିତ ୫୯ ଦଫା ସମ୍ବଳିତ ସମ୍ବିଧାନ ସଂଶୋଧନ ବିଲ୍‌ର ୫ଟି ଦଫା ଗୃହୀତ ହୋଇଯାଇଛି।
- ଗଙ୍ଗା ନଦୀର ଜଳ ଭାରତ ଓ ବାଂଲାଦେଶର ଜାତୀୟ ସମ୍ପତ୍ତି ବୋଲି ବାଂଲାଦେଶର ଘୋଷଣାକୁ ଭାରତୀୟ ପ୍ରତିନିଧି ବୀରଭଦ୍ର ସିଂହ ଦୃଢ଼ ଭାବରେ ଜାତିସଂଘରେ ଖଣ୍ଡନ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 7 | |
| | | | 1 | 3 | 4 | | | |
| | | | | | 5 | | 4 | 8 |
| 1 | | | | | 8 | | 6 | 4 |
| 3 | | | | 4 | | | | 9 |
| 6 | | | 5 | | 1 | | | |
| | | | | | | 8 | | 1 |
| | 7 | | | | | | | |
| | | 1 | 9 | | | | 5 | 2 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 1 | 9 | 5 | 3 | 2 | 4 | 8 |
| 3 | 2 | 9 | 7 | 4 | 8 | 6 | 5 | 1 |
| 5 | 8 | 4 | 1 | 6 | 2 | 9 | 7 | 3 |
| 8 | 9 | 3 | 2 | 1 | 4 | 5 | 6 | 7 |
| 2 | 4 | 5 | 3 | 7 | 6 | 1 | 8 | 9 |
| 6 | 1 | 7 | 8 | 9 | 5 | 3 | 2 | 4 |
| 4 | 7 | 2 | 5 | 3 | 9 | 8 | 1 | 6 |
| 9 | 5 | 6 | 4 | 8 | 1 | 7 | 3 | 2 |
| 1 | 3 | 8 | 6 | 2 | 7 | 4 | 9 | 5 |

ଗତକାଲିର ଉତ୍ତର

# ଗଣତନ୍ତ୍ରରେ ଅନୁପ୍ରବେଶକାରୀ



ବ୍ରଜମୋହନ ମିଶ୍ର

ଭରସା ସହ ଆସ୍ଥା ପ୍ରକଟ କରି ଗଣତନ୍ତ୍ରକୁ ଆପଣେଇ ନିଆଯାଇଥିଲା। ଯେଉଁ ମହାନ୍ ନେତୃବୃନ୍ଦ ଏପରି ଶାସନ ପଦ୍ଧତିର ବ୍ୟବସ୍ଥା କରିଥିଲେ ସେମାନେ କେବେ ନଥିଲେ ଅଜ୍ଞ ଓ ଅଶିଷ୍ଟ। ପକ୍ଷାନ୍ତରେ ସେମାନେ ଥିଲେ ଏବର ଶତକଡ଼ା ଅନେଶତ ଭାଗ ନେତାଙ୍କଠାରୁ ଲକ୍ଷ ଲକ୍ଷ ଗୁଣରେ ବିଜ୍ଞ, ଶିଷ୍ଟ, ଶାଳୀନ ଏବଂ ସର୍ବୋପରି ଦେଶପ୍ରେମୀ। ସତରେ ସେଇ ଊର୍ଦ୍ଧ୍ୱଚେତାମାନେ ଭାରତମାତାଙ୍କ ପ୍ରକୃତ ସନ୍ତାନ। ଜଣେ ପୀଡ଼ିତା, ଅସୁସ୍ଥ ମା'କୁ ରୋଗମୁକ୍ତ କରାଇ ତାକୁ ତାର ପୂର୍ବର ସ୍ୱାସ୍ଥ୍ୟ ଲାଭ କରାଇବା ଥିଲା ଏଇ ଦାୟବଦ୍ଧ, ଅସଂଗ୍ରହଣଶୀଳ, ହୃଦୟବାନ୍, ମର୍ଯ୍ୟାଦାବନ୍ତମାନଙ୍କର ସାଧନା ପଥ। ଏମାନେ ସତରେ ପଣ୍ଡିତଥିଲେ ବୋଲି ଭାରତରୁ ସକଳ ବୈଷମ୍ୟ ହଟିବାକୁ ଯଥାସାଧ ପ୍ରୟାସ କରୁଥିଲେ। ହୋଇପାରେ, ରକ୍ତ ମାଂସର ମଣିଷ ଭାବେ ସେମାନଙ୍କର କିଛିନା କିଛି ତ୍ରୁଟି ରହୁଥିଲା। ସେ ହୁଅନ୍ତୁ ଜବାହରଲାଲ, ଅବା ସର୍ଦ୍ଦାର ପଟେଲ ଅବା ଆବୁଲକାଲାମ ଆଜାଦ ଅବା ହରେକୃଷ୍ଣ ମହତାବ କି ନବକୃଷ୍ଣ ଚୌଧୁରୀ, କିନ୍ତୁ ସେ ତ୍ରୁଟି ତୁଳନାରେ ସେମାନଙ୍କ ଅକପଟ ଦେଶପ୍ରାଣତା ଯଥେଷ୍ଟ ଅଧିକ ଥିଲା, ଏହା ଜଣେ ସମଦର୍ଶୀ ଅବଶ୍ୟ ସ୍ୱୀକାର କରିବେ। ତେଣୁ ସେମାନେ ଶାସନ କଲାବେଳେ ତାହା ବହୁମାତ୍ରାରେ ଗଣାଭିମୁଖୀ ହୋଇଥିଲା। ଅଧିକନ୍ତୁ ସେମାନେ ଏତେ ସତର୍କ ଥିଲେ ଯେ ଶାସକ ହିସାବରେ ସେମାନେ ସ୍ୱକୀୟ ସଫଳତାଗୁଡ଼ାକ ନ ଉଦ୍‌ଗାରି ଏ ଶାସନରେ କେଉଁଠି କ'ଣ ଜଖମ ରହିଗଲା, ସେ ସମ୍ପର୍କରେ ଆଲୋଚନା କରୁଥିଲେ ଓ ସର୍ବସାଧାରଣରେ ସ୍ୱୀକାର କରୁଥିଲେ। ଶାସନଗତ କୌଣସି ବିଫଳତା ପାଇଁ ପଦପଦବୀ ମଧ୍ୟ ତ୍ୟାଗ କରୁଥିଲେ (ଯଥା–ଲାଲ୍‌ବାହାଦୁର ଶାସ୍ତ୍ରୀ ଓ କାମରାଜପ୍ଲାନରେ କତିପୟ ମୁଖ୍ୟମନ୍ତ୍ରୀ)। ଏହା ଫଳରେ ସେମାନଙ୍କ ବ୍ୟକ୍ତିଗତ ମର୍ଯ୍ୟାଦାବୋଧ ଯେମିତି ପ୍ରକାଶ ପାଉଥିଲା ସେମିତି ମଧ୍ୟ ଜନସାଧାରଣଙ୍କ ଆସ୍ଥାର ଭାଜନ ହେଉଥିଲେ ସେମାନେ। ଏ ବ୍ୟକ୍ତିମାନେ ଏକ ନିର୍ଦ୍ଦିଷ୍ଟ ଦଳର ହୋଇଥିଲେ ମଧ୍ୟ ପୂର୍ଣ୍ଣଭାବରେ ଦଳୁଆ ହୋଇ ନଥିଲେ କାରଣ ଏମାନେ ଜୀବନକୁ ଆଦୌ ମହୋତ୍ସବମୟ କରିବାରେ ମାତାଲ ହେଉ ନ ଥିଲେ। ଫଳରେ ଏହି ସହୃଦୟମାନଙ୍କର ଗୋଡ଼ ଯେପରି ଦୃଢ଼ଥିଲା, ସେହିପରି ଅବିଚଳିତ ଥିଲା ସେମାନଙ୍କର ବୁଦ୍ଧିମତ୍ତା ଓ ହୃଦୟଭାବ। ହେଲେ ଏହି ଗଣତାନ୍ତ୍ରିକମାନେ ଅଧିକ ଦିନ ତିଷ୍ଠିଲେ ନାହିଁ ଅବା ସେମାନଙ୍କୁ ତିଷ୍ଠିବାକୁ ଦିଆଗଲା ନାହିଁ। ଗୋଟାଏ ଥିସିସର, ଆଣ୍ଟିଥିସିସ ପରି ଚେର ଲାଗି ଆସୁଥିବା ଗଣତନ୍ତ୍ରରେ ଚେର ଉପଡ଼ା ଅପକର୍ମ ଆରମ୍ଭ ହୋଇଗଲା ଏବଂ ତା ମୂଳରେ ରହିଲେ ଅଲାଜୁକ ଅନୁପ୍ରବେଶକାରୀ ଗୋଠ, ଯେଉଁମାନେ ଭୂମିପାଇଁ ତପସ୍ୟା କରିବା ବଦଳରେ କଲେ ବିଚିତ୍ର ତାଣ୍ଡବ। ଯାହା କଲେ ଭୂମି ଅଧିକାର କରିହେବ, ତାହା ଯେତେ ନିର୍ଲଜ୍ଜକର ହେଉ ପଛକେ, ତାହା କରିବାକୁ ଟିକେ ମାତ୍ର ଲଜ୍ଜାବୋଧ କଲେ ନାହିଁ। ଗଣତନ୍ତ୍ରରେ ଏଇ ଛିନ୍ନମୂଳମାନଙ୍କୁ ଅନୁପ୍ରବେଶକାରୀ କହିବାର କାରଣ ଏମାନେ ଏ ଶୁଦ୍ଧଶାସନ ରାଜ୍ୟକୁ ଜବରଦସ୍ତ ପଶି ଆସିଲେ। ଫଳରେ ବାହାରିପଡ଼ିଲେ ସେମାନଙ୍କ ଶିଷ୍ୟ, ପ୍ରଶିଷ୍ୟ ଇତ୍ୟାଦି ରକ୍ତବୀର୍ଯ୍ୟମାନେ। ଏମାନଙ୍କ ବିନାଶ କେହି କଲେ ନାହିଁ, କାରଣ ଯେ ଏହା କରିପାରିଥାନ୍ତେ, ସେମାନେ ଯାଦୁରେ ବଶୀଭୂତ ହୋଇଗଲେ। ସେ ଯାଦୁଥିଲା ପ୍ରଲୋଭନର ମଧୁରାକର୍ଷଣ – ସେମାନଙ୍କ ପାଇଯିବାର ଲାଳସାଗ୍ନିକୁ ଚରିତାର୍ଥ କରୁଥିବା ଘିଆ



ଏଇ ଅନୁପ୍ରବେଶକାରୀ ଅକାଣ୍ଡିଆମାନେ ଦେଶରେ ସେମାନଙ୍କ ଆଧିପତ୍ୟ ବିସ୍ତାର କରି ଆପଣାକୁ ସମସ୍ତଙ୍କ ଉପରେ ସବାର କରିବାରେ ଗଳଦ୍‌ଘର୍ମ ହେଲେ। ସେମାନଙ୍କର ଏତାଦୃଶ ଷଡ଼ଯନ୍ତ୍ରକୁ ସଫଳ କରିବାରେ ସହାୟକ ହେଲେ ଜନତାର ସେବା କରିବାକୁ ନିଯୁକ୍ତ ହୋଇଥିବା କର୍ମଚାରୀଗୋଷ୍ଠୀ। ସେମାନେ ମନେ କଲେ ସେମାନଙ୍କ ମୁନିବ ଜନତା ନୁହନ୍ତି, ହେଉଛନ୍ତି ନେତା, ଯେଉଁମାନଙ୍କ ସହ ଚିରନ୍ତନ ହନିମୁନ କଲେ ସେମାନେ ଉଭୟ ହନି ଏବଂ ମୁନ୍‌କୁ ପାଇବେ। ସଂସାରରେ ରହି ଆକାଶଟାକୁ ମଧ୍ୟ ଅଧିକାର କରିପାରିବେ, ଯାହା ସେମାନେ କରିପାରିବେ ନାହିଁ ଜନତା ପଟ ନେଲେ। କାରଣ ଜନତା ପ୍ରକୃତରେ ଶକ୍ତିହୀନ, ଧନହୀନ, ମାନହୀନ, କାଣ୍ଡଜ୍ଞାନହୀନ ଓ ନିଶ୍ଚେତନାର ଆଉ ଏକ ଆଶ୍ଚର୍ଯ୍ୟ ଅବତାର। ଏପରିକି ଏହି କାଗଜ ବାଘ(ଜନତା) ଭୋଟ ବେଳେ ମଧ୍ୟ ଗଭୀରଭାବେ ଅଚେତନ ହୋଇ ଯାଆନ୍ତି, କାରଣ ଏମାନେ ଫଷ୍ଟସଙ୍କ ପରି ଆପଣାର ବିବେକକୁ ସଇତାନଙ୍କୁ ବିକ୍ରି କରି ଦେଇଥାଆନ୍ତି। ଅତଏବ ଏହି ନାମକୁମାତ୍ର ଶକ୍ତିଶାଳୀ ଶାର୍ଦ୍ଦୁଳମାନେ ଭାରି ନିଃଶକ୍ତ ହୋଇଯାଆନ୍ତି ଗଣତନ୍ତ୍ରରେ ଅନୁପ୍ରବେଶକାରୀ ବ୍ରହ୍ମରାକ୍ଷସମାନଙ୍କ ଚାତୁର୍ଯ୍ୟ–ହଣ୍ଟର ମାଡ଼ ଖାଇ। ଆଉ ଏକ ବିଡ଼ମ୍ବନାର ବ୍ୟାପାର, ଏହି ଅନୁପ୍ରବେଶକାରୀମାନେ ଗଣତନ୍ତ୍ରକୁ ଛାଡ଼ି ଆଉସବୁ ତନ୍ତ୍ରରେ ପାରଙ୍ଗମ ହୋଇଥିବାରୁ ଏମାନେ ସତରେ କାତୁଆ, ସତରେ ବଳୁଆ, ସତରେ ପ୍ରୀତିଆ, ସତରେ ରସିଆ, ସତରେ ଚୁଟିଆ, ସତରେ କାଦୁଆ । ତେଣୁ ସତରେ ବୋଧହୀନ ବୁଦ୍ଧିଆ । ଭଗବାନ ନାମକ ସେହି ପରମରହସ୍ୟଙ୍କୁ ହୁଏତ ତପସ୍ୟା କରି କେହି ବୁଝିପାରେ, ନିଜର କରିପାରେ କିନ୍ତୁ ଏଇ ଅନୁପ୍ରବେଶକାରୀମାନଙ୍କୁ ସେ ଶତଚେଷ୍ଟା କଲେ ବି ବୁଝିପାରିବ ନାହିଁ, ଧରିପାରିବ ନାହିଁ କାରଣ ''ବଡ଼ମାୟାବୀ ଜୀବ ଏ ନୁହେଁ କାହାରି।''

ଏଇ ମାତୃହରଣକାରୀ ଅନୁପ୍ରବେଶକାରୀଙ୍କୁ ଭାରତ ଆଉ ସହିପାରୁନାହିଁ। କବି ଦୀନକୃଷ୍ଣ ରସକଲ୍ଲୋଳରେ କହିଥିଲେ କିପରି କଂସ ପ୍ରତାପରେ ଅତିଷ୍ଠ ହୋଇ ଧରଣୀ ବ୍ରହ୍ମାଙ୍କ ଆଗରେ ତା' ଦୁଃଖର ପ୍ରତିଧାନ ପାଇଁ ପ୍ରାର୍ଥନା କରିଥିଲା। ଆଜିର ଦିନରେ ଆମେ ଆମ ମାତାଙ୍କୁ କେଉଁ କଳ୍ପିତ ବ୍ରହ୍ମାଙ୍କ ନିକଟକୁ ପଠାଇବା ନାହିଁ। ଆମେ ଅବଶ୍ୟ ଜାଗ୍ରତ ହେବା, ବିପ୍ଳବ କରିବା। ଏଇ ଅଶିଷ୍ଟ ଅନୁପ୍ରବେଶକାରୀମାନଙ୍କ କବଳରୁ ମାତାଙ୍କୁ ରକ୍ଷା କରିବା ପାଇଁ ପ୍ରଥମେ ଅହିଂସା ପନ୍ଥା ଅବଲମ୍ବନ କରିବା। ଏହି ଖ୍ରୀଷ୍ଟମାର୍ଗ ବିଫଳ ହେଲେ କୃଷ୍ଣମାର୍ଗ ଧରିବାକୁ କଦାଚ ବିମୁଖ ହେବା ନାହିଁ। ତେଣୁ ଆମକୁ ସଂଗ୍ରାମୀ ହେବାକୁ ହେବ।

ଭଦ୍ରକ, ମୋ: ୮୦୧୮୦୮୭୮୩୧

# ପୋଷ୍ୟ ପ୍ରାଣୀ ଓ ମାନସିକ ପୀଡ଼ା



ଡା. ସମ୍ରାଟ କର

୧୯୭୭ ମସିହାରେ ବିଶିଷ୍ଟ ମନୋବିଜ୍ଞାନୀ ଲିଓ କେ ବୁଷ୍ଟାର୍ଡ ଏବଂ ମାଇକେଲ ଚିଜ ମ୍ୟାକୁଲକ ଆମେରିକାର ଓରିଗନ ରାଜ୍ୟର ପୋର୍ଟଲାଣ୍ଡ ସହରରେ ପ୍ରତିଷ୍ଠା କରିଥିଲେ ଡେଲା ସୋସାଇଟି, ଯାହାର ଉଦ୍ଦେଶ୍ୟ ହେଲା ପୋଷ୍ୟ ପ୍ରାଣୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କ ସାହାଯ୍ୟରେ ମାନସିକ ଭାରସାମ୍ୟହୀନ ରୋଗୀଙ୍କୁ ଆରୋଗ୍ୟ କରାଇବା। ବିଂଶ ଶତାବ୍ଦୀରେ ଏହାଥିଲା ଡିମେନସିଆ ବା ସ୍ମୃତିହୀନ, ଆଲଜିମରସ ଭଳି ମାନସିକ ରୋଗ ଆକ୍ରାନ୍ତ ବୟସ୍କ ବ୍ୟକ୍ତି, ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ ଡିସ୍‌ଅର୍ଡର, ଗୁରୁତର ଆଘାତପ୍ରାପ୍ତିର ପରବର୍ତ୍ତୀ ଅବସ୍ଥାରେ ମାନସିକ ଚାପବୃଦ୍ଧି ଜଡ଼ିତ ବ୍ୟାଧିରେ ଆକ୍ରାନ୍ତ ଏବଂ ଅବସରପ୍ରାପ୍ତ ସୈନିକ ଓ ଅଟିଜମ୍ ଆକ୍ରାନ୍ତ ଶିଶୁଙ୍କଠାରେ ମନୋରୋଗ ଉପଶମର ଅନ୍ୟତମ ବୃହତ୍ ପ୍ରତିଷ୍ଠାନ। ଯାହାକି ୨୦୧୨ରେ ପୋଷ୍ୟ ସାଥୀ ବା ପେଟ୍ ପାର୍ଟନର୍ସ ଭାବେ ନୂଆ ନାମରେ ନାମିତ ହୋଇଥିଲା। ତେବେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଗବେଷକ କୋଲେଙ୍କ ମତ ଅନୁଯାୟୀ, ମାନସିକ, ଶାରୀରିକ ଏପରି କି ମନୋ ସାମାଜିକ ଅବସ୍ଥାର ଉପଶମ ଓ ଉନ୍ନତି ବିଧାନ ପାଇଁ ପୋଷ୍ୟଭିତ୍ତିକ ଥେରାପି ଚିକିତ୍ସା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ପରିଚିତ । ଆମେ ଦେଖିଛେ ବିରାଡି ହୁଅନ୍ତୁ ବା କୁକୁର, ଗୋରୁ ଗାଈଙ୍କଠାରୁ ପକ୍ଷୀ, ଘୋଡ଼ା ହୁଅନ୍ତୁ ବା ଠେକୁଆ ଏପରିକି ଡଲ୍‌ଫିନଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କରି ସେମାନଙ୍କୁ ମାନସିକ ପୀଡିତଙ୍କ ଶାରୀରିକ ସୁସ୍ଥତା ଓ ଆନନ୍ଦ ପ୍ରଦାନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଏହି ମର୍ମରେ ଓୟେସ୍କ ଜର୍ନାଲ ଅଫ୍ ନର୍ସିଂ ରିସର୍ଚ୍ଚ ପତ୍ରିକାରେ ଉଲ୍ଲେଖ ରହିଛି ଯେ ମାନସିକ ରୋଗାକ୍ରାନ୍ତ ହୁଅନ୍ତୁ ବା ପୀଡ଼ିତ, ସେମାନଙ୍କର ପୁନର୍ବାସ କେନ୍ଦ୍ରରେ ରହିଥିବା ଆକ୍ୱାରିୟମର ରଙ୍ଗିନ ମାଛ ହେଉ ବା ଡଲ୍‌ଫିନର ଆନନ୍ଦମୟ ସନ୍ତରଣ ଦୃଶ୍ୟ ସେମାନଙ୍କୁ ଉଲ୍ଲସିତ ଓ ଆନନ୍ଦିତ କରିଥାଏ। ସମ୍ପ୍ରତି ଆମେରିକା ବ୍ୟତୀତ ନେଦରଲାଣ୍ଡ, ସୁଇଜରଲାଣ୍ଡ ଓ ବେଲଜିୟମରେ ପ୍ରାଣୀଙ୍କ ସହିତ ଆଲିଙ୍ଗନଜନିତ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି ।

ଭାରତ ମଧ୍ୟ ଏ କ୍ଷେତ୍ରରେ ପଛୁଆ ନାହିଁ। ଏହି ପ୍ରଚେଷ୍ଟା ମଧ୍ୟ ଆରମ୍ଭ ହୋଇଗଲାଣି। ପ୍ରଶିକ୍ଷିତ ପୋଷ୍ୟଜନ୍ତୁମାନଙ୍କ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ପୁନରୁଦ୍ଧାର ପରି ସେବା ପ୍ରଚଳନ ପାଇଁ କାର୍ଯ୍ୟରତ ରହିଛି ଆନିମଲ ଆଞ୍ଜେଲସ ଫାଉଣ୍ଡେଶନ ଓ ମାନିବ ଫାଉଣ୍ଡେଶନ, ମୁମ୍ବାଇ, ଓୟେରାଭିଲେ, ବେଙ୍ଗାଲୁରୁ ଏବଂ ଫାର ବଲ ଷ୍ଟୋରି, ଦିଲ୍ଲୀ। ପ୍ରଥମ ଓ ଚତୁର୍ଥ କେନ୍ଦ୍ରରେ ପୋଷ୍ୟପ୍ରାଣୀ କୁକୁର, ଦ୍ୱିତୀୟ କେନ୍ଦ୍ରରେ ବିରାଡ଼ି ଏବଂ ତୃତୀୟ କେନ୍ଦ୍ରରେ ପୋଷ୍ୟ ହେଉଛି ଘୋଡ଼ା। ଜର୍ନାଲ ଅଫ୍ ସାଇକୋସୋମାଟିକ ରିସର୍ଚ୍ଚ ପତ୍ରିକାରେ ୨୦୦୦ରେ ପ୍ରକାଶିତ ଗବେଷଣା ନିବନ୍ଧରେ ମନୋବିଜ୍ଞାନୀ ଜେ.ଏସ୍. ଓଡେଣ୍ଡାଲ ଉଲ୍ଲେଖ କରିଛନ୍ତି, ମାନସିକ ରୋଗୀ ଏବଂ ପୋଷ୍ୟମାନଙ୍କ ଶାରୀରିକ ସାକ୍ଷାତରେ ସେମାନଙ୍କ ଉଭୟଙ୍କ ଦେହରେ ନିଉରୋକେମିକାଲ କ୍ଷରଣରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯାହା ସେମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନରେ ସହାୟକ ଏବଂ ରୋଗୀର ରୋଗମୁକ୍ତିରେ ଅତ୍ୟନ୍ତ ଫଳପ୍ରଦ। ଆମେରିକାନ ହାର୍ଟ ଆସୋସିଏଶନର ତଥ୍ୟ ଅନୁଯାୟୀ ପୋଷ୍ୟପ୍ରାଣୀଭିତ୍ତିକ ଚିକିତ୍ସା ମଧ୍ୟ ଫଳପ୍ରଦ ହୋଇଥାଏ। ରିପୋର୍ଟ ଅନୁଯାୟୀ ପୋଷ୍ୟପ୍ରାଣୀଙ୍କ ସହ ସୁମଧୁର ଆଳାପ ବା ସମୟ ଅତିବାହିତ କରିବା ଦ୍ୱାରା ରକ୍ତରେ ଆଡ୍ରେଲିନ ହରମୋନର ମାତ୍ରା ୧୭ ଶତାଂଶ କମିଯାଉଛି, ହୃତ୍‌ପିଣ୍ଡସ୍ଥିତ ବାମ ଅଳିନ୍ଦର ରକ୍ତଚାପ ଦଶ ଶତାଂଶ ପ୍ରଶମିତ ହୋଇଯାଉଛି, ଯାହାଦ୍ୱାରା ହୃଦ୍‌ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ରୋଗଜନିତ ଉଦ୍‌ବେଗ ୨୪ ଶତାଂଶ ହ୍ରାସ ଘଟୁଛି। ଏହି ମର୍ମରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ତଥ୍ୟ ଅନୁଯାୟୀ, ଦେଢ଼ଶହ ମିନିଟର ହାଲୁକା ଶାରୀରିକ ପରିଶ୍ରମ ଦ୍ୱାରା ଜଣେ ଯେଉଁ ସ୍ୱାସ୍ଥ୍ୟଗତ ଫାଇଦା ବା ଉପଶମ ପାଇଥାଏ ତାହା ଦିନକୁ ଦୁଇଥର ନିଜ ପୋଷା କୁକୁର ସହ ପ୍ରଶସ୍ତ ଜାଗାରେ ଚଲାବୁଲା କଲେ ସମାନ ଫଳପ୍ରଦ ମିଳିଥାଏ। ଆପଣ ଅନୁଭବ କରୁଥିବେ ପୋଷ୍ୟ ପ୍ରାଣୀମାନେ ବାସ୍ତବିକ କେବଳ ମାନସିକ ପୀଡ଼ିତଙ୍କ ପାଇଁ ନୁହେଁ, ବରଂ ସାମଗ୍ରିକ ଭାବେ ଜଣଙ୍କ ଜୀବନକୁ ଆନନ୍ଦମୟ କରି ଗଢ଼ି ତୋଳିବାରେ ଯେଉଁ ଅତୁଟ ଅମାପ ଓ ନିଃସ୍ୱାର୍ଥପର ସେବା ସହଯୋଗ, ଭଲପାଇବା ଦେଇଥାଏ ତାହା ସ୍ମରଣୀୟ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ
ମୋ: ୯୧୩୨୪୩୩୩୩୩

## ପାଠକ ଶ୍ରେଷ୍ଠ ବିଚାରକ

### ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ବନ୍ଦ

ମହାଶୟ,

ଭୁବନେଶ୍ୱର ବାସିନ୍ଦାଙ୍କୁ ସୁଲଭ ମୂଲ୍ୟରେ ତଟକା ପନିପରିବା ଯୋଗାଇ ଦେବାକୁ ରାଜ୍ୟ ସରକାର ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ମାଧ୍ୟମରେ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ୧୨ ଗୋଟି ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ଖୋଲିଥିଲେ । ଲୋକମାନେ ଖୁବ୍ ଖୁସିର ସହ ସେଠାରୁ ସବୁଜ ତଟକା ପନିପରିବା କିଣି ଆଣୁଥିଲେ । କିନ୍ତୁ ଦୁଃଖର ବିଷୟ ଏହି ଯେ ଏବେ ୧୧ ଗୋଟି ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି । ତାହାର ପ୍ରକୃତ ସତ୍ୟାସତ୍ୟ କେହି କହିପାରୁ ନାହାନ୍ତି। ଏଥିରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟର ଅପାରଗତା ଓ ଅବହେଳା ସମ୍ପୂର୍ଣ୍ଣ ରୂପେ ପଦାରେ ପଡ଼ିଯାଇଛି। ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ସହରର ଆଖପାଖ ଅଞ୍ଚଳରୁ କିଛି ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରି ସେହିସବୁ ଗାଁରେ ଆନ୍ତରିକତାର ସହ ଲୋକମାନଙ୍କ ସହ ବିଭିନ୍ନ ପ୍ରକାରର ଆଲୋଚନା କରି ସେମାନଙ୍କୁ ପରାମର୍ଶ ଦେଇ ପନିପରିବା ଚାଷ ପାଇଁ ଉତ୍ସାହିତ କରାଇ ପାରିଲେ ଚାଷୀ ତଥା ଖାଉଟି ଉପକୃତ ହୋଇ ପାରିବେ । ଫଳରେ ଭୁବନେଶ୍ୱରର ଆଖପାଖ ଅଞ୍ଚଳରେ ଥିବା ଗାଁଗୁଡ଼ିକରୁ ପ୍ରଚୁର ପରିମାଣରେ ଆଳୁ, ଦେଶୀ ଆଳୁ, ଟମାଟୋ, ମୂଳା, ବିନ୍ସ, କୋବି, ବାଇଗଣ, ଲଙ୍କା, ପିଆଜ, ସାରୁ, କଖାରୁ, ଲାଉ ଇତ୍ୟାଦି ଉତ୍ପାଦନ ହୋଇପାରିବ । ଯାହାକୁ ଚାଷୀମାନେ ଭୁବନେଶ୍ୱରର ଚାହିଦା ମେଣ୍ଟାଇ ଅନ୍ୟ ଜିଲା ଓ ରାଜ୍ୟ ବାହାରକୁ ମଧ୍ୟ ପଠାଇ ପାରିବେ ଓ ସେମାନଙ୍କ ରୋଜଗାର ପନ୍ଥାର ଉନ୍ନତି ହେବ । ଉଦ୍ୟାନ ବିଭାଗ ଯଦି ଏହିପରି ପୋଷ୍ୟଗ୍ରାମ ଯୋଜନା କରନ୍ତି ତେବେ ଯେଉଁ ୧୧ ଗୋଟି ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ଯଥେଷ୍ଟ ପରିମାଣର ପନିପରିବା ଅଭାବରୁ ବନ୍ଦ ହୋଇଯାଇଛି ପୁଣି ସେଗୁଡ଼ିକ ଖୋଲାଯାଇ ପାରନ୍ତା।

–ଡ. ଲକ୍ଷ୍ମୀ ନାରାୟଣ କର, ସୂର୍ଯ୍ୟନଗର, ଭୁବନେଶ୍ୱର

### ଚିରନ୍ତନୀ

ଜୀବନ–କଳାରେ ସେ ଯେ ଶ୍ରେଷ୍ଠ ମୋ କଳାପ
ଯଉବନ–ସଙ୍ଗତେ ଆଦିମ ସେ ଆଳାପ
ପ୍ରାଣସମ ତାକୁ ମୋର ଦେୟ ଶେଷ ଶ୍ରଦ୍ଧା
କଣ୍ଟକିତ ଜୀବନେ ସେ ସୁକୁମାର ଗୋଲାପ ।
–(ପଥର ପ୍ରେମିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବିଶ୍ୱଜିତ୍


@ ଶଙ୍କରା


@ ପ୍ରତ୍ୟାଶା


@ ପ୍ରିୟଦର୍ଶିନୀ


@ ସୁରେଶ୍ୱର


@ ସୁଭଦା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କିଶୋରୀଙ୍କ ପାଇଁ ପରିବାରରେ ମୁକ୍ତ ପରିବେଶ ସୃଷ୍ଟି ହେଉ: ପ୍ରଭାତୀ

### ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ ଉଦ୍‌ଯାପିତ

ଭୁବନେଶ୍ୱର, ୨୯।୧୦(ସୁଚିସ୍ମିତା ସାହୁ)


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ୨ଦିନିଆ ରାଜ୍ୟସ୍ତରୀୟ କିଶୋରୀକିଶୋର ସମାବେଶ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଛାତ୍ରୀଛାତ୍ର ପାଠପଢ଼ା ସହ ନିଜ ରୁଚି ଉପରେ ଧ୍ୟାନ ଦେଲେ ସେସବୁ କ୍ଷେତ୍ରରେ ଉତ୍କର୍ଷ ଲାଭ କରିପାରିବେ। କିଶୋରୀମାନେ ନିଜ ମନର କଥା ଓ ସମସ୍ୟାକୁ କହିବା ପାଇଁ ପରିବାରରେ ମୁକ୍ତ ପରିବେଶ ସୃଷ୍ଟି କରାଯିବା ଆବଶ୍ୟକ। ଭାବ ବିନିମୟ ଓ ପାରସ୍ପରିକ ସୁସମ୍ପର୍କ ଅନେକ ସମସ୍ୟାର ସମାଧାନ କରିଥାଏ। କିଶୋର ଅବସ୍ଥାରେ ମାନସିକ, ଶାରୀରିକ ଓ ଅନ୍ତର୍ନିହିତ ଗୁଣର ବିକାଶ ହୋଇପାରିଲେ ହିଁ ସେମାନେ ସମାଜରେ ଜଣେ ପ୍ରତିଷ୍ଠିତ ହୋଇପାରିବେ। କିଶୋରୀକିଶୋରଙ୍କ ସହ ବାର୍ତ୍ତାଳାପ ଅବସରରେ ଉପମୁଖ୍ୟମନ୍ତ୍ରୀ କହିଲେ, ଆଜିର ଯୁଗରେ ପୁରୁଷଙ୍କ ସହ ମହିଳାମାନେ ମଧ୍ୟ ନିଜ ଆର୍ଥିକ ବିକାଶରେ ଅନୁରୂପ ଭାବେ ଯୋଗଦାନ କରିବାରେ ସକ୍ଷମ ହୋଇପାରୁଛନ୍ତି। ବିକଶିତ ଓଡ଼ିଶା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ଏହି ଅବସରରେ ସେ ପ୍ରଯୁକ୍ତି ବିଦ୍ୟା ଓ ସ୍ମାର୍ଟଫୋନ ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଯୋଜନା ଓ ପଦକ୍ଷେପ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ କହିଲେ, ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ସହ ସେମାନଙ୍କ ବିରୋଧରେ ଘଟୁଥିବା ହିଂସାକୁ ପ୍ରତିହତ କରିବା ପାଇଁ ୨୦୨୦ ଅକ୍ଟୋବର ୧୧ ଆନ୍ତର୍ଜାତିକ କନ୍ୟା ଦିବସରୁ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଅଦ୍ୱିକା କାର୍ଯ୍ୟକ୍ରମ ଜାରି ରହିଛି। ଇତିମଧ୍ୟରେ ୧ ଲକ୍ଷ ୫୦ ହଜାର ଅଦ୍ୱିକା ଗ୍ରୁପ୍ ସୃଷ୍ଟି କରାଯାଇଛି। ପ୍ରାୟ ୩୦ ଲକ୍ଷ କିଶୋରୀଙ୍କୁ ଦକ୍ଷତା ଶିକ୍ଷା ପ୍ରଦାନ ସହ ପ୍ରାୟ ୪ ଲକ୍ଷ ସଖାବନ୍ଧୁ ସୃଷ୍ଟି କରାଯାଇଛି। ଏଥିପାଇଁ ଆଇସିଡିଏସ୍ ଅଧିକାରୀ ଓ ଅଙ୍ଗନୱାଡି କର୍ମୀଙ୍କୁ ସେ ପ୍ରଶଂସା କରିଥିଲେ। ସମାବେଶ ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ଉପମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ସେବା ଓ ସାମାଜିକ କଲ୍ୟାଣ ନିର୍ଦ୍ଦେଶିକା ମୋନିକା ବାନାର୍ଜୀ, ଅଭିନେତ୍ରୀ ପିଙ୍କି ପ୍ରଧାନ, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ହମାରା ବଚ୍‌ପନ ଟ୍ରଷ୍ଟର ରୀନାରାଣୀ ବେହେରା, ସୀମା ଶ୍ରଦ୍ଧାଞ୍ଜଳି, ବିଶ୍ୱ ଦକ୍ଷତା କେନ୍ଦ୍ରର ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

# ନିଅଂଶ ପାଳିକୁ ନେଇ ଶ୍ରୀଲିଙ୍ଗରାଜଙ୍କ ନୀତି ବନ୍ଦ

ପୁରୁଣା ଭୁବନେଶ୍ୱର,୨୯।୧୦(ସୁବାସ ଚନ୍ଦ୍ର ପ୍ରଧାନ)



ପବିତ୍ର କାର୍ତ୍ତିକ ମାସରେ ବୁଧବାର ନିଅଂଶ ପାଳିକୁ କେନ୍ଦ୍ର କରି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ରହିଛି। ପ୍ରଭୁଶ୍ରୀ ଲିଙ୍ଗରାଜଙ୍କ ଦୈନିକ ନୀତି ଆଳତି, ଅବକାଶ, ଦର୍ଶନ, ରୋଷ ହୋମ, ମାଘ ସ୍ନାନ ଓ ବେଶ ସରିଥିଲା। ପୂର୍ବାହ୍ନ ୧୦ଟା୪୫ରେ ସୂର୍ଯ୍ୟ ପୂଜା ଚାଲିଥିବାବେଳେ ହଠାତ୍ ସମର୍ଥା ସେବାୟତ ଶ୍ରୀଜୀଉଙ୍କ ପାଇଁ ରୋଷରେ ବ୍ୟବହୃତ ହେଉଥିବା ବିରି ବଟା, ଚାଉଳ ଚୂନା ଆଦି ଜିନିଷକୁ ମହାସୁଆରଙ୍କୁ ଯୋଗାଇ ନ ଥିଲେ। ଫଳରେ ଶ୍ରୀଜୀଉଙ୍କ ଦ୍ୱାରପାଳ ନୀତିଠାରୁ ପରବର୍ତ୍ତୀ ସମସ୍ତ ନୀତି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ନୀତି ବନ୍ଦ କାରଣରୁ ହବିଷିଆଳିଙ୍କ ସମେତ ଶ୍ରଦ୍ଧାଳୁମାନେ ଠାକୁରଙ୍କ ପ୍ରସାଦ ଖାଇବାରୁ ବଞ୍ଚିତ ରହିଥିବା ଦେଖିବାକୁ ମିଳିଥିଲା।

ମିଳିଥିବା ସୂଚନା ଅନୁସାରେ, ବୁଧବାର ଏକ ନିଅଂଶ ପାଳି ସେବା ଥିଲା। ଜଣେ ନିଅଂଶ ସେବାୟତଙ୍କ ଅନ୍ୟ ଜଣେ ସେବାୟତ ବର୍ଷବର୍ଷ ଧରି ଏହି ପାଳିର ପ୍ରକ୍ସି (ଅନୁପସ୍ଥିତିରେ କାର୍ଯ୍ୟ) ତୁଲାଉଥିଲେ। ବୁଧବାର ସେହି ସମର୍ଥା ସେବାୟତ ଜଣଙ୍କ ହଠାତ୍ ସେବାରେ ଅସହଯୋଗ କରିବାରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ଦିନତମାମ ବନ୍ଦ ରହିଥିଲା। ଏନେଇ ସେବାୟତ ବାବୁଲି ସମର୍ଥା କୁହନ୍ତି ଏହି ନିଅଂଶ ପାଳିଟି ତୁଲାଇଥିବା ସେବାୟତ ଜଣଙ୍କ ନିଜର ସେବା କାର୍ଯ୍ୟ ପାଇଁ ମନ୍ଦିର ପ୍ରଶାସନ ପାଖରେ ପ୍ରତିବଦଳରେ କିଛି ଦାବି ରଖିଥିଲେ। ମନ୍ଦିର ପ୍ରଶାସନ ପୂରଣ କରିବାରେ ବିଫଳ ହେବାରୁ ସେବାୟତ ଜଣଙ୍କ ଏଥିରେ ଅସହଯୋଗ କରିଥିଲେ। ଏହି ଘଟଣା ସହିତ ନିଯୋଗର କୌଣସି ସମ୍ପର୍କ ନାହିଁ। ଏନେଇ ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କୁହନ୍ତି, ଅନନ୍ତ ବାସୁଦେବ ମନ୍ଦିରରେ ବେଆଇନ ରୋଷକୁ ମନ୍ଦିର ପ୍ରଶାସନ ବନ୍ଦ ନ କରିବାରୁ ସେବାୟତମାନେ ଉଭୟ ଲିଙ୍ଗରାଜ ଏବଂ ଅନନ୍ତ ବାସୁଦେବ ମନ୍ଦିରରେ ସେବା କାର୍ଯ୍ୟ କରୁଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଛି। ସେ ଆହୁରି କହିଛନ୍ତି, ଅନନ୍ତ ବାସୁଦେବ ମନ୍ଦିରରେ ରୋଷକୁ ମହାପ୍ରସାଦ ଆଖ୍ୟା ଦେଇ ବିକ୍ରି କରିବା ଦ୍ୱାରା ଶ୍ରଦ୍ଧାଳୁମାନେ ଭ୍ରମରେ ପଡୁଛନ୍ତି।

ଏନେଇ ମନ୍ଦିର ସୁପରଭାଇଜର ରାଜକିଶୋର ମହାପାତ୍ର କୁହନ୍ତି, ଯେଉଁ ସମର୍ଥା ସେବାୟତ ଜଣଙ୍କ ବର୍ଷବର୍ଷ ଧରି ଏହି ସେବା କରି ଆସୁଥିଲେ, ସେ କାହିଁକି ଏଥିରୁ ବିରତ ହେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିରେ ମନ୍ଦିର ପ୍ରଶାସନର କୌଣସି ତ୍ରୁଟି ନାହିଁ। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତିଙ୍କୁ ପଚାରିବାରେ ସେ କହିଲେ ସମ୍ପୃକ୍ତ ସେବାୟତ ଜଣଙ୍କ ମନ୍ଦିର ସମ୍ମୁଖରେ ଫୁଲ ଏବଂ ଭୋଗ ଦୋକାନ କରିବାକୁ ଜିଦ୍ କରିଥିଲେ। ସରକାର ଏକାମ୍ରକ୍ଷେତ୍ରର ମେଗା ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି ଏବଂ ଟୁରିଷ୍ଟଙ୍କୁ ଆକୃଷ୍ଟ କରିବା ପାଇଁ ମନ୍ଦିର ଚତୁଃପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ କରାଯାଉଛି। ସେଠାରେ ସେବାୟତ ଜଣଙ୍କର ଏଭଳି ଦାବି କେତେଦୂର ଯଥାର୍ଥତା ବହନ କରୁଛି ତାହା ସହଜରେ ଅନୁମେୟ। ଏଥିରେ ମନ୍ଦିର ପ୍ରଶାସନର କୌଣସି ସମ୍ପର୍କ ନାହିଁ ବୋଲି ମହାନ୍ତି କହିଛନ୍ତି।

# ସ୍ନାତକ, ସ୍ନାତକୋତ୍ତର ସ୍ପଟ୍ ନାମଲେଖା ଅବଧିରେ ପରିବର୍ତ୍ତନ

ଭୁବନେଶ୍ୱର, ୨୯।୧୦(ସୁଚିସ୍ମିତା ସାହୁ)

### ୨୭ରେ ଚୟନ ଛାତ୍ରୀଛାତ୍ର ଆଜି ରିପୋର୍ଟିଂ କରିପାରିବେ

ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ସହିତ ସ୍ନାତକୋତ୍ତର, ୨ବର୍ଷିଆ ବିଏଡ୍ ଓ ଏମ୍ଏଡ୍, ୩ ବର୍ଷିଆ ଏଲ୍ଏଲ୍‌ବି, ୩ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏଡ୍ ଓ ଏମ୍ଏଡ୍ ସ୍ପଟ୍ ନାମଲେଖା ଅବଧିରେ ପରିବର୍ତ୍ତନ କରାଯାଇଛି। ଗତ ୨୭ ତାରିଖରେ ନାମଲଖା ପାଇଁ ମେଧା ତାଲିକା ପ୍ରକାଶ ପାଇସାରିଛି। ଚୟନ ହୋଇଥିବା ଛାତ୍ରୀଛାତ୍ର ୨୮ ତାରିଖ ବଦଳରେ ୩୦ ତାରିଖରେ ରିପୋର୍ଟିଂ କରିପାରିବେ। ଯେଉଁ ପିଲାମାନେ ୨୮ତାରିଖରେ ରିପୋର୍ଟିଂ କରିଥିବେ ସେମାନଙ୍କୁ ପୁନଃ ରିପୋର୍ଟିଂ ପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯିବାକୁ ପଡ଼ିବ ନାହିଁ।। ନଭେମ୍ବର ୧ରେ ଶିକ୍ଷାନୁଷ୍ଠାନ ପକ୍ଷରୁ ମେଧା ତାଲିକା ପ୍ରକାଶ ପାଇବ। ୩ ରୁ ୬ ତାରିଖ ମଧ୍ୟରେ ନାମଲେଖା ହେବ।


## ଟେଣ୍ଡର ନୋଟିସ

**ଶ୍ରୀ ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା-ପୁରୀ, ୧୦୬୩ ପି.**

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସନ ୨୦୨୫-୨୬ ମସିହା (ତା.୧୭.୧୧.୨୦୨୫ ରିଖଠାରୁ ତା.୧୬.୧୧.୨୦୨୬ରିଖ) ନିମନ୍ତେ ମା' ମଙ୍ଗଳା ଠାକୁରାଣୀ, କାକଟପୁରଙ୍କର ଭୋଗ ଦୋକାନ ଓ ମୋବାଇଲ ଏବଂ ଜୋତା ଷ୍ଟାଣ୍ଡ ପାଇଁ ଟେଣ୍ଡର ଆସନ୍ତା ତା.୧୨.୧୧.୨୦୨୫ ରିଖ ଦିନ ମାନ୍ୟବର ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ । ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ମୂଲ୍ୟରେ ତା.୩୦.୧୦.୨୦୨୫ ରିଖ ଠାରୁ ତା.୦୩.୧୧.୨୦୨୫ ରିଖ ପର୍ଯ୍ୟନ୍ତ ଦିବା ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମନ୍ଦିର କାର୍ଯ୍ୟାଳୟରେ ପାଇପାରିବେ । ନେଇଥିବା ଟେଣ୍ଡର ଫର୍ମ ବିକ୍ରୟ ଦିନଠାରୁ ତା.୧୦.୧୧.୨୦୨୫ରିଖ ଅପରାହ୍ନ ୫ ଘଟିକା ସମୟ ମଧ୍ୟରେ ସର୍ତ୍ତ ମୁତାବକ ପୂରଣ କରି ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱର ସା-ଦେବୋତ୍ତର ଭବନ (ଦେୱାନୀ ଅଦାଲତ ନିକଟବର୍ତ୍ତୀ) ପୋ-ବିଜେବି ନଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ପିନ୍-୭୫୧୦୧୪ଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ ରେଜିଷ୍ଟ୍ରି ଡାକଦ୍ୱାରା ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ସମୟ ଗତେ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଅର୍ଥାତ୍ ସେହି ଟେଣ୍ଡର ଗ୍ରହଣଯୋଗ୍ୟ ହେବ ନାହିଁ । ତା.୧୨.୧୧.୨୦୨୫ରିଖ ଦିବା ୧୨ (ବାର) ଘଟିକା ସମୟରେ ଚେୟାରମ୍ୟାନ୍ ଟେଣ୍ଡର କମିଟିଙ୍କ (ଦେବୋତ୍ତର କମିଶନର କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର) ଉପସ୍ଥିତିରେ ଖୋଲାଯିବ ।

ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାଲାଗି ଅନୁରୋଧ ।

**ତଫସିଲ ନଂ-୧** (ନିଲାମ ପାଇଁ ଥିବା ଦୋକାନର ବିବରଣୀ)

| କ୍ର.ସଂ. | ଦୋକାନର ନାମ | ୨୦୨୫-୨୬ ପାଇଁ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଅମାନତ ଟଙ୍କାର ପରିମାଣ |
|---|---|---|---|
| ୧. | ଭୋଗ ଦୋକାନ | ଟ.୯୦,୦୦,୦୦୦/- | ଟ.୯,୦୦,୦୦୦/- |
| ୨. | ମୋବାଇଲ ଏବଂ ଜୋତା ଷ୍ଟାଣ୍ଡ | ଟ.୦୬,୨୭,୦୦୦/- | ଟ.୬୨,୭୦୦/- |

**କାର୍ଯ୍ୟାଳୟ ତରଫରୁ ସ୍ଥିରୀକୃତ ଦର/ମୂଲ୍ୟ**

ଭୋଗ ଦୋକାନ ପାଇଁ ଭୋଗର ମୂଲ୍ୟ ନିମ୍ନରେ ପ୍ରଦତ୍ତ କରାଯିବା ସହିତ ସମସ୍ତ ଭୋଗ ସାମଗ୍ରୀ ଡାଲା କିମ୍ବା ପତ୍ର ଠୋଲାରେ ବିକ୍ରୟ କରାଯିବ, କିନ୍ତୁ ପଲିଥିନ ବ୍ୟବହାର କରାଯିବ ନାହିଁ ।

| କ୍ର.ସଂ. | ଭୋଗର ନାମ | ବ୍ୟବହୃତ ଦ୍ରବ୍ୟ | କିଲୋ ପ୍ରତି ମୂଲ୍ୟ |
|---|---|---|---|
| ୧. | ଶୁଖିଲି ଭୋଗ କେବଳ ଅମୁଲ/ଓମ୍ଫେଡ ବ୍ରାଣ୍ଡ ଘିଅରେ ପ୍ରସ୍ତୁତ ହେବା ଆବଶ୍ୟକ । | ସୁଜି,ମଇଦା, ଅଟା,ବେସନ ଚିନି, ଘିଅ ଓ ଗୁଡ଼ | ଟ.୨୫୦/- (ଦୁଇ ଶହ ପଚାଶ ଟଙ୍କା) |
| ୨. | ଜୋତା ୧ ହଳ<br>ଏବଂ ମୋବାଇଲ ୧ଗୋଟା | | ଟ.୦୫/-<br>ଟ.୧୦/- |

ବି.ଦ୍ର.- ଶୁଖିଲି ଭୋଗ ସର୍ବନିମ୍ନ ଟ.୫୦/- (ପଚାଶ ଟଙ୍କା)ରେ ବିକ୍ରୟ କରାଯାଇପାରିବ ।

ସ୍ୱାକ୍ଷର/- କୈଳାସ ଚନ୍ଦ୍ର ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ପୁରୀ


# ଆଇସିୟୁ, କ୍ରିଟିକାଲ କେୟାର ୟୁନିଟ୍ ପାଇଁ ଜାରିହେବ ମାର୍ଗଦର୍ଶିକା



କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥି ଏସ୍‌ଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୯।୧୦(ସୁଚିସ୍ମିତା ସାହୁ)

ରାଜ୍ୟରେ ଥିବା ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ ଥିବା ଆଇସିୟୁ ଏବଂ କ୍ରିଟିକାଲ କେୟାର ୟୁନିଟ୍ ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯିବ। ଏହି ପରିପ୍ରେକ୍ଷୀରେ ବୁଧବାର ଇଣ୍ଡିଆନ ମେଡିକାଲ ଆସୋସିଏଶନ ସଭାଗୃହରେ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥି ଏସ୍. ଯୋଗଦେଇ କହିଲେ, ଟିମ୍‌ୱାର୍କ ସହ କାର୍ଯ୍ୟ କରିବା ସହିତ ଦକ୍ଷତାବୃଦ୍ଧି ଏବଂ ଉନ୍ନତି ଦିଗରେ ଧ୍ୟାନଦେବାକୁ ପଡିବ। ରୋଗୀ ସେବାକୁ ଯତ୍ନର ସହ ନିର୍ବାହ କରାଯିବା ଦରକାର। ରୋଗୀ ସୁବିଧାକୁ ଧ୍ୟାନ ଦେବା ସହ ମାର୍ଗଦର୍ଶିକାରେ କାର୍ଯ୍ୟ କରିବାକୁ ସେ କହିଥିଲେ। ସମ୍ମିଳନୀରେ ଆଇସିୟୁ ପରିଚାଳନାର ମୂଳ ପ୍ରସଙ୍ଗଗୁଡ଼ିକଉପରେବିଚାରବିମର୍ଶକରାଯାଇଥିଲା। ଏଥିସହ ଆଇସିୟୁ/କ୍ରିଟିକାଲ କେୟାର ୟୁନିଟ୍ ପରିଚାଳନା ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ଦିଗରେ ଆଲୋଚନା ହୋଇଥିଲା। ହସ୍ପିଟାଲର କ୍ଷମତା ଏବଂ ରୋଗୀ ସଂଖ୍ୟା ଉପରେ ଆଧାରକରି ଆବଶ୍ୟକ ଆଇସିୟୁ/କ୍ରିଟିକାଲ କେୟାର ୟୁନିଟ୍‌ର ଗ୍ରେଡ୍ ନିର୍ଣ୍ଣୟ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରବେଶ ମାନଦଣ୍ଡ, ଡିସ୍‌ଚାର୍ଜ ମାନଦଣ୍ଡ, ଆଇସିୟୁ ପ୍ରତିଷ୍ଠା, ସଂକ୍ରମଣ ପ୍ରତିରୋଧ, ନିକଟ ସମ୍ପର୍କୀୟଙ୍କ ସହ ପରାମର୍ଶ ଏବଂ ଯୋଗାଯୋଗ ଇତ୍ୟାଦି ପ୍ରସଙ୍ଗକୁ ସମାଧାନକରି ଏକ ଡ୍ରାଫ୍ଟ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ବିଜୟ ମହାପାତ୍ର, ମେଡିକାଲ ଶିକ୍ଷା ଏବଂ ଟ୍ରେନିଂ ନିର୍ଦ୍ଦେଶକ ସନ୍ତୋଷ ମିଶ୍ର ପ୍ରମୁଖ ମଞ୍ଚସ୍ଥ ଥିଲେ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସମସ୍ତ ଅଂଶୀଦାରଙ୍କ ପ୍ରତିନିଧି ଏବଂ ପରିଚାଳନାରେ ବ୍ୟାପକ ଅଭିଜ୍ଞତା ଥିବା ବିଶେଷଜ୍ଞମାନେ ଯୋଗଦେଇଥିଲେ।


## TPNODL

**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off: Corp. Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) 30th October, 2025**

**TP Northern Odisha Distribution Limited** invites tender from eligible bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001080 | Rate Contract for Supply of HT & LT Studs |
| 2 | TPNODL/OT/2025-26/2500001076 | Rate Contract for Supply of Transformer Oil |

* MSMEs registered in the State of Odisha shall pay tender fee of Rs. 1,000/- including GST.
* * EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**


# ୩ ଦିନରେ ୪୪୭୬ ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ

କଟକ,୨୯।୧୦(କାର୍ତ୍ତିକ ସାହୁ)

### ମୋଟରଯାନର ୪ ନିୟମ ଉଲ୍ଲଂଘନ ପାଇଁ ସ୍ୱତନ୍ତ୍ର ଚଢ଼ାଉ

ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ବିରୋଧରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଚଢ଼ାଉ କରାଯାଉଛି। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିବହନ ବିଭାଗ ଓ ପୋଲିସ ପ୍ରଶାସନର ସହଭାଗିତାରେ ମୋଟରଯାନର ୪ଟି ନିୟମ ଉଲ୍ଲଂଘନ ବିରୋଧରେ ୩ ଦିନ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଚଢ଼ାଉ କରାଯାଇଛି। ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ମଦ୍ୟପାନ କରି ଗାଡ଼ିଚାଳନା, ବିନା ଫିଟ୍‌ନେସ, ବିନା ପରମିଟ୍ ଭଳି ନିୟମ ଉଲ୍ଲଂଘନ ବିରୋଧରେ ମୋଟରଯାନ ଆଇନ ଅନୁଯାୟୀ ଇ-ଚାଲାଣ ଜାରି ହୋଇଛି।

ସୂଚନାନୁସାରେ, ୩ ଦିନର ସ୍ୱତନ୍ତ୍ର ଚଢ଼ାଉରେ ୪୪୭୬ଟି ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତନ୍ମଧ୍ୟରେ ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୩୪୪ଟି ଗାଡ଼ି ବିରୋଧରେ ଇ-ଚାଲାଣ ଜାରି ହୋଇଥିବା ବେଳେ ମଦ ପିଇ ଗାଡ଼ିଚାଳନା ପାଇଁ ୩୮, ବିନା ଫିଟନେସ୍ ପାଇଁ ୧୦୪୦ ଓ ବିନା ପରମିଟ୍ ବାବଦରେ ୪୬୨ ଗାଡ଼ି ବିରୋଧରେ ଚାଲାଣ କଟାଯାଇଛି। ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ଯୋଗୁ ଭୁବନେଶ୍ୱର-୧ ଆରଟିଓଙ୍କ ଦ୍ୱାରା ୨୬, କଟକ ଏବଂ ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୨୫ ଲେଖାଏ ଇ-ଚାଲାଣ, ବାଲେଶ୍ୱର ଆରଟିଓଙ୍କ ଦ୍ୱାରା ୨୨, ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୨୧, ଏଆରଟିଓ ଖୋର୍ଦ୍ଧାଙ୍କ ଦ୍ୱାରା ୨୦ଟି ଇ-ଚାଲାଣ ଜାରି କରାଯାଇଛି। ମଦ୍ୟପାନ କରି ଗାଡ଼ିଚାଳନା ବାବଦରେ ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୨୯, ରାଉରକେଲା ଆରଟିଓଙ୍କ ଦ୍ୱାରା ୨୮, ଭୁବନେଶ୍ୱର ଆରଟିଓଙ୍କ ଦ୍ୱାରା ୨୩, ଯାଜପୁର ଆର୍‌ଟିଓଙ୍କ ଦ୍ୱାରା ୧୭, ଭୁବନେଶ୍ୱର-୨ ଆର୍‌ଟିଓଙ୍କ ଦ୍ୱାରା ୧୬ ଇ-ଚାଲାଣ ଜାରି କରାଯାଇଛି। ବିନା ଫିଟନେସ୍ ପାଇଁ କଟକ ଆର୍‌ଟିଓଙ୍କ ଦ୍ୱାରା ୮୬, ଭୁବନେଶ୍ୱର-୧ ଆର୍‌ଟିଓଙ୍କ ଦ୍ୱାରା ୮୬, ପୁରୀ ଆର୍‌ଟିଓଙ୍କ ଦ୍ୱାରା ୫୭, ସମ୍ବଲପୁର ଆର୍‌ଟିଓଙ୍କ ଦ୍ୱାରା ୫୨, ରାଉରକେଲା ଆର୍‌ଟିଓଙ୍କ ଦ୍ୱାରା ୫୦, ବାଲେଶ୍ୱର ଆର୍‌ଟିଓଙ୍କ ଦ୍ୱାରା ୪୯ଟି ଇ-ଚାଲାଣ ଜାରି କରାଯାଇଛି। ବିନା ପରମିଟ ଯାଞ୍ଚ କରି ଏଆର୍‌ଟିଓ ଖୋର୍ଦ୍ଧାଙ୍କ ଦ୍ୱାରା ୪୩, ସମ୍ବଲପୁର ଆର୍‌ଟିଓଙ୍କ ଦ୍ୱାରା ୩୪, କେନ୍ଦୁଝର ଆର୍‌ଟିଓଙ୍କ ଦ୍ୱାରା ୨୭, ଭୁବନେଶ୍ୱର-୧ ଆର୍‌ଟିଓଙ୍କ ଦ୍ୱାରା ୨୪, ପୁରୀ ଏବଂ ନୟାଗଡ଼ ଆର୍‌ଟିଓଙ୍କ ଦ୍ୱାରା ୨୩ଟି ଲେଖାଏ ଇ-ଚାଲାଣ ଜାରି କରାଯାଇଛି। ସମ୍ବଲପୁର ଆର୍‌ଟିଓଙ୍କ ଦ୍ୱାରା ମୋଟ ୪୪୯, ଭୁବନେଶ୍ୱର-୧ ଆର୍‌ଟିଓଙ୍କ ଦ୍ୱାରା ୩୭୮, ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୩୩୮, ସୁନ୍ଦରଗଡ଼ ଆରଟିଓଙ୍କ ଦ୍ୱାରା ୨୫୯ ଏବଂ ରାଉରକେଲା ଆର୍‌ଟିଓଙ୍କ ଦ୍ୱାରା ୨୫୨ଟି ଇ-ଚାଲାଣ ଜାରି କରାଯାଇଛି।


## ଭାରତୀୟ ରିଜର୍ଭ ବ୍ୟାଙ୍କ

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର - 751 001

### ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱରରେ ବ୍ଲକ ଏ, ବି, ସି, ଡି, ଇ, ଏଫ୍ (ତୃତୀୟ ଶ୍ରେଣୀ), ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ଏବଂ ସାଧାରଣ କ୍ଷେତ୍ର (ସିକ୍ୟୁରିଟି ଗାର୍ଡ ବୁଥ୍, ପମ୍ପ ରୁମ, କମ୍ୟୁନିଟି ସେଣ୍ଟର)ର ବାହ୍ୟ ମରାମତି ଏବଂ ପୁନ: ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ** ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 17, 2025 ଅପରାହ୍ନ 05:00 ଟା ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୯।୧୦।୨୦୨୫

| | |
|---|---|
| ୩,୯୩,୩୬୮ ଟଙ୍କା | |
| ସୁନା | ୪.୯୦୦ ଗ୍ରାମ୍ |
| ରୁପା | ୬୮.୪୫୦ ଗ୍ରାମ୍ |

# ସଜେଇ ହେଉଛି ସାକ୍ଷୀଗୋପାଳ ମନ୍ଦିର

- ୩୧ରେ ଅଁଳା ନବମୀ, ରାଧାପାଦ ଦର୍ଶନ
- ବଛାବଛା କଳାକାରଙ୍କୁ ନେଇ ୩ଦିନ ଶ୍ରୀରାଧା ଉତ୍ସବ

ସାକ୍ଷୀଗୋପାଳ,୨୯।୧୦(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ରାଧାପାଦ ଦର୍ଶନ ପାଇଁ ବ୍ୟାରିକେଡ୍ କରାଯାଇଛି।

ବର୍ଷକୁ ଗୋଟିଏ ଦିନ କାର୍ତ୍ତିକ ଶୁକ୍ଳ ନବମୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ପାଦ ଦର୍ଶନ ପାଇଁ ପ୍ରସ୍ତୁତି ଆଗେଇ ଚାଲିଛି। ପ୍ରତିକୂଳ ପାଗ ସତ୍ତ୍ୱେ ମନ୍ଦିର ପରସର ସଜେଇ ହେଉଛି। ନୂଆକରି ଚଳିତ ବର୍ଷ ୧୧ ଥାକିଆ ଛାୟାପ୍ରଦ ଷ୍ଟିଲ୍ ବାରିକେଡ୍ ନିର୍ମାଣ ଶେଷ ହୋଇଛି। ବସ୍‌ଷ୍ଟାଣ୍ଡଠାରୁ ମନ୍ଦିର, ମେଳା ପଡ଼ିଆରେ ପ୍ରସ୍ତୁତି ନେଇ ବିଧାୟକ ଓମ୍ ପ୍ରକାଶ ମିଶ୍ର ଅଗ୍ରଗତିର ଅନୁଧ୍ୟାନ କରିଛନ୍ତି। ମନ୍ଦିର ବେଢ଼ାର ଦୃଶ୍ୟ ସହିତ ଅଁଳାବୃକ୍ଷ ପୂଜାର୍ଚ୍ଚନାର ସିଧା ପ୍ରସାରଣ ନିମନ୍ତେ ପ୍ରସାରଣ ଟିମ୍ ସହ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ସତ୍ୟବାଦୀ ତହସିଲ୍‌ଦାର ତଥା ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ବିଡିଓ ଦେବାଶିଷ ନାୟକ, ଆଇଆଇସି ବିଜୟ କେତନ ବେହେରା ଓ ଅତିରିକ୍ତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ମନ୍ଦିର ଅଞ୍ଚଳରେ ତଦାରଖ କରିଥିଲେ।

ସେହିପରି ନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ୍, ପରିମଳ, ପାନୀୟଜଳ ଆଦି ବିଭିନ୍ନ ବିଭାଗର ଯନ୍ତ୍ରୀ ଓ ଅଧିକାରୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାମ ଶେଷ କରିବାକୁ ଉଦ୍ୟମ ଚଳାଇଛନ୍ତି। ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ହେବାକୁ ଥିବା ୩ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀରାଧା ଉତ୍ସବରେ ବଛା ବଛା କଳାକାରମାନେ ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ପରିବେଷଣ କରିବାକୁ ଚୂଡ଼ାନ୍ତ ହୋଇଛି। ଶୁକ୍ରବାର ପ୍ରଥମ ସନ୍ଧ୍ୟାରେ ରୋଜାଲିନ୍ ସୁନ୍ଦରାୟ ଓ ଗ୍ରୁପ୍ ଓଡ଼ିଶୀ ନୃତ୍ୟ, ଭବାନୀପାଟଣା ପ୍ରତିଭା ଗ୍ରୁପ୍ ଲୋକନୃତ୍ୟ ଏବଂ କୁମାର ବାପି ଓ ତାଙ୍କ ଗ୍ରୁପ୍ ଭଜନ ପରିବେଷଣ କରିବେ। ଶନିବାର ରାଜେଶ ସାହୁ ଓ ତାଙ୍କ ଗ୍ରୁପ ଓଡ଼ିଶୀ ନୃତ୍ୟ, ଭୁବନେଶ୍ୱର ସିଲିପିକା ଗ୍ରୁପ୍ କ୍ରିଏଟିଭ୍ ଡ୍ୟାନ୍ସ, ଶଙ୍କର ବେହେରା ଏବଂ ତାଙ୍କ ଗ୍ରୁପ୍ ସମ୍ବଲପୁରୀ ଗୀତ ପରିବେଷଣ କରିବେ। ରବିବାର ବଲାଙ୍ଗୀର ନାଟ୍ୟକଳା, ସତ୍ୟଜିତ ଏବଂ ତାଙ୍କ ଗ୍ରୁପ୍ ଭଜନ, କ୍ରିଏଟିଭ୍ ଡ୍ୟାନ୍ସ ଏକାଡେମୀ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଜିଲା ପୋଲିସ ପକ୍ଷରୁ ଯାନବାହନ ଚଳାଚଳ ଓ ଟ୍ରାଫିକ ନିୟନ୍ତ୍ରଣ ସମ୍ପର୍କରେ ଡିଜିଟାଲ ପରାମର୍ଶ ପ୍ରକାଶ ପାଇଛି। ଶୁକ୍ରବାର ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡଠାରୁ ମନ୍ଦିରକୁ ସମସ୍ତ ଭାରିଯାନ ଚଳାଚଳ ବନ୍ଦ ରହିବ। ଭୁବନେଶ୍ୱରରୁ ଆସୁଥିବା ହାଲୁକା ଚାରିଚକିଆ ଯାନ ସାକ୍ଷୀଗୋପାଳ କଲେଜ ଛକ ଦେଇ କୋଟପଡ଼ ପଡ଼ିଆ ଏବଂ ବାଇକ୍ ମନ୍ଦିର ନିକଟ ଶୌଚାଳୟ ପଡ଼ିଆରେ, ପୁରୀରୁ ଆସୁଥିବା ହାଲୁକା ଚାରିଚକିଆ ଓ ବାଇକ୍ ଷ୍ଟେସନ ପଡ଼ିଆରେ ପାର୍କିଂ କରି ସେହି ରାସ୍ତାଦେଇ ଫେରିବେ। ଅଳଗୁମରୁ ଆସୁଥିବା ହାଲୁକା ଚାରିଚକିଆ ଯାନ ବନପୁର ଛକରୁ ବାରଗାମଚନ୍ଦ୍ରପୁର ଦେଇ କାଦୁଅ ଛକରେ ରାଜପଥକୁ ବାହାରିବେ। ଅଳଗୁମରୁ ମନ୍ଦିରକୁ ଆସୁଥିବା ବାଇକ୍ ସିଦ୍ଧବକୁଳ ମନ୍ଦିର ପଡ଼ିଆରେ ପାର୍କିଂ କରି ସେହି ରାସ୍ତାଦେଇ ଫେରିବେ। ସାକ୍ଷୀଗୋପାଳ ବଜାରକୁ ଆସୁଥିବା ବାଇକ୍ ସାରୁଗଡ଼ିଆ ଛକ ଦେଇ ମର୍ତିତିରସାହି, ମଠସାହି ଦେଇ ମର୍ଜିନେଇ ମନ୍ଦିର ନିକଟକୁ ଯିବା ପାଇଁ ସୂଚନା ଦିଆଯାଇଛି। ଅଁଳାନବମୀଠାରୁ ବଡ଼ ଏକାଦଶୀ ପର୍ଯ୍ୟନ୍ତ ମନ୍ଦିରଠାରୁ ୫ ଶହ ମିଟର ମଧ୍ୟରେ କୌଣସି ଆମିଷ ଦ୍ରବ୍ୟ ପ୍ରସ୍ତୁତ, ବିକ୍ରି ଏବଂ ମାଦକ ଦ୍ରବ୍ୟ ନିଷେଧ କରାଯାଇଛି।

## ବାରିକେଡ୍‌ରୁ ହଟିଲା ନେତାଙ୍କ ଫଟୋ

ସାକ୍ଷୀଗୋପାଳ,୨୯।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)



ଭକ୍ତମାନଙ୍କ ଶୃଙ୍ଖଳିତ ଓ ସୁବିଧା ଦର୍ଶନ ପାଇଁ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ୧୧ ଥାକିଆ ଷ୍ଟିଲ୍ ବାରିକେଡ୍ ନିର୍ମାଣ କରାଯାଇଛି। ଏହି ବାରିକେଡ୍ ପରିସରରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ପରିଷଦର ଅନ୍ୟ ମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କ ଫଟୋ ଲଗାଯାଇଥିଲା। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଏ ସମ୍ପର୍କରେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରି ଅଁଳାନବମୀ ସମୟ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ କୌଣସି ରାଜନୈତିକ ଦଳ କିମ୍ବା ରାଜନୈତିକ ନେତାଙ୍କ ଫଟୋ ଲଗାଯିବ ନାହିଁ କିମ୍ବା ରାସ୍ତା ଅତିକ୍ରମ କଲାଭଳି ତୋରଣ କରାଯାଇପାରିବ ନାହିଁ ବୋଲି ହୋଇଥିବା ନିଷ୍ପତ୍ତିର ଉଲ୍ଲଙ୍ଘନ କରାଯାଉଛି ବୋଲି ଜଣାଇଥିଲେ। ପରେ ପ୍ରଶାସନ ତରଫରୁ ଷ୍ଟିଲ୍ ବାରିକେଡ୍ ମଧ୍ୟରେ ଲଗାଯାଇଥିବା ମନ୍ତ୍ରୀ ପରିଷଦ ଫଟୋଗୁଡ଼ିକ ହଟାଇ ଦିଆଯାଇଛି।

## ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିକଲା ବିଭିନ୍ନ ସଂଗଠନ

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି):

**ବରିଷ୍ଠ ରାଜନେତା ଶଙ୍କର ପରିଡ଼ାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର**



ଓଡ଼ିଶାର ବିଶିଷ୍ଟ ଲୋକପ୍ରିୟ ରାଜନେତା ତଥା ରାଜ୍ୟ କଳାଶିଳ୍ପ ନିଗମର ପୂର୍ବତନ ଅଧ୍ୟକ୍ଷ ଶଙ୍କର ପରିଡ଼ାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଗୁରୁତର। ଫୁସ୍‌ଫୁସ୍‌ଜନିତ କ୍ୟାନ୍‌ସରରେ ସେ ପୀଡ଼ିତ ହୋଇ ଦୀର୍ଘଦିନ ଧରି ଚିକିତ୍ସାଧୀନ ଅଛନ୍ତି। ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସୋମବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ତାଙ୍କର ଦେହ ଅସୁସ୍ଥ ଥିବା ନେଇ ଖବର ପ୍ରକାଶ ପାଇବା ପରେ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭକରି ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମାତ୍ର ଦୁଃଖ ଓ ପରିତାପର ବିଷୟ, ରାଜ୍ୟ ସରକାରଙ୍କ ତରଫରୁ ଏହି ମହାନ୍ ବ୍ୟକ୍ତିବିଶେଷଙ୍କ ଚିକିତ୍ସା ପାଇଁ ସେଭଳି କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ଲେଖକ, ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସାମ୍ବାଦିକ ମଧୁସୂଦନ ମିଶ୍ର, ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି, ସାମାଜିକ କର୍ମୀ ରାଜେଶ କୁମାର ମହାନ୍ତି ଓ ଶିବସୁନ୍ଦର ମିଶ୍ର ପ୍ରମୁଖ ଡାକ୍ତରଖାନା ଯାଇ ତାଙ୍କୁ ସାକ୍ଷାତ୍ କରିଥିଲେ। ଏହା ପୂର୍ବରୁ ଏମ୍‌ପି ଡା. ସମ୍ବିତ୍ ପାତ୍ରଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଦେଖାକରିଛନ୍ତି। ସମାଜକୁ ବହୁଳଭାବେ ଉପକୃତ କରିଥିବା ଶଙ୍କର ପରିଡ଼ାଙ୍କ ସମସ୍ତ ଚିକିତ୍ସାଭାର ଓଡ଼ିଶା ସରକାର ଗ୍ରହଣ କରିବାକୁ ମିଶନ ଓଡ଼ିଶା, ଶ୍ରୀ ଶ୍ରୀକ୍ଷେତ୍ର ସୂଚନା, ଅଭିନନ୍ଦନିକା, ନିର୍ମାଲ୍ୟ, କୁମାର କବି ଫାଉଣ୍ଡେସନ, ସୁଲେଖା, ନୀଳାଦ୍ରି, ପ୍ରିୟପତ୍ର, ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି, ଓଡ଼ିଶା ଯୁବ ଚେତନା ସଂଗଠନ, ଦି ମିରର୍ ପ୍ରୟାସ, ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ, ସାହିଭାଇ, ସଚେତନ ନାଗରିକ ସମାଜ, ସମ୍ଭାବନା, ବନ୍ଦେ ମାତରଂ ଫାଉଣ୍ଡେସନ ପ୍ରମୁଖ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରାଯାଇଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଡେଲାଙ୍ଗ,୨୯।୧୦(ରଶ୍ମିରଞ୍ଜନ ପ୍ରଧାନ): ଡେଲାଙ୍ଗ ଥାନା ଅଧୀନ ଜେନାପୁର ପଞ୍ଚାୟତସ୍ଥିତ ହାକପଡ଼ା ଗ୍ରାମରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଡେଲାଙ୍ଗ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ହାକପଡ଼ା ଗ୍ରାମର ଦେବାଶିଷ ସ୍ୱାଇଁ(୨୨)। ସେ ବେକରେ ରଶି ଲଗାଇ ଗୁହାଳଘରେ ଝୁଲିପଡ଼ିଥିବା ପରିବାର ଲୋକ ଦେଖି ଡେଲାଙ୍ଗ ପୋଲିସକୁ ଖବର ଦେଇଥିଲେ। ଡେଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହକୁ ଜବତ କରିଛି। ଏନେଇ ନଂ.୧୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିବା ବେଳେ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ପୁଅର ମୃତ୍ୟୁ ନେଇ ତାଙ୍କ ମା' ସବିତା ସ୍ୱାଇଁ ଡେଲାଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହା ହତ୍ୟା ନା ଆତ୍ମହତ୍ୟା ତାହାର କାରଣ ଜଣାପଡ଼ି ନ ଥିବା ବେଳେ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଥିବା ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।

### ସାକ୍ଷୀଗୋପାଳରେ ଗୀତାଯଜ୍ଞ

ସାକ୍ଷୀଗୋପାଳ,୨୯।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ): କାର୍ତ୍ତିକ ଶୁକ୍ଳ ସପ୍ତମୀ ତିଥି ବୁଧବାର ସାକ୍ଷୀଗୋପାଳ ମନ୍ଦିର ନିକଟ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମଦ୍ ଭାଗବତ ଗୀତା ପାଠ ସହିତ ଯଜ୍ଞରେ ଆହୁତି ପ୍ରଦାନ କରାଯାଇଥିଲା। ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଘଟସ୍ଥାପନ, ଦେବଦେବୀଙ୍କୁ ଆବାହନ, ପୂଜା, ହୋମ, ଆଳତି ଓ ନୈବେଦ୍ୟ ପ୍ରଦାନ କରାଯାଇଥିଲା। ପୁରୋଧା ହରିହର ମହାପାତ୍ର, କର୍ତ୍ତା ଭାବେ ଧୂଳିରାମ ମହାପାତ୍ର ସପତ୍ନିକ ଯୋଗଦେଇଥିବାବେଳେ ଗୋବିନ୍ଦ ମହାପାତ୍ର, ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ଓ ରବୀନ୍ଦ୍ରନାଥ ଶତପଥୀ ପ୍ରମୁଖ ଗୀତାପାଠ କରିଥିଲେ। ମହାକାର୍ତ୍ତିକ ମାସରେ ସାକ୍ଷୀଗୋପାଳଙ୍କ କ୍ଷେତ୍ରରେ ପବିତ୍ର ଗୀତା ପାଠ ଓ ଯଜ୍ଞ ଆୟୋଜନରୁ ଅଶେଷ ପୁଣ୍ୟ ମିଳିଥାଏ ବୋଲି ଗୋବିନ୍ଦ ମହାପାତ୍ର କହିଛନ୍ତି।

### ରାସ୍ତାରେ ଗୋରୁ, ଟ୍ରାଫିକ୍ ସମସ୍ୟା ଗୁରୁତର

ଯୋଗେଶ୍ୱରପୁର,୨୯।୧୦(ରଶ୍ମିରଞ୍ଜନ ସାହୁ): ନୟାହାଟରେ ଗୋଚର ଜମିଗୁଡ଼ିକ ଜବରଦଖଲ ହେବା ଫଳରେ ରାସ୍ତା ଉପରେ ବୁଲାଗୋରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି। ବୁଲାଗୋରୁଙ୍କ ପାଇଁ ଗୋଶାଳା ନ ଥିବାରୁ ଗ୍ରାମାଞ୍ଚଳରେ ଗୋରୁ ଫିଟାଇଦେବା ଫଳରେ ସେମାନେ ବଜାରରେ ପଡ଼ିଥିବା ପଚାଶଢ଼ା ପରିବା ଓ ଫଳମୂଳ ଖାଇ ରାସ୍ତାଘାଟରେ ବୁଲିଥାନ୍ତି। ଏପରିକି ରବି, ସୋମ, ବୁଧ, ଶୁକ୍ରବାର ହାଟବାରଗୁଡ଼ିକରେ ବସ୍, ବାଇକ୍, ମାଲବୁହା ଗାଡ଼ି ଘଣ୍ଟା ଘଣ୍ଟା ଧରି ମୁଖ୍ୟରାସ୍ତା ଉପରେ ଅଟକି ରହିଥାନ୍ତି। ସରକାରୀ ଜାଗା ଥାଇ ମଧ୍ୟ ରାସ୍ତା ଓସାର ନ ହେବା ଦ୍ୱାରା ସବୁବେଳେ ସନ୍ଧ୍ୟାରେ ଟ୍ରାଫିକ ସମସ୍ୟା ଲାଗିରହୁଛି। ଜରୁରିକାଳୀନ ସେବା ଲାଗି ଘଣ୍ଟା ଘଣ୍ଟା ଧରି ଅଟକି ରହିଥାନ୍ତି। ଟ୍ରାଫିକ୍ ସମସ୍ୟା ସୁଧାରିବା ପାଇଁ ନୟାହାଟ ପୋଲିସକୁ ସବୁଦିନ ୩ରୁ ୪ ଘଣ୍ଟା ନାକେଦମ୍ ହେବାକୁ ପଡ଼ିଥାଏ। ରାସ୍ତା ଉପରେ ଫଳ, ପନିପରିବା ଓ ଅନ୍ୟାନ୍ୟ ଦୋକାନ ସରକାରୀ ଜାଗାକୁ ମାଡ଼ିବସିବା ଯୋଗୁ ସାଇକେଲ, ବାଇକ୍ ହାଟଦିନଗୁଡ଼ିକରେ ଥୁଆହେବା ଫଳରେ ରାସ୍ତାରେ ସାଧାରଣ ଜନତା ଚାଲିକି ଯିବାଆସିବା କରିବା କଷ୍ଟକର ହୋଇପଡୁଛି। ଏ ଦିଗରେ ଜିଲାପାଳ, ତହସିଲ୍‌ଦାର ଦୃଷ୍ଟିଦେଇ ଜବରଦଖଲ ଉଚ୍ଛେଦ ପାଇଁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହେଉଛି।

# ସଚେତନତା ହିଁ ଠକେଇରୁ ବର୍ତ୍ତିବାର ଶକ୍ତିଶାଳୀ ଅସ୍ତ୍ର




କୃତୀ ଛାତ୍ରୀଛାତ୍ରଙ୍କ ସହ ପୋଲିସ ଅଧିକାରୀମାନେ।

ଗୋପ,୨୯।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

**ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ**

ଗୋପ ଥାନା ପକ୍ଷରୁ ନିକଟସ୍ଥ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରେ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବର୍ତ୍ତମାନ ମୋବାଇଲ ଫୋନ୍, କମ୍ପ୍ୟୁଟର ଓ ଅନ୍ୟାନ୍ୟ ସ୍ମାର୍ଟ ଡିଭାଇସ୍‌ର ବହୁଳ ବ୍ୟବହାର ହେଉଥିବାରୁ ସାଇବର ଠକମାନଙ୍କ ପାଇଁ ଏହା ନୂଆ ରୋଜଗାରର ମାଧ୍ୟମ ପାଲଟିଛି। ଏଭଳି ଠକଙ୍କଠାରୁ ବର୍ତ୍ତିବା ପାଇଁ ସହଜ ଓ ସରଳ ଉପାୟ ହେଉଛି ସାଇବର ସୁରକ୍ଷା ବୋଲି ମତବ୍ୟକ୍ତ କରିଥିଲେ। ସଚେତନତା ହିଁ ସାଇବର ଠକେଇରୁ ବର୍ତ୍ତିବା ପାଇଁ ଶକ୍ତିଶାଳୀ ଅସ୍ତ୍ର। ସେହିପରି ବ୍ୟାଙ୍କ ତଥ୍ୟ, ଓଟିପି ହଠାତ୍ କାହାରିକୁ ନ ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଥାନା ଏସ୍‌ଆଇ ବୁଦ୍ଧ ରାୟ ମାଝି ଯୋଗଦେଇ ଅନ୍‌ଲାଇନରେ ଠକେଇ ହେବାମାତ୍ରେ ହେଲ୍ପଲାଇନ ନମ୍ବର ୧୯୩୦ରେ କଲ୍‌କରି ଜଣାଇବାକୁ କୁହାଯାଇଥିଲା। ଏହାବ୍ୟତୀତ ସୋସିଆଲ ମିଡିଆରେ ନକଲି ସନ୍ଦିଗ୍ଧ ପୋଷ୍ଟ ଦେଖିବା ମାତ୍ରେ ତୁରନ୍ତ ଥାନାକୁ ଜଣାଇବାକୁ ପରାମର୍ଶ ଦେଇଥିଲେ। 'ସଚେତନତା ହିଁ ସୁରକ୍ଷା' ମନ୍ତ୍ରକୁ ଅନୁସରଣ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏସ୍‌ଆଇ ଦେବସ୍ମିତା ସିଂହ ଆର୍ଥିକ ଠକେଇ, ଚୋରି, ହାକିଂ, ସୋସିଆଲ ମିଡିଆ ଠକେଇ, ଅନ୍‌ଲାଇନ ଡ୍ରଗ୍ସ ଟ୍ରାଫିକିଂ ଆଦି ବିଭିନ୍ନ ପ୍ରକାରର ସାଇବର ଅପରାଧ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଲାଗି ସଚେତନତା ସୃଷ୍ଟି କରାଯାଇଥିଲା। ସେହିପରି ସାଇବର ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏଏସ୍‌ଆଇ ଶିବରାମ ଶତପଥୀ, ମହନ୍ତ ବିଭୁ ପ୍ରସାଦ ପ୍ରସାଦ ଦାସ, ନିଗମାନନ୍ଦ ସ୍ମାର୍ଟ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ପଞ୍ଚକରେ ସବୁ ଦ୍ୱାରରେ ଭକ୍ତଙ୍କ ପ୍ରବେଶ ପାଇଁ ଦାବି

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି): ପଞ୍ଚକ ସମୟରେ ଶ୍ରୀମନ୍ଦିରର ସମସ୍ତ ଦ୍ୱାରରେ ଭକ୍ତଙ୍କୁ ପ୍ରବେଶ ବ୍ୟବସ୍ଥା କରାଯାଉ ବୋଲି ଦାବି କରି ଆଇନଜୀବୀ ଦିଲୀପ କୁମାର ବରାଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଶ୍ରୀମନ୍ଦିର ଚାରି ଦ୍ୱାର ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ନାମରେ ପରିଚିତ। ସମସ୍ତ ଦ୍ୱାରରେ ଭକ୍ତମାନେ ସେମାନଙ୍କ ଇଚ୍ଛା ଅନୁଯାୟୀ ପ୍ରବେଶ କରିବା ଧାର୍ମିକ ଅଧିକାର। ଚଳିତ ବର୍ଷ ପଞ୍ଚକରେ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ନେଇ ଯୋଜନା କରାଯାଉଛି। ସେହିପରି ବେଆଇନ ଭାବେ ବଡ଼ଦାଣ୍ଡରେ ଅସ୍ଥାୟୀ ବାରିକେଡ୍ କରାଯାଉଛି। ଭକ୍ତଙ୍କ ଭାବନା ସହ ଖେଳାଯାଉଛି। କୋଟି କୋଟି ଭକ୍ତଙ୍କ ଧାର୍ମିକ ଅଧିକାର ଉଲ୍ଲଂଘନ ହୋଇଥିଲା। କେବଳ ସିଂହଦ୍ୱାରରେ ପ୍ରବେଶ ଫଳରେ କୃତ୍ରିମ ଗହଳି ସୃଷ୍ଟି ହୋଇଛି। ଏଭଳି ଅବ୍ୟବସ୍ଥା ସୃଷ୍ଟି ନ କରିବା ପାଇଁ ଶ୍ରୀମନ୍ଦିରର ସମସ୍ତ ଦ୍ୱାରରେ ଭକ୍ତମାନଙ୍କୁ ପ୍ରବେଶ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି। ତେଣୁ ଭକ୍ତମାନଙ୍କୁ ସମସ୍ତ ଦ୍ୱାରରେ ପ୍ରବେଶ ପାଇଁ ଅନୁମତି ପ୍ରଦାନ କରାଯାଉ ବୋଲି ବରାଳ ଦାବି କରିଛନ୍ତି।

## ଜୁଡୋ ଆସୋସିଏଶନ ପକ୍ଷରୁ ବିଶ୍ୱ ଜୁଡୋ ଦିବସ




ସଫଳତା ହାସଲ କରିଥିବା ଜୁଡୋ ଖେଳାଳିମାନଙ୍କୁ ପୁରୀରେ ସମ୍ବର୍ଦ୍ଧିତ କରାଯାଉଛି।

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଜୁଡୋ ଆସୋସିଏଶନ ତରଫରୁ ସ୍ଥାନୀୟ ନାୟକ ବିଚ୍ ରିସର୍ଟଠାରେ ବିଶ୍ୱ ଜୁଡୋ ଦିବସ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠାନର ସଭାପତି ଗିରୀଶ୍ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଆଥ୍‌ଲେଟିକ ଆସୋସିଏଶନ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ସମ୍ମାନିତ ଅତିଥି ରୂପେ ରବୀନ୍ଦ୍ର ସେନାପତି, ପୁରୀ ଜିଲାସ୍କୁଲର ପୂର୍ବତନ କ୍ରୀଡ଼ା ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ପାତ୍ର, ଏନ୍‌ଆଇଏସ୍ କୋଚ୍ ଅକ୍ଷୟ କୁମାର ବ୍ରହ୍ମା, ଅନୁଷ୍ଠାନର ଯୁଗ୍ମ ସଚିବ ସନ୍ତୋଷ କୁମାର ପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ପଦକ ପାଇଥିବା ଖେଳାଳିମାନଙ୍କୁ ଅନୁଷ୍ଠାନ ତରଫରୁ ମେଡାଲ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଖେଳାଳିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଆଗକୁ କିପରି ପିଲାମାନେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଖେଳି ସୁନାମ ଅର୍ଜନ କରିବେ ଅନୁଷ୍ଠାନ ଲକ୍ଷ୍ୟ ରଖିଛି। ଏଥିରେ ବରିଷ୍ଠ ଜୁଡୋକା ସିଦ୍ଧେଶ୍ୱର ମୁଦୁଲି, ସନ୍ତୋଷ ମହାନ୍ତି, ଶକ୍ତିରଞ୍ଜନ ଶତପଥୀ, ହରିବୋଲ ସିଂହାରୀ ଏବଂ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସାଇବର ସୁରକ୍ଷା କ୍ୟାମ୍ପେନ, ସଚେତନତା ସଭା

ନିମାପଡ଼ା,୨୯।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ପୋଲିସ ପକ୍ଷରୁ ସାଇବର ସୁରକ୍ଷା କ୍ୟାମ୍ପେନ୍, ସଚେତନତା ସଭା, ଡିବେଟ୍ ପ୍ରତିଯୋଗିତା ଓ ସଚେତନଧର୍ମୀ ନାଟକ ପ୍ରଦର୍ଶନ କାର୍ଯ୍ୟକ୍ରମ ନିମାପଡ଼ା ଡିଗ୍ରୀ ମହିଳା ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ସମାରୋହରେ ଅତିଥି ଭାବେ ପୋଲିସ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଆଇଆଇସି ସମରେନ୍ଦ୍ର ପାଇକରାୟ, ଇନ୍ସପେକ୍ଟର ରୀତା ବେହେରା, କଲେଜ ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ସାହୁ, ରତିକାନ୍ତ ଓଝା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପୁଷ୍ପମିତ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଜଣା ଲୋକମାନଙ୍କୁ ନିଜର ଫୋନ୍ ନମ୍ବର ନ ଦେବା, କାହାରିକୁ ନିଜର ଓଟିପି କି ବ୍ୟାଙ୍କ ଆକାଉଣ୍ଟ ନମ୍ବର ପ୍ରଦାନ ନ କରିବା, ସାଇବର ଠକେଇରୁ ପ୍ରତ୍ୟେକ ବ୍ୟକ୍ତି ନିବୃତ୍ତ ରହିବା, ସାଇବର ଠକେଇର ଶିକାର ହେଲେ ତତ୍‌କ୍ଷଣାତ୍ ୧୯୩୦ ସାଇବର ହେଲ୍ପଲାଇନ ନମ୍ବରକୁ ଫୋନ୍ କରି ଜଣାଇବା ଦିଗରେ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ କଲେଜ ଛାତ୍ରୀ ଓ କର୍ମଚାରୀଙ୍କୁ ସଚେତନ ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ କଲେଜ ଛାତ୍ରୀମାନଙ୍କ ମଧ୍ୟରେ ସାଇବର ସୁରକ୍ଷା ସଂକ୍ରାନ୍ତରେ ଏକ ଡିବେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରୀ ସମୀକ୍ଷା ସ୍ୱାଇଁ, ବନ୍ଦିତା ନାୟକ, ଅମିଷା ପ୍ରିୟଦର୍ଶିନୀ, ନିରୁପମା ଦାସ, ରାଜଶ୍ରୀ ସ୍ୱାଇଁ ପ୍ରମୁଖ ୫ କୃତୀ ପ୍ରତିଭାଙ୍କୁ ଅତିଥିମାନେ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସଚେତନଧର୍ମୀ ନାଟକ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଏହି ସଚେତନଧର୍ମୀ କାର୍ଯ୍ୟକ୍ରମରେ କଲେଜର ଶତାଧିକ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଥିଲେ।



ସାଇବର ସୁରକ୍ଷା କ୍ୟାମ୍ପେନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଭାରତ ଆକାଶର ଉଜ୍ଜ୍ୱଳ ଜ୍ୟୋତିଷ୍କ ପ୍ରଚାରକ ଅନନ୍ତ ମିଶ୍ର

**ପ୍ରଚାରକ ଅନନ୍ତ ମିଶ୍ରଙ୍କ ୧୪୨ତମ ରାଜ୍ୟସ୍ତରୀୟ ଜୟନ୍ତୀ**

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)



ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷଙ୍କ ସହ ଅତିଥିମାନେ।

ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ ଓଡ଼ିଶା, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଜିଲା ସଂସ୍କୃତି ଭବନରେ ସତ୍ୟବାଦୀ ସପ୍ତସଖା ଗୋଷ୍ଠୀର ଏକନିଷ୍ଠ କର୍ମଯୋଗୀ ଉତ୍କଳ ଦଧୀଚି ପ୍ରଚାରକ ଅନନ୍ତ ମିଶ୍ରଙ୍କ ୧୪୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ମନୋରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ପ୍ରଥମ ଅଧିବେଶନରେ ଡ. ହେମନ୍ତ କୁମାର ଛୋଟରାୟ ପୌରୋହିତ୍ୟ କରିଥିଲେ। ଓଡ଼ିଶାର ପ୍ରଖ୍ୟାତ ସାହିତ୍ୟିକ ତଥା ପିତାମହ ଭୀଷ୍ମ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନୀ ଭାଷଣରେ ଦୁଃଖରେ କହିଥିଲେ, ଏ ଓଡ଼ିଆ ଜାତି ପ୍ରଚାରକ ଅନନ୍ତଙ୍କୁ ଭୁଲିଯାଉଛି। ସରକାରୀ ଅବହେଳା ଆଦୌ ଗ୍ରହଣୀୟ ନୁହେଁ। ତାଙ୍କ ପାଇଁ ଆମ ହୃଦୟ ଖୋଲିଦେବା ଦରକାର। ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦେଇ ପ୍ରଚାରକ ଅନନ୍ତ ମିଶ୍ର ଥିଲେ ସମଗ୍ର ଓଡ଼ିଶାର ଦର୍ପଣ ବୋଲି କହିଛନ୍ତି। ବିଶିଷ୍ଟ ବକ୍ତା ଭାବେ ଡ. ଶକୁନ୍ତଳା ବଳିଆରସିଂହ, ଅଭ୍ୟର୍ଥନା ଅଧ୍ୟକ୍ଷ ଭାବେ ପୁରୀର ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବାଲ୍ୟସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ପ୍ରଦାନ ଅବସରରେ ସ୍ୱନାମଧନ୍ୟ ସାହିତ୍ୟିକା ଡ. ଶକୁନ୍ତଳା ବଳିଆରସିଂହଙ୍କୁ ସତ୍ୟବାଦୀ ସପ୍ତସଖା ଭାଷା ସମ୍ମାନ, ବାଲ୍‌ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କୁ ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତିକଥା ସମ୍ମାନ, ଡ. ବିଶ୍ୱନାଥ ବଳିଆରସିଂହଙ୍କୁ ଉତ୍କଳ ଗୁରୁବ୍ରହ୍ମା ସମ୍ମାନ, ରଞ୍ଜିତ ସେଠୀଙ୍କୁ ଉତ୍କଳ ଗୁରୁରତ୍ନ ସମ୍ମାନ, ସୁବାସିନୀ ଧଳଙ୍କୁ ଉତ୍କଳ ସାରସ୍ୱତ ସମ୍ମାନ ଏବଂ ପଦ୍ମଲୋଚନ ମହାପାତ୍ରଙ୍କୁ ସତ୍ୟବାଦୀ ସପ୍ତସଖା ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ବାର୍ଷିକ ପତ୍ରିକା ଭାଷା ସମ୍ମିଳନୀର ଉନ୍ମୋଚନ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଡ. ମୀନକେତନ ପଟ୍ଟଯୋଶୀଙ୍କ ସଂଯୋଜନାକ୍ରମେ ସତ୍ୟବାଦୀ ଗବେଷକ ଭୀମସେନ ମହାପାତ୍ରଙ୍କ ପୌରୋହିତ୍ୟରେ କବିତା ପାଠୋତ୍ସବରେ କ୍ରିଷ୍ଣା ମହାପାତ୍ର, ବିଶାଖା ଦେବୀ, ସୁନନ୍ଦା ମହାନ୍ତିଙ୍କ ସଂଯୋଜନାରେ ଏକଶହରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ।

## ସଂକ୍ଷେପରେ

### ରାସ୍ତା କଡ଼ରୁ ସନ୍ଦେହଜନକ ଅବସ୍ଥାରେ ବାଇକ୍ ଜବତ



ତ୍ରିଶୂଳିଆ/ବାରଙ୍ଗ, ୨୯।୧୦ (ତୁଷାରକାନ୍ତ ବେହେରା/ ଲିଙ୍ଗରାଜ ରାଉତ): ବାରଙ୍ଗ ମୁଖ୍ୟରାସ୍ତା କଡ଼ ବଛିପୁର ଛକ ପାଖରେ ସନ୍ଦେହଜନକ ଅବସ୍ଥାରେ ଥୁଆ ହୋଇଥିବା ଏକ ବାଇକ୍ (ନଂ. ଓଡ଼ି୩୩ଏଏସ୦୩୮୪)କୁ ବୁଧବାର ବାରଙ୍ଗ ପୋଲିସ ଜବତ କରିଛି। ତେବେ ଗାଡ଼ିଟି କେଉଁ ପରିସ୍ଥିତିରେ ଏଠାକୁ ଆସିଲା ଓ ଏହାର ପ୍ରକୃତ ମାଲିକ କିଏ ତାହା ଜାଣିବାପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି।

ବଛିପୁର ନିକଟ ଏକ ହୋଟେଲ ସମ୍ମୁଖରେ ଗାଡ଼ିଟି ଥୁଆ ହୋଇଥିଲା। ପ୍ରାୟ ୩ ଦିନ ହେବ ବାଇକ୍‌ଟିକୁ କେହି ନ ନେବାରୁ ସ୍ଥାନୀୟ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବାଇକ୍‌ଟିକୁ ଜବତ କରିଛି। ଏଥିସହ ତଦନ୍ତ ପରେ ଗାଡିଟି କାହାର ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ନନ୍ଦନକାନନରେ ଆଖିବୁଜିଲା ୪ ମାସର କୁଟୁରା

ବାରଙ୍ଗ,୨୯।୧୦(ଲିଙ୍ଗରାଜ ରାଉତ): ପ୍ରାଣୀଉଦ୍ୟାନ ନନ୍ଦନକାନନରେ ୪ ମାସର ମାଈ କୁଟୁରାର ବୁଧବାର ମୃତ୍ୟୁ ଘଟିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପ୍ରାଣୀଉଦ୍ୟାନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ନନ୍ଦନକାନନର କୁଟୁରା ଖୁଆଡ଼ରେ ରହୁଥିବା ଏହି ମାଈ କୁଟୁରାଟି କିଛିଦିନ ହେବ ଅସୁସ୍ଥ ହୋଇପଡ଼ିଥିଲା। ଖୁଆଡରେ ନିୟୋଜିତ ଥିବା କର୍ମଚାରୀ ଏହା ଦେଖି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଖବରପାଇ କର୍ତ୍ତୃପକ୍ଷ ମଙ୍ଗଳବାର କୁଟୁରାକୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆଣିଥିଲେ। କୁଟୁରାଟିର ପେଟ ତଳ ନାଭି ପାଖରେ କ୍ଷତ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଡାକ୍ତର ତାର ସ୍ୱାସ୍ଥ୍ୟାବସ୍ଥା ଦେଖି ଇଞ୍ଜେକସନ ଓ ସାଲାଇନ ଲଗାଇଥିଲେ। ବୁଧବାର ସକାଳେ ଡାକ୍ତରଖାନା ଖୋଲିବା ପରେ କୁଟୁରାଟି ମରିପଡ଼ିଥିବା ଜଣାପଡିଥିଲା। ସେହିପରି ଆଉ ଗୋଟିଏ ସାରସ ପକ୍ଷୀ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ତେବେ ଅସୁସ୍ଥ ସାରସ ପକ୍ଷୀ ସୁସ୍ଥ ହୋଇ ଖୁଆଡକୁ ଫେରିବ ନା କୁଟୁରା ପରି ଆଖିବୁଜିବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପକ୍ଷୀକୁ ଚିକିତ୍ସକ ଚିକିତ୍ସା ଜାରି ରଖିଥିବା ଜଣାପଡିଛି ।

# ସିଡିପି ରୋଡ୍ ନିର୍ମାଣକୁ ନେଇ ଅନ୍ଧାରୁଆରେ ଗ୍ରାମ ସଭା

ଭୁବନେଶ୍ୱର,୨୯।୧୦
(ଅନୁରାଧା ମହାରଣା)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଅନ୍ଧାରୁଆ ପଞ୍ଚାୟତରେ ଏକ ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ଖଣ୍ଡଗିରି-ଚନ୍ଦକା ରୋଡ୍‌ରୁ ଅନ୍ଧାରୁଆ ଓ ଦାସପୁର (ନିୟୁ ସିଟି) ସହିତ ଯୋଡ଼ିବା ପାଇଁ ଏକ ସମ୍ପୂର୍ଣ୍ଣ ବିକାଶ ଯୋଜନା (ସିଡିପି) ରୋଡ୍ ନିର୍ମାଣ ବିଷୟରେ ଏହି ସଭାରେ ଆଲୋଚନା ହୋଇଥିଲା। ବନ (ସଂରକ୍ଷଣ) ଅଧିନିୟମ, ୧୯୮୦ ଅନୁଯାୟୀ ଗ୍ରାମ ସଭା ଆୟୋଜିତ ହୋଇଥିଲା। ବୈଠକରେ ଅନ୍ଧାରୁଆ ସରପଞ୍ଚ ସ୍ୱର୍ଣ୍ଣଲତା ବଳିଆରସିଂହ ଅଧ୍ୟକ୍ଷତା କରିଥିଲେ। ବିଡିଏ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ପ୍ରସ୍ତାବିତ ୨.୭୨ କି.ମି. ଲମ୍ବା ଏବଂ ୨୦୦ ଫୁଟ ଚଉଡା (ସିଡିପି) ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ନୂତନ ରାସ୍ତା କେବଳ ସ୍ଥାନୀୟ ସଂଯୋଗୀକରଣକୁ ଉନ୍ନତ କରି ଯାତ୍ରା ସମୟ ହ୍ରାସ କରିବ ନାହିଁ, ବରଂ ଆର୍ଥିକ ବିକାଶକୁ ମଧ୍ୟ ବୃଦ୍ଧି କରିବ ଏବଂ ଅନ୍ଧାରୁଆ ଓ ସଂଲଗ୍ନ ଗ୍ରାମଗୁଡ଼ିକର ବାସିନ୍ଦାଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। ସୂଚନା ଥାଉକି, ଏହି ପ୍ରକଳ୍ପଟି ଭୁବନେଶ୍ୱରରେ ୨୪ଟି ସିଡିପି ରାସ୍ତା ବିକାଶ ପାଇଁ ବିଡିଏର ବ୍ୟାପକ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଗଠନ ରୂପେ କାର୍ଯ୍ୟ କରୁଛି, ଯାହା ନୂତନ ସହରାଞ୍ଚଳ ବିକାଶ ଅଞ୍ଚଳଗୁଡ଼ିକୁ ଯୋଡିବା ପାଇଁ ଡିଜାଇନ କରାଯାଇଛି। ଗୋଠପାଟଣା, ମଳିପଡ଼ା ଏବଂ ଦାସପୁର ମୌଜାରେ ପ୍ରାୟ ୮୦୦ ଏକର ପରିବ୍ୟାପ୍ତ ନୂତନ ସହର ପ୍ରକଳ୍ପ (ନିୟୁ ସିଟି), ଭୁବନେଶ୍ୱର ବିକାଶ ଯୋଜନା କ୍ଷେତ୍ର (ବିଡିପିଏ) ମଧ୍ୟରେ ଏକ ଆଧୁନିକ, ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ସହରାଞ୍ଚଳ କେନ୍ଦ୍ର ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି, ଯାହା ସହରର ଯୋଜନାବଦ୍ଧ ଅଭିବୃଦ୍ଧିରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲ ବୈଠକରେ ସୂଚନା ଦିଆଯାଇଥିଲା। ଏଥିରେ ଭୁବନେଶ୍ୱର ବିଡିଓ ଦେବୀ ପ୍ରସାଦ ମହାନ୍ତି, ବିଡିଏର ଜମି ଅଧିଗ୍ରହଣ ଅଧିକାରୀ ପ୍ରତୀକ ପଟ୍ଟନାୟକ, ଚନ୍ଦକା ବନ୍ୟପ୍ରାଣୀ ସେକ୍ସନର ଡେପୁଟି ରେଞ୍ଜର ଧ୍ୟାନ ଟୁଡୁ , ଅନ୍ଧାରୁଆ ରାଜସ୍ୱ ନିରୀକ୍ଷକ ସବ୍ୟସାଚୀ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ସେକ୍ରେଟାରିଏଟ୍ କାର୍ଯ୍ୟାବଳୀର ସମୀକ୍ଷାକଲେ ରାଜ୍ୟପାଳ



ବୈଠକରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଭୁବନେଶ୍ୱର, ୨୯।୧୦(ସୁଚିସ୍ମିତା ସାହୁ)

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ବୁଧବାର ରାଜଭବନର ମିନି କନ୍‌ଫରେନ୍ସ ହଲ୍‌ଠାରେ ସେକ୍ରେଟାରିଏଟ୍ କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି। ବୈଠକରେ ରାଜ୍ୟପାଳ ଅଧିକାରୀମାନଙ୍କ ସହ ବିଭିନ୍ନ କାର୍ଯ୍ୟଧାରାର ସମୀକ୍ଷାକରି ଉଚ୍ଚ ଶିକ୍ଷା, ଜନଜାତି କଲ୍ୟାଣ ଏବଂ ଜନସେବା ଇତ୍ୟାଦି କାର୍ଯ୍ୟକଳାପ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସରକାରୀ କାର୍ଯ୍ୟ ଓ ଜନସେବା କାର୍ଯ୍ୟକଳାପର ସୁପରିଚାଳନା ସୁନିଶ୍ଚିତ କରିବା ନିମନ୍ତେ ଟିମ୍ ୱାର୍କ, ସମୟୋଚିତ ସମନ୍ୱୟ ଏବଂ ଅଧିକାରୀମାନଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ରଖିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଏହାବ୍ୟତୀତ ରାଜଭବନର ସମସ୍ତ ବିଭାଗ ଦକ୍ଷତା ବଜାୟ ରଖିବା ସହିତ ଦୈନନ୍ଦିନ କାର୍ଯ୍ୟର ସୁଗମ ପରିଚାଳନା କରିବା ପାଇଁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ରାଜ୍ୟପାଳଙ୍କ କମିଶନର ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିମୋହିତ କଲା ଆଳାପର 'ଆଳାପ'

ଭୁବନେଶ୍ୱର,୨୯।୧୦
(ସୌମ୍ୟରଞ୍ଜନ ରାଉତ)

ଆଳାପ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ଆଳାପ' ବୁଧବାର ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ମୁମ୍ବାଇ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପିକା ଡ. ଦୀପା ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଳକାନନ୍ଦ ମହାପାତ୍ର, ସାମାଜିକ କର୍ମୀ ମାନସ କୁମାର ଜେନା, ଅନୁଷ୍ଠାନର ସଭାପତି ବଦ୍ରିନାରାୟଣ ମହାନ୍ତି ଓ ସମ୍ପାଦକ ଗୁରୁ ନିମାକାନ୍ତ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ-ଚଉପଦୀ, ଛାନ୍ଦ, ଓଡ଼ିଶୀ, ଚମ୍ପୂ, ଚଉତିଶା ଆଦି ବୃନ୍ଦ ଗାୟନ, ଏକକ ଗାୟନ ଶ୍ରୋତାଙ୍କୁ ବିମୋହିତ କରିଥିଲା। ଡ. ମୃତ୍ୟୁଞ୍ଜୟ ରଥ ଓ ପ୍ରାଧ୍ୟାପକ ଲୋକନାଥ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗୁରୁ ନିମାକାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



ଅନୁଷ୍ଠାନର ଜଣେ ଶିଳ୍ପୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

## 'ଅନୁରଙ୍ଗ'ରେ ଚିରଞ୍ଜୀବ ସାହାଣୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୯।୧୦(ଅନୁରାଧା ମହାରଣା)- ଜାତୀୟ ବିଜ୍ଞାନ ଶିକ୍ଷା ଗବେଷଣା ପ୍ରାତିଷ୍ଠାନ (ନାଇଜର)ଠାରେ ସର୍ବଭାରତୀୟ ସ୍ତରରୁ ବିଜ୍ଞାନ ଗବେଷକ ବିଦ୍ୟାର୍ଥୀଙ୍କ ସାଂସ୍କୃତିକ ଉତ୍ସବ 'ଅନୁରଙ୍ଗ ୨୦୨୫' ଅନୁଷ୍ଠିତ ହୋଇଯାଇଛି। ହୋମିବାବା ଜାତୀୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଭାରତ ସରକାରଙ୍କ ଆଣବିକ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ପ୍ରାୟୋଜିତ ଏହି ଉତ୍ସବରେ ନାଇଜର ନିର୍ଦ୍ଦେଶକ ପ୍ରଫେସର ଡ. ହରେନ୍ଦ୍ରନାଥ ଘୋଷ, ରେଜିଷ୍ଟ୍ରାର ଡ. ପ୍ରଣୟ କୁମାର ସ୍ୱାଇଁ, ଏଚ୍. ବି. ଏନ୍. ଆଇ. ମୁମ୍ବାଇର ଡ. ଦୀପାନ୍ୱିତା ଦା, ବିଦ୍ୟାର୍ଥୀ ମନ୍ତ୍ରଣାଳୟ ଅଧିକାରୀ ଡ. ଅଶୋକ ମହାପାତ୍ର ଓ ଅନୁରଙ୍ଗ ସାଂସ୍କୃତିକ ଉତ୍ସବର ଅଧ୍ୟକ୍ଷ ଡ. ସାରଳାଶ୍ରିତ ମହାନ୍ତି ଯୋଗଦେଇଥିଲେ। ବିଜ୍ଞାନ ଗବେଷଣା ବିଦ୍ୟାର୍ଥୀମାନଙ୍କ କଳାନୁରାଗ ପରିବୃଦ୍ଧି ପାଇଁ ସେମାନେ ଆହ୍ୱାନ ଦେବାଦେଇଥିଲେ। ଏହି ଅବସରରେ ଅଧାପକ ଡ. ଚିରଞ୍ଜୀବ ସାହାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀଙ୍କ ମନୋରମ ନୃତ୍ୟ ପ୍ରଦର୍ଶନ ବିଦ୍ୟାର୍ଥୀମାନଙ୍କୁ ପ୍ରେରଣା ଯୋଗାଇବା ସହ ଖୁବ୍ ମନୋରଞ୍ଜନ କରିଥିଲା।

## ବିଷ ପିଇଥିବା ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ଝାଁଳା,୨୯।୧୦(ବୁଲା ବାରିକ): ତମାଣ୍ଡୋ ଥାନା ନଁପୁଟ ପଞ୍ଚାୟତ ରେତଙ୍ଗ ଗ୍ରାମରେ ଗତ ୧୨ ତାରିଖରେ ବିଷ ପିଇଥିବା ଜଣେ ଯୁବକଙ୍କର ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ବିଶ୍ୱରଞ୍ଜନ ସ୍ୱାଇଁ (୩୫)। ସୂଚନା ଅନୁସାରେ, ବିଶ୍ୱରଞ୍ଜନ ଅଧିକାଂଶ ସମୟରେ ନିଶା ସେବନ କରନ୍ତି। ତେଣୁ ଏନେଇ ସବୁବେଳେ ପାରିବାରିକ କଳହ ଲାଗି ରହୁଥିଲା। ଗତ ୧୨ ତାରିଖରେ ତାଙ୍କ ପରିବାରରେ କୌଣସି କାରଣକୁ ନେଇ ବିବାଦ ଉପୁଜିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସେ ଘରେ ଥିବା ଘାସମରା ଔଷଧକୁ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତମାଣ୍ଡୋ ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆପୋଲୋ ହସ୍ପିଟାଲରେ ବିଶ୍ୱ ଷ୍ଟ୍ରୋକ୍ ଦିବସ




ଭୁବନେଶ୍ୱର,୨୯।୧୦(ଅନୁରାଧା ମହାରଣା)

ଆପୋଲୋ ହସ୍ପିଟାଲରେ ବୁଧବାର ବିଶ୍ୱ ଷ୍ଟ୍ରୋକ ଦିବସ ପାଳନ କରାଯାଇଛି। ଏ ଅବସରରେ ଅନୁଷ୍ଠିତ ଏକ ସଚେତନତା ଆଲୋଚନାଚକ୍ରରେ ନ୍ୟୁରୋଲୋଜି, ନ୍ୟୁରୋସର୍ଜରୀ, ରେଡିଓଲୋଜି, ସାଇକିଆଟ୍ରି ଓ ଡାଏଟେଟିକ୍ସର ବରିଷ୍ଠ ବିଶେଷଜ୍ଞମାନେ ଯୋଗଦେଇ ବିସ୍ତୃତ ଆଲୋଚନା କରିଥିଲେ। ହସପିଟାଲର ସିଓଓ ଏବଂ ମେଡିକାଲ ସର୍ଭିସେସ୍‌ର ଡାଇରେକ୍ଟର ଡା. ଅଲୋକ ଶ୍ରୀବାସ୍ତବ ଷ୍ଟ୍ରୋକ ରେସପନ୍ସ ଟିମର ସମନ୍ୱୟ ଓ ଆପୋଲୋର ବିଶ୍ୱସ୍ତରୀୟ ନ୍ୟୁରୋ-ଇମର୍ଜେନ୍ସି ଯତ୍ନ ବିଷୟରେ ଆଲୋକପାତ କରିଥିଲେ। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀମନ୍ନାରାୟଣ ମିଶ୍ର ସମ୍ପ୍ରଦାୟଗତ ସଚେତନତା ବୃଦ୍ଧି ଓ ଷ୍ଟ୍ରୋକ ଲକ୍ଷଣର ପ୍ରାରମ୍ଭିକ ଚିହ୍ନଟ ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ନ୍ୟୁରୋଲୋଜିଷ୍ଟ ଡା. ଶୁଭ୍ରାଂଶୁ ଶେଖର ଜେନା ଷ୍ଟ୍ରୋକର ବିଭିନ୍ନ ଲକ୍ଷଣ ଉପରେ ଆଲୋକପାତ କରିଥିଲେ। ଡା. ଦେବବ୍ରତ ବିଶ୍ୱାଳ, ଡା. ଦୀପକ ପରିଡ଼ା, ଡା. ମନସ ରଞ୍ଜନ କର, ଡା. ଅନ୍ତର୍ଯ୍ୟାମୀ ନନ୍ଦ, ଡା. ସତ୍ୟବ୍ରତ ଦାଶ, ଡା. ସୁନୀତା ସାହୁ ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ।

# ଶିକ୍ଷକ ଶିକ୍ଷାରେ ସ୍ୱାସ୍ଥ୍ୟ, ସୁସ୍ଥତାକୁ ଗୁରୁତ୍ୱ

ଭୁବନେଶ୍ୱର, ୨୯।୧୦(ସୁଚିସ୍ମିତା ସାହୁ)

ୟୁନେସ୍କୋର ଦକ୍ଷିଣ ଏସୀୟ ଆଞ୍ଚଳିକ କାର୍ଯ୍ୟାଳୟ ଓ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ମିଳିତ ସହଯୋଗରେ ପ୍ରଶିକ୍ଷଣପୂର୍ବ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ସୁସ୍ଥତା ପାଇଁ ଏକ ପଦକ୍ଷେପ ନିଆଯାଇଛି। ଏନେଇ ପ୍ରତିଷ୍ଠାନଠାରେ ତିନିଦିନିଆ କର୍ମଶାଳା ଆରମ୍ଭ ହୋଇଛି। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ କର୍ମଶାଳାକୁ ଉଦ୍‌ଘାଟନ କରି କହିଲେ, କେବଳ ବୈଷୟିକ ସହାୟତା ନୁହେଁ, ବରଂ ଆଞ୍ଚଳିକ ଓଡ଼ିଶା ବିଶ୍ୱସ୍ତରରେ ସ୍ୱାସ୍ଥ୍ୟ ଓ କଲ୍ୟାଣ ପାଇଁ ଶିକ୍ଷକ ପ୍ରଶିକ୍ଷଣକୁ ଅଧିକ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ସେ କହିଥିଲେ। କର୍ମଶାଳାରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷାବିତ, ଶିକ୍ଷା ବିଶାରଦ ଓ ପାଠ୍ୟଖସଡା ବିଶେଷଜ୍ଞ ଯୋଗଦେଇ ମତ ବିନିମୟ କରୁଛନ୍ତି। ଏହି ଅବସରରେ ୟୁନେସ୍କୋ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣା କରାଯାଇଛି। ୟୁନେସ୍କୋର ଦକ୍ଷିଣ ଏସୀୟ ଆଞ୍ଚଳିକ କାର୍ଯ୍ୟାଳୟର ଜାତୀୟକାର୍ଯ୍ୟକ୍ରମ ଅଧିକାରୀ (ଶିକ୍ଷା) ସରିତା ଯାଦବ ଶିକ୍ଷକ ପ୍ରଶିକ୍ଷଣରେ ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ଆଉ ଇଚ୍ଛାଧୀନ ନ ହୋଇ ଗୁଣାତ୍ମକ ଶିକ୍ଷା ପାଇଁ ଏବେ ବାଧ୍ୟତାମୂଳକ ବୋଲି କହିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ବୁଝାମଣାପତ୍ର ସମିତିର ଅଧ୍ୟକ୍ଷ ପ୍ରଫେସର ହୃଷୀକେଶ ସେନାପତି, ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା, ପ୍ରଫେସର ରୀତାଞ୍ଜଳି ଦାଶ, ପ୍ରଫେସର ସରୋଜ ବାଳା ଯାଦବଙ୍କ ସମେତ ୟୁନେସ୍କୋର ସହଯୋଗୀ କାର୍ଯ୍ୟକ୍ରମ ଅଧିକାରୀ ପ୍ରଶାନ୍ତ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ୧ରୁ ୯ ଯାଏ ଡମଣା କାର୍ତ୍ତିକେଶ୍ୱର ପୂଜା ମହୋତ୍ସବ, ବୋଇତ ବନ୍ଦାଣ ଉତ୍ସବ

ଭୁବନେଶ୍ୱର,୨୯।୧୦
(ସୌମ୍ୟରଞ୍ଜନ ରାଉତ)

**ଡମଣା ପୁଷ୍କରିଣୀରେ ଡଙ୍ଗା ଭସାଇବେ ଶ୍ରଦ୍ଧାଳୁ**

ଡମଣା କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ଲାଗି ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ବୁଧବାର ଡମଣା ମେଳଣ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଡମଣା ଗ୍ରାମର ମହାଦେବ ମେଳଣ ପଡିଆଠାରେ ୩୮ତମ କାର୍ତ୍ତିକେଶ୍ୱର ପୂଜା ମହୋତ୍ସବ ଓ ବୋଇତ ବନ୍ଦାଣ ଉତ୍ସବ ଧୁମଧାମରେ ପାଳନ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଆସନ୍ତା ନଭେମ୍ବର ୧ରୁ ୯ ପର୍ଯ୍ୟନ୍ତ ପୂଜା ମହୋତ୍ସବ ଅନୁଷ୍ଠିତ ହେବ। ଶନିବାର ଏକାଦଶୀ ଦିନ କଳସ ଯାତ୍ରା କରାଯାଇ ମଣ୍ଡପରେ ସ୍ଥାପନ କରାଯିବ। ରବିବାର ଦ୍ୱାଦଶୀ ତିଥିରେ ସୂର୍ଯ୍ୟ ପୂଜା, ପ୍ରାଣ ପ୍ରତିଷ୍ଠା, ଉପଚାର ପୂଜା ଓ ଯଜ୍ଞାଧିବାସ କର୍ମ ଅନୁଷ୍ଠିତ ହେବ। ସୋମବାର, ମଙ୍ଗଳବାର ଯଥାବିଧି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ବଡଓଷାରେ ବଡ ଭୋଗ ଲାଗି କରାଯିବ। ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରାତଃହରୁ ଗ୍ରାମ ପୁଷ୍କରିଣୀରେ ବୋଇତ ବନ୍ଦାଣ ଉତ୍ସବ ହେବ। ଏନେଇ କମିଟି ପକ୍ଷରୁ ଡଙ୍ଗା ଭସାଇବା ଲାଗି ଶ୍ରଦ୍ଧାଳୁମାନଙ୍କ ପାଇଁ ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଯାଇଛି। ଏଥିସହ ସନ୍ଧ୍ୟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ୧ ରୁ ୩ ପର୍ଯ୍ୟନ୍ତ ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ, ୪ରେ ମେଲୋଡି ଓ ୫ରେ ପ୍ରାତଃ ସମୟରୁ ଭଜନ ସମାରୋହ ଚାଲିବ। ୭ ଓ ୮ରେ ଗ୍ରାମର ବଛା ବଛା କଳାକାରମାନଙ୍କୁ ନେଇ ସାମାଜିକ ନାଟକ 'ସେଇ ଗୋଟିଏ ଭୁଲ ପାଇଁ' ଓ ଦ୍ୱିତୀୟ ରତିରେ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ମଞ୍ଚସ୍ଥ ହେବ। ସେହିପରି ୯ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପାରମ୍ପରିକ ବାଦ୍ୟରେ ଠାକୁରଙ୍କ ଗ୍ରାମ ପରିକ୍ରମା କରାଯାଇ ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟିର ଉପଦେଷ୍ଟା ନିଶାକର ସାହୁ, ସଭାପତି ସୀମାନ୍ତ ପୃଷ୍ଟି ଓ ସମ୍ପାଦକ ବିଜୟ ସାହୁ ସୂଚନା ଦେଇଛନ୍ତି।

# ଶାସ୍ତ୍ରୀୟତା ଭରିଦେଲା ସଙ୍ଗୀତ ସମାରୋହ

ଭୁବନେଶ୍ୱର,୨୯।୧୦ (ସୌମ୍ୟରଞ୍ଜନ ରାଉତ)

ଗୁରୁ ପଣ୍ଡିତ ବିଷ୍ଣୁମୋହନ ନାୟକଙ୍କ ସ୍ମୃତିରେ ରାଗମାଳ ସଙ୍ଗୀତାନୁଷ୍ଠାନ ପକ୍ଷରୁ ୯ମ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଭାବ ସଙ୍ଗୀତ ସମାରୋହ ବୁଧବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭାଜପା ନେତା ଗୋଲକ ପ୍ରସାଦ ମହାପାତ୍ର, ତବଲା ବାଦକ ଗୁରୁ କୁଳମଣି ସାହୁ ଓ ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁ ରଜନୀକାନ୍ତ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗୀତାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶାସ୍ତ୍ରୀୟ ବୃନ୍ଦ ଗାୟନ ରାଗ-ଚାରୁ କେଶୀ, ଗୁରୁ କେ ଚରଣ କୋ ତାଳ, ତ୍ରିତାଲ ପରିବେଷଣ କରିଥିଲେ। ସେହିପରି ଏକକ କଣ୍ଠ ସଙ୍ଗୀତ ଗାୟନରେ ସାଇ ଦର୍ଶିତ ମହାନ୍ତି ରାଗ-ଭୁପାଲୀ ବନ୍ଦୀଶ ଓ ତ୍ରିତାଲ ସ୍ୱର ପରିବେଷଣ କରିଥିଲେ। ସ୍ୱର ସାଧନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶାସ୍ତ୍ରୀୟ ବୃନ୍ଦ ଗାୟନ ରାଗ-ଭୀମ ପାଲାସୀ ପରିବେଷଣ କରିଥିଲେ। ଏହାର ପରିଚାଳନା ଓ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ବିଭୁଦତ୍ତ ନାୟକ। ବାଗେଶ୍ୱରୀ କଳା ପ୍ରତିଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ପିଲୁ ରାଗରେ ଆଧାରିତ- ଗୁରୁ ସମଦାତା ଜଗମେଁ କୋଇ ନେହିଁ, ରାଗ ବୈରୀ ଆଧାରିତ ତୁମ୍ହି ହୋ ମାତା ପିତା ତୁମ୍ହି ହୋ ଭକ୍ତି ସଙ୍ଗୀତ ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନରେ ଶାସ୍ତ୍ରୀୟତା ଭରିଦେଇଥିଲା। ଏହାର ପରିଚାଳନା ଓ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ବାଳକୃଷ୍ଣ ବେହେରା। ଜ୍ଞାନାନନ୍ଦ ସାଗର କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ସମାରୋହରେ ରାଗମାଳ ସଙ୍ଗୀତାନୁଷ୍ଠାନର ଶିଳ୍ପୀମାନେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

# ସମାଜନିଷ୍ଠ ବାସ୍ତବତାର କବି ବେଣୁଧର

## ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର

ଭୁବନେଶ୍ୱର,୨୯।୧୦(ସୌମ୍ୟରଞ୍ଜନ ରାଉତ)

ପ୍ରଫେସର ବେଣୁଧର ରାଉତ ସମାଜନିଷ୍ଠ ବାସ୍ତବତାର କବି। ତାଙ୍କ କବିତାର ପିଙ୍ଗଳା ଚରିତ୍ର ଆଧୁନିକ ଓଡ଼ିଆ କବିତାର ଦିଗ ପରିବର୍ତ୍ତନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। ତାଙ୍କ କାବ୍ୟ ଆଭିମୁଖ୍ୟର ପ୍ରମୁଖ ଦିଗ ହେଉଛି ଚେତନାକୁ ଆଲୋକଦୀପ୍ତ କରିବା। ତାଙ୍କ କବିତା ଆଧ୍ୟାତ୍ମିକ ଉନ୍ମେଳନରେ ଭରା ବୋଲି ଆଲୋଚକମାନେ ମତ ପ୍ରକାଶ କରିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରାଜଧାନୀ ମହାବିଦ୍ୟାଳୟ ପକ୍ଷରୁ ବୁଧବାର ମହାବିଦ୍ୟାଳୟ ପ୍ରେକ୍ଷାଳୟଠାରେ ବେଣୁଧର ରାଉତଙ୍କ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଧିବେଶନରେ ୨୧ ଆଲୋଚକ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ ସଭାପତିତ୍ୱ କରିଥିଲେ। ସାହିତ୍ୟ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ କବି ବେଣୁଧରଙ୍କ କବିତା ଓ ଆଲୋଚନା ସମ୍ପର୍କରେ ସୂଚନା ଦେଇଥିଲେ। ରାଜଧାନୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀ, ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ମନ୍ମଥ ନାଥ ଘଡ଼େଇ, କବି ଡ. ଶତ୍ରୁଘ୍ନ ପାଣ୍ଡବ ପ୍ରମୁଖ ଯୋଗଦେଇ କବି ପ୍ରଫେସର ରାଉତଙ୍କ ସମ୍ପର୍କରେ କହିଥିଲେ। ଡ. ପ୍ରଶାନ୍ତ କୁମାର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କରିଥିଲେ ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ର। ପ୍ରବନ୍ଧ ପାଠ କରିଥିଲେ ଡ. ଆଶୁତୋଷ ମଲ୍ଲିକ, ଡ. ଦିଲୀପ କୁମାର ସ୍ୱାଇଁ ଏବଂ ଡ. ପୁଷ୍ପଲତା ରଥ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କବି, ଲେଖକ, ଗବେଷକ, ଗବେଷିକା ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସାହିତ୍ୟ ଏକାଡେମୀ କୋଲକାତା କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ଧନ୍ୟବାଦ ଦେଇଥିଲେ।




ବେଣୁଧର ରାଉତଙ୍କ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

# ବିଲରେ ଲୋଟୁଛି ସୁନାର ଫସଲ

**ଖୋର୍ଦ୍ଧା,୨୯।୧୦(ପ୍ରଭାତ ପାଣିଗ୍ରାହୀ)**



ବାତ୍ୟା ମୋନ୍ଥା ପରେ ଫସଲ ଅମଳ ନେଇ ଚିନ୍ତାରେ ଚାଷୀ। ସେପ୍ଟେମ୍ବରରେ ଲଘୁଚାପ, ଅଦିନିଆ ବର୍ଷା ଆଶ୍ୱସ୍ତି ଆଣିଥିବା ବେଳେ ଚକଡ଼ା ପୋକ ଦାଉ ସାଜିଲା। ଧାନର ଥୋଡ଼ ବାହାରି ଶେଷ ପର୍ଯ୍ୟାୟରେ ପହଞ୍ଚିବା ବେଳେ ମୋନ୍ଥା ସବୁ ଛାରଖାର କରିଦେଲା। ଗତ ତିନି ଦିନ ଧରି ଲଗାଣ ବର୍ଷା ଯୋଗୁ ବିଲରେ ପାଣି ଜମି ରହିଛି। କେତେକ ସ୍ଥାନରେ ଧାନ ପଚିଶଡ଼ି ନଷ୍ଟ ହେବାକୁ ବସିଛି। ସୁନାର ଫସଲ ବଞ୍ଚାଇବାକୁ ଚାଷୀ ପମ୍ପସେଟ ଯୋଗେ ବିଲରୁ ପାଣି ବାହାର କରିବାରେ ବ୍ୟସ୍ତ ରହିଛି। ବର୍ଷାରୁ ବର୍ତ୍ତିବା ପାଇଁ କେତେଜଣ ଚାଷୀ ତରବରିଆ ଭାବେ କଞ୍ଚାଧାନ କାଟିଥିବାବେଳେ ଅନ୍ୟ କେତେଜଣ ଧାନ କାଟି ନ ପାରି ଭାଗ୍ୟକୁ ଆଦରି ରହିଛନ୍ତି।

ବ୍ୟାଙ୍କ, ସେବା ସମବାୟ ସମିତି ତଥା ମହାଜନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଋଣ ଆଣି ଚାଷ କରିଥିବା ଲୋକେ ମୁଣ୍ଡରେ ହାତଦେଇ ବସିଛନ୍ତି। ଆହୁରି ଦୁଇଦିନ ବର୍ଷା ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ଚାଷୀ କ'ଣ କରିବେ, ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ବର୍ତ୍ତମାନ ବିଲରେ ଧାନ ଗର୍ଭରେ ଅଛି ଏବଂ କେତେକ ସ୍ଥାନରେ ଧାନ ଫୁଲ ଉଡ଼ାଇଛି। ଲଗାଣ ବର୍ଷା ଯୋଗୁ ଅଧିକାଂଶ ସ୍ଥାନରେ ଧାନଗଛ ତଳେ ଲୋଟୁଥିବା ଦେଖିବାକୁ ମିଳିଛି।

ଉଇଲକିଶନ ନଗରର ଚାଷୀ ଗୋପାଳ ପ୍ରଧାନ କହିଛନ୍ତି, ୨ ଏକର ଜମିରେ ଧାନ ଓ ପରିବା ଚାଷ କରିଛୁ। ଏବେ ଧାନ କେଣ୍ଡା ଧରିବା ସମୟରେ ଲଗାଣ ବର୍ଷା ଯୋଗୁ ଫସଲ କ୍ଷତି ହେବ। ସେହିପରି ଟାଙ୍ଗିଆପଡ଼ାର ଚାଷୀ ପ୍ରଭାତ ବେହେରା କହିଛନ୍ତି, ପ୍ରତିବର୍ଷ ଅକ୍ଟୋବରରେ ପ୍ରକୃତି ଦାଉ ସାଧୁଛି। ଧାନବୁଣା ଠାରୁ ଆରମ୍ଭ କରି ତଳିରୁଆ, ବେଉଷଣ ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅଦିନିଆ ବର୍ଷା, ବିଳମ୍ବିତ ମୌସୁମୀ ଯୋଗୁ କ୍ଷତି ସହିବା ସାଧାରଣ କଥା ପାଲଟିଛି। ସେହିପରି ଶରତ ବେହେରା କହିଛନ୍ତି, ପ୍ରଥମେ ବର୍ଷା ଓ ପରେ ସାର ବିହନ ଅଭାବ ସାଙ୍ଗକୁ ବନ୍ୟଜନ୍ତୁଙ୍କ ପ୍ରକୋପ ଯୋଗୁ ଫସଲ ନଷ୍ଟ ହେଉଛି। ଅନ୍ୟତମ ଚାଷୀ ସୌମେନ୍ଦ୍ର ଶତପଥୀ ଓ ସୁବାସ ସାହୁ କହିଛନ୍ତି, ପରିବା ଚାଷ କରିବାକୁ ଆଗ୍ରହ କମିଗଲାଣି। ଲଗାଣ ବର୍ଷା ଯୋଗୁ ପାଣିରେ ଧାନ ବୁଡ଼ି ନଷ୍ଟ ହେଉଛି। ଏବେ କେବଳ ଭଗବାନ ହିଁ ସାହା ଭରସା ବୋଲି ସେମାନେ କହିଛନ୍ତି।

ଜରିପୁଟ ଅଞ୍ଚଳର ଚାଷୀ ମନୋରଞ୍ଜନ ସାମନ୍ତରାୟ ଓ ଶରଧାପୁରର ଜିତେନ୍ଦ୍ର ବେହେରା କହିଛନ୍ତି, ପୂର୍ବରୁ ଅଦିନିଆ ବର୍ଷା ଦାଉ ସାଜିଲା। ପରେ ପୁଣି ଚକଡ଼ା ରୋଗପୋକ ଲାଗି ଫସଲ ନଷ୍ଟ ହେଲା। ଏବେ ବାତ୍ୟା ମୋନ୍ଥା ଯୋଗୁ ପାଚିଲା ଧାନ ବିଲରେ ଲୋଟିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। କୃଷକ ନେତା ଶୈଳେଶ ବଳିଆରସିଂ କହିଛନ୍ତି, ବାତ୍ୟା ପ୍ରଭାବରେ ଚାଷୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଲରୁ ପାଣି ନ ଖସିଲେ, ବଳକା ଧାନ ମଧ୍ୟ ପଚିଶଡ଼ି ନଷ୍ଟ ହେବାର ଆଶଙ୍କା ରହିଛି। ଅନ୍ୟପଟେ ପାଚିଲା ଧାନ ମାଟିରେ ଲୋଟୁଛି। ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କୁ ସହଯୋଗର ହାତ ବଢାଇବାକୁ ସେମାନେ ନିବେଦନ କରିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି କହିଛନ୍ତି, ଜିଲାର ସମସ୍ତ କୃଷି ଅଧିକାରୀ ଏଥିପ୍ରତି ସଜାଗ ରହିଛନ୍ତି। ଚାଷୀଙ୍କ ସମସ୍ୟାର ସମାଧାନ, କ୍ଷୟକ୍ଷତି ଆକଳନ କରିବାକୁ କୁହାଯାଇଛି। ପୂର୍ବରୁ ମୋନ୍ଥାକୁ ଦୃଷ୍ଟିରେ ରଖି ପନିପରିବା, ଧାନ ଫସଲ କରିଥିବା ଚାଷୀଙ୍କୁ ସତର୍କ କରାଯାଇଛି। ପାଚିଲା ଧାନ କାଟିବା ସହ ସୁରକ୍ଷା ସୁନିଶ୍ଚିତ କରିବାକୁ କୁହାଯାଇଛି। ବର୍ଷା ପବନ ଛାଡିବା ପରେ କୃଷି ବିଭାଗ ଏବଂ ରାଜସ୍ୱ ବିଭାଗ ସହଯୋଗରେ ଚାଷୀଙ୍କ ଅଭିଯୋଗ ଅନୁଯାୟୀ କ୍ଷୟକ୍ଷତି ଆକଳନ କରାଯିବ।

# ବ୍ଲକ ଯୁବ କଂଗ୍ରେସର ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ ଯୁବକଂଗ୍ରେସ କର୍ମୀ।

**ବାଣପୁର,୨୯।୧୦(ଦିଲ୍ଲୀପ କୁମାର ସ୍ୱାଇଁ)**

ବାଣପୁର ବ୍ଲକ ଆଙ୍କୁଲାପଦର ଗ୍ରାମର ମା' ବନଦୁର୍ଗାଙ୍କ ମନ୍ଦିର ପ୍ରାଙ୍ଗଣରେ ବାଣପୁର ବ୍ଲକ ଯୁବ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନେତା ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱ ପ୍ରତି ସମର୍ଥନ ଜଣାଇ କିପରି କଂଗ୍ରେସକୁ ତୃଣମୂଳ ସ୍ତରରୁ ମଜବୁତ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚିଲିକା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଗୋପୀନାଥ ରଣାଙ୍କ ସଭାପତିତ୍ୱରେ ୧୭ଟି ପଞ୍ଚାୟତରୁ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ସ୍ୱାଇଁ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ତୃଣମୂଳ ସ୍ତରରୁ କଂଗ୍ରେସକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ର କଂଗ୍ରେସ ସଭାପତି ଧର୍ମେନ୍ଦ୍ର ସାହୁ, ସୁଦର୍ଶନ ନାୟକ, ସାଗର ନାୟକ, ପ୍ରଦୀପ କୁମାର ନାୟକ, ହାପି ମହାପାତ୍ର, ଅଜିତ ସାମନ୍ତସିଂହାର, କୃଷ୍ଣଚନ୍ଦ୍ର ପ୍ରଧାନ, ସୂର୍ଯ୍ୟକାନ୍ତ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସାହୁ, ସାଗର ମହାପାତ୍ର, ଦିବାକର ଜେନା, ପବିତ୍ର କରଣ, ଗୋବିନ୍ଦ ମାଳି, ମିଥୁନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରକୁ ସ୍ପାଏ କ୍ୟାମେରା ନେଇ ଧରାପଡ଼ିଲେ ୩ ଭକ୍ତ



**ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ସୁରକ୍ଷା ବଳୟକୁ ଭେଦ କରି କିଛି ଭକ୍ତ ଶ୍ରୀମନ୍ଦିରକୁ ହିଡେନ କ୍ୟାମେରା ନେଇ ଯାଇଥିବା ଜଣାପଡିଛି। ଏହାକୁ ନେଇ ବିଭିନ୍ନ ମହଲରେ ଶ୍ରୀମନ୍ଦିର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଭିତରକୁ ବୁଧବାର ୩ଜଣ ଭକ୍ତ ହିଡେନ୍ କ୍ୟାମେରା ନେଇ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଦେଶର କୋଣଅନୁକୋଣରୁ ଭକ୍ତମାନେ ଶ୍ରୀମନ୍ଦିରକୁ ଆସୁଛନ୍ତି। ଫଳରେ ଏବେ ଶ୍ରୀମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ସମାଗମ ହେଉଛି। ଯାହାର ଫାଇଦା ନେବାକୁ ଚେଷ୍ଟା କରି କିଛି ଭକ୍ତ ଏପରି କାର୍ଯ୍ୟ କରିଥିବା ସୂଚନା ମିଳୁଛି। ଏପରି କାର୍ଯ୍ୟକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨ ଦିନରେ ଶ୍ରୀମନ୍ଦିର ଭିତରୁ ୩ଟି ହିଡେନ କ୍ୟାମେରା ପୋଲିସ ଜବତ କରିଛି। ଘଟଣାରେ ୩ଟି ମାମଲା ରୁଜୁ କରି ୩ ଭକ୍ତଙ୍କୁ ଗିରଫ ପରେ ନୋଟିସ ଦେଇ ଛାଡ଼ିଥିବା ଜଣାପଡ଼ିଛି। ମହାରାଷ୍ଟ୍ର ପୁନେର ରୋଶନ ଗୁଲାବ ଯାଦବ, ନୂଆଦିଲ୍ଲୀର ଜସ୍ମିତ ଚାୱାଲା ଓ ଅନ୍ୟଜଣେ ଭକ୍ତଙ୍କୁ ନୋଟିସ ଦେଇ ପୋଲିସ ଛାଡ଼ିଛି। ସୋମବାର ଜଣେ ବ୍ୟକ୍ତି ହିଡେନ୍ କ୍ୟାମେରା ନେଇ ଧରାପଡିଥିବା ବେଳେ ମଙ୍ଗଳବାର ୨ଜଣ ବ୍ୟକ୍ତି ଧରାପଡ଼ିଛନ୍ତି। ଏନେଇ କୌଣସି ସୂଚନା ପୋଲିସ ପକ୍ଷରୁ ମିଳିନାହିଁ।

# 'ମାନସିକତା ବଦଳିଲେ ଦୂର ହେବ ଦୁର୍ନୀତି'




ଦୁର୍ନୀତି ନିରାକରଣ ନେଇ ଅତିଥିମାନେ ଶପଥପାଠ କରୁଛନ୍ତି।

**ବେଗୁନିଆ,୨୯।୧୦(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ମହାବିଦ୍ୟାଳୟରେ ବୁଧବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଯୁବ ରେଡକ୍ରସ୍ ଏବଂ ଜାତୀୟ ସେବା ଯୋଜନା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ବିଧୁଭୂଷଣ ରାଉତ, ସୁବାସ ମେଲଙ୍କା ଏବଂ ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। 'ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ' ପ୍ରସଙ୍ଗ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏବେ ସମାଜରେ ଦୁର୍ନୀତି ଏକ ବୃହତ ସମସ୍ୟା ତଥା ବ୍ୟାଧି ହୋଇ ଛିଡ଼ା ହୋଇଛି। ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ଯେତେ ସୁଧାର ଆସୁଥିଲେ ମଧ୍ୟ ଅଦ୍ୟାବଧି ମାନସିକତା ବଦଳୁ ନାହିଁ। ତେଣୁ ସଚେତନ ହୁଅ ଏବଂ ଦୁର୍ନୀତିମୁକ୍ତ ଗଠନ ଆମ ସମସ୍ତଙ୍କ ଗୁରୁ ଦାୟିତ୍ୱ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ଶପଥ ପାଠ କରିଥିଲେ। ଯୁବ ରେଡକ୍ରସ୍ ବିଭାଗର ପରାମର୍ଶଦାତା ଡ. ସତ୍ୟଜିତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉମେଶ କୁମାର ମହନ୍ତ ଧନ୍ୟବାଦ ଦେଇଥିଲେ।

# 'କ୍ୟାପ୍‌ଟେନ୍ ମନ୍ମଥ ସିଂ ଥିଲେ ଦୃଢ଼ମନା ବ୍ୟକ୍ତି'

**ଟାଙ୍ଗୀ,୨୯।୧୦(ରଘୁନାଥ ସାହୁ)**

କୁହୁଡ଼ିସ୍ଥିତ ପୂର୍ବତନ ସେନାନୀ ସଂଘ ଚିଲିକା ଶାଖା ପକ୍ଷରୁ ସଂଘ କାର୍ଯ୍ୟାଳୟରେ ସ୍ୱର୍ଗତ କ୍ୟାପ୍‌ଟେନ୍ ମନ୍ମଥ କୁମାର ସିଂଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପଣ୍ଡିତ ବାଳକୃଷ୍ଣ ମିଶ୍ର ଗୀତାର ପଞ୍ଚଦଶ ଅଧ୍ୟାୟ ପାଠ କରିଥିଲେ। ସଭାରେ ଅତିଥି ଭାବେ ପୂର୍ବତନ ସେନାନୀ ସଂଘ ସଭାପତି ଶ୍ରୀବତ୍ସ ବୈରିଗଞ୍ଜନ, ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ ଯୋଗଦେଇଥିଲେ। ଅବସରପ୍ରାପ୍ତ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ଶିକ୍ଷାବିତ୍ ମନୋଜ କୁମାର ପାତ୍ର, ସହପାଠୀ ରତ୍ନାକର ସାମନ୍ତରାୟ, ଘନଶ୍ୟାମ ପାତ୍ର, ସୋମନାଥ ପାଇକରାୟ, ବସନ୍ତ ହରିଚନ୍ଦନ, କୈଳାସ ବିଶ୍ୱାଳ, ଶର୍ମିଷ୍ଠା ପାଇକରାୟ, ମୀନତିବାଳା ପ୍ରଧାନ, ରେଣୁବାଳା ଚମ୍ପତି, ସୁବାସିନୀ ସେଠୀ, ପୂର୍ବତନ ସେନାନୀ ସଂଘ ସଦସ୍ୟ ଅଧିକାରୀ ସୁବୁଦ୍ଧି, ପବିତ୍ର ବରାଳ, ଭୁବନେଶ୍ୱର ପାଇକରାୟ, ଅଜିତ କୁମାର ସ୍ୱାଇଁ, ଉଛବ ନାୟକ ପ୍ରମୁଖ ସ୍ୱର୍ଗତ ସିଂ ଜଣେ ଦୃଢମନା, ସକାରାତ୍ମକ ମନୋଭାବର ବ୍ୟକ୍ତି ଥିଲେ ବୋଲି କହିଥିଲେ। କୁହୁଡ଼ିରେ ତାଙ୍କ ସହଯୋଗରେ ପୂର୍ବତନ ସେନାନୀ ସଂଘ କାର୍ଯ୍ୟାଳୟ ନିର୍ମାଣ ହୋଇପାରିଥିଲା। ତାଙ୍କ ବିୟୋଗରେ ସଂଘର ଅପୂରଣୀୟ କ୍ଷତି ଘଟିଲା ବୋଲି ସଦସ୍ୟମାନେ କହିଥିଲେ।



ସ୍ମୃତିସଭାରେ ଅତିଥିଙ୍କ ସହ ପୂର୍ବତନ ସେନାନୀ ସଂଘ ଚିଲିକା ଶାଖାର ସଦସ୍ୟ।

# ବିଷ ପିଇଥିବା ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ଯାଁଲା,୨୯।୧୦(ବୁଲା ବାରିକ)**

ତମାଣ୍ଡୋ ଥାନା ନଁପୁଟ ପଞ୍ଚାୟତ ରେତଙ୍ଗ ଗ୍ରାମରେ ଗତ ୧୨ ତାରିଖରେ ବିଷ ପିଇଥିବା ଜଣେ ଯୁବକଙ୍କର ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ବିଶ୍ୱରଞ୍ଜନ ସ୍ୱାଇଁ (୩୫)। ସୂଚନା ଅନୁସାରେ, ବିଶ୍ୱରଞ୍ଜନ ଅଧିକାଂଶ ସମୟରେ ନିଶା ସେବନ କରନ୍ତି। ତେଣୁ ଏନେଇ ସବୁବେଳେ ପାରିବାରିକ କଳହ ଲାଗି ରହୁଥିଲା। ଗତ ୧୨ ତାରିଖରେ ତାଙ୍କ ପରିବାରରେ କୌଣସି କାରଣକୁ ନେଇ ବିବାଦ ଉପୁଜିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ଘରେ ଥିବା ଘାସମରା ଔଷଧ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତମାଣ୍ଡୋ ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପୋଷାକରେ ମହାପ୍ରଭୁଙ୍କ ଚିତ୍ର: କାର୍ଯ୍ୟାନୁଷ୍ଠାନ ଦାବି

**ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କୁ ଅପମାନ କଲାଭଳି ଘଟଣା ପୁଣି ଦୃଷ୍ଟିଗୋଚର ହୋଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଯିବା ସହ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି କରାଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସାରା ଜଗତର ନାଥ। ମହାପ୍ରଭୁଙ୍କ ଭକ୍ତ କୋଣଅନୁକୋଣରେ ରହି ମହାପ୍ରଭୁଙ୍କ ମହିମା, ଗୁଣଗାନ କରିବା ସହ ପ୍ରଚାର ପ୍ରସାର କରୁଛନ୍ତି। ମାତ୍ର ଅନେକ ସମୟରେ ଦେଖିବାକୁ ମିଳୁଛି ପ୍ରଚାର ପ୍ରସାର ଆଳରେ ମହାପ୍ରଭୁଙ୍କୁ ଅପମାନ କରାଯାଉଛି। ମହାପ୍ରଭୁଙ୍କୁ ନେଇ ବିଭିନ୍ନ ଶାଢ଼ି ଓ ପୋଷାକରେ ଚିତ୍ର ଅଙ୍କାଯାଉଛି। ଫଳରେ ଏହା ମହାପ୍ରଭୁଙ୍କ ପ୍ରତି ଅପମାନ।

ଗ୍ରାଫିକ୍ସ ସୂତ୍ର ଡଟ୍ କମ୍ ନାମକ ଏକ ୱେବ୍‌ସାଇଟରେ ମହାପ୍ରଭୁଙ୍କୁ ଅପମାନ କଲାଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏକ ଡ୍ରେସର ତଳ ଭାଗରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ରହିଥିବା ଦେଖିବାକୁ ମିଳିଛି। ସେହିଭଳି ଆଉଏକ ୱେବ୍‌ସାଇଟ୍‌ରେ ଟସର ସିଲ୍କ ଶାଢ଼ିରେ ମଧ୍ୟ ମହାପ୍ରଭୁଙ୍କ ଚିତ୍ର ରହିଥିବା ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ ନାମ ଓ ଚିତ୍ରକୁ ନେଇ ମୋଟା ଅଙ୍କର ଅର୍ଥ ରୋଜଗାର କରିବାକୁ କିଛି ବ୍ୟକ୍ତିବିଶେଷ ପଛାଉନାହାନ୍ତି। ବିଶେଷକରି ସୋସିଆଲ ମିଡିଆରେ ଏଭଳି ଶାଢ଼ି ଓ ଡ୍ରେସ ଘୁରି ବୁଲୁଛି। ଏହାକୁ ନେଇ ସେବାୟତଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ଅନ୍‌ଲାଇନ ସଂସ୍ଥା ଉପରେ ନଜର ରଖିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏହା ପ୍ରଥମ ଘଟଣା ନୁହେଁ ପୂର୍ବରୁ କିଛିଦିନ ତଳେ ମଧୁବନୀ ଶାଢ଼ି ଧଡ଼ିରେ ମହାପ୍ରଭୁଙ୍କ ଚିତ୍ର ଦେଖିବାକୁ ମିଳିଥିଲା। ଏହି ହ୍ୟାଣ୍ଡମେଡ୍ ମଧୁବନୀ ପ୍ରିଣ୍ଟରେ ମହାପ୍ରଭୁଙ୍କ ଚିତ୍ର ଥିବା ଶାଢ଼ିର ଧଡ଼ି, ବ୍ଲାଉଜ ପଛଭାଗ, ଆଗପଟ, ଶାଢ଼ିର କାନି, ଝୁଲିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏହାକୁ ନେଇ ତୀବ୍ର ପତିକ୍ରିୟା ଦେଖାଯାଇଥିଲା। ଆଗକୁ ଯେପରି ଏପରି କାର୍ଯ୍ୟକୁ ରୋକାଯାଇପାରିବ, ସେଥିପାଇଁ ପ୍ରଶାସନ ଓ ସରକାର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

# ବିନା ପଞ୍ଜୀକରଣରେ ଚାଲିଛି ସ୍କୁଲ

**ଖୋର୍ଦ୍ଧା,୨୯।୧୦(ପ୍ରଭାତ ପାଣିଗ୍ରାହୀ)**

■ କାର୍ଯ୍ୟାନୁଷ୍ଠାନ ଦାବିରେ ମନ୍ତ୍ରୀଙ୍କୁ ଅଭିଭାବକଙ୍କ ଚିଠି

■ ତଦନ୍ତ ପରେ ବି ପ୍ରଶାସନ ଚୁପ୍ ବସିଥିବା ଅଭିଯୋଗ

ଖୋର୍ଦ୍ଧା ଜେମାଦେଈ ଅଞ୍ଚଳରେ ବିନା ସରକାରୀ ପଞ୍ଜୀକରଣରେ ଏକ ଇଂଲିଶ୍ ମିଡିୟମ ସ୍କୁଲ ଚାଲିଛି। ଏ ନେଇ କେତେଜଣ ଅଭିଭାବକ ସ୍ଥାନୀୟ ପ୍ରଶାସନକୁ ଜଣାଇ ବିଫଳ ହେବା ପରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ରିପୋର୍ଟ ଦାଖଲ ଲାଗି ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ଚିଠି ଲେଖିଥିଲେ। ଡିଇଓଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଏହାର ତଦନ୍ତ କରି ତଦନ୍ତ ରିପୋର୍ଟ ଦାଖଲ କରିଥିଲେ ମଧ୍ୟ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ କୌଣସି ନଥିପତ୍ର ନ ଥାଇ ଅନ୍ୟ ସ୍କୁଲ ରେଜିଷ୍ଟ୍ରେଶନରେ ବର୍ଷ ବର୍ଷ ଧରି ସ୍କୁଲ ଚାଲୁଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଥିବା ସତ୍ତ୍ୱେ ଶିକ୍ଷା ବିଭାଗର ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାହା ଚାପରେ ଏହାକୁ ଘଣ୍ଟ ଘୋଡ଼ାଯାଉଛି ବୋଲି ସାଧାରଣରେ ପ୍ରଶ୍ନ ଉଙ୍କି ମାରୁଛି।

ସୂଚନା ମୁତାବକ, ଗତ ଜୁଲାଇ ୨୧ରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପ୍ରାୟ ୨୫ଜଣ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଏକ ପତ୍ର ଲେଖିଥିଲେ। ପତ୍ରରେ ଖୋର୍ଦ୍ଧା ଜେମାଦେଈ ଅଞ୍ଚଳରେ ଥିବା ଇଂଲିଶ୍ ମିଡିୟମ ସ୍କୁଲକୁ ଅଣ–ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଦର୍ଶାଇବା ସହ ତଦନ୍ତ ପାଇଁ ଅନୁରୋଧ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ବିଭିନ୍ନ ବିଜ୍ଞାପନ ଏବଂ ବ୍ୟାନରରେ ନିଜ ଅନୁଷ୍ଠାନକୁ ହାଇସ୍କୁଲ ଦର୍ଶାଇବା ସହ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ନାମଲେଖା ପାଇଁ କହୁଛନ୍ତି। ବିଦ୍ୟାଳୟରେ ଅନଭିଜ୍ଞ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ପାଠ ପଢ଼ାଯାଉଛି। ଅଭିଭାବକଙ୍କୁ ମିଥ୍ୟା ନଥିପତ୍ର ଦେଖାଯିବା ସହ ସେମାନଙ୍କୁ ଅନ୍ଧାରରେ ରଖାଯାଉଛି। ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟ ପରିବର୍ତ୍ତନ ପାଇଁ ଆବେଦନ କଲେ କର୍ତ୍ତୃପକ୍ଷ ମନା କରୁଛନ୍ତି। ଏହା ଅଭିଭାବକମାନଙ୍କୁ ମାନସିକ ଯନ୍ତ୍ରଣା ଦେବା ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଚାଲିଛି ବୋଲି ଚିଠିରେ ଅଭିଯୋଗ ଦର୍ଶାଯାଇଥିଲା।

ଅଭିଯୋଗ ପାଇବା ପରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ତଦନ୍ତ କରି ରିପୋର୍ଟ ଦେବାକୁ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀଙ୍କୁ ତାଙ୍କ ଚିଠି ନଂ–୧୨୭୮, ତା୨୬।୦୭।୨୦୨୫ରେ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ, ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ଚିଠି ନଂ–୯୨୦୭, ତା୦୪।୦୮।୨୦୨୫ରେ ନିର୍ଦ୍ଦେଶ ଦେଇଥିଲେ। ବିଇଓ ତଦନ୍ତ କରି ସମସ୍ତ ନଥିପତ୍ର ସହ ତାଙ୍କ ରିପୋର୍ଟ ଚିଠି ନଂ–୧୯୬୭, ତା୧୩।୦୮।୨୦୨୫ରେ ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରେରଣ କରିଥିବା ଜଣାପଡ଼ିଛି।

ବିଇଓଙ୍କ ରିପୋର୍ଟ ଅନୁଯାୟୀ, ବିଦ୍ୟାଳୟ ପରିଚାଳନା ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ସରକାରୀ ସ୍ୱୀକୃତି ନାହିଁ। ପ୍ରିନ୍ସିପାଲ ଏହି ଅଭିଯୋଗକୁ ତଦନ୍ତକାରୀ କର୍ତ୍ତୃପକ୍ଷଙ୍କ ସାମ୍ନାରେ ତାଙ୍କ ଷ୍ଟେଟ୍‌ମେଣ୍ଟ ନଂ. ୦୦୧/୨୫, ତା୧୧।୦୮।୨୦୨୫ରେ ମାନିଛନ୍ତି ବୋଲି କେତେଜଣ ଅଭିଭାବକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏ ନେଇ ବିଇଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ମୁଗୁନି ପଥର ବୋଝେଇ ୫ ହାଇୱା ଜବତ: ୫ ଗିରଫ

## ଚୋରା ଚାଲାଣକାରୀଙ୍କୁ ଧରିଲା ଏସ୍‌ଟିଏଫ୍



ଜବତ ହୋଇଥିବା ମୁଗୁନି ପଥର ବୋଝେଇ ହାଇୱା।

**ଟାଙ୍ଗୀ(ଖୋର୍ଦ୍ଧା),୨୯।୧୦ (ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଜୟମଙ୍ଗଳପୁରସ୍ଥିତ ପାହାଡ଼ରୁ ଦିନରାତି ବେଆଇନ ଭାବେ ମୁଗୁନି ପଥର ଚାଲାଣ ହେଉଛି। ବୁଧବାର ଜୟମଙ୍ଗଳପୁରସ୍ଥିତ ପାହାଡ଼ରୁ ତାପଙ୍ଗ ଅଞ୍ଚଳକୁ ଚୋରା ଚାଲାଣ ବେଳେ ମୁଗୁନି ପଥର ବୋଝେଇ ହୋଇଥିବା ୫ଟି ହାଇୱାକୁ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜବତ କରିବା ସହ ୫ ଡ୍ରାଇଭରଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଜୟମଙ୍ଗଳପୁର ପାହାଡ଼ରୁ ମୁଗୁନି ପଥର ପରିବହନ ପାଇଁ ସରକାରୀ ନିଲାମ ଦିଆଯାଇଛି। ବଘେଇ କନ୍‌ଷ୍ଟ୍ରକ୍ସନ ସହ ଏ ନେଇ ଚୁକ୍ତି ହୋଇଛି। ତେବେ ମାଫିଆମାନେ ଏହି ପାହାଡ଼ରୁ ମୁଗୁନି ପଥର ବେଆଇନ ଭାବେ ଉତ୍ତୋଳନ କରି ତାପଙ୍ଗ ଅଞ୍ଚଳରେ ଥିବା ବିଭିନ୍ନ କ୍ରଶରକୁ ଚଢା ଦରରେ ଚାଲାଣ କରୁଥିବା ଜଣାପଡ଼ିଛି। କୁହୁଡ଼ି ଫାଣ୍ଡି, ଟାଙ୍ଗୀ ଥାନା ଓ ଜଙ୍କିଆ ଥାନା ପୋଲିସ ଏ ନେଇ ସହଯୋଗ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ମାଫିଆମାନେ ମୁଗୁନି ପଥର ଚୋରା ଚାଲାଣ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବାବେଳେ କ୍ରଶର ମାଲିକମାନେ ଚଢ଼ା ଦରରେ ପଥର କିଣି ଅଧିକ ଦରରେ ଖାଉଟିଙ୍କୁ ଚିପ୍ସ ବିକି ମାଲାମାଲ ହେଉଛନ୍ତି। ବୁଧବାର ସକାଳେ ଏସ୍‌ଟିଏଫ୍ କୌଣସି ସୂତ୍ରରୁ ସୂଚନା ପାଇ ଚଡ଼ାଉ କରିଥିଲା। ମୁଗୁନି ପଥର ବୋଝେଇ ହୋଇଥିବା ୫ଟି ହାଇୱାକୁ ଜବତ କରି ଟାଙ୍ଗୀ ଥାନା ପରିସରକୁ ଆଣିଥିଲା। ଜବତ ଗାଡ଼ି ଗୁଡ଼ିକର ନମ୍ବର ହେଲା ଓଡି ୦୨ ସିଜେଡ୍ ୬୫୯୮, ଓଡି ୦୭ ଏଏକ୍ସ ୧୭୦୭, ଓଡି ୦୨ ବିକେ ୧୭୦୭, ଓଡି ୦୨ ସିଜେଡ୍ ୬୫୭୬ ଏବଂ ଓଡି ୦୨ ସିଜି ୫୬୨୦। ଅନ୍ୟପକ୍ଷରେ ଏସ୍‌ଟିଏଫ୍ ଚଢ଼ାଉ ଫଳରେ ପଥର ମାଫିଆମାନଙ୍କ ମଧ୍ୟରେ ଛନକା ଦେଖାଦେଇଥିବା ବେଳେ ସ୍ଥାନୀୟ ପୋଲିସର ପାରିବାପଣିଆ ପଦାରେ ପଡ଼ିଛି।

## ବାଣିପଦା ପଞ୍ଚାୟତ ବିକାଶ ପରିଷଦ ଗଠିତ

ଚୌଦ୍ୱାର,(ଆଶୁତୋଷ ଦାସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣିପଦା ପଞ୍ଚାୟତ ଅନ୍ତର୍ଗତ ୮ଟି ଗ୍ରାମର ଲୋକମାନଙ୍କୁ ନେଇ ଏକ ବୈଠକରେ ସର୍ବସମ୍ମତିକ୍ରମେ ପ୍ରତ୍ୟେକ ଗ୍ରାମର ବିକାଶ ନିମନ୍ତେ ବାଣିପଦା ପଞ୍ଚାୟତ ବିକାଶ ପରିଷଦ ନାମରେ ଏକ କମିଟି ଗଠନ କରାଯାଇଛି। ପରିଷଦର ଉପଦେଷ୍ଟା ଭାବେ ଶରତ କୁମାର ନାୟକ, ଲକ୍ଷ୍ମଣ ରାଉତ, ପବିତ୍ର ସ୍ୱାଇଁ ଓ ରବୀନ୍ଦ୍ର ବେହେରା ମନୋନୀତ ହୋଇଥିବା ବେଳେ ପ୍ରତ୍ୟେକ ଗ୍ରାମରୁ ୪ଜଣ ଲେଖାଏ କର୍ମକର୍ତ୍ତା ପ୍ରତିନିଧି କମିଟିରେ ରଖାଯାଇଥିଲା। ଯୁବନେତା ତୀର୍ଥାନନ୍ଦ ସୁବୁଦ୍ଧିରାୟ ଯୁଗ୍ମ ସଙ୍ଗଠକ, ରଞ୍ଜନ କୁମାର ପରିଡା ସଙ୍ଗଠନ ସମ୍ପାଦକ ଓ ଅମୂଲ୍ୟ କୁମାର ସ୍ୱାଇଁ କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ ବୋଲି ସଙ୍ଗଠନ ସଭାପତି ତଥା ବାଣିପଦା ସରପଞ୍ଚ ଦିଲୀପ କୁମାର ଭୋଇ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ୪୨ ମୌଜାରେ ଖଣି, ଇସ୍ପାତ ବିଭାଗର କ୍ୟାମ୍ପ ଅଫିସ ଖୋଲିବାକୁ ଦାବି



କଟକ ସଦର,୨୯।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ତହସିଲ ଅନ୍ତର୍ଗତ ୪୨ ମୌଜା ଅଞ୍ଚଳରୁ ପ୍ରତ୍ୟେକ ଦିନ ବିଭିନ୍ନ ଘାଟରୁ ଚୋରାରେ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ପାଇବା ପରେ କଟକସ୍ଥିତ ଇସ୍ପାତ ଓ ଖଣି ବିଭାଗର ଗାଡ଼ି ରାତିସାରା କାଠଯୋଡି, ସିଢୁଆ ନଦୀ ବନ୍ଧରେ ପଇଁତରା ମାରିବା ସତ୍ତ୍ୱେ ଫଳ କିଛି ହେଲାନାହିଁ। ପୂର୍ବରୁ ତହସିଲ ଅଧୀନରେ ଥାଇ ମଧ ଦକ୍ଷିଣ ରାଜ୍ୟକୁ ବାଲି ଚାଲାଣ ରୋକାଯାଇ ପାରି ନ ଥିଲା। ତେଣୁ ୪୨ ମୌଜା ଅଞ୍ଚଳରେ ଇସ୍ପାତ ଓ ଖଣି ବିଭାଗର କ୍ୟାମ୍ପ ଅଫିସ ଖୋଲିବା ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ଯେଉଁ ପରିମାଣରେ ବାଲି ବାହାର ରାଜ୍ୟକୁ ଯାଉଛି, ଆଉ କିଛିଦିନ ପରେ ୪୨ ମୌଜା ତ୍ରିକୋଣ ଭୂମି ଅଞ୍ଚଳରେ ମୃତ୍ତିକା କ୍ଷୟ ହୋଇ ଉଚ୍ଚ କୋଠାମାନଙ୍କ ପ୍ରତି ବିପଦ ସୃଷ୍ଟି କରିବା ସମ୍ଭାବନା ସୃଷ୍ଟି ହୋଇଛି।

## ଖ୍ରୀଷ୍ଟ କଲେଜରେ ବିଦ୍ୟାର୍ଥୀ କଲ୍ୟାଣ କାର୍ଯ୍ୟକ୍ରମ

କଟକ,୨୯।୧୦(ଶିକ୍ଷା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜରେ ଚଳିତ ଶିକ୍ଷାବର୍ଷ ପାଇଁ ଯୁକ୍ତ ୩ ବିଦ୍ୟାର୍ଥୀ କଲ୍ୟାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ନୂତନ ପ୍ରେକ୍ଷାଳୟରେ ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାର୍ଥୀ କଲ୍ୟାଣ କମିଟିର ସଂଯୋଜିକା ଡ. ବନ୍ଦିତା ଆଚାର୍ଯ୍ୟ ସରକାରଙ୍କ ବିଦ୍ୟାର୍ଥୀମାନଙ୍କ ପାଇଁ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଯୁବ ରେଡ୍‌କ୍ରସ କମିଟିର ଉପଦେଷ୍ଟା ଡ. କ୍ଷଣପ୍ରଭା ନନ୍ଦ, ପାଠାଗାର ଉପଦେଷ୍ଟା କମିଟି ଏବଂ ପ୍ରବନ୍ଧ ଓ ବକ୍ତୃତା କମିଟିର ସଂଯୋଜିକା ଡ. ଜେହାରା ଜୀବନ, କ୍ୟାରିୟର କାଉନସିଲିଂ କମିଟିର ସଂଯୋଜକ ଡ. ଦିଲୀପ କୁମାର ବରାଳ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସ୍ୱାତୀ ଦାଶ, କ୍ରୀଡା ପରିଷଦର ଉପସଭାପତି ଡ. ପ୍ରଦ୍ୟୁମ୍ନ ଦାଶ, ସାଇବର ସୁରକ୍ଷା କ୍ଲବର ସଂଯୋଜିକା ଡ. ସୁନନ୍ଦା ଦାସ, ଫ୍ରି ଷ୍ଟୁଡେଣ୍ଟଶିପ୍ କମିଟି ସଂଯୋଜକ ଡ. ଭବଜିତ୍ ପଟ୍ଟନାୟକ ସମ୍ପୃକ୍ତ କମିଟିର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ସହ ଏହାର ସୁଯୋଗ ନେବା ପାଇଁ ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ସଚେତନ କରିଥିଲେ। ଅଧ୍ୟାପିକା ରିଙ୍କୁ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଅଧ୍ୟାପିକା ରଚିତା ସାନ୍ତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଯୁକ୍ତତିନି ବିଦ୍ୟାର୍ଥୀଙ୍କ ସହ ଅଧ୍ୟାପିକା ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ୧୪ ଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ

କଟକ,୨୯।୧୦(ଶିକ୍ଷା ପ୍ରିୟଦର୍ଶିନୀ)



ଝାଡ଼ାବାନ୍ତିରେ ଆକ୍ରାନ୍ତ ଛାତ୍ରମାନଙ୍କ ଏସ୍‌ସିବି ମେଡିକାଲରେ ଚିକିତ୍ସା ଚାଲିଛି।

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ**
- ସ୍ୱାସ୍ଥ୍ୟାବସ୍ଥା ସୁଧାର ପରେ ଡିସ୍‌ଚାର୍ଜ ହେଲେ
- ଖାଦ୍ୟ, ପାଣି ନମୁନା ସଂଗ୍ରହ

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲର ଛାତ୍ରମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ବୁଧବାର ପୂର୍ବାହ୍ନ ୧୧ଟା ସୁଦ୍ଧା ୧୭ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏସ୍‌ସିବି ମେଡିକାଲ ନନ୍‌ଟ୍ରମା କାଜୁଆଲଟିକୁ ଅଣାଯାଇଥିଲା। ସେଥିମଧ୍ୟରୁ ୧୪ଜଣଙ୍କୁ ଭର୍ତ୍ତି କରାଯାଇଛି। ସେମାନଙ୍କ ଚିକିତ୍ସା କରାଯିବା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ସନ୍ଧ୍ୟାରେ ମେଡିକାଲରୁ ଡିସ୍‌ଚାର୍ଜ କରାଯାଇଛି। ଏସ୍‌ସିବିରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗୁରୁତରଙ୍କ ଚିକିତ୍ସାରେ ନିୟୋଜିତ ରହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ, ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଏସ୍‌ସିବିରେ ପହଞ୍ଚି ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଅନ୍ୟପଟେ ଖବର ପାଇ ଇଷ୍ଟ ହଷ୍ଟେଲରେ ଫୁଡ୍ ସେଫ୍ଟି ଟିମ୍ ପହଞ୍ଚି ପାଣି ଓ ଖାଦ୍ୟର ନମୁନା ସଂଗ୍ରହ କରିଛି।

ସୂଚନା ଅନୁଯାୟୀ, ଇଷ୍ଟ ହଷ୍ଟେଲର ପ୍ରାୟ ୧୮୩ଜଣ ଛାତ୍ର ମଙ୍ଗଳବାର ରାତିରେ ରୁଟି, ଅଣ୍ଡା ତଡକା ଓ ଝୁଡଙ୍ଗ ଆଳୁଭଜା ଖାଇଥିଲେ। ଖାଇବାର କିଛି ସମୟ ପରେ ଛାତ୍ରମାନଙ୍କ ବାନ୍ତି ହେବା ଆରମ୍ଭ ହୋଇଥିଲା। ଧୀରେ ଧୀରେ ପ୍ରାୟ ୧୭ଜଣଙ୍କ ଝାଡ଼ାବାନ୍ତି ହୋଇ ଗୁରୁତର ହୋଇପଡ଼ିଥିଲେ। ହଷ୍ଟେଲ ପରିସରରେ ଥିବା ୩୮ନଂ. କରିଡର ନିକଟରେ ଥିବା ଦୁଇଟି ଆକ୍ୱାଗାର୍ଡରୁ ଦୂଷିତ ପାଣି ଓ ଶୌଚାଳୟ ପାଣି ପାଇପ ଫାଟି ଏଥିରେ ମିଶିବାରୁ ଏଭଳି ସ୍ଥିତି ଉପୁଜିଥିବା ଛାତ୍ରମାନେ କହିଛନ୍ତି। ଘଟଣା ସମ୍ପର୍କରେ ଇଷ୍ଟ ହଷ୍ଟେଲର ୱାର୍ଡେନ ଶରତ କୁମାର ରାଉତ କହିଛନ୍ତି, ହଷ୍ଟେଲକୁ ସଫାସୁତରା ରଖାଯାଉଛି। ପାଣି ବଦଳାଇବା ସହ ସଫେଇ କାର୍ଯ୍ୟ ଛାତ୍ରମାନଙ୍କ ଉପସ୍ଥିତିରେ କରାଯାଇଛି। ଗତ ଜୁଲାଇରେ ନୂତନ ଆକ୍ୱାଗାର୍ଡ ଲାଗିଛି। ଏଭଳି ସମସ୍ୟା କାହିଁକି ଉପୁଜିଲା ତାହା ଡାକ୍ତର କହିପାରିବେ। ଚିକିତ୍ସିତ ହେଉଥିବା ଛାତ୍ରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମେଡିକାଲ ଅତିରିକ୍ତ ଡା. ଜ୍ୟୋତିର୍ମୟ ନାୟକ କହିଛନ୍ତି ଯେ, ନିମ୍ନମାନର ଖାଦ୍ୟ କିମ୍ବା ଦୂଷିତ ପାଣି ଯୋଗୁ ଫୁଡ୍ ପଏଜନ ହୋଇଛି। ଛାତ୍ରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି ଏବଂ ସମସ୍ତଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଫୁଡ୍ ସେଫ୍ଟି ଅଧିକାରୀ ରଶ୍ମିତା ବେହେରା କହିଛନ୍ତି, ଖାଦ୍ୟ ଓ ପାଣିର ନମୁନା ସଂଗ୍ରହ କରିଛୁ। ତାହା ପରୀକ୍ଷା ପାଇଁ ପଠାଯିବ, ରିପୋର୍ଟ ଆସିଲେ ଏହାର କାରଣ ଜଣାପଡ଼ିବ। ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ କହିଛନ୍ତି, ରେଭେନ୍‌ଶାରେ ଏଭଳି ସମସ୍ୟା ଉପୁଜିବା ଚିନ୍ତାର କାରଣ। ଛାତ୍ରମାନେ ଯେପରି ହଷ୍ଟେଲରେ ସ୍ୱାସ୍ଥ୍ୟକର ଖାଦ୍ୟ ଓ ସ୍ୱଚ୍ଛ ପାନୀୟ ଜଳ ଆହରଣ କରିବେ ସେଥିପ୍ରତି ଦୃଷ୍ଟି ଦେବାକୁ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।

## ସବୁ ଥାନାରେ ପାଳନ ହେବ ରାଷ୍ଟ୍ରୀୟ ଏକତା ଦିବସ

କଟକ,୨୯।୧୦(କାର୍ତ୍ତିକ ସାହୁ)

**ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ୩୧ରେ**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆସନ୍ତା ୩୧ରେ ରାଷ୍ଟ୍ରୀୟ ଏକତା ଦିବସ ସାରା ଦେଶରେ ପାଳନ ହେବାକୁ ଯାଉଛି। ଏହି ଦିବସକୁ ସ୍ମରଣୀୟ ତଥା ଅଧିକ ଆକର୍ଷଣୀୟ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ରାଜ୍ୟର ୩୪ଟି ପୋଲିସ ଜିଲା ଅଧୀନ ସବୁଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ସୂଚନାନୁସାରେ, ଏହି ଅବସରରେ ଏକତା ପାଇଁ ଦୌଡ଼ ଶୀର୍ଷକରେ ଏକ ବିଶାଳ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଏଥିରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରାଯାଉଛି। ଦୌଡ଼ ଆରମ୍ଭ ହେବା ପୂର୍ବରୁ ସମସ୍ତ ପ୍ରତିଯୋଗୀ ରାଷ୍ଟ୍ରୀୟ ଏକତା ଦିବସର ଶପଥ ଗ୍ରହଣ କରିବେ। ସ୍ଥାନୀୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନିମନ୍ତ୍ରଣ କରି ଚିତ୍ରାଙ୍କନ, ତର୍କ, ପ୍ରବନ୍ଧ ଭଳି ପ୍ରତିଯୋଗିତା ମଧ ଆୟୋଜନ କରାଯାଉଛି। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଭାରତ ଶ୍ରେଷ୍ଠ ଭାରତ, ବସୁଧୈବ କୁଟୁମ୍ବକମ୍ ଭଳି ଶୀର୍ଷକ ଥିବା ଚିତ୍ରାଙ୍କନ ପ୍ରତିଯୋଗିତା, ସର୍ଦ୍ଦାର ପଟେଲଙ୍କ ଜୀବନୀ ଏବଂ ରାଷ୍ଟ୍ରୀୟ ଏକତା ଦିବସର ମହତ୍ତ୍ୱକୁ ନେଇ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହାବାଦ୍ ପୋଲିସ ଷ୍ଟେଶନ ପରିସରରେ ପୋଷ୍ଟର ଓ ବ୍ୟାନର ଲଗାଇ ରାଷ୍ଟ୍ରୀୟ ଏକତା ଦିବସର ବାର୍ତ୍ତା ପ୍ରଦାନ କରିବା ଦିଗରେ ଗୁରୁତ୍ୱାରୋପ କରାଯାଉଛି। ଏଥିସହ ୩୧ ତାରିଖ ସକାଳ ୮ଟାରେ କଟକସ୍ଥିତ ଓଏସ୍‌ଏପି ୬ଷ୍ଠ ବାଟାଲିୟନ ପରିସରରେ ରାଜ୍ୟସ୍ତରୀୟ ଏକତା ଦିବସ ପରେଡ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ ବ୍ରାଞ୍ଚ) ବିନୟତୋଷ ମିଶ୍ର ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ସମାଜର ସମସ୍ତ ବ୍ୟକ୍ତିବିଶେଷ ସାମିଲ ହୋଇ ଏହି ଦିବସକୁ ସଫଳ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଅତୁଳନୀୟ ଥିଲା। ଭାରତ ସ୍ୱାଧୀନ ହେବା ପରେ ଦେଶର ୫୬୨ଟି ରାଜାମାନଙ୍କ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକୁ ଏକତ୍ର କରିବାରେ ସେ ଅସାଧାରଣ ଭୂମିକା ତୁଲାଇଥିଲେ। ତାଙ୍କର ଦୃଢ଼ ଇଚ୍ଛାଶକ୍ତି, ରାଜନୈତିକ ଦୂରଦୃଷ୍ଟି ଓ ଦେଶପ୍ରେମ ଯୋଗୁ ଭାରତ ଏକ ଅଖଣ୍ଡ ରାଷ୍ଟ୍ରରେ ପରିଣତ ହୋଇଥିଲା। ତାଙ୍କର ଜୟନ୍ତୀ ଅବସରରେ ପ୍ରତିବର୍ଷ ରାଷ୍ଟ୍ରୀୟ ଏକତା ଦିବସ ପାଳନ ହୋଇଆସୁଛି।

## ଡ୍ରିମ୍‌ସ ନର୍ସିଂ ସ୍କୁଲ ପକ୍ଷରୁ ସ୍ତନ କର୍କଟ ସଚେତନତା




ଡ୍ରିମ୍‌ସ ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ଟାଙ୍ଗୀ ମହାବିଦ୍ୟାଳୟରେ ଅନୁଷ୍ଠିତ ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀମାନେ।

କଟକ,୨୯।୧୦(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ଟାଙ୍ଗୀ ମହାବିଦ୍ୟାଳୟରେ ସ୍ତନ କର୍କଟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସି ମାଧ୍ୟମରେ ଏଭଳି ସମାଜ କଲ୍ୟାଣ ଓ ଜନସଚେତନତା କାର୍ଯ୍ୟକ୍ରମ ପାଇଁ ଛାତ୍ରୀଛାତ୍ରଙ୍କୁ ବଧାଇ ଜଣାଇଥିଲେ। ଟାଙ୍ଗୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିଲକେଶ ପରଭିନ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନ ପରିସରସ୍ଥ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂର ଡିନ୍ ଡ. ପ୍ରଥିମା ପ୍ରକାଶମ୍, ସହକାରୀ ଡିନ୍ ଏନ୍ ପ୍ରେମଲତା ଦେବୀ, ଅଧ୍ୟାପିକା ରଞ୍ଜିତା ବେହେରା, ଅଧ୍ୟାପକ ମାନସ କୁମାର ବେହେରା, ସହକାରୀ ପ୍ରାଧ୍ୟାପିକା ଉର୍ମିଳା ସ୍ୱାଇଁ, ସଙ୍ଗୀତା ନାୟକ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଦ୍ୱାରା କେବଳ ଶିକ୍ଷାନୁଷ୍ଠାନର ଛାତ୍ରୀ ନୁହନ୍ତି, ଅନ୍ୟମାନେ ମଧ ଉପକୃତ ହୋଇପାରିବେ ବୋଲି କହିଥିଲେ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟ ଓ ଚିକିତ୍ସା ଦ୍ୱାରା ସ୍ତନ କର୍କଟକୁ ଦୂରେଇ ଦେଇ ହେବ ବୋଲି ଭିଡିଓ ପ୍ରଦର୍ଶନ ମାଧ୍ୟମରେ ସଚେତନ କରାଯାଇଥିଲା। ଅଧ୍ୟାପିକା ମନୀଷା ମିଶ୍ର ଧନ୍ୟବାଦ ଦେଇଥିଲେ।

## ଉତ୍ପାତ କରୁଥିବା ମାଙ୍କଡ଼କୁ ଟ୍ରାଙ୍କୁଲାଇଜ, ଲୋକେ ଆଶ୍ୱସ୍ତ

ଖୁଣ୍ଟୁଣୀ,୨୯।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅନ୍ତର୍ଗତ ଗୋବରା ଗ୍ରାମରେ ଗତ କିଛିଦିନ ହେବ ଉତ୍ପାତ କରୁଥିବା ଏକ ମାଙ୍କଡକୁ ବୁଧବାର ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଟ୍ରାଙ୍କୁଲାଇଜ କରି କାବୁ କରାଯାଇଛି । ପରେ ମାଙ୍କଡ଼କୁ ଯନ୍ତାରେ ପକାଇ କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ପଠାଇ ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ନୀଳମାଧ ସାହୁ ସୂଚନା ଦେଇଛନ୍ତି। ଗତ ସପ୍ତାହ ତଳେ ଏହି ହନୁମାଙ୍କଡ଼ ନିକଟସ୍ଥ ଜଙ୍ଗଲରୁ ଚାଲିଆସି ଗୋବରା ଗ୍ରାମରେ ଉତ୍ପାତ କରୁଥିଲା। ଲୋକଙ୍କୁ ଆକ୍ରମଣ କରିବା, ଉପରକୁ ଡେଇଁ ଖଣ୍ଡିଆ ଖାବରା କରିବାରୁ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ବନାଞ୍ଚଳ ଅଧିକାରୀ ସାହୁ ଖବର ପାଇ ଗୋବରା ବିଟ କର୍ମଚାରୀଙ୍କୁ ମାଙ୍କଡ଼କୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେମାନେ ଉଦ୍ୟମ କରିଥିଲେ ମଧ ମାଙ୍କଡ ଧରା ଦେଇ ନ ଥିଲା। ଆଠଗଡ଼ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚିଠି ପାଇବା ପରେ ମଧ୍ୟାହ୍ନରେ କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର ଏକ ୩ ଜଣିଆ ଟ୍ରାଙ୍କୁଲାଇଜ ଟିମ ଗୋବରାରେ ପହଞ୍ଚି ସ୍ଥାନୀୟ ବନରକ୍ଷୀ ବିଜୟ କୁମାର ମଙ୍ଗରାଜ ଓ ବିଭାଗୀୟ ସ୍କ୍ୱାର୍ଡଙ୍କ ସହଯୋଗରେ ଘର ଛାତ ଉପରେ ବସିଥିବା ମାଙ୍କଡ଼କୁ ଟିମ୍ ଟ୍ରାଙ୍କୁଲାଇଜ କରିଥିଲେ। ମାଙ୍କଡ଼କୁ ଯନ୍ତାରେ ପୁରାଇ କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟ ନିଆଯାଇ ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ବନ ବିଭାଗ କହିଛି।

## ନୂଆଁଖାଇ ଭେଟ୍‌ଘାଟ୍‌ରେ ଝୁମିଲା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ



ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ।

କଟକ,୨୯।୧୦(କାର୍ତ୍ତିକ ସାହୁ)

**ଏକାଠି ହେଲେ ପଶ୍ଚିମ ଓଡ଼ିଶା ଛାତ୍ରୀଛାତ୍ର**

ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଅତ୍ୟନ୍ତ ହର୍ଷୋଲ୍ଲାସ ମଧ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଇକୋ କ୍ଲବ ଓ ଐତିହ୍ୟ କ୍ଲବ ସହଯୋଗରେ ଦିବସବ୍ୟାପୀ ଆୟୋଜିତ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ଛାତ୍ରୀଛାତ୍ରମାନେ ଏକାଠି ହୋଇଛନ୍ତି। ସେମାନଙ୍କ ସହ ଅନ୍ୟ ଛାତ୍ରୀଛାତ୍ର, ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ ଯୋଗଦେଇ ଖୁସି ମନାଇଛନ୍ତି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଡ. ତେଜପ୍ରତାପ ଯୋଗଦେଇ ନୂଆଁଖାଇ ରାଜ୍ୟର ସଭ୍ୟତା ଓ ସଂସ୍କୃତିର ପରିଚାୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଛାତ୍ର କଲ୍ୟାଣ ବିଭାଗ ଡିନ ପ୍ରଫେସର ଡ. ଜୟପ୍ରକାଶ ଭଞ୍ଜ ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଅନନ୍ୟ ବୋଲି କହିଥିଲେ। ପ୍ରାଧ୍ୟାପକ ପାର୍ଥସାରଥି ମିଶ୍ର, ସୀମା ତ୍ରିପାଠୀ, ସ୍ୱାଧୀନ ମହାନ୍ତି, ସଚ୍ଚିଦାନନ୍ଦ ଦାଶ ପ୍ରମୁଖ ମେଣ୍ଟର ଥିବା ବେଳେ ଛାତ୍ର ସୌମ୍ୟଦର୍ଶୀ ପ୍ରୟାସ ପ୍ରଧାନ ସଂଯୋଜକ କାର୍ଯ୍ୟ କରିଥିଲେ। ରିତେଶ ନାୟକ ଲୋକସମ୍ପର୍କ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶୀ ନୃତ୍ୟ ପ୍ରଦର୍ଶନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସମବେତ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ, ସମ୍ବଲପୁରୀ ଆଉଟ ଫିଟରେ ରାମ୍ପ ୱାକ, ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ କବିତା ଆବୃତ୍ତି ଆଦି ହୋଇଥିଲା। ଏଥିସହ ପଶ୍ଚିମ ଓଡ଼ିଶାର ସ୍ୱନାମଧନ୍ୟ କଳାକାର ଜେଆରଏମ ବାଓା, ଦ ଆର୍ ସ୍କୋୟାର୍ ଏସ, ହାପି ଷ୍ଟିଡ, ଅଙ୍କିତ ରାଜ ଏବଂ ସୌଭାଗ୍ୟଲକ୍ଷ୍ମୀ ଦାଶଙ୍କ ରଙ୍ଗାରଙ୍ଗ ପ୍ରଦର୍ଶନ ସାଙ୍ଗକୁ ଶରଧାପାଲି ଶରଗମାଲି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପାରମ୍ପରିକ ସମ୍ବଲପୁରୀ ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ପରିସରରେ ସୁସ୍ୱାଦୁ ଫୁଡ ଷ୍ଟଲଗୁଡ଼ିକରେ ଭିଡ଼ ଜମିଥିଲା।

## କିଶନନଗରରେ ଖୋଲିବ ସବ୍‌ରେଜିଷ୍ଟ୍ରାର ଅଫିସ

କଟକ ସଦର,୨୯।୧୦(ସୁଶାନ୍ତ କୁମାର ଜେନା)

କଟକ ଜିଲା କିଶନ ନଗରଠାରେ ସବ୍‌ରେଜିଷ୍ଟ୍ରାର ଅଫିସ ନଭେମ୍ବର ମାସରେ କାର୍ଯ୍ୟକ୍ଷମ ହେବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ୧୧୪ଟି ରାଜସ୍ୱ ଗ୍ରାମକୁ ନେଇ ଏହି ଅଫିସ କାର୍ଯ୍ୟ କରିବ। ପୂର୍ବରୁ ଏହି ଅଞ୍ଚଳର ଲୋକମାନେ ଜମି ପଞ୍ଜୀକୃତ ପାଇଁ ଜଗତ୍‌ସିଂହପୁର ଜିଲା ରଘୁନାଥପୁରକୁ ଯିବାକୁ ପଡୁଥିଲା। ମାତ୍ର ନୂଆ ସରକାର ଗଠନ ହେବା ପରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହି ସ୍ଥାନରେ ନୂଆ କାର୍ଯ୍ୟାଳୟ ଖୋଲିବା ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। କିଶନ ନଗର ତହସିଲ ଅନ୍ତର୍ଗତ ସାଲେପୁର ନିର୍ବାଚନମଣ୍ଡଳୀର ୪ଟି ପଞ୍ଚାୟତ ରଟିଲୋ, ତରିତୋ, ପୁରୁଣାହାଟ, ସୁଦୁଖଣ୍ଡ, ନିଶ୍ଚିନ୍ତକୋଇଲି ବ୍ଲକର ଶିଲୋ, ମାଣପୁର, ଇସାଣି ବ୍ରହ୍ମପୁର, ଉତ୍ତରକୂଳ, ବାବୁଜଙ୍ଗ, ମଣିଜଙ୍ଗ, ମହମ୍ମଦପୁର, କଟକ ସଦର ବ୍ଲକର ବାରଦା, ଧରିଣା, ସୋମପୁର, ଯଶପଡ଼ା, ଅରିଲୋ, କିଶୋରନଗର, ବୋଧପୁର, ପ୍ରହରାଜପୁର ଅନ୍ତର୍ଭୁକ୍ତ ଅଟେ।

## ନିୟମିତ ବ୍ୟାୟାମ ଉପରେ ଗୁରୁତ୍ୱ




ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ଅବସରରେ ଆୟୋଜିତ ପଦଯାତ୍ରାରେ ସାମିଲ ଅଭିଭାବକ, ଛାତ୍ରୀଛାତ୍ର ଓ ସ୍କୁଲ କର୍ତ୍ତୃପକ୍ଷ।

କଣ୍ଟାପଡ଼ା,୨୯।୧୦(ସୁରନାରାୟଣ ସାହୁ)

**ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ**

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରାଳୟ ଅଧୀନରେ କାର୍ଯ୍ୟ କରୁଥିବା କଟକ ଜିଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ ଏବଂ ଗବେଷଣା ପ୍ରତିଷ୍ଠାନରେ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରତିବର୍ଷ ପରି ଏହି ବର୍ଷ ମଧ ଏଠାରେ ଚିକିତ୍ସିତ ହେଉଥିବା ମସ୍ତିଷ୍କ ପକ୍ଷାଘାତରେ ଆକ୍ରାନ୍ତ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନୁଷ୍ଠାନ ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ଏବଂ ବୈଷୟିକ ଉପନିର୍ଦ୍ଦେଶକ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ନିୟମିତ ବ୍ୟାୟାମ ଏବଂ ଠିକ୍ ସମୟରେ ଔଷଧ ସେବନ ଉପରେ ଗୁରୁତ୍ୱ ଦେଇଥିଲେ। ଡାକ୍ତର କାହ୍ନୁ ଚରଣ ମଲ୍ଲିକ, ଅଧ୍ୟାପକ ବସନ୍ତ କୁମାର ନନ୍ଦ ଏବଂ ସୁଜାତା ମହାରଥୀ ମସ୍ତିଷ୍କ ପକ୍ଷାଘାତ ସମ୍ବନ୍ଧୀୟ ନିରାକରଣ ତଥା ଫିଜିଓଥେରାପି ଚିକିତ୍ସା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆକ୍ରାନ୍ତ ରୋଗୀ ଏବଂ ସେମାନଙ୍କ ପରିବାରବର୍ଗ ଅନୁଷ୍ଠାନ ପରିସରରେ ଏକ ସଚେତନତା ମୂଳକ ପଦଯାତ୍ରାରେ ସାମିଲ କରି ମସ୍ତିଷ୍କ ପକ୍ଷାଘାତ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମଚାରୀ, ଛାତ୍ରୀଛାତ୍ର ପରିଚାଳନା କରିବା ସହ ଅଧ୍ୟାପକ ବସନ୍ତ କୁମାର ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

## ବାଲିଯାତ୍ରା ପ୍ରସ୍ତୁତିରେ ବର୍ଷା ସାଜିଲା ବାଧକ

କଟକ,୨୯।୧୦(ଶିକ୍ଷା ପ୍ରିୟଦର୍ଶିନୀ)

**କାଦୁଅରେ ପଚପଚ ପଡ଼ିଆ**



ବର୍ଷାରେ ବାଲିଯାତ୍ରା ଡଳପଡ଼ିଆରେ ସାଂସ୍କୃତିକ ମଞ୍ଚ ନିର୍ମାଣ ସମ୍ମୁଖ କାଦୁଅରେ ପଚପଚ ହୋଇଛି।

ଐତିହାସିକ ବାଲିଯାତ୍ରା ନଭେମ୍ବର ୫ ତାରିଖରୁ ଆରମ୍ଭ ହେବ। ଯାତ୍ରାକୁ ଆଉ ମାତ୍ର ଏକ ସପ୍ତାହ ବାକି ଥିବାବେଳେ ଏହାର ପ୍ରସ୍ତୁତି ଜୋରଦାର ଚାଲି ଆସୁଥିଲା । ହେଲେ ବାତ୍ୟା ମୋନ୍ଥା ଯୋଗୁ ଦୁଇଦିନ ହେବ କଟକରେ ବର୍ଷା ଜାରି ରହିଛି। କେତେବେଳେ ଜୋର୍‌ରେ ତ ଆଉ କେତେବେଳେ ଝିପିଝିପି ବର୍ଷା ହୋଇଥିଲା। କିନ୍ତୁ ଦିନ ତମାମ୍ କୋହଲା ପାଗ ଓ କଳା ବାଦଲ ଆକାଶକୁ ଘୋଡାଇ ରଖିଥିଲା। ଫଳରେ ପଡିଆରେ ଚାଲିଥିବା ପ୍ରସ୍ତୁତି କାମରେ ବାଧା ଉପୁଜିଛି। ଡଳପଡ଼ିଆରେ ବର୍ଷାପାଣି ଜମିବାରୁ ପଡିଆର ମୁଖ୍ୟ ଷ୍ଟେଜ ନିକଟ, କଟକ ଇନ୍ କଟକ, ଓରମାସ ପରିସର ଓ ଅନ୍ୟାନ୍ୟ ସ୍ଥାନରେ କାଦୁଅ ଜମିଛି ଏବଂ ଏହା ଯୋଗୁ କାମ ପ୍ରାୟତଃ ବନ୍ଦ ରହିଛି। ସେହିପରି ପଡିଆରେ ଅପରାହ୍ନରେ ଦୋକି ବ୍ୟବସାୟୀମାନେ ଦୋକି ଖଞ୍ଜୁଥିବା ଦେଖିବାକୁ ମିଳିଛି। ଆଉ ମାତ୍ର ସପ୍ତାହେ ସମୟ ଥିବାବେଳେ ବର୍ଷା ଯୋଗୁ ଠିକ୍ ସମୟରେ ପ୍ରସ୍ତୁତି ଶେଷ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଯଦିଓ ଏଭଳି ବର୍ଷା ଲାଗି ରୁହେ ତେବେ ଏହା ପ୍ରସ୍ତୁତି କାର୍ଯ୍ୟରେ ବହୁ ବାଧା ସୃଷ୍ଟି କରିବ। ଅନ୍ୟପଟେ ବର୍ଷାକୁ ଦୃଷ୍ଟିରେ ରଖି ଯେଉଁ ସମୟରେ ବର୍ଷା ହେଉନାହିଁ, ସେହି ସମୟରେ ପ୍ରସ୍ତୁତି କାର୍ଯ୍ୟ କରିବାକୁ ବିଭିନ୍ନ ସଂସ୍ଥା ଓ ବିଭାଗକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏପରିକି ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ସମୟାନୁସାରେ ଶେଷ କରିବାକୁ ପ୍ରଶାସନ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

## ସଂକ୍ଷେପରେ

### ଶ୍ରୀମନ୍ଦିରକୁ ସ୍ପାଏ କ୍ୟାମେରା ନେଇ ଧରାପଡ଼ିଲେ ୩ ଭକ୍ତ



ପୁରୀ,୨୯।୧୦ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷା ବଳୟକୁ ଭେଦ କରି କିଛି ଭକ୍ତ ଶ୍ରୀମନ୍ଦିରକୁ ହିଡେନ କ୍ୟାମେରା ନେଇ ଯାଇଥିବା ଜଣାପଡିଛି। ଏହାକୁ ନେଇ ବିଭିନ୍ନ ମହଲରେ ଶ୍ରୀମନ୍ଦିର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଭିତରକୁ ବୁଧବାର ୩ଜଣ ଭକ୍ତ ହିଡେନ୍ କ୍ୟାମେରା ନେଇ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଦେଶର କୋଣଅନୁକୋଣରୁ ଭକ୍ତମାନେ ଶ୍ରୀମନ୍ଦିରକୁ ଆସୁଛନ୍ତି। ଫଳରେ ଏବେ ଶ୍ରୀମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ସମାଗମ ହେଉଛି। ଯାହାର ଫାଇଦା ନେବାକୁ ଚେଷ୍ଟା କରି କିଛି ଭକ୍ତ ଏପରି କାର୍ଯ୍ୟ କରିଥିବା ସୂଚନା ମିଳୁଛି। ଏପରି କାର୍ଯ୍ୟକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨ ଦିନରେ ଶ୍ରୀମନ୍ଦିର ଭିତରୁ ୩ଟି ହିଡେନ କ୍ୟାମେରା ପୋଲିସ ଜବତ କରିଛି। ଘଟଣାରେ ୩ଟି ମାମଲା ରୁଜୁ କରି ୩ ଭକ୍ତଙ୍କୁ ଗିରଫ ପରେ ନୋଟିସ ଦେଇ ଛାଡ଼ିଥିବା ଜଣାପଡ଼ିଛି। ମହାରାଷ୍ଟ୍ର ପୁନେର ରୋଶନ ଗୁଲାବ ଯାଦବ, ନୂଆଦିଲ୍ଲୀର ଜସ୍ମିତ ଚାୱାଲା ଓ ଅନ୍ୟଜଣେ ଭକ୍ତଙ୍କୁ ନୋଟିସ ଦେଇ ପୋଲିସ ଛାଡ଼ିଛି। ସୋମବାର ଜଣେ ବ୍ୟକ୍ତି ହିଡେନ୍ କ୍ୟାମେରା ନେଇ ଧରାପଡିଥିବା ବେଳେ ମଙ୍ଗଳବାର ୨ଜଣ ବ୍ୟକ୍ତି ଧରାପଡ଼ିଛନ୍ତି। ଏନେଇ କୌଣସି ସୂଚନା ପୋଲିସ ପକ୍ଷରୁ ମିଳିନାହିଁ।

### ଲୋକସେବା ଭବନରେ ଅଗ୍ନିକାଣ୍ଡ



ଭୁବନେଶ୍ୱର,୨୯।୧୦ (ସତ୍ୟଜିତ ରାଉତ)

ଲୋକସେବା ଭବନସ୍ଥିତ ଗୃହ ବିଭାଗରେ ବୁଧବାର ଛୋଟ ଧରଣର ଅଗ୍ନିକାଣ୍ଡ ଘଟିଛି। ସେଠାରେ ଥିବା ଏକ କମ୍ପ୍ୟୁଟର ସିଷ୍ଟମ୍‌ର ସିପିୟୁରୁ ନିଆଁ ଲାଗିଥିଲା। ଏଥିରେ ସେପରି କୌଣସି କ୍ଷୟକ୍ଷତି ହୋଇ ନ ଥିଲେ ମଧ ଏହାକୁ ଲାଗି ରହିଥିବା ବିଦ୍ୟୁତ୍ ପାଇପ୍ ପୋଡ଼ିଯାଇଛି। ସକାଳ ପ୍ରାୟ ୯ଟା ବେଳେ ସିପିୟୁରୁ ପ୍ରଥମେ ଧୂଆଁ ବାହାରି ଜଳିଉଠିଥିଲା। ସେକ୍ରେଟେରିଏଟ୍ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ନିଆଁକୁ ଆୟତ୍ତ କରିଥିଲେ।

# ରେଭେନ୍‌ଶା ହଷ୍ଟେଲରେ ଝାଡ଼ାବାନ୍ତି, ୧୪ ଆକ୍ରାନ୍ତ

## ଖାଦ୍ୟ, ପାଣି ନମୁନା ସଂଗ୍ରହ

କଟକ,୨୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲର ଛାତ୍ରମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ବୁଧବାର ପୂର୍ବାହ୍ନ ୧୧ଟା ସୁଦ୍ଧା ୧୭ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏସ୍‌ସିବି ମେଡିକାଲ ନନ୍‌ଟ୍ରମା କାଜୁଆଲଟିକୁ ଅଣାଯାଇଥିଲା। ସେଥିମଧ୍ୟରୁ ୧୪ଜଣଙ୍କୁ ଭର୍ତ୍ତି କରାଯାଇଛି। ସେମାନଙ୍କ ଚିକିତ୍ସା କରାଯିବା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ସନ୍ଧ୍ୟାରେ ମେଡିକାଲରୁ ଡିସ୍‌ଚାର୍ଜ କରାଯାଇଛି। ଏସ୍‌ସିବିରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗୁରୁତରଙ୍କ ଚିକିତ୍ସାରେ ନିୟୋଜିତ ରହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ, ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଏସ୍‌ସିବିରେ ପହଞ୍ଚି ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଅନ୍ୟପଟେ ଖବର ପାଇ ଇଷ୍ଟ ହଷ୍ଟେଲରେ ଫୁଡ୍ ସେଫ୍ଟି ଟିମ୍ ପହଞ୍ଚି ପାଣି ଓ ଖାଦ୍ୟର ନମୁନା ସଂଗ୍ରହ କରିଛି।

ସୂଚନା ଅନୁଯାୟୀ, ଇଷ୍ଟ ହଷ୍ଟେଲର ପ୍ରାୟ ୧୮୩ଜଣ ଛାତ୍ର ମଙ୍ଗଳବାର ରାତିରେ ରୁଟି, ଅଣ୍ଡା ତଡକା ଓ ଝୁଡଙ୍ଗ ଆଳୁଭଜା ଖାଇଥିଲେ। ଖାଇବାର କିଛି ସମୟ ପରେ ଛାତ୍ରମାନଙ୍କ ବାନ୍ତି ହେବା ଆରମ୍ଭ ହୋଇଥିଲା। ଧୀରେ ଧୀରେ ପ୍ରାୟ ୧୭ଜଣଙ୍କ ଝାଡ଼ାବାନ୍ତି ହୋଇ ଗୁରୁତର ହୋଇପଡ଼ିଥିଲେ। ହଷ୍ଟେଲ ପରିସରରେ ଥିବା ୩୮ନଂ. କରିଡର ନିକଟରେ ଥିବା ଦୁଇଟି ଆକ୍ୱାଗାର୍ଡରୁ ଦୂଷିତ ପାଣି ଓ ଶୌଚାଳୟ ପାଣି ପାଇପ ଫାଟି ଏଥିରେ ମିଶିବାରୁ ଏଭଳି ସ୍ଥିତି ଉପୁଜିଥିବା ଛାତ୍ରମାନେ କହିଛନ୍ତି । ଘଟଣା ସମ୍ପର୍କରେ ଇଷ୍ଟ ହଷ୍ଟେଲର ୱାର୍ଡେନ ଶରତ କୁମାର ରାଉତ କହିଛନ୍ତି, ହଷ୍ଟେଲକୁ ସଫାସୁତରା ରଖାଯାଉଛି। ପାଣି ବଦଳାଇବା ସହ ସଫେଇ କାର୍ଯ୍ୟ ଛାତ୍ରମାନଙ୍କ ଉପସ୍ଥିତିରେ କରାଯାଇଛି। ଗତ ଜୁଲାଇରେ ନୂତନ ଆକ୍ୱାଗାର୍ଡ ଲାଗିଛି । ଏଭଳି ସମସ୍ୟା କାହିଁକି ଉପୁଜିଲା ତାହା ଡାକ୍ତର କହିପାରିବେ। ଚିକିତ୍ସିତ ହେଉଥିବା ଛାତ୍ରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମେଡିକାଲ ଅତିରିକ୍ତ ଡା. ଜ୍ୟୋତିର୍ମୟ ନାୟକ କହିଛନ୍ତି ଯେ, ନିମ୍ନମାନର ଖାଦ୍ୟ କିମ୍ବା ଦୂଷିତ ପାଣି ଯୋଗୁ ଫୁଡ୍ ପଏଜନ ହୋଇଛି। ଛାତ୍ରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି ଏବଂ ସମସ୍ତଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଫୁଡ୍ ସେଫ୍ଟି ଅଧିକାରୀ ରଶ୍ମିତା ବେହେରା କହିଛନ୍ତି, ଖାଦ୍ୟ ଓ ପାଣିର ନମୁନା ସଂଗ୍ରହ କରିଛୁ। ତାହା ପରୀକ୍ଷା ପାଇଁ ପଠାଯିବ, ରିପୋର୍ଟ ଆସିଲେ ଏହାର କାରଣ ଜଣାପଡ଼ିବ। ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ କହିଛନ୍ତି, ରେଭେନ୍‌ଶାରେ ଏଭଳି ସମସ୍ୟା ଉପୁଜିବା ଚିନ୍ତାର କାରଣ। ଛାତ୍ରମାନେ ଯେପରି ହଷ୍ଟେଲରେ ସ୍ୱାସ୍ଥ୍ୟକର ଖାଦ୍ୟ ଓ ସ୍ୱଚ୍ଛ ପାନୀୟ ଜଳ ଆହରଣ କରିବେ ସେଥିପ୍ରତି ଦୃଷ୍ଟି ଦେବାକୁ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।



ଝାଡ଼ାବାନ୍ତିରେ ଆକ୍ରାନ୍ତ ଛାତ୍ରମାନଙ୍କ ଏସ୍‌ସିବି ମେଡିକାଲରେ ଚିକିତ୍ସା ଚାଲିଛି।

## ଚାକିରିର ପ୍ରଥମ ଦିନରେ ମାଲିକାଣୀଙ୍କ କାର୍ ଚୋରି କରିନେଲେ ଡ୍ରାଇଭର

### ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୯।୧୦ (ସତ୍ୟଜିତ ରାଉତ)




ଜଣେ ବରିଷ୍ଠ ନାଗରିକଙ୍କ ପାଖରେ ଡ୍ରାଇଭର ଚାକିରି ପାଇଲେ। କାମ ଆରମ୍ଭ କରିବା ଦିନ ହିଁ ତାଙ୍କ କାର୍ ଚୋରିକରି ଫେରାର ହୋଇଗଲେ। ଅଭିଯୋଗ ପରେ ଏୟାରଫିଲ୍ଡ ଥାନା ପୋଲିସ ସମ୍ପୃକ୍ତ ଡ୍ରାଇଭରଙ୍କୁ ବୁଧବାର ଗିରଫକରି କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ନରସିଂହପୁର ଥାନା ଅଞ୍ଚଳର ପ୍ରମୋଦ କୁମାର ଦାସ (୪୨)। ତାଙ୍କଠାରୁ କାର୍ ଜବତ କରାଯାଇଛି। ଅଭିଯୋଗକାରିଣୀ ବରିଷ୍ଠ ନାଗରିକ ମଞ୍ଜୁ ରାୟ ବିରିବନ୍ଧ ଅଞ୍ଚଳରେ ରହିବା ସହ ଏକ ହଷ୍ଟେଲ ପରିଚାଳନା କରନ୍ତି। ମଙ୍ଗଳବାର ଅଭିଯୁକ୍ତ ପ୍ରମୋଦ ଡ୍ରାଇଭର ଭାବେ ମଞ୍ଜୁଙ୍କ ନିକଟରେ କାମ ଆରମ୍ଭ କରିଥିଲେ। ମଧ୍ୟାହ୍ନରେ ବିରିବନ୍ଧସ୍ଥିତ ମଞ୍ଜୁଙ୍କ ଘରେ ପ୍ରମୋଦ ପହଞ୍ଚି ତାଙ୍କୁ କାର୍‌ରେ ଆଣି କପିଳପ୍ରସାଦସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଛାଡ଼ିଥିଲେ। ପ୍ରମୋଦ ମଧ୍ୟାହ୍ନଭୋଜନ କରିବାକୁ କାର୍ ନେଇଯାଇ ଆଉ ଫେରି ନ ଥିଲେ। ଏପଟେ କାମ ସରିବାରୁ ମଞ୍ଜୁ ଘରକୁ ଯିବାକୁ ଡ୍ରାଇଭର ପ୍ରମୋଦଙ୍କୁ ବାରମ୍ବାର କଲ୍ କରିଥିଲେ ସେ ଉଠାଇ ନ ଥିଲେ। ପ୍ରମୋଦ କାର୍ ନେଇ ନୟାଗଡ଼ ଅଭିମୁଖେ ଚାଲିଯାଇଥିଲେ। ମଞ୍ଜୁଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୩୮୩/୨୦୨୫) ରୁଜୁକରି ତଦନ୍ତକରି ପ୍ରମୋଦଙ୍କୁ ନୟାଗଡ଼ ଜିଲା ଗଣିଆ ଅଞ୍ଚଳରୁ କାବୁ କରିଥିଲା।




'ଡମ୍ପିଂୟାର୍ଡ ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ' ଦାବିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ମୁଖରେ ସ୍ଥାନୀୟ ଲୋକେ ଧାରଣା ଦେଇଛନ୍ତି। (ଫଟୋ– ବିକାଶ ନାୟକ)

## କୁକୁର ସହ ଅପ୍ରାକୃତ ଯୌନକ୍ରିୟା

### ଅଭିଯୁକ୍ତଙ୍କୁ ଧରି ଥାନାରେ ଜିମା ଦେଲେ ଲୋକେ

ଭୁବନେଶ୍ୱର,୨୯।୧୦ (ସତ୍ୟଜିତ ରାଉତ)

ରାଜଧାନୀରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ବ୍ୟକ୍ତି ଏକ ବୁଲା କୁକୁରକୁ ତାଙ୍କ ଘର ଭିତରକୁ ନେଇ ତା ସହ ଅପ୍ରାକୃତ ଯୌନକ୍ରିୟା କରିଛନ୍ତି। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକରୋଡସ୍ଥିତ ରିଫ୍ୟୁଜି କଲୋନୀରେ ରହୁଥିବା ଜଣେ ବ୍ୟକ୍ତି ଏହି କାଣ୍ଡ ଘଟାଇଛନ୍ତି। ସ୍ଥାନୀୟ ଲୋକମାନେ ବୁଧବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରି ଲକ୍ଷ୍ମୀସାଗର ଥାନାରେ ଜିମା ଦେଇଛନ୍ତି। ତାଙ୍କୁ ପୋଲିସ ପଚରାଉଚରା କରି ଅଧିକ ତଦନ୍ତ କରୁଛି। ତେବେ ଅଭିଯୁକ୍ତ ଜଣକ ଘରେ ଭିତରେ କୁକୁର ସହ ଏହି କୁକର୍ମ କରୁଥିବା ବେଳେ ଲୋକମାନେ ଗୁପ୍ତ ଭାବରେ ଏହାର ଭିଡିଓ ସୁଟ୍ କରି ପୋଲିସକୁ ଦେଇଛନ୍ତି। ଏପରିକି ଏହି ଭିଡିଓ ମଧ ଭାଇରାଲ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ପୂର୍ବରୁ ଏକ ଫାଇନାନ୍ସ କମ୍ପାନୀରେ ଚାକିରି କରୁଥିଲେ। ତେବେ ସେ ଚାକିରି ଛାଡ଼ି ଏବେ ବେରୋଜଗାର ହୋଇଯାଇଛନ୍ତି। ଏପରିକି କୌଣସି କାମଧନ୍ଦା ମଧ କରୁନାହାନ୍ତି। ସ୍ତ୍ରୀ ଓ ପିଲିମାନେ ମଧ ତାଙ୍କୁ ଛାଡ଼ି ପଳାଯାଇଛନ୍ତି। ଅଭିଯୁକ୍ତଙ୍କ ଏଭଳି କାଣ୍ଡକୁ ଦେଖି ସ୍ଥାନୀୟ ଲୋକମାନେ ଅସୁରକ୍ଷିତ ମଣିଛନ୍ତି। ସ୍ଥାନୀୟ ଏକ ମଣ୍ଡପ ପାଖରେ ବିଭିନ୍ନ ସମୟରେ ଛୋଟ ପିଲାମାନେ ଖେଳାଖେଳି କରୁଥିବାରୁ ଅଭିଯୁକ୍ତ ଜଣକ ଉକ୍ତ ପିଲାଙ୍କ ସହ ଏଭଳି କୁକର୍ମ କରିପାରେ ବୋଲି ଲୋକମାନେ ଆଶଙ୍କା କରିଛନ୍ତି। ତେଣୁ ଅଭିଯୁକ୍ତଙ୍କ ବିରୋଧରେ ସ୍ଥାନୀୟ ଲୋକମାନେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ୟୁନିଫାଏଡ୍ ଅଟୋମେଶନ ସିଷ୍ଟମକୁ ବିରୋଧ

ଭୁବନେଶ୍ୱର,୨୯।୧୦ (ସୁଚିସ୍ମିତା ସାହୁ)

ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ (ୟୁଏସ୍) ଜରିଆରେ କରିବା ପାଇଁ ସବୁ ଜିଲା ଓ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏହି ନିର୍ଦ୍ଦେଶକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ ଲାଗୁ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ପ୍ରଥମେ ଭିତ୍ତିଭୂମି ସଜଡ଼ାଯାଉ, ତା'ପରେ ୟୁଏସ୍‌କୁ ଲାଗୁ କରିବାକୁ ଦାବି କରାଯାଇଛି। ପୁନଶ୍ଚ ରାଜ୍ୟର ସମସ୍ତ ଶିକ୍ଷକଙ୍କୁ ମୋବାଇଲ କିମ୍ବା ଟାବ୍‌ଲେଟ ଦିଆଯାଇନାହିଁ। ଯେଉଁ ଅଳ୍ପ ଶିକ୍ଷକଙ୍କୁ ଟାବ୍‌ଲେଟ ଦିଆଯାଇଛି ସେଥିରେ ମାସିକିଆ ଇଣ୍ଟରନେଟ୍ ରିଚାର୍ଜ ଭାଉଚର ପାଇଁ ସରକାର କୌଣସି ବ୍ୟବସ୍ଥା କରିନାହାନ୍ତି। ପଛୁଆ ଓ ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ୍ ସେବା ନ ଥିବା ବେଳେ କିପରି ଏହା କାର୍ଯ୍ୟକାରୀ ହେବ। ଭିତ୍ତିଭୂମି ନ ସଜାଡ଼ିବା ପର୍ଯ୍ୟନ୍ତ କୌଣସି ଶିକ୍ଷକ ଏହାକୁ କାର୍ଯ୍ୟକାରୀ କରିବେ ନାହିଁ। ଏଥିପାଇଁ ଯଦି କୌଣସି ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଏ, ତେବେ ସମସ୍ତ ବ୍ଲକ୍‌ରେ ଶିକ୍ଷକମାନେ ଆନ୍ଦୋଳନ କରିବେ ବୋଲି ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ଏକ ପ୍ରେସ୍ ବିବୃତିରେ ଚେତାବନୀ ଦେଇଛନ୍ତି।

## ସବୁ ଥାନାରେ ପାଳନ ହେବ ରାଷ୍ଟ୍ରୀୟ ଏକତା ଦିବସ

### ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ୩୧ରେ

କଟକ,୨୯।୧୦(କାର୍ତ୍ତିକ ସାହୁ)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆସନ୍ତା ୩୧ରେ ରାଷ୍ଟ୍ରୀୟ ଏକତା ଦିବସ ସାରା ଦେଶରେ ପାଳନ ହେବାକୁ ଯାଉଛି। ଏହି ଦିବସକୁ ସ୍ମରଣୀୟ ତଥା ଅଧିକ ଆକର୍ଷଣୀୟ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ରାଜ୍ୟର ୩୪ଟି ପୋଲିସ ଜିଲା ଅଧୀନ ସବୁ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ସୂଚନାନୁସାରେ, ଏହି ଅବସରରେ ଏକତା ପାଇଁ ଦୌଡ଼ ଶୀର୍ଷକରେ ଏକ ବିଶାଳ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଏଥିରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରାଯାଉଛି। ଦୌଡ଼ ଆରମ୍ଭ ହେବା ପୂର୍ବରୁ ସମସ୍ତ ପ୍ରତିଯୋଗୀ ରାଷ୍ଟ୍ରୀୟ ଏକତା ଦିବସର ଶପଥ ଗ୍ରହଣ କରିବେ। ସ୍ଥାନୀୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନିମନ୍ତ୍ରଣ କରି ଚିତ୍ରାଙ୍କନ, ତର୍କ, ପ୍ରବନ୍ଧ ଭଳି ପ୍ରତିଯୋଗିତା ମଧ ଆୟୋଜନ କରାଯାଉଛି। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଭାରତ ଶ୍ରେଷ୍ଠ ଭାରତ, ବସୁଧୈବ କୁଟୁମ୍ବକମ୍ ଭଳି ଶୀର୍ଷକ ଥିବା ଚିତ୍ରାଙ୍କନ ପ୍ରତିଯୋଗିତା, ସର୍ଦ୍ଦାର ପଟେଲଙ୍କ ଜୀବନୀ ଏବଂ ରାଷ୍ଟ୍ରୀୟ ଏକତା ଦିବସର ମହତ୍ତ୍ୱକୁ ନେଇ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହାବାଦ୍ ପୋଲିସ ଷ୍ଟେଶନ ପରିସରରେ ପୋଷ୍ଟର ଓ ବ୍ୟାନର ଲଗାଇ ରାଷ୍ଟ୍ରୀୟ ଏକତା ଦିବସର ବାର୍ତ୍ତା ପ୍ରଦାନ କରିବା ଦିଗରେ ଗୁରୁତ୍ୱାରୋପ କରାଯାଉଛି।

ଏଥିସହ ୩୧ ତାରିଖ ସକାଳ ୮ଟାରେ କଟକସ୍ଥିତ ଓଏସ୍‌ଏପି ୬ଷ୍ଠ ବାଟାଲିୟନ ପରିସରରେ ରାଜ୍ୟସ୍ତରୀୟ ଏକତା ଦିବସ ପରେଡ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ ବ୍ରାଞ୍ଚ) ବିନୟତୋଷ ମିଶ୍ର ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ସମାଜର ସମସ୍ତ ବ୍ୟକ୍ତିବିଶେଷ ସାମିଲ ହୋଇ ଏହି ଦିବସକୁ ସଫଳ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଅତୁଳନୀୟ ଥିଲା। ଭାରତ ସ୍ୱାଧୀନ ହେବା ପରେ ଦେଶର ୫୬୨ଟି ରାଜାମାନଙ୍କ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକୁ ଏକତ୍ର କରିବାରେ ସେ ଅସାଧାରଣ ଭୂମିକା ତୁଲାଇଥିଲେ। ତାଙ୍କର ଦୃଢ଼ ଇଚ୍ଛାଶକ୍ତି, ରାଜନୈତିକ ଦୂରଦୃଷ୍ଟି ଓ ଦେଶପ୍ରେମ ଯୋଗୁ ଭାରତ ଏକ ଅଖଣ୍ଡ ରାଷ୍ଟ୍ରରେ ପରିଣତ ହୋଇଥିଲା। ତାଙ୍କର ଜୟନ୍ତୀ ଅବସରରେ ପ୍ରତିବର୍ଷ ରାଷ୍ଟ୍ରୀୟ ଏକତା ଦିବସ ପାଳନ ହୋଇଆସୁଛି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, DHARMAGARH**

Email: rw_dharmagarh@yahoo.com

BID IDENTIFICATION NO.DMGH/Online-08 OF 2025-26, Dates: 24.10.2025

**"e" PROCUREMENT NOTICE**

No.O-1139:Bid documents consisting of Work, Estimate Cost, Cost of Tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in.**

1. Name of the Work : Road Works in the district of Kalahandi as mentioned in DTCN
2. Total No. of Works : 35 Nos.
3. Estimated Cost: Rs.12.71 lakhs to Rs.46.61 Lakhs
4. Period of Completion: 01 & 02 Calendar Month.
5. Other details:

| Availability of Tender online for bidding | | Last date & time seeking tender clarification | Date & Time of Opening of tender |
|---|---|---|---|
| From | To | | |
| 30.10.2025 At 10.00 AM | 10.11.2025 Upto 5.00 PM | 07.11.2025 Upto 5.00 PM | 11.11.2025 At 11.00 AM |

Further details can be seen from the website **www.tendersorissa.gov.in.**

Sd./- Superintending Engineer
Rural Works Division, Dharmagarh

OIPR-25100/11/0033/2526

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER BAMRA WILDLIFE DIVISION, BAMRA, SAMBALPUR**

At/P.O.: Bamra, Dist.: Sambalpur, E-mail: dfobmbwl004@gmail.com

**BID IDENTIFICATION No. 1F-BMB/04/ Dt.28.10.2025 (Online)/2025-26**

No. MM-254

**E-Procurement Notice**

No. 181 Dated: 28.10.2025

| | | | |
|---|---|---|---|
| | The Divisional Forest Officer, Bamra Wildlife Division, Bamra, Sambalpur on behalf of Governor of Odisha, invites Percentage Rate Bids in Single Cover System in ONLINE Mode. | | |
| 1. | No. of work (Project) | : | 3 (Three) Nos. |
| 2. | Estimated Cost | : | Rs.13,35,935/- to 25,21,058/- (Excluding 18% GST) |
| 3. | Tender Cost | : | Rs.6,000/- for each project |
| 4. | Class of Contractor | : | "D", "C" & "B" Class Contractors |
| 5. | Period of Completion | : | 03 (Three) Calendar Months (90 days) |
| 6. | Availability of bid document in the website | : | 18.00 hours of 30.10.2025 to 17.00 hours of 10.11.2025 |
| 7. | Date of Opening of Tenders | : | 11.30 hours on Dt.11.11.2025 |
| 8. | The bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the website said only. | | |

Sd./- Divisional Forest Officer
Bamra Wildlife Division

OIPR-08144/11/0009/2526

**OFFICE OF THE** NO. E-473
**CHIEF DISTRICT MEDICAL & PUBLIC HEALTH OFFICER, PURI**

Grand Road, Medical Square, Puri, PIN No. - 752002
Phone No.: 06752-222124(O) & 232294 (C.S.) E Mail: cdspuri@gmail.com

**Expression of Interest Notice**

**For Supply of Drugs & Medical Consumables on Discount Basis**

No. 4819 Sub Store Puri Dated: 27.10.2025

| | | |
|---|---|---|
| Date of Publication of Bid document in website | : | Dt.28.10.2025 from 11.00 A.M. |
| Last date & time of receipt of bid documents | : | Dt.11.11.25 upto 11.00 A.M. |
| Date & time of opening of Tender (Cover-A) | : | Dt.11.11.25 at 12.00 Noon |
| Venue | : | Officer Chamber of CDM & PHO, Puri |

"For details regarding this tender call notice please visit the website **www.puri.nic.in** or contact office of the undersigned during the office hour in all working days".

Sd./- Chief District Medical &
Public Health Officer, Puri

OIPR-10021/11/0025/2526

**GOVERNMENT OF ODISHA** No.A-795
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, KANDHAMAL**

e-Procurement Notice

**Bid Identification No.-08/2025-26**

Letter No. 2437 Date : 25.10.2025

| | |
|---|---|
| Name of work | Improvement to M.I. Projects under Critical Grant and DPIW scheme for 2025-26. |
| No. Works | 10 (ten) Nos. |
| Estimated Cost | from Rs.8.11 lakh to Rs.24.52 lakh Approximately |
| Tender paper cost | Rs.4000 & Rs.6000.00 (Non-refundable) |
| Period of Completion | 90 (ninety days) only. |
| Availability of Bid documents | From 10.00 A.M. of 01.11.2025 to 17.30 hrs of 10.11.2025 in website (www.tendersodisha.gov.in) |
| Time of receipt of bid through on line | From 10.00 A.M. of 01.11.2025 to 17.30 hrs of 10.11.2025 through online |
| Date of opening of bid documents | At 11.00 hrs of 11.11.2025 in the O/o S.E., M.I. Division, Kandhamal, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |
| The detail tender call notice can also be seen in the DOWR website http/dowrorissa.gov.in | |
| Name & Address of the OIT | Superintending Engineer, M.I. Division, Kandhamal, Phulbani, At/PO : Phulbani. PS : Phulbani Town, Dist. : Kandhamal, E-mail : kmidplb@gmail.com |
| Further details can be seen from the e-Procurement market place http//www.tendersodisha.gov.in | |

Sd./- (Er.Surjya Narayana Panigrahi)
Superintending Engineer
M.I.Division, Kandhamal

OIPR-32040/11/0013/2526

## ସଂକ୍ଷେପରେ

### ପଣ୍ଡାଲମରେ ସୁନ୍ଦରାକାଣ୍ଡ, ପ୍ରବଚନ ଜ୍ଞାନଯଜ୍ଞ

ବାଙ୍କୀ,୨୯।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ୍ ଅନ୍ତର୍ଗତ ପଣ୍ଡାଲମ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀରାଧାମୋହନ ଦେବଙ୍କ ପୀଠରେ ୩ ଦିନ ବ୍ୟାପୀ ୧୦ମ ବର୍ଷିକ ସୁନ୍ଦରାକାଣ୍ଡ ଓ ପ୍ରବଚନ ଜ୍ଞାନଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଜ୍ଞାନଯଜ୍ଞ ଲୋକନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଯଜ୍ଞର କର୍ତ୍ତା ଭାବେ ନିତ୍ୟାନନ୍ଦ ତ୍ରିପାଠୀ ଓ କର୍ମାଚାର୍ଯ୍ୟ ଭାବେ ପଣ୍ଡିତ ଅଶୋକ କୁମାର ମିଶ୍ରଶର୍ମା ଯୋଗଦାନ କରି କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ। ପ୍ରବଚକ ପଣ୍ଡିତ କୈଳାସ ଚନ୍ଦ୍ର ପଣ୍ଡା, ପଣ୍ଡିତ ଗୁରୁପ୍ରସାଦ ମହାପାତ୍ର ଓ ପଣ୍ଡିତ ସନ୍ତୋଷ କୁମାର ପଣ୍ଡା ଯୋଗଦାନକରି ପ୍ରବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଦୀପ୍ତିରଞ୍ଜନ ପଣ୍ଡା, ଗଣେଶ୍ୱର ପଣ୍ଡା, ନଗେନ୍ଦ୍ର ଦାଶ, ଚିନ୍ମୟ ପଣ୍ଡା, ଦିଲୀପ କୁମାର ପଣ୍ଡା, ଲକ୍ଷ୍ମୀଧର ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦାନକରି ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଟାବାଡ଼ ସରପଞ୍ଚ ପ୍ରଶାନ୍ତ ବେହେରା ଯୋଗଦେଇଥିଲେ। ବିଭିନ୍ନ ଦିବସରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସ୍ଥାପନ ଆଦି କାର୍ଯ୍ୟକ୍ରମକୁ ପଣ୍ଡାଲମ ଗ୍ରାମବାସୀଙ୍କ ସହଯୋଗରେ ସମ୍ପନ୍ନ କରାଯାଇଥିଲା।

### ରାସ୍ତାକଡ଼ରୁ ସନ୍ଦେହଜନକ ଅବସ୍ଥାରେ ବାଇକ୍ ଜବତ

ତ୍ରିଶୂଳିଆ/ବାରଙ୍ଗ, ୨୯।୧୦(ବୃଷାରକାନ୍ତ ବେହେରା/ଲିଙ୍ଗରାଜ ରାଉତ):

ବାରଙ୍ଗ ମୁଖ୍ୟରାସ୍ତା କଡ଼ ବଲ୍ଲିପୁର ଛକ ପାଖରେ ସନ୍ଦେହଜନକ ଅବସ୍ଥାରେ ଥିଆ ହୋଇଥିବା ଏକ ବାଇକ୍ (ନଂ. ଓଡିଶା୩୩ଏସ୍୦୩୮୪)କୁ ବୁଧବାର ବାରଙ୍ଗ ପୋଲିସ ଜବତ କରିଛି। ତେବେ ଗାଡ଼ିଟି କେଉଁ ପରିସ୍ଥିତିରେ ଏଠାକୁ ଆସିଲା ଓ ଏହାର ପ୍ରକୃତ ମାଲିକ କିଏ ତାହା ଜାଣିବାପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି।

ବଲ୍ଲିପୁର ନିକଟ ଏକ ହୋଟେଲ ସମ୍ମୁଖରେ ଗାଡ଼ିଟି ଥୁଆ ହୋଇଥିଲା। ପ୍ରାୟ ୩ ଦିନ ହେବ ବାଇକ୍‌ଟିକୁ କେହି ନ ନେବାରୁ ସ୍ଥାନୀୟ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବାଇକ୍‌ଟିକୁ ଜବତ କରିଛି। ଏଥିସହ ତଦନ୍ତ ପରେ ଗାଡ଼ିଟି କାହାର ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ମରାମତିର ମାସେ ନ ପୂରୁଣୁ ରାସ୍ତା ଧସିଲା

### ରାହାଣିଆ-ଚମ୍ପତିପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ

ମାହାଙ୍ଗା,୨୯।୧୦(ଅଜୟକୁମାରମହାନ୍ତି):



ମରାମତି ହୋଇଥିବା ନଦୀ ପାର୍ଶ୍ୱ ରାସ୍ତାରୁ ମାଟି ମୋରମ ଧସି ଯାଇଛି।

କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ପାଇକରାପୁର ପଞ୍ଚାୟତର ବ୍ରାହ୍ମଣ ସାହିଠାରେ ଗୋବରୀ ନଦୀବନ୍ଧ ପାର୍ଶ୍ୱରେ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାଟି ନଦୀ ଭିତରକୁ ୨ମାସ ତଳେ ଧସି ଯାଇଥିଲା। ପରେ ମାହାଙ୍ଗା ବିଧାୟକଙ୍କ ନିର୍ଦ୍ଦେଶରେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଥିଲା। ହେଲେ ମରାମତିର ମାସେ ନ ପୂରୁଣୁ ପୁଣି ରାସ୍ତାଟି ଧସିଯାଇଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ ଏବେ ବାଧାପ୍ରାପ୍ତ ହୋଇଛି।

ମାହାଙ୍ଗା ବ୍ଲକ୍‌ର ଏକ ପ୍ରମୁଖ ରାସ୍ତା ରାହାଣିଆ-ଚମ୍ପତିପୁର୍ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ପାଇକରାପୁରଠାରେ ଗୋବରୀ ନଦୀ ଦକ୍ଷିଣ ପାର୍ଶ୍ୱ ବନ୍ଧରେ ୭୦ଫୁଟରୁ ଅଧିକ ମାଟି ଅତଡ଼ା ନଦୀ ଗର୍ଭକୁ ଧସିଯାଇଥିଲା। ଫଳରେ ମାହାଙ୍ଗା ବ୍ଲକ ଅଞ୍ଚଳରୁ ଯାଜପୁର ଜିଲାର ବଡ଼ଚଣା ବ୍ଲକ ଓ କେନ୍ଦ୍ରାପଡ଼ା ଜିଲାର ଡେରାବିଶ ବ୍ଲକ ଅଞ୍ଚଳକୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ଦୈନିକ ଯାତାୟାତ ପାଇଁ ନିର୍ଭର କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକମାନେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ପ୍ରଧାନ ଧସିଥିବା ରାସ୍ତା ସ୍ଥଳ ପରିଦର୍ଶନ କରି ତୁରନ୍ତ ମରାମତି ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡ୍ରେନେଜ୍ ବିଭାଗର ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାର ଏହି ରାସ୍ତାର ମରାମତି କାର୍ଯ୍ୟ କରିଥିଲେ। ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କାଠର ଖୁଣ୍ଟି ପୋତିକି ବାଲିବସ୍ତା ଓ ମୋରମ ପକାଯାଇ ମରାମତି ହୋଇଥିଲା। ହେଲେ ଗତ କିଛିଦିନ ତଳେ ଏହା ପୁଣି ଧସିଯାଇଛି। ଫଳରେ ଏହି ରାସ୍ତାରେ ଚାଷ କାର୍ଯ୍ୟରେ ନିୟୋଜିତ ଟ୍ରାକ୍ଟର, ସ୍କୁଲ ପିଲାଙ୍କ ଗାଡ଼ି ଓ ଜରୁରିକାଳୀନ ସେବା ଯୋଗାଉଥିବା ଗାଡ଼ି ଆଦି ଯାତାୟାତ କରିପାରୁନାହିଁ। ଏପରିକି ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ କଟକ ଡ୍ରେନେଜ୍ ବିଭାଗର କନିଷ୍ଠ ଯନ୍ତ୍ରୀ ସୌମେନ୍ଦୁ ମହାନ୍ତିଙ୍କୁ ପଚାରିବାରେ ନୂତନ ଭାବେ ମରାମତି ହୋଇଥିବା ନଦୀବନ୍ଧ ରାସ୍ତାଟି ପୁଣି ଦବିଯାଇଛି। ଖୁବ୍‌ଶୀଘ୍ର ପୁଣିଥରେ ମରାମତି କରାଯାଇ ପୂର୍ବପରି ଯାତାୟାତ ଉପଯୋଗୀ କରାଯିବ। ଏବେ ଲଘୁଚାପ ବର୍ଷା ହେଉଛି, କମିବା ପରେ ରାସ୍ତା ମରାମତି ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ଉଲ୍ଲାସ ପୁସ୍ତକ ବିଳମ୍ବରେ ବଣ୍ଟନ ଯୋଗୁ ପରୀକ୍ଷାର୍ଥୀଙ୍କ ଅସନ୍ତୋଷ



ମହିଳାପୁରୁଷମାନେ ଉଲ୍ଲାସ ପରୀକ୍ଷା ଦେଉଛନ୍ତି।

ମାହାଙ୍ଗା, ୨୯।୧୦ (ଅଜୟ କୁମାର ମହାନ୍ତି):

**ମାହାଙ୍ଗା ଶିକ୍ଷା ବିଭାଗ**

- ୧୮ ରୁ ୭୦ ବର୍ଷର ୨୯୨୩ ଜଣ ମହିଳାପୁରୁଷ ଦେଲେ ଉଲ୍ଲାସ ପରୀକ୍ଷା

କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଅଣ୍ଡରଷ୍ଟାଣ୍ଡିଂ ଅଫ୍ ଲାଇଫଲଙ୍ଗ ଲର୍ଣ୍ଣ ଫର୍ ଅଲ୍ ଇନ୍ ସୋସାଇଟି (ଉଲ୍ଲାସ) ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୂଲ୍ୟାଙ୍କନ ପରୀକ୍ଷା ମାହାଙ୍ଗା ବ୍ଲକର ବିଭିନ୍ନ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ତେବେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିଳମ୍ବରେ ଉଲ୍ଲାସ ପୁସ୍ତକ ବଣ୍ଟନକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନାନୁସାରେ, ମାହାଙ୍ଗା ବ୍ଲକ ଅଞ୍ଚଳରେ ୬ଟି କ୍ଲଷ୍ଟରରେ ୭୦ରୁ ଊର୍ଦ୍ଧ୍ୱ ପରୀକ୍ଷା କେନ୍ଦ୍ରରେ ୧୯୦୪ ମହିଳା ଓ ୧୦୧୯ ପୁରୁଷ ଉଲ୍ଲାସ ପରୀକ୍ଷା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ମୋନାଲିସା ସର୍ଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପରୀକ୍ଷାକୁ ଦୁଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଓ ୪ ଜଣ ସିଆରସିସି ତଦାରଖ କରିଥିବାବେଳେ ପରୀକ୍ଷା କେନ୍ଦ୍ରରେ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ପରିଚାଳନା କରିଥିଲେ। ବ୍ଲକ୍‌ର ୧୮ ରୁ ୭୦ ବର୍ଷ ମଧ୍ୟରେ ଅସାକ୍ଷର ଥିବା ମହିଳାପୁରୁଷମାନେ ଏହି ପରୀକ୍ଷା ଦେଇଥିଲେ। ପରୀକ୍ଷା ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ଉଲ୍ଲାସ ପୁସ୍ତକ ପରୀକ୍ଷାର ଖୁବ୍ କମ୍‌ଦିନ ପୂର୍ବରୁ ମିଳିଥିବାରୁ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୋମନାଥ ରାମଙ୍କୁ ପଚାରିବାରେ ଯେଉଁଦିନ ପୁସ୍ତକ କାର୍ଯ୍ୟାଳୟକୁ ଆସିଲା ସେଇଦିନ ବଣ୍ଟନ କରାଯାଇଛି ବୋଲି ସେ କହିଛନ୍ତି।

### ନନ୍ଦନକାନନରେ ଆଖିବୁଜିଲା ୪ ମାସର କୁକୁରା

ବାରଙ୍ଗ,୨୯।୧୦(ଲିଙ୍ଗରାଜ ରାଉତ):

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ୪ ମାସର ମାଈ କୁକୁରାର ବୁଧବାର ମୃତ୍ୟୁ ଘଟିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପ୍ରାଣୀଉଦ୍ୟାନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ନନ୍ଦନକାନନର କୁକୁରା ଖୁଆଡ଼ରେ ରହୁଥିବା ଏହି ମାଈ କୁକୁରାଟି କିଛିଦିନ ହେବ ଅସୁସ୍ଥ ହୋଇପଡ଼ିଥିଲା। ଖୁଆଡ଼ରେ ନିୟୋଜିତ ଥିବା କର୍ମଚାରୀ ଏହା ଦେଖି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଖବରପାଇ କର୍ତ୍ତୃପକ୍ଷ ମଙ୍ଗଳବାର କୁକୁରାକୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆଣିଥିଲେ। କୁକୁରାଟିର ପେଟ ତଳ ନାଭି ପାଖରେ କ୍ଷତ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଡାକ୍ତର ତାର ସ୍ୱାସ୍ଥ୍ୟବସ୍ଥା ଦେଖି ଇଞ୍ଜେକସନ ଓ ସାଲାଇନ ଲଗାଇଥିଲେ। ବୁଧବାର ସକାଳେ ଡାକ୍ତରଖାନା ଖୋଲିବା ପରେ କୁକୁରାଟି ମରିପଡ଼ିଥିବା ଜଣାପଡ଼ିଥିଲା। ସେହିପରି ଆଉ ଗୋଟିଏ ସାରସ ପକ୍ଷୀ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ତେବେ ଅସୁସ୍ଥ ସାରସ ପକ୍ଷୀ ସୁସ୍ଥ ହୋଇ ଖୁଆଡ଼କୁ ଫେରିବ ନା କୁକୁରା ପରି ଆଖିବୁଜିବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପକ୍ଷୀକୁ ନିବିଡ ଚିକିତ୍ସା ଜାରି ରଖିଥିବା ଜଣାପଡ଼ିଛି।

### ଉପଜିଲାପାଳଙ୍କ ନାଳିବତି ଗାଡ଼ି ଧରି ଡ୍ରାଇଭରଙ୍କ ଚାନ୍ଦା ଆଦାୟ

ବାଙ୍କୀ, ୨୯।୧୦( ଶୁଭେନ୍ଦୁ ମହାପାତ୍ର):

କଟକ ଜିଲା ବାଙ୍କୀ ଉପଜିଲାପାଳଙ୍କ ସରକାରୀ ନାଳିବତି ଗାଡ଼ିକୁ ନେଇ ଡ୍ରାଇଭର ଚାନ୍ଦା ଆଦାୟ କରୁଥିଲେ। ଏମିତିକି ଡ୍ରାଇଭର ଜଣକ ରାତିରେ ଚୋରା ବାଲି ଟ୍ରକ୍‌ରୁ ଚାନ୍ଦା ଆଦାୟ ସହ ହାତରେ ପାଇପ୍ ଧରି ମଦ ପିଇଥିବା ବ୍ୟକ୍ତିଙ୍କୁ ଧମକାଇବା ସହ ଗାଡ଼ିର କାଗଜପତ୍ର ମାଗି ଚାନ୍ଦା ଆଦାୟ କରୁଥିବା ନେଇ ଚର୍ଚ୍ଚା ହେଉଥିଲା। ଏ ସମ୍ପର୍କରେ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରେ ସରକାରୀ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଡ୍ରାଇଭର ଜଣକ ଏପରି କରିଥିବା ଘଟଣାକୁ ସ୍ୱୀକାର କରିବା ସହ ସମ୍ପୃକ୍ତ ଡ୍ରାଇଭରଙ୍କୁ କାର୍ଯ୍ୟରୁ ବିଦା କରାଯାଇଛି ବୋଲି ସେ କହିଛନ୍ତି।

### ନଭେମ୍ବରରେ ଖୋଲିବ ନିଶ୍ଚିନ୍ତକୋଇଲି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ

ନିଶ୍ଚିନ୍ତକୋଇଲି, ୨୯।୧୦ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ଥିବା ସିଙ୍ଗିମ ପଡ଼ା ବଣ୍ଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କିଛିଦିନ ତଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିଲେ। ଅଭିଭାଷଣ ପ୍ରସଙ୍ଗରେ ଆସନ୍ତା ମାସରେ ନିଶ୍ଚିନ୍ତକୋଇଲି ତହସିଲରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୋହନ ସରକାର ମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ତୁରନ୍ତ କାର୍ଯ୍ୟକାରୀ କରିଛନ୍ତି। ନଭେମ୍ବର ପହିଲାରୁ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲାଯିବା ସହ କାର୍ଯ୍ୟକ୍ଷମ ହେବ ବୋଲି ବିଧିବଦ୍ଧ ଭାବେ ଘୋଷଣା ହୋଇଛି। ରାଜସ୍ୱ ବିଭାଗ ବିଜ୍ଞପ୍ତି ନଂ. ୪୦୦୬୮/୨୪।୧୦।୨୦୨୫ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ତହସିଲରେ ଯୁଦ୍ଧକାଳୀନଭିତ୍ତିରେ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ସରକାରଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଶ୍ଚିନ୍ତକୋଇଲି ଲୋକମାନଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ସୂଚନାଥାଉ କି, ଦୀର୍ଘଦିନ ହେବ ନିଶ୍ଚିନ୍ତକୋଇଲି ବ୍ଲକର ଲୋକେ ଜମିଜମା ଖରିଦ ବିକ୍ରି କରିବାକୁ ସାଲେପୁର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉପରେ ନିର୍ଭର କରିଆସୁଥିଲେ। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝାଙ୍କ ସମେତ ବହୁ ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି।

### ଓଡ଼ିଶା ବାଣୀ ଭଣ୍ଡାରକୁ ଉଦ୍ଦିମନ୍ତ କରିଥିଲେ ଗୋବିନ୍ଦ



ଗୋବିନ୍ଦ ରଥଙ୍କ ମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ବାଙ୍କୀ,୨୯।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଗୋବିନ୍ଦ ରଥଙ୍କ ୧୬୭ତମ ଜୟନ୍ତୀ ବୁଧବାର ବାଙ୍କୀ ପୂର୍ବାପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଙ୍କୀ କଲେଜ ପରିସରରେ ଥିବା ପଣ୍ଡିତ ରଥଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପଣ୍ଡିତ ରଥ ଜଣେ ସ୍ୱାଧୀନତା ସଂଗ୍ରାମୀ ସହ ୨୬୨ଖଣ୍ଡ ପୁସ୍ତକ ରଚନାକରି ଓଡ଼ିଶା ବାଣୀ ଭଣ୍ଡାରକୁ ଉଦ୍ଦିମନ୍ତ କରିଛନ୍ତି ବୋଲି ଅତିଥିମାନେ କହିଥିଲେ। ପଣ୍ଡିତ ବାଙ୍କୀ, ଡମପଡ଼ା ବ୍ଲକ ଅଧୀନ ପାଟପୁର ଅନ୍ତର୍ଗତ ପଦ୍ମନାଭପୁର ଶାସନ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପୂର୍ବାପୂଜା ଅନୁଷ୍ଠାନର ସଭାପତି ସୁନୀଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜୟନ୍ତୀ ଉତ୍ସବରେ ସଂଯୋଜକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ବୃନ୍ଦାବନ ପ୍ରଧାନ, ରବିନାରାୟଣ ପ୍ରଧାନ, ସୁବାସ ଚନ୍ଦ୍ର ପ୍ରହରାଜ ପ୍ରମୁଖ ଯୋଗଦାନ କରି ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଅନ୍‌ଲାଇନ ଖେଳ, ବ୍ୟାଙ୍କ ଠକେଇ ଉପରେ ଆଲୋଚନା

### ସାଇବର ନିରାପତ୍ତା ସଚେତନତା ତର୍କ ପ୍ରତିଯୋଗିତା

ବାଙ୍କୀ,୨୯।୧୦ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )



କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବାଙ୍କୀ ବ୍ଲକ ଅନ୍ତର୍ଗତ ବୃନ୍ଦପୁରା ସରଳା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାଙ୍କୀ ଶିକ୍ଷା ମଣ୍ଡଳସ୍ତରୀୟ ସାଇବର ନିରାପତ୍ତା ସଚେତନତା ଉପରେ ଇଂଲିଶ ଓ ଓଡ଼ିଆ ଭାଷାରେ ତର୍କ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଚାରକ ଭାବେ ସୁନୀଲ କୁମାର ମିଶ୍ର, ନରୋତ୍ତମ ବେହେରା, ଜୟମାଳା ଜେନା, ପିଙ୍କିନା ସେଠୀ ଯୋଗଦାନକରି ତର୍କ ପ୍ରତିଯୋଗିତା ମୂଲ୍ୟାଙ୍କନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ସାଇବର ଅପରାଧ, ଅନ୍‌ଲାଇନ ଖେଳ, ମାତ୍ରାଧିକ ମୋବାଇଲ ବ୍ୟବହାର ଓ ବ୍ୟାଙ୍କ ଠକେଇ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରୁକ୍ମିଣୀ ନାୟକ, ସମ୍ମାନିତ ଅତିଥି ଭାବେ ମୀନକେତନ ବେହେରା ଓ ନକୁଳ ସେଠୀ ଯୋଗଦାନକରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଇଂଲିଶ ତର୍କ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଙ୍କିତ୍ରା ପଣ୍ଡା ପ୍ରଥମ, ମଇଜୋରି ଉଚ୍ଚ ବିଦ୍ୟାଳୟର ବୈଭବ ଚରଣ ମାଝୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ିଆ ତର୍କ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସସ୍ମିତା ସାହୁ ପ୍ରଥମ, ସରଳା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଚାରୁଶ୍ରୀ ଚିନ୍ମୟିତା ପଣ୍ଡା ଦ୍ୱିତୀୟ ଓ ଜଗନ୍ନାଥପୁର ବାଳିକା ଉଚ୍ଚ ବିଦ୍ୟାଳୟର ଶିଳା ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ମହାବିଦ୍ୟାଳୟ ୮ ଦିନ ବନ୍ଦ ଘୋଷଣାକଲେ ଅଧ୍ୟକ୍ଷ

ଟିଗିରିଆ, ୨୯।୧୦(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ଟିଗିରିଆ ପ୍ରସନ୍ନମଣି ଶାରୀରିକ ଯୋଗ ଓ ପ୍ରଶିକ୍ଷଣ ମହାବିଦ୍ୟାଳୟ(ପିଏମ୍‌ସିଇଡ଼ି)ରେ ଛଟେଇ ଅଣଶିକ୍ଷକ କର୍ମଚାରୀଙ୍କ ତାଲାବନ୍ଦ ଆନ୍ଦୋଳନ ବୁଧବାର ୩ୟ ଦିନରେ ପହଞ୍ଚିଛି। ଅଧ୍ୟକ୍ଷ ବୁଧବାର ମହାବିଦ୍ୟାଳୟକୁ ୮ ଦିନ ପାଇଁ ବନ୍ଦ ଘୋଷଣା କରିଛନ୍ତି। ଫଳରେ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ର ଘରକୁ ଯାଉଥିବା ଜଣାପଡ଼ିଛି।

ବେଆଇନ ବହିଷ୍କାର ଆଦେଶ ପ୍ରତ୍ୟାହାର, ଆର୍ଥିକ ଅବ୍ୟବସ୍ଥା ଭୁଲ୍ ତଥ୍ୟ ପ୍ରଦାନ, ବେଆଇନ ପୁନଃ ନିଯୁକ୍ତି ଏବଂ ଅବସର ଆଇନ ଉଲ୍ଲଂଘନ, ଜିଲା ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର, ଦରମା ଓ ଇପିଏଫ୍ ଅସଙ୍ଗତି, କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଓ ମୌଳିକ ଅଧିକାର କ୍ଷୁଣ୍ଣ, ପରିଚାଳନା ପରିଷଦକୁ ବରଖାସ୍ତ ଆଦି ୭ ଦଫା ଦାବି ନେଇ ସୋମବାରଠାରୁ ମହାବିଦ୍ୟାଳୟ ଫାଟକରେ ତାଲା ମାରି ୧୭ ଜଣ ଅଣଶିକ୍ଷକ କର୍ମଚାରୀ ୩ ଦିନ ହେଲା ଆନ୍ଦୋଳନ କରୁଛନ୍ତି। ବୁଧବାର ୩ୟ ଦିନରେ ଉଭୟ ମହାବିଦ୍ୟାଳୟର ପରିଚାଳନା କମିଟି ଓ କର୍ତ୍ତୃପକ୍ଷଙ୍କ ଦର୍ଶନ ମିଳି ନ ଥିଲା। ଅପରାହ୍ନରେ ଟିଗିରିଆ ଥାନା ଭାରପ୍ରାପ୍ତ ଅଧିକାରିଣୀ ଇପ୍ସିତା ପ୍ରିୟଦର୍ଶିନୀ ମହାବିଦ୍ୟାଳୟ ବାହାରେ ଆନ୍ଦୋଳନକାରୀମାନଙ୍କୁ ଭେଟି ଅନ୍ତେବାସୀଙ୍କ ଯିବାଆସିବା ପାଇଁ ମହାବିଦ୍ୟାଳୟର ପଛ ଗେଟ୍ ଖୋଲିବାକୁ ନିବେଦନ କରିବାରୁ ସେମାନେ ପୋଲିସ ଅଧିକାରୀଙ୍କ କଥା ରଖି ପଛ ଗେଟ୍ ଖୋଲିଛନ୍ତି। ସେହିପରି ବ୍ଲକ କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ଗିରିଜା ପ୍ରସାଦ ପଟ୍ଟନାୟକ, ସୋମନାଥ ଦାସ, ମୃତ୍ୟୁଞ୍ଜୟ ଦାଶ, ବିଜୁତି ଭୂଷଣ ବେହେରା, ନିରଞ୍ଜନ ସାମଲ, ପ୍ରତାପ ରଣା, ବିଜୟ ସାମଲ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ଭେଟି ସେମାନଙ୍କ ଦାବି ଉପରେ ଆଲୋଚନା କରିଥିଲେ। ପରେ ତହସିଲଦାରଙ୍କୁ ଭେଟି ଏ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ଆନ୍ଦୋଳନକାରୀମାନେ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରୁଥିବାରୁ ମହାବିଦ୍ୟାଳୟକୁ ୮ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି। ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି ବୋଲି ସେ କହିଛନ୍ତି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, DHARMAGARH**
Email: rw_dharmagarh@yahoo.com

BID IDENTIFICATION NO.DMGH/Online-08 OF 2025-26, Dates: 24.10.2025

**"e" PROCUREMENT NOTICE**

No.O-1139: Bid documents consisting of Work, Estimate Cost, Cost of Tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
1. Name of the Work : Road Works in the district of Kalahandi as mentioned in DTCN
2. Total No. of Works : 35 Nos.
3. Estimated Cost: Rs.12.71 lakhs to Rs.46.61 Lakhs
4. Period of Completion: 01 & 02 Calendar Month.
5. Other details:

| Availability of Tender online for bidding | | Last date & time seeking tender clarification | Date & Time of Opening of tender |
|---|---|---|---|
| From | To | | |
| 30.10.2025 At 10.00 AM | 10.11.2025 Upto 5.00 PM | 07.11.2025 Upto 5.00 PM | 11.11.2025 At 11.00 AM |

Further details can be seen from the website www.tendersorissa.gov.in.

Sd./- Superintending Engineer
Rural Works Division, Dharmagarh
OIPR-25100/11/0033/2526

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER BAMRA WILDLIFE DIVISION, BAMRA, SAMBALPUR**
At/P.O.: Bamra, Dist.: Sambalpur, E-mail: dfobmbwl004@gmail.com

BID IDENTIFICATION No. 1F-BMB/04/ Dt.28.10.2025 (Online)/2025-26

No. MM-254

**E-Procurement Notice**

No. 181 Dated: 28.10.2025

The Divisional Forest Officer, Bamra Wildlife Division, Bamra, Sambalpur on behalf of Governor of Odisha, invites Percentage Rate Bids in Single Cover System in ONLINE Mode.

| | | |
|---|---|---|
| 1. | No. of work (Project) | 3 (Three) Nos. |
| 2. | Estimated Cost | Rs.13,35,935/- to 25,21,058/- (Excluding 18% GST) |
| 3. | Tender Cost | Rs.6,000/- for each project |
| 4. | Class of Contractor | "D", "C" & "B" Class Contractors |
| 5. | Period of Completion | 03 (Three) Calendar Months (90 days) |
| 6. | Availability of bid document in the website | 18.00 hours of 30.10.2025 to 17.00 hours of 10.11.2025 |
| 7. | Date of Opening of Tenders | 11.30 hours on Dt.11.11.2025 |
| 8. | The bidders have to participate in ONLINE bidding only. Further details can be seen from the website www.tendersodisha.gov.in only. Any Corrigendum/Addendum/Cancellation of tender will be displayed in the website said only. | |

Sd./- Divisional Forest Officer
Bamra Wildlife Division
OIPR-08144/11/0009/2526

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
NO. E-473
Grand Road, Medical Square, Puri, PIN No. - 752002
Phone No.: 06752-222124(O) & 232294 (C.S.) E Mail: cdspuri@gmail.com

**Expression of Interest Notice**

For Supply of Drugs & Medical Consumables on Discount Basis

No. 4819 Sub Store Puri Dated: 27.10.2025

| | |
|---|---|
| Date of Publication of Bid document in website | : Dt.28.10.2025 from 11.00 A.M. |
| Last date & time of receipt of bid documents | : Dt.11.11.25 upto 11.00 A.M. |
| Date & time of opening of Tender (Cover-A) | : Dt.11.11.25 at 12.00 Noon |
| Venue | : Officer Chamber of CDM & PHO, Puri |

"For details regarding this tender call notice please visit the website www.puri.nic.in or contact office of the undersigned during the office hour in all working days".

Sd./- Chief District Medical & Public Health Officer, Puri
OIPR-10021/11/0025/2526

**GOVERNMENT OF ODISHA**
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, KANDHAMAL**
No.A-795

**e-Procurement Notice**

**Bid Identification No.-08/2025-26**

Letter No. 2437 Date : 25.10.2025

| | |
|---|---|
| Name of work | Improvement to M.I. Projects under Critical Grant and DPIW scheme for 2025-26. |
| No. Works | 10 (ten) Nos. |
| Estimated Cost | from Rs.8.11 lakh to Rs.24.52 lakh Approximately |
| Tender paper cost | Rs.4000 & Rs.6000.00 (Non-refundable) |
| Period of Completion | 90 (ninety days) only. |
| Availability of Bid documents | From 10.00 A.M. of 01.11.2025 to 17.30 hrs of 10.11.2025 in website (www.tendersodisha.gov.in) |
| Time of receipt of bid through on line | From 10.00 A.M. of 01.11.2025 to 17.30 hrs of 10.11.2025 through online |
| Date of opening of bid documents | At 11.00 hrs of 11.11.2025 in the O/o S.E., M.I. Division, Kandhamal, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |
| The detail tender call notice can also be seen in the DOWR website http//dowrorissa.gov.in | |
| Name & Address of the OIT | Superintending Engineer, M.I. Division, Kandhamal, Phulbani, At/PO : Phulbani. PS : Phulbani Town, Dist. : Kandhamal, E-mail : kmidplb@gmail.com |
| Further details can be seen from the e-Procurement market place http//www.tendersodisha.gov.in | |

Sd./- (Er.Surjya Narayana Panigrahi)
Superintending Engineer
M.I.Division, Kandhamal
OIPR-32040/11/0013/2526

## ସଂକ୍ଷେପରେ

### ଡ୍ରାଇଭର ଚାକିରି ପାଇବା ଦିନ କାର୍ ଚୋରି କରିନେଲେ

## ଅଭିଯୁକ୍ତ ଗିରଫ




ଭୁବନେଶ୍ୱର,୨୯ା୧୦(ସତ୍ୟଜିତ ରାଉତ)

ଜଣେ ବରିଷ୍ଠ ନାଗରିକଙ୍କ ପାଖରେ ଡ୍ରାଇଭର ଚାକିରି ପାଇଲେ। କାମ ଆରମ୍ଭ କରିବା ଦିନ ହିଁ କାର୍ ଚୋରି କରି ଫେରାର ହୋଇଗଲେ। ଅଭିଯୋଗ ପରେ ଏୟାରଫିଲ୍ଡ ଥାନା ପୋଲିସ ସମ୍ପୃକ୍ତ ଡ୍ରାଇଭରଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ନରସିଂହପୁର ଥାନା ଅଞ୍ଚଳର ପ୍ରମୋଦ କୁମାର ଦାସ (୪୨)। ତାଙ୍କଠାରୁ କାର୍ ଜବତ କରାଯାଇଛି। ଅଭିଯୋଗକାରିଣୀ ବରିଷ୍ଠ ନାଗରିକ ମଞ୍ଜୁ ରାୟ ବିରିବାଡ଼ି ଅଞ୍ଚଳରେ ରହିବା ସହ ଏକ ହଷ୍ଟେଲ ପରିଚାଳନା କରନ୍ତି। ମଙ୍ଗଳବାର ଅଭିଯୁକ୍ତ ପ୍ରମୋଦ ଡ୍ରାଇଭର ଭାବେ ମଞ୍ଜୁଙ୍କ ନିକଟରେ କାମ ଆରମ୍ଭ କରିଥିଲେ। ମଧ୍ୟାହ୍ନରେ ବିରିବାଡ଼ିସ୍ଥିତ ମଞ୍ଜୁଙ୍କ ଘରେ ପ୍ରମୋଦ ପହଞ୍ଚି ତାଙ୍କୁ କାରରେ ଆଣି କପିଳପ୍ରସାଦସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଛାଡ଼ିଥିଲେ। ପ୍ରମୋଦ ମଧ୍ୟାହ୍ନ ଭୋଜନ କରିବାକୁ କାର୍ ନେଇଯାଇ ଆଉ ଫେରି ନ ଥିଲେ। ଏପଟେ କାମ ସରିବାରୁ ମଞ୍ଜୁ ଘରକୁ ଫିରିବାକୁ ଡ୍ରାଇଭର ପ୍ରମୋଦଙ୍କୁ ବାରମ୍ବାର କଲ୍ କରିଥିଲେ ସେ ଉଠାଇ ନ ଥିଲେ। ପ୍ରମୋଦ କାର ନେଇ ନୟାଗଡ ଅଭିମୁଖେ ଚାଲିଯାଇଥିଲେ। ମଞ୍ଜୁଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ-୩୮୩/୨୦୨୫) ରୁଜୁ କରି ତଦନ୍ତ କରି ପ୍ରମୋଦଙ୍କୁ ନୟାଗଡ ଜିଲା ଗଣିଆ ଅଞ୍ଚଳରୁ କାବୁ କରିଥିଲା।

### ଲୋକସେବା ଭବନରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୯ା୧୦(ସତ୍ୟଜିତ ରାଉତ)

ଲୋକସେବା ଭବନସ୍ଥିତ ଗୃହ ବିଭାଗରେ ବୁଧବାର ଛୋଟ ଧରଣର ଅଗ୍ନିକାଣ୍ଡ ଘଟିଛି। ସେଠାରେ ଥିବା ଏକ କମ୍ପ୍ୟୁଟର ସିଷ୍ଟମରେ ସିପିୟୁରୁ ନିଆଁ ଲାଗିଥିଲା। ଏଥିରେ ସେପରି କୌଣସି କ୍ଷୟକ୍ଷତି ହୋଇ ନ ଥିଲେ ମଧ୍ୟ ଏହାକୁ ଲାଗି ରହିଥିବା ବିଦ୍ୟୁତ୍ ପାଇପ୍ ପୋଡ଼ିଯାଇଛି। ସକାଳ ପ୍ରାୟ ୯ଟା ବେଳେ ସିପିୟୁରୁ ପ୍ରଥମେ ଧୂଆଁ ବାହାରି ଜଳି ଉଠିଥିଲା। ସେକ୍ରେଟେରିଏଟ୍ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ନିଆଁକୁ ଆୟତ୍ତ କରିଥିଲେ।

# ନିଖୋଜ ଯୁବକଙ୍କ କଙ୍କାଳ ଅଟଳା ପାହାଡ଼ରୁ ଜବତ

ନିରାକାରପୁର,୨୯ା୧୦(ମାନସ ଚନ୍ଦ୍ର ପଟ୍ଟନାୟକ)



ଘଟଣାସ୍ଥଳରୁ ଜବତ ହୋଇଥିବା ବାଇକ।

■ ବାଇକ୍, ମୋବାଇଲ ସମେତ ବିଭିନ୍ନ କାର୍ଡ ମିଳିଲା

■ ହତ୍ୟା ନା ଆତ୍ମହତ୍ୟା, ସେ ନେଇ ଉଠିଲା ପ୍ରଶ୍ନ

ଜଣେ ବ୍ୟକ୍ତି ଗତ ଦେଢ଼ମାସ ହେଲା ଘରୁ ନିଖୋଜ ଥିବାବେଳେ ବୁଧବାର ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ନାଳସିଂସ୍ଥିତ ଅଟଳା ପାହାଡ଼ ନିକଟ ଏକ ବୁଦାମୂଳରୁ ତାଙ୍କର କଙ୍କାଳ ମିଳିଛି। କଙ୍କାଳ ପାଖରୁ ୨ଟି ମୋବାଇଲ ଫୋନ, ପ୍ୟାନକାର୍ଡ, ଏଟିଏମ୍ କାର୍ଡ ସହ ଏକ ବାଇକ୍ (ନଂ. ଓଡି -୦୨ ପି-୬୮୯୮)କୁ ପୋଲିସ ଜବତ କରିଛି। ମୃତକ କଟକ ଜିଲା ନିଆଳି ଥାନା ଅଧୀନସ୍ଥ କୁଳଶ୍ରୀ ଗ୍ରାମର ସୁନୀଲ ସାହୁ (୩୫)ବୋଲି ଜଣାପଡ଼ିଛି। ତେବେ ତାଙ୍କର ମୃତ୍ୟୁ କିପରି ହେଲା ଏବଂ ସେଠାରେ କିପରି ମୃତଦେହ ପଡ଼ିଲା ସେ ନେଇ କିଛି ସ୍ପଷ୍ଟ ହୋଇପାରି ନ ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି। ଜଙ୍କିଆ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରାଙ୍କ ସୂଚନା ଅନୁଯାୟୀ, ବୁଧବାର ନାଳସିଂ ଗ୍ରାମର କେତେଜଣ ବ୍ୟକ୍ତି ଜାଳେଣି କାଠ ପାଇଁ ଅଟଳା ପାହାଡ଼ ପାଖକୁ ଯାଇଥିଲେ। ପ୍ରଥମେ ରାସ୍ତାରେ ଏକ ବାଇକ ପଡ଼ିରହିଥିବା ସେମାନେ ଦେଖିବାକୁ ପାଇଥିଲେ। ତେବେ କିଛି ବାଟ ଆଗକୁ ଯିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ କଙ୍କାଳ ପଡ଼ିଥିବା ଦେଖିଥିଲେ। ବାଇକ ନମ୍ବରରୁ ଘରର ଠିକଣା ପାଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି କଙ୍କାଳ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ବାପା ଅମୂଲ୍ୟ ସାହୁଙ୍କ କହିବା ଅନୁଯାୟୀ, ସୁନୀଲ ୪ମାସ ହେଲା ବିବାହ କରିଥିଲେ। ସେ ଭୁବନେଶ୍ୱରର ମଞ୍ଚେଶ୍ୱରଠାରେ ଏକ ମୋବାଇଲ ଦୋକାନ ଖୋଲିଥିଲେ। ତେବେ ଦେଢ଼ମାସ ତଳେ ସେ ହଠାତ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ପକ୍ଷରୁ ଅନେକ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ପତ୍ତା ମିଳି ନ ଥିଲା। ମଞ୍ଚେଶ୍ୱର ଥାନାରେ ଏ ନେଇ ନିଖୋଜ ଅଭିଯୋଗ କରି ଖୋଜାଖୋଜି ଜାରି ରଖିଥିବାବେଳେ ପାରିବାରିକ ଅଶାନ୍ତିରୁ ସେ ଘର ଛାଡ଼ିଥିବା ବାପା ଅଭିଯୋଗ କରିଛନ୍ତି। ତେବେ ଏଠାକୁ ସୁନୀଲ କିପରି, କାହିଁକି ଓ କାହା ସହିତ ଆସିଥିଲେ। ଯଦି ଆସିଲେ ସେ ଏକୁଟିଆ ଥିଲେ ନା ତାଙ୍କ ସାଙ୍ଗରେ କିଏ ଥିଲେ। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କିଏ ହତ୍ୟା କରିଛି, ତାହାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଙ୍କିମାରୁଛି। ଏ ନେଇ ଜଙ୍କିଆ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ. ୨୨/୨୫) ରୁଜୁ କରାଯାଇ ଜବତ କଙ୍କାଳକୁ ଖୋର୍ଦ୍ଧା ସରକାରୀ ମେଡିକାଲରେ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବେହେରା କହିଛନ୍ତି।

# ଧାନ ଫସଲ ନଷ୍ଟ, ଅନୁଧ୍ୟାନ କଲା କୃଷି ବିଭାଗ



କୃଷି ଅଧିକାରୀ କ୍ଷତିଗ୍ରସ୍ତ ଫସଲ ଅନୁଧ୍ୟାନ କରୁଛନ୍ତି।

ନିରାକାରପୁର,୨୯ା୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ବାତ୍ୟା ମୋନ୍ଥା ପ୍ରଭାବରେ ଗତ ୩ ଦିନ ବ୍ୟାପି ଲଗାଣ ବର୍ଷା ସହ ହାଲୁକା ପବନ ଲାଗିରହିଛି। ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପାଚିଲା ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଜିଲା ପ୍ରଶାସନ ଓ ବିଭାଗର ନିର୍ଦ୍ଦେଶ କ୍ରମେ ବୁଧବାର ଟାଙ୍ଗି ବ୍ଲକ ଗ୍ରାମସେବକ ପ୍ରତାପ କୁମାର ସାହୁ, କୃଷକସାଥି ମାଧବ ପାଟଶାଣୀ ଓ କୃଷି କର୍ମଚାରୀ ପହଞ୍ଚି ସ୍ଥାନୀୟ ଓଥା, ନିରାକାରପୁର, ଲେଙ୍ଗେଶ୍ୱର, ରାମେଶ୍ୱର, ବଡ଼ପୋଖରିଆ ଆଦି ପଞ୍ଚାୟତ ଅଞ୍ଚଳରେ କ୍ଷୟକ୍ଷତି ହୋଇଥିବା ଧାନକ୍ଷେତ ବୁଲି ଦେଖିଥିଲେ। ଏନେଇ ଗ୍ରାମସେବକ ସାହୁ କହିଛନ୍ତି, ଏହା କୃଷି ବିଭାଗ ପକ୍ଷରୁ ପ୍ରାରମ୍ଭ ପର୍ଯ୍ୟାୟ ଆରମ୍ଭ ହୋଇଛି। ବର୍ଷା ଛାଡ଼ିଯିବା ପରେ କୃଷିବିଭାଗ ଓ ରାଜସ୍ୱ ବିଭାଗ ଉଭୟଙ୍କୁ ନେଇ ତଦନ୍ତ କରାଯିବ। ପରେ କ୍ଷୟକ୍ଷତି ଆକଳନ କରାଯାଇ ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ଯାହା କିଛି କରାଯିବ ବୋଲି ସୂଚନା ଦେଇଥିଲେ। ସୂଚନା ଯୋଗ୍ୟ କି, ବାତ୍ୟା ମୋନ୍ଥା ପ୍ରଭାବରେ ଗତ ତିନିଦିନ ଧରି ଲଗାଣ ବର୍ଷା ଲାଗିରହିଛି। ବୁଧବାର ମଧ୍ୟାହ୍ନ ଓ ଅପରାହ୍ନରେ ଅଧିକ ବର୍ଷା ସହିତ ଅନୁରୂପ ଭାବେ ପବନ ଯୋଗୁ ପୂର୍ବାପେକ୍ଷା ଅଧିକ କ୍ଷତି ହୋଇଛି। ତେବେ ବର୍ଷାରେ ବ୍ୟାପକ ପାଚିଲା ଧାନ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଗୋଟିଏ ପଟେ ଲଗାଣ ବର୍ଷା ସହ ପବନ ହେଉଥିବାରୁ ସେହି ପାଣିରେ ଧାନଗଛ ପଡ଼ିଯାଇଛି ଆଗାମୀ ଦିନେ ଦୁଇଦିନ ଭିତରେ କ୍ଷେତରୁ ପାଣି ନ ଛାଡ଼ିଲେ ଧାନ ଚାଷ ପ୍ରଭାବିତ ହେବାକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।

# କୃଷ୍ଣପ୍ରସାଦ ବ୍ଲକରେ ଫସଲ ଉଜୁଡ଼ିଲା



ରାମଲେଙ୍କା ପଞ୍ଚାୟତର ଏକ ଧାନ ଜମି ବର୍ଷାପାଣିରେ ବୁଡ଼ିରହିଛି।

କୃଷ୍ଣପ୍ରସାଦ,୨୯ା୧୦(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ବାତ୍ୟା ମୋନ୍ଥାରେ ଚାଷୀଙ୍କ ଫସଲ ଉଜୁଡ଼ିଯାଇଛି। ପାଚିଲା ଧାନଗଛ ଭାଙ୍ଗିପଡ଼ି ଜମିରେ ପାଣିରେ ଭାସୁଛି। ବ୍ଲକର କୃଷ୍ଣପ୍ରସାଦ, ଅଲନ୍ଦା, ତିତିପା, ଗୋପୀନାଥପୁର, ବଡ଼ହାଟ, ନୂଆପଡ଼ା, ବ୍ରହ୍ମପୁର, ବଡ଼ଅଁଳ, ସିଆଳ, ସିଆଳି, ବୁଦ୍ଧିବର, ମାଲୁଦ, ବଜ୍ରକୋଟ ଆଦି ବିଭିନ୍ନ ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ରାମଲେଙ୍କା ପଞ୍ଚାୟତରେ ବ୍ୟାପକ ଧାନଫସଲ କ୍ଷୟକ୍ଷତି ଘଟିଛି। ବୁଧବାର ବାସୁଦେବପୁର ବିଧାୟକ ଅଶୋକ କୁମାର ଦାଶ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପରିବେଶ ଓ ଜୀବିକା ସଂଯୋଜକ ସୁଧାଂଶୁ ଶେଖର ଦେଓ ଏବଂ ଯୁବ ନେତା ଦୀପକ କୁମାର ଜେନା ଚାଷଜମି ବୁଲି ଦେଖିବା ସହ କ୍ଷତିପୂରଣ ବାବଦରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। କ୍ଷତିପୂରଣ ସମ୍ପର୍କରେ ସେମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଧା ଦାମରେ ଚାଷୀଙ୍କୁ ଚିନାବାଦାମ ବିହନ ଯୋଗାଇଦେବା ପାଇଁ ସରକାରଙ୍କୁ ଅନୁରୋଧ କରିବେ ବୋଲି ସେମାନେ କହିଥିଲେ। ବିଡ଼ିଓ ଅମିୟ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିଲିକାରେ ପରୀକ୍ଷାର୍ଥୀଙ୍କୁ ପାର କରାଯାଇଥିଲା। ବିଡ଼ିଓଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ବୁଧବାର ବିଡ଼ିଓ ପଣ୍ଡା, ତହସିଲଦାର ବିକାଶ ସେଠୀ, କୃଷି ଅଧିକାରୀ ରାଜଲକ୍ଷ୍ମୀ ସାହୁ, ସହକାରୀ କୃଷି ଅଧିକାରୀ ସୌମ୍ୟରଞ୍ଜନ ପାତ୍ରଙ୍କ ସମେତ ରାଜସ୍ୱ କର୍ମଚାରୀମାନେ ବିଭିନ୍ନ ଗ୍ରାମକୁ ଯାଇ ଚାଷୀଙ୍କ ସହିତ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଛନ୍ତି। ଚିଲିକାରେ ଅମାନିଆ ଡଙ୍ଗା ଚାଳକଙ୍କ ଉପରେ ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତ କଡ଼ା ନଜର ରଖିଥିଲେ।

# ୩୧ରେ ଅଁଳାନବମୀ, ରାଧାପାଦ ଦର୍ଶନ

ସାକ୍ଷୀଗୋପାଳ,୨୯ା୧୦ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

କାର୍ତ୍ତିକ ଶୁକ୍ଳ ନବମୀ ତିଥି ତଥା ୩୧ ତାରିଖରେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ପାଦଦର୍ଶନ ପାଇଁ ପ୍ରସ୍ତୁତି ଆରମ୍ଭ ଚାଲିଛି। ପ୍ରତିକୂଳ ପାଗ ସତ୍ତ୍ୱେ ମନ୍ଦିର ପରସର ସଜେଇ ହେଉଛି। ମୁଖାକୃତି ଚଳିତ ବର୍ଷ ୧୧ ଥାକିଆ ଛାୟାପ୍ରଦ ଷ୍ଟିଲ୍ ବାରିକେଡ୍ ନିର୍ମାଣ ଶେଷ ହୋଇଛି। ବସ୍ଷ୍ଟାଣ୍ଡଠାରୁ ମନ୍ଦିର, ମେଳା ପଡ଼ିଆରେ ପ୍ରସ୍ତୁତି ନେଇ ବିଧାୟକ ଓମ୍ ପ୍ରକାଶ ମିଶ୍ର ଅଗ୍ରଗତିର ଅନୁଧ୍ୟାନ କରିଛନ୍ତି। ମନ୍ଦିର ଦେଉଳ ଦ୍ୱାରା ସହିତ ଅଁଳାବୃକ୍ଷ ପ୍ରଜାଙ୍ଗନାର ସିଧା ପ୍ରସାରଣ ନିମନ୍ତେ ପ୍ରସାରଣ ଟିମ୍ ସହ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ସତ୍ୟବାଦୀ ତହସିଲଦାର ତଥା ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ବିଡ଼ିଓ ଦେବାଶିଷ ନାୟକ, ଆଇଆଇସି ବିଜୟ ଜେନା ଦେଉଳର ଓ ଅତିରିକ୍ତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ମନ୍ଦିର ଅଞ୍ଚଳରେ ତଦାରଖ କରିଥିଲେ। ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ହେବାକୁ ଥିବା ୩ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀରାଧା ଉତ୍ସବରେ ବହୁବିଶିଷ୍ଟ କଳାକାରମାନେ ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ପରିବେଷଣ କରିବାକୁ ବୁଝାଯାଉଛି।

# ମୋନ୍ଥା ପ୍ରଭାବରେ ବାଣପୁରରେ ବର୍ଷା



ନେହେରୁ ସେବା ସଂଘ ପରିସରରେ ଜମି ରହିଥିବା ବର୍ଷାପାଣି।

ବାଣପୁର,୨୯ା୧୦(ଦିଲ୍ଲୀପ କୁମାର ସ୍ୱାଇଁ)

ବାଣପୁରରେ ବାତ୍ୟା ମୋନ୍ଥା ପ୍ରଭାବରେ ମଙ୍ଗଳବାରଠାରୁ ବୁଧବାର ରାତି ପର୍ଯ୍ୟନ୍ତ ବର୍ଷା ଲାଗିରହିଛି। ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ୧୭୦ ଜଣଙ୍କୁ ୧୯ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିଥିବାବେଳେ ସେମାନଙ୍କ ପାଇଁ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ଜଳ ନିଷ୍କାସନ ହୋଇ ନ ପାରି ଏବଂ ଡ୍ରେନ ପାଣି ଗାଲୁଆ ଛକ ନିକଟରେ ଉବୁକୁଡ଼ ହୋଇ ନେହେରୁ ସେବା ସଂଘ ପରିସରରେ ପଶିଥିଲା। ଫଳରେ ଏହି ଅନୁଷ୍ଠାନ ଏକପ୍ରକାର ଜଳବନ୍ଦୀ ହୋଇରହିଥିବାବେଳେ ଅନ୍ତେବାସୀ ହଇରାଣ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ୧୪ ବର୍ଷ ଧରି ଘରକୁ ନ ଫେରିବାରୁ ଶୁଦ୍ଧି ହେଲେ ପରିବାର

ନିରାକାରପୁର,୨୯ା୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଣେ ବ୍ୟକ୍ତି ଦୀର୍ଘ ୧୪ବର୍ଷ ଧରି ନିଜ ଘରୁ କେଉଁଆଡ଼େ ଯାଇ ଆଉ ନ ଫେରିବାରୁ ଶେଷରେ ପରିବାର ଲୋକେ ତାଙ୍କୁ ବୁଧବାର ଶୁଦ୍ଧି ହୋଇଛନ୍ତି। ଗାଁ ଶ୍ମଶାନରେ ପଳାଶ କାଠରେ ତାଙ୍କର ଶୁଦ୍ଧିକ୍ରିୟା ପାଳନ କରାଯାଇଛି। ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଏହି ଘଟଣା ଦେଖିବାକୁ ମିଳିଛି। ଏହା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ନିରାକାରପୁର ଗ୍ରାମର ମୁନ୍ନା ବେହେରା ଦୀର୍ଘ ୧୪ ବର୍ଷ ହେଲା ଘର ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି। ସେ ଅଦ୍ୟାବଧି ଘରକୁ ଫେରିନାହାନ୍ତି। ପରିବାର ଲୋକେ ତାଙ୍କ ଫେରିବା ବାଟକୁ ଚାହିଁ ଚାହିଁ ନିରାଶ ହେବା ପରେ ଶେଷରେ ଶୁଦ୍ଧିକ୍ରିୟା କରିବାକୁ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ, ମୃତଦେହକୁ କୋକେଇରେ ରଖି ଯେପରି ଶ୍ମଶାନକୁ ନିଆଯାଏ, ସେଭଳି ପଳାଶ କାଠକୁ କୋକେଇରେ ରଖି ସଂକୀର୍ତ୍ତନ କରି ଶ୍ମଶାନକୁ ନିଆଯାଇଥିଲା। ସେଠାରେ ଗ୍ରାମବାସୀଙ୍କ ଉପସ୍ଥିତିରେ ବଡ଼ପୁଅ ପବିତ୍ର ମୁଖାଗ୍ନି ଦେଇଥିଲେ। ଶୁଦ୍ଧିକ୍ରିୟା ସହ ଦଶାହ, ଏକାଦଶାହ ଏବଂ ଦ୍ୱାଦଶାହ ଆଦି କର୍ମ ସମ୍ପାଦନ କରାଯିବ ବୋଲି ଜଣାପଡ଼ିଛି। ଗ୍ରାମବାସୀଙ୍କ ଉପସ୍ଥିତିରେ ମୃତଦେହ ସତ୍କାର ହୋଇଥିବା ସ୍ଥାନୀୟ ବାସିନ୍ଦା ସୁଦର୍ଶନ ସେଠୀ କହିଛନ୍ତି।

# ଧାନ, ପରିବା ଫସଲ ନଷ୍ଟ ଆଶଙ୍କା: ଚିନ୍ତାରେ ଚାଷୀ



ବେଗୁନିଆ,୨୯ା୧୦(ସନ୍ଧ୍ୟାରାଣୀ ମିଶ୍ର)

ବାତ୍ୟା ମୋନ୍ଥା ପ୍ରଭାବରେ ସୋମବାର ସନ୍ଧ୍ୟାରୁ ମଙ୍ଗଳବାର ରାତି ପର୍ଯ୍ୟନ୍ତ ବେଗୁନିଆ ବ୍ଲକ ଅଞ୍ଚଳରେ ଦୁହାଳୁ ଦୁହା ବର୍ଷା ଲାଗିରହିଛି। ଫଳରେ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। ସେହିପରି ଚିନ୍ତାଗ୍ରସ୍ତ ଫସଲ ଉପରେ ନିର୍ଭରଶୀଳ ପରିବାର ପ୍ରତିପୋଷଣ ଉପରେ ମୋନ୍ଥା ଏକ ପ୍ରକାର ଦାଉ ସାଧିଛି। ଅନେକ ଚାଷୀ ପନିପରିବା ଚାଷ କରି ପରିବାରର ଗୁଜୁରାଣ ମେଣ୍ଟାଉ ଥିବାବେଳେ ଅବିରାମ ବର୍ଷା ଯୋଗୁ ଫସଲ ନଷ୍ଟ ଆଶଙ୍କାରେ ନିରାଶ ହୋଇପଡ଼ିଛନ୍ତି। ବିଲରେ ଧାନ ଫସଲ କେଣ୍ଡା ଧରି ଆସୁଥିବାବେଳେ ବର୍ଷା ଯୋଗୁ ତଳେ ଲୋଟିପଡ଼ିଛି। ଚଳିତ ବର୍ଷ ଭଲ ଫସଲ ଅମଳ ଲାଗି ଚାଷୀ ଆଶା ବାନ୍ଧିଥିଲା। ହେଲେ ଏବେ ଚାଷୀ ମନରେ ନିରାଶା ଛାଇ ଯାଇଛି। ବୁଧବାର ତହସିଲଦାର ତାପସ ବିଶି ଏବଂ ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ଶୁଭ୍ରାନ କୁମାର ରାଉଳ କେତେକ ପଞ୍ଚାୟତର ଚାଷଜମି ବୁଲି ଦେଖିଛନ୍ତି। ଗୁରୁବାର କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିବ ବୋଲି ତହସିଲଦାର କହିଛନ୍ତି। ବେଗୁନିଆ ବ୍ଲକରେ ୧୨ ହଜାର ୫୦ ହେକ୍ଟର ଜମିରେ ଧାନ, ୫୦ ହେକ୍ଟର ଜମିରେ ପନିପରିବା ଏବଂ ୨୨୨ ହେକ୍ଟର ଜମିରେ ମକା, ବିରି, ହରଡ଼ ଆଦି ଫସଲ ଚାଷ କରାଯାଇଛି। ୨୦୨୪ ଅକ୍ଟୋବରରେ ୪୭ ମିଲିମିଟର ବର୍ଷା ହୋଇଥିବାବେଳେ ଚଳିତ ବର୍ଷ ୧୫୫ ମିଲିମିଟର ବର୍ଷା ହୋଇଛି ବୋଲି କୃଷି ଅଧିକାରୀ ରାଉଳ ସୂଚନା ଦେଇଛନ୍ତି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DHARMAGARH
Email: rw_dharmagarh@yahoo.com

BID IDENTIFICATION NO.DMGH/Online-08 OF 2025-26, Dates: 24.10.2025

"e" PROCUREMENT NOTICE

No.O-1139:Bid documents consisting of Work, Estimate Cost, Cost of Tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
1. Name of the Work : Road Works in the district of Kalahandi as mentioned in DTCN
2. Total No. of Works : 35 Nos.
3. Estimated Cost: Rs.12.71 lakhs to Rs.46.61 Lakhs
4. Period of Completion: 01 & 02 Calendar Month.
5. Other details:

| Availability of Tender online for bidding | | Last date & time seeking tender clarification | Date & Time of Opening of tender |
|---|---|---|---|
| From | To | | |
| 30.10.2025 At 10.00 AM | 10.11.2025 Upto 5.00 PM | 07.11.2025 Upto 5.00 PM | 11.11.2025 At 11.00 AM |

Further details can be seen from the website www.tendersorissa.gov.in.

Sd./- Superintending Engineer
Rural Works Division, Dharmagarh

OIPR-25100/11/0033/2526

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI
NO. E-473
Grand Road, Medical Square, Puri, PIN No. - 752002
Phone No.: 06752-222124(O) & 232294 (C.S.) E Mail: cdspuri@gmail.com

Expression of Interest Notice

For Supply of Drugs & Medical Consumables on Discount Basis

No. 4819 Sub Store Puri — Dated: 27.10.2025

| | |
|---|---|
| Date of Publication of Bid document in website | : Dt.28.10.2025 from 11.00 A.M. |
| Last date & time of receipt of bid documents | : Dt.11.11.25 upto 11.00 A.M. |
| Date & time of opening of Tender (Cover-A) | : Dt.11.11.25 at 12.00 Noon |
| Venue | : Officer Chamber of CDM & PHO, Puri |

"For details regarding this tender call notice please visit the website www.puri.nic.in or contact office of the undersigned during the office hour in all working days".

Sd./- Chief District Medical & Public Health Officer, Puri

OIPR-10021/11/0025/2526

GOVERNMENT OF ODISHA
OFFICE OF THE DIVISIONAL FOREST OFFICER
BAMRA WILDLIFE DIVISION, BAMRA, SAMBALPUR
At/P.O.: Bamra, Dist.: Sambalpur, E-mail: dfobmbwl004@gmail.com

BID IDENTIFICATION No. 1F-BMB/04/ Dt.28.10.2025 (Online)/2025-26

No. MM-254

E-Procurement Notice

No. 181 — Dated: 28.10.2025

The Divisional Forest Officer, Bamra Wildlife Division, Bamra, Sambalpur on behalf of Governor of Odisha, invites Percentage Rate Bids in Single Cover System in ONLINE Mode.

| | | |
|---|---|---|
| 1. | No. of work (Project) | 3 (Three) Nos. |
| 2. | Estimated Cost | Rs.13,35,935/- to 25,21,058/- (Excluding 18% GST) |
| 3. | Tender Cost | Rs.6,000/- for each project |
| 4. | Class of Contractor | "D", "C" & "B" Class Contractors |
| 5. | Period of Completion | 03 (Three) Calendar Months (90 days) |
| 6. | Availability of bid document in the website | 18.00 hours of 30.10.2025 to 17.00 hours of 10.11.2025 |
| 7. | Date of Opening of Tenders | 11.30 hours on Dt.11.11.2025 |
| 8. | The bidders have to participate in ONLINE bidding only. Further details can be seen from the website www.tendersodisha.gov.in only. Any Corrigendum/Addendum/Cancellation of tender will be displayed in the website said only. | |

Sd./- Divisional Forest Officer
Bamra Wildlife Division

OIPR-08144/11/0009/2526

GOVERNMENT OF ODISHA
No.A-795
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER, MINOR IRRIGATION DIVISION, KANDHAMAL

e-Procurement Notice

Bid Identification No.-08/2025-26

Letter No. 2437 — Date : 25.10.2025

| | |
|---|---|
| Name of work | Improvement to M.I. Projects under Critical Grant and DPIW scheme for 2025-26. |
| No. Works | 10 (ten) Nos. |
| Estimated Cost | from Rs.8.11 lakh to Rs.24.52 lakh Approximately |
| Tender paper cost | Rs.4000 & Rs.6000.00 (Non-refundable) |
| Period of Completion | 90 (ninety days) only. |
| Availability of Bid documents | From 10.00 A.M. of 01.11.2025 to 17.30 hrs of 10.11.2025 in website (www.tendersodisha.gov.in) |
| Time of receipt of bid through on line | From 10.00 A.M. of 01.11.2025 to 17.30 hrs of 10.11.2025 through online |
| Date of opening of bid documents | At 11.00 hrs of 11.11.2025 in the O/o S.E., M.I. Division, Kandhamal, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |
| The detail tender call notice can also be seen in the DOWR website http/dowrorissa.gov.in | |
| Name & Address of the OIT | Superintending Engineer, M.I. Division, Kandhamal, Phulbani, At/PO : Phulbani. PS : Phulbani Town, Dist. : Kandhamal, E-mail : kmidplb@gmail.com |

Further details can be seen from the e-Procurement market place http// www.tendersodisha.gov.in

Sd./- (Er.Surjya Narayana Panigrahi)
Superintending Engineer
M.I.Division, Kandhamal

OIPR-32040/11/0013/2526

## ସଂକ୍ଷେପରେ

### ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ନବନିର୍ମାଣ ପାଇଁ ଦାବି

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ଖୁଦ୍ରାଶିଳ୍ପ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନବନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସଂକଳ୍ପବଦ୍ଧ ବୋଲି କହିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ଓଡ଼ିଶା ଯୁବଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ସହ ଆଲୋଚନା ବେଳେ ମନ୍ତ୍ରୀ ସୂରଜ ଏପରି କହିଛନ୍ତି ବୋଲି ପ୍ରକାଶ କରିଥିଲେ। ମିଶ୍ର ସୂଚନା ଦେଇ କହିଛନ୍ତି, ପ୍ରାୟ ୪୦ ବର୍ଷ ହେବ ଏହି ରଙ୍ଗମଞ୍ଚ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଜିଲ୍ଲା ପ୍ରଶାସନ ୨୫ ବର୍ଷ ତଳୁ ବଡ଼ଦାଣ୍ଡରେ ଥିବା ଏହି କୋଠାକୁ ଅସୁରକ୍ଷିତ ଘୋଷଣା କରିଥିଲା। ନୂଆ ସରକାର ଆସିବା ପରେ ଏହାର ନବନିର୍ମାଣ ପାଇଁ ସରକାରଙ୍କ ସହ ୬ଥର ଆଲୋଚନା ସରିଲାଣି। ଏଥିପାଇଁ ଅର୍ଥ ପ୍ରତିବନ୍ଧକ ହେବନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ତେବେ ଏହାର ଜମି ଅଧିଗ୍ରହଣ ଓ ନିର୍ମାଣ କାର୍ଯ୍ୟ ଏଯାଏଁ ଆରମ୍ଭ ହୋଇପାରିନାହିଁ। ପୁରୀ ଏକ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ମନୋରଞ୍ଜନ ପାଇଁ ଏଠାରେ ସିନେମା ହଲ୍ କି ଏକ ରଙ୍ଗମଞ୍ଚ ନାହିଁ। ଅସୁରକ୍ଷିତ ଓ ତ୍ରୁଟିପୂର୍ଣ୍ଣ ମଞ୍ଚ ହେତୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଶ୍ରୀଗୀତାୟନ ଓ ନାଟକ ଦେଖିବାକୁ ଦର୍ଶକ ମୁହଁ ଫେରାଇ ନେଉଛନ୍ତି। ମନ୍ତ୍ରୀଙ୍କ ସହ ଆଲୋଚନା ସଫଳ ହୋଇଛି ଓ ସରକାର ଏ ଦିଗରେ ପଦକ୍ଷେପ ନେବେ ବୋଲି ମିଶ୍ର ଦୃଢ଼ ଆଶାପୋଷଣ କରିଛନ୍ତି।

### ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା କର୍ମଶାଳା

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ସ୍ୱତନ୍ତ୍ର ସର୍କିଟ ହାଉସଠାରେ ମଙ୍ଗଳବାର ପୂର୍ବାହ୍ନରେ ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ମହିଳାଙ୍କୁ ଘରୋଇ ହିଂସାରୁ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଅନେକ ଆଇନ ଓ ବ୍ୟବସ୍ଥା ରହିଛି ବୋଲି କହିଥିଲେ। ଏ ସମ୍ପର୍କରେ ମହିଳାଙ୍କୁ ସଚେତନ କରାଯାଇପାରିଲେ ନିର୍ଯାତନାର ଶିକାର ହେଉଥିବା ମହିଳାମାନେ ସୁରକ୍ଷିତ ଓ ଏକ ସମ୍ମାନଜନକ ଜୀବନ ଜିଇପାରିବେ ବୋଲି କହିଥିଲେ। ପୋଲିସ ଡିଏସ୍‌ପି ତାରା ଜସ୍ମିନ ଗୁରିଆ, ସସ୍ମିତା ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଆଇନ ସହାୟତା ଅଧିକାରୀ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ କର୍ମଶାଳାରେ ବିଷୟ ବିଶାରଦ ଆଇନଜୀବୀ ମୋହନ ସୁନ୍ଦର ଜେନା ନିର୍ଯାତନାର ଶିକାର ହେଉଥିବା ମହିଳାଙ୍କ ଅଧିକାର, କର୍ତ୍ତବ୍ୟ ଓ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ମଶାଳାରେ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ୍, ଚନ୍ଦ୍ରପ୍ରଭା ଦେଇ, ସିଡିପିଓ, ସୁପରଭାଇଜର, ହବ୍ କର୍ମକର୍ତ୍ତା ଲୋପିତା ମହାପାତ୍ର, ରଶ୍ମି ରଞ୍ଜନ ବରାଳ, ହବ୍‌ର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ମୋନ୍ଥା ଦୁର୍ବଳ ପରେ ବେଳାଭୂମି ସ୍ୱାଭାବିକ

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)



ବାତ୍ୟା 'ମୋନ୍ଥା' ସୋମବାର ଆନ୍ଧ୍ରପ୍ରଦେଶର ଅମଲାପୁରମ୍ ଠାରେ ସ୍ଥଳଭାଗ ଛୁଇଁବା ପରେ ବାତ୍ୟା ଭୟ କଟିଛି। ବାତ୍ୟାକୁ ନେଇ ଯେପରି ଅକଳନ କରାଯାଉଥିଲା ତାହାର ପ୍ରଭାବ ପୁରୀରେ ସେପରି ଦେଖିବାକୁ ମିଳିନି। ମଙ୍ଗଳବାର ବର୍ଷା ହୋଇଥିଲେ ମଧ୍ୟ ଯେପରି ବଡ ଧରଣର ବର୍ଷା କି ପବନ ଦେଖିବାକୁ ମିଳି ନ ଥିଲା। ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗ ସଜାଗ ରହିଥିଲା। ଲ୍ୟାଣ୍ଡଫଲ କରିବା ପରେ ପୁରୀରେ ପ୍ରବଳ ବର୍ଷା ହେବାର ସମ୍ଭାବନା କରାଯାଉଥିଲା। ଏହାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସବୁ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଥିଲା। ପୁରୀ ବେଳାଭୂମିରେ ସମୁଦ୍ର ସ୍ନାନ ଉପରେ ପର୍ଯ୍ୟଟକଙ୍କ ପାଇଁ କଟକଣା ଲଗାଯିବା ସହ ସମୁଦ୍ରରେ କୌଣସି ଅଘଟଣ ଘଟିଲେ ଉଦ୍ଧାର କାର୍ଯ୍ୟ ପାଇଁ ଲାଇଫଗାର୍ଡମାନଙ୍କୁ ମୁତୟନ କରାଯାଇଥିଲା। ବାତ୍ୟାର ପ୍ରଭାବ ସେପରି ଅନୁଭୂତ ହୋଇ ନ ଥିବାରୁ ବୁଧବାର ପର୍ଯ୍ୟଟକମାନେ ବେଳାଭୂମିରେ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା। ମାତ୍ର ସମୁଦ୍ରରେ ସାନ୍ନ କରିବା ଉପରେ କଟ୍‌କଣା ପୂର୍ବଭଳି ବଳବତର ରହିଥିଲା। ମୋନ୍ଥା ପ୍ରଭାବରେ ବର୍ଷା ହୋଇଥିଲେ ହେଁ କୌଣସି କ୍ଷୟକ୍ଷତି ହୋଇନାହିଁ। ମାତ୍ର ଆସନ୍ନ ବାତ୍ୟା ଆଶଙ୍କା ଫଳରେ ପର୍ଯ୍ୟଟନ ପ୍ରଭାବିତ ହୋଇଥିବା କିଛିଟା ଦେଖିବାକୁ ମିଳିଛି। ପରେ ସ୍ୱାଭାବିକ ପାଗ ଯୋଗୁ ବଜାର ଚଳଚଞ୍ଚଳ ହୋଇଛି। ପୁରୀରେ ପ୍ରବଳ ବର୍ଷା ଆଶଙ୍କା ରହିଥିଲେ ବି ଆକଳନଠୁ ବର୍ଷାର ପରିମାଣ କମ୍ ବର୍ଷା ହୋଇଛି। ଜିଲାରେ ହାରାହାରି ୨୧.୮୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଡେଲାଙ୍ଗରେ ସବାଧିକ ୫୭ ମିଲିମିଟର ବର୍ଷା, କଣାସରେ ୪୦ ମିଲିମିଟଟ, ନିମାପଡ଼ାରେ ୨୯, ବ୍ରହ୍ମଗିରିରେ ୨୫, କାକଟପୁରରେ ୨୨, କୃଷ୍ଣପ୍ରସାଦରେ ୨୧.୬, ଅସ୍ତରଙ୍ଗରେ ୧୬, ପୁରୀରେ ୧୪, ପିପିଲିରେ ୬.୧, କୋଣାର୍କ ଏନ୍ଏସିରେ ୪ ଓ ସତ୍ୟବାଦୀରେ ୩ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି।

## ଶ୍ରୀମନ୍ଦିରକୁ ସ୍ପାଏ କ୍ୟାମେରା ନେଇ ଧରାପଡ଼ିଲେ ୩

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷା ବଳୟକୁ ଭେଦ କରି କିଛି ଭକ୍ତ ଶ୍ରୀମନ୍ଦିରକୁ ହିଡେନ କ୍ୟାମେରା ନେଇ ଯାଇଥିବା ଜଣାପଡ଼ିଛି। ଏହାକୁ ନେଇ ବିଭିନ୍ନ ମହଲରେ ଶ୍ରୀମନ୍ଦିର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଭିତରକୁ ବୁଧବାର ୩ଜଣ ଭକ୍ତ ହିଡେନ୍ କ୍ୟାମେରା ନେଇ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଦେଶର କୋଣଅନୁକୋଣରୁ ଭକ୍ତମାନେ ଶ୍ରୀମନ୍ଦିରକୁ ଆସୁଛନ୍ତି। ଫଳରେ ଏବେ ଶ୍ରୀମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ସମାଗମ ହେଉଛି। ଯାହାର ଫାଇଦା ନେବାକୁ ଚେଷ୍ଟା କରି କିଛି ଭକ୍ତ ଏପରି କାର୍ଯ୍ୟ କରିଥିବା ସୂଚନା ମିଳୁଛି। ଏପରି କାର୍ଯ୍ୟକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨ ଦିନରେ ଶ୍ରୀମନ୍ଦିର ଭିତରୁ ୩ଟି ହିଡେନ କ୍ୟାମେରା ପୋଲିସ ଜବତ କରିଛି। ଘଟଣାରେ ୩ଟି ମାମଲା ରୁଜୁ କରି ୩ ଭକ୍ତଙ୍କୁ ଗିରଫ ପରେ ନୋଟିସ ଦେଇ ଛାଡ଼ିଥିବା ଜଣାପଡ଼ିଛି। ମହାରାଷ୍ଟ୍ର ପୁନେର ରୋଶନ ଗୁଲାବ ଯାଦବ, ନୂଆଦିଲ୍ଲୀର ଜସ୍ମିତ ଚାୱାଲା ଓ ଅନ୍ୟଜଣେ ଭକ୍ତଙ୍କୁ ନୋଟିସ ଦେଇ ପୋଲିସ ଛାଡ଼ିଛି। ସୋମବାର ଜଣେ ବ୍ୟକ୍ତି ହିଡେନ୍ କ୍ୟାମେରା ନେଇ ଧରାପଡିଥିବା ବେଳେ ମଙ୍ଗଳବାର ୨ଜଣ ବ୍ୟକ୍ତି ଧରାପଡ଼ିଛନ୍ତି। ଏନେଇ କୌଣସି ସୂଚନା ପୋଲିସ ପକ୍ଷରୁ ମିଳିନାହିଁ।

## ଆମରଣ ଅନଶନ ପରେ ରାସ୍ତା ସୀମା ନିର୍ଦ୍ଧାରିତ



ଅସ୍ତରଙ୍ଗ,୨୯।୧୦(ମମତା ଜେନା)

କାକଟପୁର ବ୍ଲକ ଅଧୀନ ସୁହାଣପୁର ଗ୍ରାମ ପଞ୍ଚାୟତର ୮ ନମ୍ବର ୱାର୍ଡରେ ସରକାରୀ ରାସ୍ତା ନିର୍ମାଣ ପଦ୍ମ ଘୁଞ୍ଚିଲା ଭଳି ଘୁଞ୍ଚି ଘୁଞ୍ଚି ଯାଉଥିବାବେଳେ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଏହି ରାସ୍ତା ନିର୍ମାଣ ପାଇଁ ପ୍ଲଟ ନମ୍ବର ୧୧୪୨ରେ ସୀମା ନିର୍ଦ୍ଧାରଣ ପାଇଁ ଗ୍ରାମବାସୀ ବିଡିଓ ଏବଂ ତହସିଲଦାରଙ୍କୁ ଚିଠି ସଂଖ୍ୟା ୮୦୭ ଲେଖି ଅବଗତ କରାଇଥିଲେ ମଧ୍ୟ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏନେଇ ଗ୍ରାମବାସୀ ବୁଧବାର ତହସିଲ ଅଫିସ ଆଗରେ ଆମରଣ ଅନଶନରେ ବସିଥିଲେ। ମଲିକ ଏନାମୁଲଙ୍କ ନେତୃତ୍ୱରେ ମଲ୍ଲିକ ହନିଫ, ତସଲିମ ଖାନ, ବାବୁ ଖାନ, ରମୁଁ ଖାନ, ରସିଦ ଖାନ, ମୁସିଲମ ଖାନ, ମହମଦ ଶିରାଜ, ମଲ୍ଲିକ ଜାହିର, କାମରାନ ଖାନଙ୍କ ସମେତ ଶତାଧିକ ଗ୍ରାମବାସୀ

**ସରପଞ୍ଚ ପ୍ରାର୍ଥୀଙ୍କ ବୁଝାଶୁଝା ପରେ ଓହରିଥିଲେ ଗ୍ରାମବାସୀ**

ଆମରଣ ଅନଶନରେ ବସି ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ସରପଞ୍ଚ ପ୍ରାର୍ଥୀ ଯଶୋବନ୍ତ ନାରାୟଣ ମହାନ୍ତି ଓ ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅବଧୂତ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତହସିଲଦାର ଅଙ୍କିତା ଅନନ୍ଦିତାଙ୍କ ସହ ଆଲୋଚନା କରିବା ପରେ ଗ୍ରାମବାସୀ ଅନଶନରୁ ଓହରିଥିଲେ। ପରେ ତହସିଲଦାର ତୁରନ୍ତ ଅମିନ, ଆର୍ଆଇ ଓ ସୁହାଣପୁର ଗ୍ରାମ ପଞ୍ଚାୟତର ଅଧିକାରୀମାନଙ୍କୁ ନେଇ ରାସ୍ତାର ମାପ ଚୁପ୍ କରି ସୀମା ନିର୍ଦ୍ଧାରଣ କରିଥିଲେ। ଦୀର୍ଘ ଦିନର ସମସ୍ୟା ସମାଧାନ ହୋଇଥିବାରୁ ସରପଞ୍ଚ ପ୍ରାର୍ଥୀ ମହାନ୍ତିଙ୍କୁ ମଲ୍ଲିକ ଏନାମୁଲଙ୍କ ସମେତ ସୁହାଣପୁର ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି।

## ପୋଷାକରେ ମହାପ୍ରଭୁଙ୍କ ଚିତ୍ର, କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କୁ ଅପମାନ କଲାଭଳି ଘଟଣା ପୁଣି ଦୃଷ୍ଟିଗୋଚର ହୋଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଯିବା ସହ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି କରାଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସାରା ଜଗତର ନାଥ। ମହାପ୍ରଭୁଙ୍କ ଭକ୍ତ କୋଣଅନୁକୋଣରେ ରହି ମହାପ୍ରଭୁଙ୍କ ଗୁଣଗାନ କରିବା ସହ ପ୍ରଚାର ପ୍ରସାର କରୁଛନ୍ତି। ମାତ୍ର ଅନେକ ସମୟରେ ଦେଖିବାକୁ ମିଳୁଛି ପ୍ରଚାର ପ୍ରସାର ଆଳରେ ମହାପ୍ରଭୁଙ୍କୁ ଅପମାନ କରାଯାଉଛି। ମହାପ୍ରଭୁଙ୍କୁ ନେଇ ବିଭିନ୍ନ ଶାଢ଼ି ଓ ପୋଷାକରେ ଚିତ୍ର ଅଙ୍କାଯାଉଛି। ଫଳରେ ଏହା ମହାପ୍ରଭୁଙ୍କ ପ୍ରତି ଅପମାନ। ଗ୍ରାଫିକ୍ସ ସୂତ୍ର ଡଟ୍ କମ୍ ନାମକ ଏକ ୱେବ୍‌ସାଇଟରେ ମହାପ୍ରଭୁଙ୍କୁ ଅପାମାନ କଲାଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏକ ଡ୍ରେସର ତଳ ଭାଗରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ରହିଥିବା ଦେଖିବାକୁ ମିଳିଛି। ସେହିଭଳି ଆଉଏକ ୱେବ୍‌ସାଇଟ୍‌ରେ ଟସର ସିଲ୍କ ଶାଢ଼ିରେ ମଧ୍ୟ ମହାପ୍ରଭୁଙ୍କ ଚିତ୍ର ରହିଥିବା ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ ନାମ ଓ ଚିତ୍ରକୁ ନେଇ ମୋଟା ଅଙ୍କର ଅର୍ଥ ରୋଜଗାର କରିବାକୁ କିଛି ବ୍ୟକ୍ତିବିଶେଷ ପଛାଉନାହାନ୍ତି। ବିଶେଷକରି ସୋସିଆଲ ମିଡିଆରେ ଏଭଳି ଶାଢ଼ି ଓ ଡ୍ରେସ ଘୁରି ବୁଲୁଛି। ଏହାକୁ ନେଇ ସେବାୟତଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ଅନ୍‌ଲାଇନ ସଂସ୍ଥା ଉପରେ ନଜର ରଖିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏହା ପ୍ରଥମ ଘଟଣା ନୁହେଁ ପୂର୍ବରୁ କିଛିଦିନ ତଳେ ମଧୁବନୀ ଶାଢ଼ି ଧଡ଼ିରେ ମହାପ୍ରଭୁଙ୍କ ଚିତ୍ର ଦେଖିବାକୁ ମିଳିଥିଲା। ଏହି ହ୍ୟାଣ୍ଡମେଡ୍ ମଧୁବନୀ ପ୍ରିଣ୍ଟରେ ମହାପ୍ରଭୁଙ୍କ ଚିତ୍ର ଥିବା ଶାଢ଼ିର ଧଡ଼ି, ବ୍ଲାଉଜ ପଛଭାଗ, ଆଗପଟ, ଶାଢ଼ିର କାନି, ଝୁଲିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏହାକୁ ନେଇ ତୀବ୍ର ପତିକ୍ରିୟା ଦେଖାଯାଇଥିଲା। ଆଗକୁ ଯେପରି ଏପରି କାର୍ଯ୍ୟକୁ ରୋକାଯାଇପାରିବ, ସେଥିପାଇଁ ପ୍ରଶାସନ ଓ ସରକାର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

## ଶ୍ରୀମନ୍ଦିରରୁ ଲକ୍ଷ୍ମୀ ମୂର୍ତ୍ତି ଚୋରି, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରୁ ମା ଲକ୍ଷ୍ମୀଙ୍କ ପିତ୍ତଳ ପ୍ରତିମା ମୂର୍ତ୍ତି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଶ୍ରୀମନ୍ଦିର ବରିଷ୍ଠ ସେବାୟତ ଇପ୍‌ସିତ ପ୍ରତିହାରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପ୍ରତିହାରୀ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ଶ୍ରୀମନ୍ଦିର ଭୋଗ ମନ୍ଦିର ବାଟରେ ଥିବା ଶ୍ରୀନୃସିଂହ ମନ୍ଦିରରେ ଥିବା ଲକ୍ଷ୍ମୀ ମୂର୍ତ୍ତି ପ୍ରାୟ ୩ ମାସରୁ ଅଧିକ ସମୟ ହେବ ଚୋରି ହୋଇଛି। ଏ ପର୍ଯ୍ୟନ୍ତ ଏହି ମୂର୍ତ୍ତିର କୌଣସି ଖୋଜ ଖବର ନାହିଁ। ଅନୁସନ୍ଧାନ କରାଯାଇ ନ ଥିବାରୁ ତଦନ୍ତରେ ଶିଥିଳତା ଦେଖାଦେଇଛି। ଏ ଦିଗରେ ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଅନୁରୋଧ କରିଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରାଗଲେ ମା' ଲକ୍ଷ୍ମୀଙ୍କ ପିତ୍ତଳ ମୂର୍ତ୍ତି କେଉଁଠି ଅଛି, କିଏ ଚୋରି କରିଛି ତାହା ସ୍ପଷ୍ଟ ହେବ। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିହାରୀ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।



ପଞ୍ଚକରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ବ୍ୟାରିକେଡ୍ କରାଯାଉଛି।

## ଦୟାନିଧି ସଙ୍ଗୀତ ସୁଧାର ଭକ୍ତିସଙ୍ଗୀତ ପରିବେଷଣ

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

'ଦୟାନିଧି ସଙ୍ଗୀତ ସୁଧା'ର ଭକ୍ତିସଙ୍ଗୀତରେ କାର୍ତ୍ତିକ ହବିଷିଆଳି ଭାବବିହ୍ୱଳ ହୋଇଛନ୍ତି। ଶ୍ରୀକ୍ଷେତ୍ରରେ ଚଳିତବର୍ଷରେ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ଉଦ୍ୟମରେ କାର୍ତ୍ତିକ ବ୍ରତଚାରୀମାନଙ୍କ ନିମନ୍ତେ ହବିଷିଆଳି ଶିବିରର ସୁବନ୍ଦୋବସ୍ତ କରାଯାଇଛି। ଏହି ଅବସରରେ ବ୍ରତାଚାରୀମାନେ ରାଇଦାମୋଦର ବ୍ରତ ପାଳନ, ଜଗନ୍ନାଥ ଦର୍ଶନ ସହ ଭଜନ, କୀର୍ତ୍ତନ ପୁରାଣ ଶ୍ରବଣ କରି ନିଷ୍ଠାର ସହିତ ଦିନ କାଟୁଛନ୍ତି। ପୁରୀ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ହବିଷିଆଳି ଶିବିରରେ ଶ୍ରୀକ୍ଷେତ୍ରର ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ 'ଦୟାନିଧି ସଙ୍ଗୀତ ସୁଧା'ର କଣ୍ଠଶିଳ୍ପୀମାନେ ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତିସଙ୍ଗୀତ ପରିବେଷଣ କରି ଜଗନ୍ନାଥପ୍ରେମୀ, କାର୍ତ୍ତିକ ବ୍ରତାଚାରୀମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

## ଓଡ଼ିଶା ଲେଖିକା ସଂସଦର ସାଂଗଠନିକ ଆଲୋଚନା

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ଲେଖିକା ସଂସଦ, ପୁରୀ ଶାଖାର ତୃତୀୟ ଆସର ଓ ସାଂଗଠନିକ ଆଲୋଚନା ସ୍ଥାନୀୟ ଭକ୍ତ ସାଲବେଗ ସଭାଗୃହରେ ସାହିତ୍ୟିକା ବିଜୟଲକ୍ଷ୍ମୀ ଦାଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ କବି ପୂର୍ଣ୍ଣମାସୀ ଦେବୀ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବାବେଳେ ବରିଷ୍ଠ ଲେଖିକା ତଥା ଓଡ଼ିଶା ଲେଖିକା ସଂସଦ ପୁରୀ ଶାଖାର ପୂର୍ବତନ ଆବାହିକା ସୁବାସିନୀ ଧଳ, ବରିଷ୍ଠ ଲେଖିକା ରେଣୁବାଳା ଦଳାଇ, ପ୍ରିୟପତ୍ର ସମ୍ପାଦକ ବିପିନ ବିହାରୀ ଦଳାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନେ ସମାଜରେ ଅବହେଳିତ ନ ହୋଇ ସମାଜ ସୁଧାରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ସଭାକାର୍ଯ୍ୟ ପରେ ପରେ ପ୍ରବାସିନୀ ମିଶ୍ରଙ୍କ ସଂଯୋଜନାରେ ପ୍ରତିଭା ଦାଶ, ତୃପ୍ତି ପଣ୍ଡା, ରେଣୁବାଳା ଦଳାଇ, ସୁବାସିନୀ ଧଳ, ଅନ୍ନପୂର୍ଣ୍ଣା ଦେବୀ, ସରୋଜିନୀ ସାହୁ, ସତ୍ୟଭାମା ନାୟକ ସ୍ୱରଚିତ କବିତା ପାଠ କରିଥିଲେ।

## ଚାରିଛକକୁ ହ୍ୟାଟ୍ରିକ୍ ଚାମ୍ପିୟନ କରାଇଲା ଟ୍ରାକ୍ ଆଣ୍ଡ ଫିଲ୍ଡ



ଚାରିଛକ,୨୯।୧୦(ଶିଶିର କୁମାର ସ୍ୱାଇଁ)

ନିମାପଡ଼ା ବାରବାଟୀ ଷ୍ଟାଡିୟମ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ୍‌ର ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପ୍ରାୟ ୩୦୦ କ୍ରୀଡ଼ାବିତ୍ ଯୋଗଦେଇଥିଲେ। ଉକ୍ତ କ୍ରୀଡ଼ାରେ ଟ୍ରାକ୍ ଆଣ୍ଡ ଫିଲ୍ଡ କ୍ରୀଡ଼ା ପ୍ରଶିକ୍ଷକ କଳିଙ୍ଗ ପ୍ରସାଦ ନାୟକଙ୍କ ନେତୃତ୍ୱରେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଓରପଟ ଗ୍ରାମର ଆକାଶ କାଣ୍ଡି ୧୦୦ ମି, ୨୦୦ ମି, ୪୦୦ ମି, ୬୦୦ ମିରେ ସ୍ୱର୍ଣ୍ଣ ଜିତି ଚାମ୍ପିୟନ ହୋଇଛନ୍ତି ଏବଂ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଦଣ୍ଡିକିରା ଗ୍ରାମର ଅଜୟ ମଲିକଙ୍କ ଝିଅ ପୂଜା ମଲିକ ୨୦୦ ମିରେ ରୌପ୍ୟ ଏବଂ ୪୦୦ ମି, ୮୦୦ ମି, ୧୫୦୦ ମିରେ ସ୍ୱର୍ଣ୍ଣ ପଦକ ଜିତି ଚାମ୍ପିୟନ ହୋଇଛନ୍ତି। ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଭଇଁଚିଗୋଡ଼ି ଗ୍ରାମର ରାଜ ମଲିକ ୩ଟି ସ୍ୱର୍ଣ୍ଣ ଜିତି ଚାମ୍ପିୟନ ହୋଇଛନ୍ତି ଓ ୨ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ଜିତି ସୁମିତ୍ରା ପ୍ରଧାନ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଉପବିଜେତା ହୋଇଛନ୍ତି ଓ ଆମ୍ବର ଗ୍ରାମର ସୁଧୀର କାଣ୍ଡିଙ୍କ ଦୁଇଝିଅ ଶୁଭଶ୍ରୀ କାଣ୍ଡି ଓ ସଂଯୁକ୍ତା କାଣ୍ଡି ୨ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ଜିତି ୧୪ ବର୍ଷରୁ କମ୍ ବାଳିକା ବିଭାଗର ଉପବିଜେତା ହୋଇଛନ୍ତି। ଉକ୍ତ କ୍ରୀଡ଼ା ଶିକ୍ଷା ଅନୁଷ୍ଠାନରୁ ପ୍ରାୟ ୯ ଜଣ କ୍ରୀଡ଼ାବିତ୍ ଜିଲାସ୍ତରୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନୁଷ୍ଠାନର ଏହି ସଫଳତା ନିମନ୍ତେ ଟ୍ରାକ୍ ଆଣ୍ଡ ଫିଲ୍ଡର କ୍ରୀଡ଼ାବିତ୍ ଏବଂ ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DHARMAGARH
Email: rw_dharmagarh@yahoo.com
BID IDENTIFICATION NO.DMGH/Online-08 OF 2025-26, Dates: 24.10.2025

"e" PROCUREMENT NOTICE

No.O-1139: Bid documents consisting of Work, Estimate Cost, Cost of Tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in.**
1. Name of the Work : Road Works in the district of Kalahandi as mentioned in DTCN
2. Total No. of Works : 35 Nos.
3. Estimated Cost: Rs.12.71 lakhs to Rs.46.61 Lakhs
4. Period of Completion: 01 & 02 Calendar Month.
5. Other details:

| Availability of Tender online for bidding | | Last date & time seeking tender clarification | Date & Time of Opening of tender |
|---|---|---|---|
| From | To | | |
| 30.10.2025 At 10.00 AM | 10.11.2025 Upto 5.00 PM | 07.11.2025 Upto 5.00 PM | 11.11.2025 At 11.00 AM |

Further details can be seen from the website **www.tendersorissa.gov.in.**
Sd./- Superintending Engineer
Rural Works Division, Dharmagarh
OIPR-25100/11/0033/2526

GOVERNMENT OF ODISHA
OFFICE OF THE DIVISIONAL FOREST OFFICER
BAMRA WILDLIFE DIVISION, BAMRA, SAMBALPUR
At/P.O.: Bamra, Dist.: Sambalpur, E-mail: dfobmbwl004@gmail.com
BID IDENTIFICATION No. 1F-BMB/04/ Dt.28.10.2025 (Online)/2025-26
No. MM-254

E-Procurement Notice

No. 181 Dated: 28.10.2025

| | | | |
|---|---|---|---|
| | The Divisional Forest Officer, Bamra Wildlife Division, Bamra, Sambalpur on behalf of Governor of Odisha, invites Percentage Rate Bids in Single Cover System in ONLINE Mode. | | |
| 1. | No. of work (Project) | : | 3 (Three) Nos. |
| 2. | Estimated Cost | : | Rs.13,35,935/- to 25,21,058/- (Excluding 18% GST) |
| 3. | Tender Cost | : | Rs.6,000/- for each project |
| 4. | Class of Contractor | : | "D", "C" & "B" Class Contractors |
| 5. | Period of Completion | : | 03 (Three) Calendar Months (90 days) |
| 6. | Availability of bid document in the website | : | 18.00 hours of 30.10.2025 to 17.00 hours of 10.11.2025 |
| 7. | Date of Opening of Tenders | : | 11.30 hours on Dt.11.11.2025 |
| 8. | The bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the website said only. | | |

Sd./- Divisional Forest Officer
Bamra Wildlife Division
OIPR-08144/11/0009/2526

OFFICE OF THE
CHIEF DISTRICT MEDICAL & PUBLIC HEALTH OFFICER, PURI
NO. E-473
Grand Road, Medical Square, Puri, PIN No. - 752002
Phone No.: 06752-222124(O) & 232294 (C.S.) E Mail: cdspuri@gmail.com

Expression of Interest Notice

For Supply of Drugs & Medical Consumables on Discount Basis
No. 4819 Sub Store Puri Dated: 27.10.2025

| | | |
|---|---|---|
| Date of Publication of Bid document in website | : | Dt.28.10.2025 from 11.00 A.M. |
| Last date & time of receipt of bid documents | : | Dt.11.11.25 upto 11.00 A.M. |
| Date & time of opening of Tender (Cover-A) | : | Dt.11.11.25 at 12.00 Noon |
| Venue | : | Officer Chamber of CDM & PHO, Puri |

"For details regarding this tender call notice please visit the website **www.puri.nic.in** or contact office of the undersigned during the office hour in all working days".
Sd./- Chief District Medical & Public Health Officer, Puri
OIPR-10021/11/0025/2526

GOVERNMENT OF ODISHA
No.A-795
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, KANDHAMAL
e-Procurement Notice
Bid Identification No.-08/2025-26
Letter No. 2437 Date : 25.10.2025

| | |
|---|---|
| Name of work | Improvement to M.I. Projects under Critical Grant and DPIW scheme for 2025-26. |
| No. Works | 10 (ten) Nos. |
| Estimated Cost | from Rs.8.11 lakh to Rs.24.52 lakh Approximately |
| Tender paper cost | Rs.4000 & Rs.6000.00 (Non-refundable) |
| Period of Completion | 90 (ninety days) only. |
| Availability of Bid documents | From 10.00 A.M. of 01.11.2025 to 17.30 hrs of 10.11.2025 in website (www.tendersodisha.gov.in) |
| Time of receipt of bid through on line | From 10.00 A.M. of 01.11.2025 to 17.30 hrs of 10.11.2025 through online |
| Date of opening of bid documents | At 11.00 hrs of 11.11.2025 in the O/o S.E., M.I. Division, Kandhamal, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |
| The detail tender call notice can also be seen in the DOWR website http/dowrorissa.gov.in | |
| Name & Address of the OIT | Superintending Engineer, M.I. Division, Kandhamal, Phulbani, At/PO : Phulbani. PS : Phulbani Town, Dist. : Kandhamal, E-mail : kmidplb@gmail.com |
| Further details can be seen from the e-Procurement market place http//www.tendersodisha.gov.in | |

Sd./- (Er.Surjya Narayana Panigrahi)
Superintending Engineer
M.I.Division, Kandhamal
OIPR-32040/11/0013/2526

# ୧୧୪ ପରୀକ୍ଷାର୍ଥୀଙ୍କୁ ସର୍ତ୍ତମୂଳକ ଜାମିନ

ବ୍ରହ୍ମପୁର,୨୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣା**

ପୋଲିସ ସବ୍ ଇନ୍ସପେକ୍ଟର (ଏସ୍‌ଆଇ) ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ୧୧୪ଜଣ ପରୀକ୍ଷାର୍ଥୀ (ଚାକିରି ଆଶାୟୀ)ଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ମିଳିଛି। ପ୍ରତ୍ୟେକ ୨ ଜଣ ଲେଖାଏ ଜାମିନଦାର ଓ ୫୦ ହଜାର ଟଙ୍କା ବେଲ ବଣ୍ଡ ଦେଇ ଜାମିନରେ ଯିବେ ବୋଲି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ନିର୍ଦ୍ଦେଶ ଦେଇଛନ୍ତି। ଜାମିନ୍ ପାଇଥିବା ପରୀକ୍ଷା ଆଶାୟୀମାନେ ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତରେ ସହଯୋଗ କରିବେ, ମାମଲାର ସାକ୍ଷୀମାନଙ୍କୁ ଧମକ ଦେବେ ନାହିଁ ଓ ଏଭଳି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିବେ ନାହିଁ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ କାରଣକୁ ନେଇ ଜଜ୍ ୭ ଜଣ ଦଲାଲଙ୍କ ଜାମିନ ଖାରଜ କରିଦେଇଥିବା ଏପିପି ରଜତ କୁମାର ଦାଶ କହିଛନ୍ତି। କୋର୍ଟ ଓ ଜେଲ ବାହାରେ ଜାମିନ ପାଇଥିବା ପରୀକ୍ଷାର୍ଥୀଙ୍କ ପରିବାର ଲୋକଙ୍କ ଭିଡ଼ ଦେଖାଯାଇଥିଲା।

ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଦ୍ୱାରା ଏସ୍‌ଆଇ ପରୀକ୍ଷା ହୋଇଥାନ୍ତା। ତେବେ ପରୀକ୍ଷା ପୂର୍ବରୁ ଗୁପ୍ତ ସୂଚନା ଆଧାରରେ ଏକ ବଡ଼ ଜାଲିଆତି ଧରାପଡ଼ିଥିଲା। ଗତ ସେପ୍ଟେମ୍ବର ୨୯ ତାରିଖ ରାତିରେ ବ୍ରହ୍ମପୁର ପୋଲିସ ଆନ୍ଧ୍ରପ୍ରଦେଶ ଯାଉଥିବା ୩ଟି ଏସି ସ୍ଲିପର୍ ବସ୍‌କୁ ପିଛା କରିଥିଲା। ବ୍ରହ୍ମପୁର ଏସ୍‌ପି ଡ଼ା . ସର୍ବଣା ବିବେକ ଏମ୍.ଙ୍କ ନେତୃତ୍ୱରେ ୩ଟି ଟିମ୍ ଶ୍ରୀକାକୁଲମରେ ପହଞ୍ଚି ବସ୍‌ଗୁଡିକ ସହ ସେଥିରେ ଥିବା ୧୧୭ ଜଣଙ୍କୁ ବ୍ରହ୍ମପୁର ନେଇ ଆସିଥିଲା। ଯାଞ୍ଚରୁ ଜଣାପଡ଼ିଥିଲା ଯେ, ୧୧୭ ଜଣଙ୍କ ମଧ୍ୟରୁ ୧୧୪ ଜଣ ଏସ୍‌ଆଇ ପରୀକ୍ଷା ପାଇଁ ଆବେଦନ କରିଥିଲେ। ପ୍ରଶ୍ନପତ୍ର ପାଇଁ ସେମାନେ ଭୁବନେଶ୍ୱରରୁ ବସ୍‌ରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଯାଉଥିଲେ। ସେଠାରେ ଗୁପ୍ତଭାବରେ ପ୍ରଶ୍ନପତ୍ର ପାଇବା ପରେ ଭୁବନେଶ୍ୱରକୁ ଫେରି ପରୀକ୍ଷାରେ ବସିବାକୁ ଯୋଜନା ଥିଲା। ପ୍ରତି ପ୍ରାର୍ଥୀ ୨୫ ଲକ୍ଷ ଟଙ୍କା ଦେବାକୁ ଚୁକ୍ତି କରିଥିଲେ। ପ୍ରଥମେ ୧୦ ଲକ୍ଷ ଏବଂ ଚାକିରି ନିଶ୍ଚିତ ହେଲେ ଆଉ ୧୫ ଲକ୍ଷ ଦେଇଥାନ୍ତେ। ତେବେ ତାହା ପୂର୍ବରୁ ପୋଲିସ ଉକ୍ତ ଜାଲିଆତିର ପର୍ଦ୍ଦାଫାଶ କରିଥିଲା। ପରେ ଉକ୍ତ ମାମଲା କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା।

# ୨୪ ଘଣ୍ଟାରେ ମାଲକାନଗିରି ଜିଲ୍ଲାରୁ ୧୭ କୋଟିର ଗଞ୍ଜେଇ ଜବତ

ମାଲକାନଗିରି,୨୯।୧୦(ଦୁର୍ଯ୍ୟୋଧନ ପାତ୍ର)



ଓର୍କେଲ ଥାନା ଅଞ୍ଚଳରେ ଏକ କଣ୍ଟେନରରୁ ଗଞ୍ଜେଇ ଜବତ କରାଯାଇଛି।

ମାଲକାନଗିରି ଜିଲ୍ଲାର ୩ ଥାନା ଅଞ୍ଚଳରୁ ୨୪ ଘଣ୍ଟା ମଧ୍ୟରେ ୧୬୬୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ମାଲକାନଗିରି ପୋଲିସ ଏଥିରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ବୁଧବାର ଗିରଫ କରିଛି। ମଙ୍ଗଳବାର ସନ୍ଧ୍ୟାରେ ଓର୍କେଲ ଥାନା ଅଞ୍ଚଳରୁ ଏକ କଣ୍ଟେନରରୁ ପୋଲିସ ୭୭୦ କେଜି ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଥିଲା। ସେହିପରି ବୁଧବାର ଚିତ୍ରକୋଣ୍ଡା ଥାନା ଅଞ୍ଚଳରୁ ୬୪୦ କେଜି ଏବଂ କାଲିମେଲା ଥାନା ଅଞ୍ଚଳରୁ ୨୫୦ କେଜି ଗଞ୍ଜେଇ ଜବତ କରିଛି। ଏହି ୩ଟି ସ୍ଥାନରୁ ମୋଟ ୧୬୬୦ କେଜି ଗଞ୍ଜେଇ ଜବତ ହୋଇଛି। ଏହାର ଆନ୍ତର୍ଜାତିକ ମୂଲ୍ୟ ପ୍ରାୟ ୧୭ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ମାଲକାନଗିରି ଜିଲ୍ଲାରେ ଗଞ୍ଜେଇ ଚାଷ ମୂଳପୋଛ କରାଯିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ଜିଏସ୍‌ଟି ଅଧିକାରୀ

ବଲାଙ୍ଗୀର/ ଟିଟିଲାଗଡ଼,୨୯।୧୦
(ବୀରେନ୍ଦ୍ର ଝାଙ୍କର/ଶରତ ମିଶ୍ର)



ଗିରଫ ଉମାକାନ୍ତ ମହାକୁର

ଟିଟିଲାଗଡ଼ ସିଟି ଆଣ୍ଡ ଜିଏସ୍‌ଟି ବିଭାଗ ଅଧିକାରୀ ଉମାକାନ୍ତ ମହାକୁର ଜଣେ ବ୍ୟବସାୟୀଙ୍କ ଠାରୁ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପ୍ରକାଶ ଯେ, ବ୍ୟବସାୟୀ ରମେଶ ବସ୍ତିଆଙ୍କୁ ୨୩ ହଜାର ୬ ଶହ ଟଙ୍କା ଜରିମାନା କରାଯାଇଥିଲା। ଏହାକୁ କମାଇ ୭୫୦୦ ଟଙ୍କା କରିଦେବା ପାଇଁ ଅଧିକାରୀ ଜଣକ ୧୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଫଳରେ ରମେଶ ବଲାଙ୍ଗୀର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଅପରାହ୍ନରେ ମହାକୁର ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ନିଜ କାର୍ଯ୍ୟାଳୟରେ ଲାଞ୍ଚ ଟଙ୍କା ଗ୍ରହଣ ସମୟରେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଥିଲେ। ଏନେଇ ଟିଟିଲାଗଡ଼ ସମେତ ଅଧିକାରୀଙ୍କ ବଲାଙ୍ଗୀର ଗାନ୍ଧୀନଗରସ୍ଥିତ ଘରେ ମଧ୍ୟ ଭିଜିଲାନ୍ସ ବିଭାଗର ଚଢ଼ାଉ ଜାରି ରହିଛି। ଏହି ଚଢାଉରେ ବଲାଙ୍ଗୀର, ସୋନପୁର ଓ ସମ୍ବଲପୁରର ଭିଜିଲାନ୍ସ ଟିମ୍ ସାମିଲ ହୋଇଛନ୍ତି।

# ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ୨ ବର୍ଷ ଜେଲ, ଲକ୍ଷେ ଜରିମାନା

ଭୁବନେଶ୍ୱର,୨୯।୧୦(ସତ୍ୟଜିତ୍ ରାଉତ)

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର ରଘୁନାଥ ମଲ୍ଲିକ ୨୧ ବର୍ଷ ପରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବୁଧବାର ଏହି ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ରଘୁନାଥଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ଲକ୍ଷେ ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ଜରିମାନା ଅନାଦେୟ କ୍ଷେତ୍ରରେ ତାଙ୍କୁ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ସ୍ୱତନ୍ତ୍ର ବିଚାରପତି ଅସୀମ ଦଳବେହେରା ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ୨୦୦୩ ଜୁଲାଇ ୩ ଓ ୪ରେ ରଘୁନାଥଙ୍କ ଘର ଏବଂ ଅଫିସ୍ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ସମୟରେ ତାଙ୍କ ଘରୁ ୬୬ ହଜାର ନଗଦ ଟଙ୍କା, ସୁନାଅଳଙ୍କାର, ମୂଲ୍ୟବାନ୍ ଆସବାବପତ୍ର ଏବଂ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏନେଇ ୨୦୦୪ ମାର୍ଚ୍ଚ ୩୧ରେ ଭୁବନେଶ୍ୱର ଭିଜିଲାନ୍ସ ଥାନା ପକ୍ଷରୁ ରଘୁନାଥଙ୍କ ନାମରେ ମାମଲା (ନଂ.୮/୨୦୦୪) ରୁଜୁ କରାଯାଇଥିଲା। ପରେ ତଦନ୍ତ କରାଯାଇ ଏହି ମାମଲାର ଚାର୍ଜଶିଟ୍ ଦାଖଲ ହୋଇଥିଲା। ରଘୁନାଥ ୪୦ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଥିଲା। ଶୁଣାଣି ବେଳେ ୪୬ଜଣ ସାକ୍ଷୀଙ୍କ ବୟାନ ଓ ୭୪ଟି ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ ଚନ୍ଦ୍ରକାନ୍ତ ଦାସ ଓ ଗିରିଜା ପଟ୍ଟନାୟକ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ। ତେବେ ଏହି ଦଣ୍ଡାଦେଶ ଆଧାରରେ ରଘୁନାଥଙ୍କ ପେନ୍‌ସନ୍ ବନ୍ଦ କରିବାକୁ ଭିଜିଲାନ୍ସ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ମହିଳା ଏଜେଣ୍ଟଙ୍କଠାରୁ ୧୩ ଲକ୍ଷ ଟଙ୍କା ଜବତ

ସମ୍ବଲପୁର, ୨୯।୧୦(ପ୍ରମୋଦ ବହିଦାର)

**ଏସ୍‌ଏମ୍‌ସିରେ ନକଲି ନିଯୁକ୍ତି କେଲେଙ୍କାରୀ**

**୫ ମହିଳାଙ୍କ ସହିତ ୧୮ ଏଜେଣ୍ଟ ଅଟକ**

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)ରେ ନକଲି ନିଯୁକ୍ତି କେଲେଙ୍କାରୀ ମାମଲାରେ ବୁର୍ଲା ପୋଲିସ ବୁଧବାର ଜଣେ ମହିଳା ଏଜେଣ୍ଟ କମ୍ ସୁପରଭାଇଜରଙ୍କୁ ଅଟକ ରଖିଛି। ସେ ହେଲେ ଟିପିଲିମା ଚାରପାଲିର ଭାଗ୍ୟଶ୍ରୀ ମହାନନ୍ଦ। ତାଙ୍କଠାରୁ ୧୩ ଲକ୍ଷ ଟଙ୍କା ଜବତ କରାଯାଇଛି। ଏ ସମ୍ପର୍କିତ କେତେକ କାଗଜପତ୍ର, କେତେଜଣ ଚାକିରିଆଶାୟୀଙ୍କ ଫଟୋ, ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ ଜବତ ହୋଇଛି। ଏଥିସହ ଟିପିଲିମା, ଧମା, ସମ୍ବଲପୁର ଆଦି ସ୍ଥାନରୁ ଅନ୍ୟ ୧୭ଜଣ ଏଜେଣ୍ଟ ଓ ସୁପରଭାଇଜରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି ବୋଲି ବୁଧବାର ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି।

ଏସ୍‌ପି ଭାମୁଙ୍କ ସଚନା ଅନୁସାରେ ଏସ୍‌ଏମ୍‌ସିରେ ମିଛ ନିଯୁକ୍ତି ଦେଇ ବରଗଡ଼, ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲ୍ଲାର ଚାକିରି ଆଶାୟୀଙ୍କଠାରୁ ଟଙ୍କା ଆଦାୟ ଘଟଣାରେ ଗତ ୨୩ ତାରିଖରେ ଗିରଫ ହୋଇଥିବା ରାହୁଲ ଓରଫ ସମ୍ରାଟ ରାୟ(୩୨)ହିଁ ଏହି କେଲେଙ୍କାରୀର ମୁଖ୍ୟ ଅଭିଯୁକ୍ତ। ଏସ୍‌ଏମ୍‌ସି ସହିତ ମିଛରେ ଅନୁବନ୍ଧିତ ଆର୍‌ଏମ୍‌ଏଏକ୍ସ ନାମକ ଏକ ନକଲି ସଂସ୍ଥା ନାମରେ ଆଶାୟୀଙ୍କୁ ଦୈନିକ ୪୦୦ ଟଙ୍କାର ଚାକିରି ପ୍ରଲୋଭନ ଦେଖାଇ ଜଣକା ୧୨ ହଜାର ଟଙ୍କା ଆଦାୟ କରାଯାଇଥିଲା। ତେବେ ଗତ ସୋମବାର ରାହୁଲଙ୍କୁ ପୋଲିସ ରିମାଣ୍ଡରେ ନେଇ ଜେରା କରିବା ପରେ ସେ ନିଜେ ହିଁ ମୁଖ୍ୟ ଓ ସୌମ୍ୟ ସାହୁ ବୋଲି ଯାହାକୁ ସେ ସଂସ୍ଥାର ମାଲିକ ବୋଲି କହୁଥିଲେ ତାହା ଏକ ଛଦ୍ମନାମ ବୋଲି ସ୍ୱୀକାର କରିଛନ୍ତି। ଯାଞ୍ଚବେଳେ ସେ ତାଙ୍କ ବାପାଙ୍କ ମୋବାଇଲ ନମ୍ବର ଛଦ୍ମନାମ ସୌମ୍ୟ ସାହୁ ପାଇଁ ବ୍ୟବହାର କରୁଥିଲେ ବୋଲି ଏସ୍‌ପି କହିଛନ୍ତି। ଏହି ନକଲି ସଂସ୍ଥା ନାମରେ ଆଶାୟୀଙ୍କଠାରୁ ଟଙ୍କା ଅଦାୟରେ ସେ ଓ ତାଙ୍କ ସହଯୋଗୀ ଭାବେ ପଦ୍ମାବତୀ ତାଣ୍ଡି ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିଲେ। ଅପରପକ୍ଷରେ ଏହି ସଂସ୍ଥା ପାଇଁ ଏଜେଣ୍ଟ ଓ ସୁପରଭାଇଜର ଭାବେ କାର୍ଯ୍ୟ କରି ମିଛ ଚାକିରିର ପ୍ରଲୋଭନରେ ଭାଗ୍ୟଶ୍ରୀ ଆଦାୟ କରିଥିବା ପ୍ରାୟ ୧୩ ଲକ୍ଷ ଟଙ୍କାକୁ ପୋଲିସ ଜବତ କରିଛି। ତେବେ ସେ ସଫେଇ କାର୍ଯ୍ୟ ନ କରି କେବଳ ଫଟୋ ଉଠାଇ ଅପ୍‌ଲୋଡ୍ କରି ଅନ୍ୟ ଆଶାୟୀଙ୍କ ବିଶ୍ୱାସଭାଜନ ହେବାରେ ସକ୍ଷମ ହେଉଥିଲେ ବୋଲି ଏସ୍‌ପି କହିଛନ୍ତି।

# ମହାରାଷ୍ଟ୍ର ସୋଲାପୁରରୁ ନାବାଳିକା ଉଦ୍ଧାର, ଯୁବକ ଗିରଫ

ରାଜନଗର,୨୯।୧୦(ଭାସ୍କର ରାଉତରାୟ

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ଅପହୃତା ନାବାଳିକାଙ୍କୁ ମହାରାଷ୍ଟ୍ରର ସୋଲାପୁରରୁ ଉଦ୍ଧାର କରାଯିବା ସହିତ ଅପହରଣ କରିଥିବା ଯୁବକଙ୍କୁ ତାଲଚୁଆ ସାମୁଦ୍ରିକ ଥାନା ପୋଲିସ ଗିରଫ କରିଛି । ଗିରଫ ଯୁବକ ହେଲେ ବାଲେଶ୍ୱର ଅଞ୍ଚଳର ସୌରଭ ଦାସ। ସୂଚନାଯୋଗ୍ୟ, ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଗତ ମେ ୨୪ ରେ ଅପହରଣ କରାଯାଇଥିଲା। ସୌରଭ ତାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା( ନଂ. ୫୯ /୨୫) ରୁଜୁ କରିଥିଲା। ସୌରଭ ଉକ୍ତ ନାବାଳିକାଙ୍କୁ ନେଇ ମହାରାଷ୍ଟ୍ର ସୋଲାପୁର ଅଞ୍ଚଳରେ ରଖିଥିଲେ। ପୋଲିସ ସୂଚନା ପାଇ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରିଥିଲା। ନାବାଳିକାଙ୍କୁ ତାଙ୍କ ମା' ଙ୍କୁ ଜିମା ଦିଆଯାଇଛି।

# ସ୍କୁଟି ଡିକି ଭାଙ୍ଗି ଲୁଟି ନେଲେ ୧୦ ଲକ୍ଷ

ମଙ୍ଗୁଳି-ଜଗତପୁର,୨୯।୧୦ (ମାନସ ସାମଲ)

କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ୪ଜଣ ଦୁର୍ବୃତ୍ତ ସ୍କୁଟି ଡିକି ଭାଙ୍ଗି ୧୦ ଲକ୍ଷ ଟଙ୍କା ଲୁଟ କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ବୁଧବାର ଅପରାହ୍ନରେ ଟାଙ୍ଗୀ ଥାନା ଅଧୀନ ନପଙ୍ଗ ପଞ୍ଚାୟତ କୋରକୋର ଗ୍ରାମର ରବୀନ୍ଦ୍ର ତ୍ରିପାଠୀ ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଛକ ନିକଟ ଏକ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ପରେ ସେ ଆସି ଘର ସମ୍ମୁଖରେ ସ୍କୁଟିକୁ ଛିଡା କରିଥିଲେ। ଏହି ସମୟରେ ରବୀନ୍ଦ୍ରଙ୍କ ମୋବାଇଲକୁ ଏକ ଫୋନ କଲ ଆସିଥିଲା। ରବୀନ୍ଦ୍ର ମୋବାଇଲରେ କଥାହୋଇ ଅନ୍ୟ ମନସ୍କରେ ଡିକିରୁ ଟଙ୍କା ବାହାର ନ କରି ଘର ଭିତରକୁ ଚାଲି ଯାଇଥିଲେ। ହଠାତ୍ ଦୁଇଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ସ୍କୁଟି ଡିକି ଭାଙ୍ଗି ଟଙ୍କା ନେଇ ବାଇକ୍‌ରେ ଫେରାର ହୋଇଯାଇଥିଲେ। ରବୀନ୍ଦ୍ର ଏ ସମ୍ପର୍କରେ ଟାଙ୍ଗୀ ଥାନାକୁ ଖବର ଦେବା ପରେ ପୋଲିସ ବ୍ୟାଙ୍କର ଲାଗିଥିବା ସିସିଟିଭି ଯାଞ୍ଚ କରୁଛି। ଟାଙ୍ଗୀ ଥାନା ଇନଚାର୍ଜଙ୍କୁ ପଚାରିବାରୁ ୧୦ ଲକ୍ଷ ଟଙ୍କା ଲୁଟ ଅଭିଯୋଗ ଆସିଛି, ଯାଞ୍ଚ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି କହିଥିଲେ।

## Business

# ସ୍ଥାୟୀ ବାଣିଜ୍ୟ ବୃଦ୍ଧିରେ ଜଳପଥର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୯।୧୦(ଅନୁରାଧା ମହାରଣା)




ମୁମ୍ବାଇରେ ଚାଲିଥିବା ମାରିଟାଇମ ୱିକ୍ ୨୦୨୫ରେ ଓଡ଼ିଶା ସରକାର ସ୍ଥାୟୀ ଏବଂ ସମ୍ପୃକ୍ତ ପରିବହନ ବିକାଶର ଆଗାମୀ ଦୃଷ୍ଟିକୋଣ ପ୍ରଦର୍ଶନ କରିଛନ୍ତି। 'ନେଭିଗେଟିଂ ଗ୍ରୋଥ୍: ଇନ୍‌ଲାଣ୍ଡ୍ ୱାଟରୱେଜ୍ ଇନ୍ ଦି ଫୋର୍ ଫ୍ରଣ୍ଟ ଅଫ୍ ଫ୍ୟୁଚର ଟ୍ରାନ୍ସପୋର୍ଟ ଆଣ୍ଡ୍ ଲଜିଷ୍ଟିକ୍' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣକରି ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଓଡ଼ିଶାର ଆଭ୍ୟନ୍ତରୀଣ ଏବଂ ଉପକୂଳ ଜଳପଥକୁ ସଂଯୋଗକୁ ସୁଦୃଢ଼ କରିବା ପାଇଁ ରାଜ୍ୟର ସକ୍ରିୟ ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅଧିବେଶନରେ ଭାରତର ଆଭ୍ୟନ୍ତରୀଣ ଜଳପଥକୁ ଏକ ସ୍ୱଳ୍ପ ବ୍ୟୟ, ଦକ୍ଷ ଏବଂ ପରିବେଶ ପ୍ରତି ଉତ୍ତରଦାୟୀ ମାଲ ପରିବହନର ମାଧ୍ୟମ ଭାବେ ପୁନରୁଦ୍ଧାର ଏବଂ ଆଧୁନିକୀକରଣ ଉପରେ ବିଚାରବିମର୍ଶ କରାଯାଇଥିଲା। ଏହି ଆଲୋଚନାରେ ଉପକୂଳ-ଆଭ୍ୟନ୍ତରୀଣ ସଂଯୋଗ, ବହୁମୁଖୀ ସମନ୍ୱୟ, ଦୂରଗାମୀ ମାଲ ପରିବହନ ଏବଂ ବ୍ୟୟ ପ୍ରତିଦ୍ୱନ୍ଦ୍ୱିତା, ଆଭ୍ୟନ୍ତରୀଣ ଜଳ ପରିବହନ (ଆଇଡବ୍ଲ୍ୟୁଟି)କୁ ଭବିଷ୍ୟତର ଲଜିଷ୍ଟିକ୍ସ ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନୀଳ ସାମୁଦ୍ରିକ ଭିତ୍ତିଭୂମିର ବିକାଶ ଏବଂ ବନ୍ଦର, ନଦୀ ଏବଂ ଶିଳ୍ପ ସମୂହକୁ ସଂଯୋଗ କରୁଥିବା ବହୁମୁଖୀ ଲଜିଷ୍ଟିକ୍ସ ହବ୍ ପ୍ରତିଷ୍ଠା ପାଇଁ ଓଡ଼ିଶାର ରଣନୈତିକ ରୋଡ୍‌ମ୍ୟାପ୍‌କୁ ପାଢ଼ୀ ରେଖାଙ୍କିତ କରିଥିଲେ। ଗତିଶୀଳ ଅର୍ଥବ୍ୟବସ୍ଥା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ନୀତି ସହ ଯୋଡ଼ିହୋଇ ସରକାରୀ-ଘରୋଇ ଭାଗୀଦାରି, ସ୍ମାର୍ଟ ଲଜିଷ୍ଟିକ୍ସ ସମାଧାନ ଏବଂ ସବୁଜ ପରିବହନ ପଦକ୍ଷେପ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ୟାନେଲ ଆଇଡବ୍ଲ୍ୟୁଟିରେ ଶିଳ୍ପ ଅଂଶଗ୍ରହଣକୁ ତ୍ୱରାନ୍ୱିତ କରିବା, ସୀମା ଶୁଳ୍କ ଏବଂ କାର୍ଗୋ ପରିଚାଳନା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଏବଂ ଦକ୍ଷ ପରିଚାଳନା ପାଇଁ ମାନକୀକୃତ ଜାହାଜ ଡିଜାଇନକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ଏବଂ ନିୟାମକ ସଂସ୍କାରକୁ ମଧ୍ୟ ଅନୁଧ୍ୟାନ କରିଥିଲା। 'ଜଳପଥ ଏବଂ ଗତିଶୀଳ ଅର୍ଥବ୍ୟବସ୍ଥାର ପୁନରୁଦ୍ଧାର ଉପରେ ଏକ ବିଷୟଗତ ବିଭାଗ ଅବ୍ୟବହୃତ ନଦୀ ମାର୍ଗଗୁଡ଼ିକର ପୁନରୁଦ୍ଧାର ଏବଂ ନଦୀ ପରିବହନରେ ବର୍ଜ୍ୟବସ୍ତୁରୁ-ମୂଲ୍ୟ ମଡେଲକୁ ସମନ୍ୱିତ କରିବାର ସୁଯୋଗ ଉପରେ ଆଲୋକପାତ କରିଥିଲା। ପ୍ୟାନେଲରେ ଅନ୍ୟମାନଙ୍କ ମଧ୍ୟରେ ଆଇଡବ୍ଲ୍ୟୁଏଆଇର ଅଧ୍ୟକ୍ଷ ସୁନୀଲ କୁମାର ସିଂହ, ଆଇସି ଆଡବ୍ଲ୍ୟୁଏଆଇର ଅଧ୍ୟକ୍ଷ ହ୍ୟାରି ଡି ଲେଇଜର, ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ପ୍ରଣବ ଝା, ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡ ଅଲଟ୍ରାଟେକ ପୋର୍ଟସ ଆଣ୍ଡ ସିପିଂର ଏଭିପି ପ୍ରିୟରଞ୍ଜନ ବେହେରା, ଷ୍ଟାର ସିମେଣ୍ଟର ସିଓଓ ପ୍ରଦୀପ ପୁରୋହିତ, ରେନସ ଲଜିଷ୍ଟିକ୍ସର ଭାରତର ଆଞ୍ଚଳିକ ସିଇଓ ବିବେକ ଆର୍ଯ୍ୟ ଏବଂ ଆସାମ ପେଟ୍ରୋକେମିକାଲ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରଜନୀଶ ଗୋଗୋଇ ଉପସ୍ଥିତ ଥିଲେ।

# ଏନ୍‌ଏମ୍‌ଡିସିର ଉତ୍ପାଦନ ଓ ରାଜସ୍ୱ ବୃଦ୍ଧି

ଭୁବନେଶ୍ୱର,୨୯।୧୦

ଏନ୍‌ଏମ୍‌ଡିସିର ଆର୍ଥିକ ବର୍ଷର ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ପ୍ରକାଶ ପାଇଛି। ଏଥିରୁ ମିଳିଥିବା ତଥ୍ୟ ଅନୁସାରେ ଏହି ସମୟ ଅବଧି ମଧ୍ୟରେ କମ୍ପାନୀ ସର୍ବୋଚ୍ଚ ଉତ୍ପାଦନ ଏବଂ ବିକ୍ରୟ ପରିମାଣ ସହ ପ୍ରମୁଖ ବିତ୍ତୀୟ ସୂଚକଗୁଡ଼ିକରେ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛି। ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଉତ୍ପାଦନ ୧୦.୨୧ ମିଲିୟନ ଟନ ରହିଛି, ଯାହା ପୂର୍ବ ବର୍ଷର ଏହି ଅବଧିରୁ ୨୩% ଅଧିକ ଏବଂ ବିକ୍ରୟ ୧୦.୭୨ ମିଲିୟନ ଟନ୍‌ରେ ପହଞ୍ଚିଛି, ଯାହା ବର୍ଷ ୨୦୨୫ର ଦ୍ୱିତୀୟ ତ୍ରୈମାସିକରୁ ୧୦% ଅଧିକ। ଏନ୍‌ଏମ୍‌ଡିସିର ରାଜସ୍ୱ ୩୦% ବୃଦ୍ଧି ସହ ୬,୨୬୧ କୋଟି ଟଙ୍କା, କର-ପୂର୍ବ ଲାଭ ୩୫% ବୃଦ୍ଧି ସହ ୨,୨୭୧ କୋଟି ଟଙ୍କା ଏବଂ କର-ପରବର୍ତ୍ତୀ ଲାଭ ୩୩% ବୃଦ୍ଧି ସହ ୧,୬୯୪ କୋଟି ଟଙ୍କା ହୋଇଛି। ଏବିଆଇଟିଡିଏ ୩୨% ବୃଦ୍ଧି ସହ ୨,୩୮୫ କୋଟି ଟଙ୍କା ହୋଇଛି। ଏନ୍‌ଏମ୍‌ଡିସିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଅମିତାଭ ମୁଖାର୍ଜୀ ଏହି ଅବସରରେ କହିଛନ୍ତି, ଉକ୍ତ ତ୍ରୈମାସିକରେ ରେକର୍ଡ ଉତ୍ପାଦନ, ରେକର୍ଡ ବିକ୍ରୟ ଏହାସବୁ ଆମର ଐତିହାସିକ ବିଶ୍ୱସ୍ତତାର ସୂଚକ।

# ପିଏନ୍‌ବିର ସତର୍କତା ସଚେତନତା ସପ୍ତାହ ପାଳନ




ଭୁବନେଶ୍ୱର,୨୯।୧୦ (ଅନୁରାଧା ମହାରଣା)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ୨୦୨୫ ପାଳନ କରାଯାଉଛି। ଏହି ଅବସରରେ କର୍ମଚାରୀ ଏବଂ ନାଗରିକଙ୍କ ମଧ୍ୟରେ ସଚ୍ଚୋଟତା, ସ୍ୱାସ୍ଥ୍ୟ ଏବଂ ସାମାଜିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଏକ ୱାକାଥନ୍, ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ସମେତ ଅନେକ ଜନକଲ୍ୟାଣ ଏବଂ ସଚେତନତା କାର୍ଯ୍ୟକଳାପ କରାଯାଇଛି। ଏହି ବର୍ଷର ସଚେତନତା ସପ୍ତାହର ବିଷୟବସ୍ତୁ 'ସତର୍କତା : ଆମର ସହଭାଗୀ ଦାୟିତ୍ୱ'କୁ ନେଇ ଅନୁଷ୍ଠିତ ୱାକାଥନରେ ପିଏନ୍‌ବିର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ପିଜିଆଇଏମ୍‌ଇଆର୍ ଏବଂ କ୍ୟାପିଟାଲ ହସ୍ପିଟାଲ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ସହାୟତାରେ ଏକ ସଚେତନ ଓ ଦାୟିତ୍ୱବାନ ସମାଜର ଭିତ୍ତିଭୂମି ଭାବରେ ସୁସ୍ଥତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଭୂଷଣ ଶର୍ମା ଏବଂ ଉପ-ଅଞ୍ଚଳ ମୁଖ୍ୟ କ୍ଷେତ୍ରବାସୀ ମିଶ୍ର ସଚ୍ଚୋଟତା ଏବଂ ଦାୟିତ୍ୱ କେବଳ ବୃତ୍ତିଗତ ଜୀବନରେ ନୁହେଁ ବରଂ ଦାୟିତ୍ୱବାନ୍ ନାଗରିକ ଭାବରେ ଆମର ଭୂମିକାରେ ମଧ୍ୟ ଜରୁରୀ ବୋଲି କହିଥିଲେ।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂଆ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୯।୧୦ (ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ନୂଆ ଶାଖା ସୁନ୍ଦରପଦାଠାରେ ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଉକ୍ତ ଶାଖା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ୮୫ତମ ଶାଖା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ, ଉପ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ସୁନ୍ଦରପଦା ଶାଖାର ଶାଖା ପ୍ରବନ୍ଧକ ଚିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକମାନଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବା ବ୍ୟାଙ୍କର ପ୍ରମୁଖ ଲକ୍ଷ୍ୟ ବୋଲି ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା କହିଥିଲେ।

# ବାଲେଶ୍ୱର ବଜାରରେ ଆଇକନିକ୍ ଜାୱା ଓ ୟେଜ୍‌ଦି

ଭୁବନେଶ୍ୱର,୨୯।୧୦




ଆଇକନିକ୍ ଜାୱା ଓ ୟେଜ୍‌ଦି ମୋଟରସାଇକେଲ ବ୍ରାଣ୍ଡର କମ୍ପାନୀ କ୍ଲାସିକ୍ ଲେଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍ ବୁଧବାର ଓଡ଼ିଶାରେ ନିଜର ସବୁଠାରୁ ବଡ଼ ଡିଲରଶିପ ଉଦ୍‌ଘାଟନ କରିଛି। ଶ୍ରୀ ଭାରତ ମୋଟର୍ସ ଲିମିଟେଡ୍ ପରିଚାଳିତ ଏହି ଅତ୍ୟାଧୁନିକ ସୁବିଧା ବାଲେଶ୍ୱରର ରେମୁଣା ଛକ ନିକଟ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ର ଗଣେଶ୍ୱରପୁର ଅବସ୍ଥିତ। ଉଦ୍‌ଘାଟନୀ ଉତ୍ସବରେ କ୍ଲାସିକ୍ ଲିଜେଣ୍ଡସ୍‌ର ଷ୍ଟେଟ୍ ହେଡ୍ ଦୀପ୍ତିରଞ୍ଜନ ବିଶ୍ୱାଳ, ଶ୍ରୀଭାରତ ମୋଟର୍ସର ସିଇଓ ରମାକାନ୍ତ ପରିଡ଼ା ଓ ଜିଏମ୍(ସେଲ୍‌ସ) ସଞ୍ଜୟ ପଣ୍ଡିତ ଉପସ୍ଥିତ ଥିଲେ। ଏହି ଡିଲରଶିପ ଦ୍ୱାରା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ବାଇକ୍‌ପ୍ରେମୀମାନେ ଏବେ ଗୋଟି ସ୍ଥାନରେ ଜାୱା ଓ ୟେଜ୍‌ଦିର ସମ୍ପୂର୍ଣ୍ଣ ରେଞ୍ଜ ପାଇପାରିବେ। ୫ ହଜାର ବର୍ଗଫୁଟରେ ବିସ୍ତୀର୍ଣ୍ଣ ଏହି ସୁବିଧା ଓଡ଼ିଶାରେ ସବୁଠାରୁ ବଡ଼ ହୋଇଥିବା ବେଳେ ଜାୱା ଓ ୟେଜ୍‌ଦିର ସମ୍ପୂର୍ଣ୍ଣ ମଡେଲ ପ୍ରଦର୍ଶିତ ହେଉଛି ଏବଂ ଫ୍ୟାକ୍ଟ୍ରି-ଟ୍ରେନଡ୍ ଟେକ୍ନିସିଆନ ଥିବା ସର୍ଭିସ୍ ସେଣ୍ଟର ଉଚ୍ଚମାନର ଆଫ୍ଟର-ସେଲ୍ସ ସେବା ଯୋଗାଇବ। ଏହି ଅବସରରେ ରମାକାନ୍ତ ପରିଡ଼ା କହିଛନ୍ତି, କ୍ଲାସିକ୍ ଲିଜେଣ୍ଡସ୍ ଜାୱା, ୟେଜ୍‌ଦି ଓ ବିଏସ୍‌ଏ ଭଳି ବ୍ରାଣ୍ଡଗୁଡ଼ିକୁ ପୁନରୁଜ୍ଜୀବିତ କରିବାରେ ଏହା ସହାୟକ ହେବ।

# ୱାଶିଂଟନ ପୋଷ୍ଟରେ ପ୍ରକାଶିତ ଖବରକୁ ଏଲ୍‌ଆଇସିର ଖଣ୍ଡନ

ଭୁବନେଶ୍ୱର,୨୯।୧୦

ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକରେ ନିବେଶ ପାଇଁ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)କୁ କେନ୍ଦ୍ର କହିଥିବା ୱାଶିଂଟନ ପୋଷ୍ଟରେ ପ୍ରକାଶ ପାଇଛି। ଏହି ଖବରକୁ ଏଲ୍‌ଆଇସି ଖଣ୍ଡନ କରିଛି। ଏଲ୍‌ଆଇସିର ନିବେଶ ନିଷ୍ପତ୍ତି ବାହ୍ୟ କାରକ ଦ୍ୱାରା ପ୍ରଭାବିତ ବୋଲି ଲଗାଇଥିବା ଅଭିଯୋଗଗୁଡ଼ିକ ମିଥ୍ୟା ଓ ଭିତ୍ତିହୀନ ବୋଲି ସଂସ୍ଥା କହିଛି। ନିବେଶ ନିଷ୍ପତ୍ତିଗୁଡ଼ିକ ଏଲ୍‌ଆଇସି ବୋର୍ଡ ଅନୁମୋଦିତ ନୀତି ଅନୁଯାୟୀ ବିସ୍ତୃତ ଯାଞ୍ଚ ପରେ ସ୍ୱାଧୀନ ଭାବେ ନିଏ। ଅର୍ଥ ବିଭାଗ କିମ୍ବା ଅନ୍ୟ କୌଣସି ସଂସ୍ଥାର ଏଥିରେ କୌଣସି ଭୂମିକା ନାହିଁ।

# ପତଞ୍ଜଳି ବିଶ୍ୱବିଦ୍ୟାଳୟର ୨ ଦିନିଆ ସମ୍ମିଳନୀ ଉଦ୍‌ଯାପିତ

ହରିଦ୍ୱାର, ୨୯।୧୦

ହରିଦ୍ୱାରାସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟ 'ମାଟି ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପରିଚାଳନା ଦ୍ୱାରା ଗୁଣବତ୍ତାଯୁକ୍ତ ଔଷଧୀୟ ବୃକ୍ଷର ସ୍ଥାୟୀ ଚାଷ' ସମ୍ପର୍କିତ ୨ ଦିନିଆ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଆୟୁଷ ମନ୍ତ୍ରଣାଳୟ, ନାବାର୍ଡ ଏବଂ ପତଞ୍ଜଳିର ସମନ୍ୱୟରେ ଆୟୋଜିତ ଏହି ସମ୍ମିଳନୀରେ ମାଟିର ସ୍ୱାସ୍ଥ୍ୟ ପରିଚାଳନା ଓ ଗୁଣବତ୍ତା ଉନ୍ନତି କରିବାର ଆଧୁନିକ ପ୍ରଯୁକ୍ତିଗତ ଉପାୟ ଉପରେ ବିସ୍ତୃତ ଚର୍ଚ୍ଚା ହୋଇଛି। ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ ଓ ପତଞ୍ଜଳି ବିଶ୍ୱବିଦ୍ୟାଳୟର ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଲକ୍ରିଷ୍ଣା, ପ୍ରଦୀପ ଶର୍ମା , ଯୋଗଗୁରୁ ରାମଦେବ ପ୍ରମୁଖ ଯୋଗଦେଇ ବିସ୍ତୃତ ଆଲୋଚନା କରିଥିଲେ।

# ଗ୍ରୀଷ୍ମପ୍ରବାହରେ ବର୍ଷକୁ ୫,୪୬,୦୦୦ ମୃତ୍ୟୁ

## ୨୦୨୪ରେ ଭାରତରେ ୨୪୭ ବିଲିୟନ୍ ଘଣ୍ଟାର ଶ୍ରମଶକ୍ତି ନଷ୍ଟ

**ନୂଆଦିଲ୍ଲୀ,୨୯।୧୦:** ୨୦୨୪ରେ ପ୍ରତ୍ୟେକ ଭାରତୀୟ ହାରାହାରି ୨୦ ଗ୍ରୀଷ୍ମପ୍ରବାହ ଦିନକୁ ସାମ୍ନା କରିଛନ୍ତି। ସେଥିରୁ ସାଢ଼େ ୬ ଦିନ କେବଳ ଜଳବାୟୁ ପରିବର୍ତ୍ତନଜନିତ ବୋଲି ଲାନ୍‌ସେଟ୍ ଜର୍ନାଲରେ ପ୍ରକାଶିତ ଏକ ନୂଆ ବୈଶ୍ୱିକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। '୨୦୨୫ ରିପୋର୍ଟ ଅଫ୍ ଦି ଲାନ୍‌ସେଟ୍ କାଉଣ୍ଟଡାଉନ୍ ଅନ୍ ହେଲ୍‌ଥ ଆଣ୍ଡ୍ କ୍ଲାଇମେଟ୍ ଚେଞ୍ଜ' ଶୀର୍ଷକ ରିପୋର୍ଟ ଅନୁସାରେ ଭାରତରେ ଗ୍ରୀଷ୍ମପ୍ରବାହ ଯୋଗୁ ୨୦୨୪ରେ କୃଷି କ୍ଷେତ୍ରର ୬୬% ଓ ନିର୍ମାଣ କ୍ଷେତ୍ରର ୨୦% କ୍ଷତି ସାଧିତ ହୋଇଛି। ଅତ୍ୟଧିକ ତାପମାତ୍ରା ଯୋଗୁ ଶ୍ରମଶକ୍ତି ହ୍ରାସ ପାଇଛି। ୨୪୭ ବିଲିୟନ୍ ଘଣ୍ଟାର ଶ୍ରମଶକ୍ତି ନଷ୍ଟ ହୋଇଛି, ଯହିଁରୁ ୧୯୪ ବିଲିୟନ୍ ଡଲାର ମୂଲ୍ୟର କ୍ଷତି ହୋଇଛି। ୭୧ ଶିକ୍ଷାନୁଷ୍ଠାନ ଓ ଜାତିସଂଘର ଏକାଧିକ ସଂସ୍ଥାର ୧୨୮ ବିଶେଷଜ୍ଞଙ୍କୁ ନେଇ କରାଯାଇଥିବା ଉକ୍ତ ଅଧ୍ୟୟନର ନେତୃତ୍ୱ ଲଣ୍ଡନସ୍ଥିତ ୟୁନିଭର୍ସିଟି କଲେଜ ନେଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ ୧୯୯୦ ଦଶକ ପରଠାରୁ ପ୍ରତିବର୍ଷ ଗ୍ରୀଷ୍ମପ୍ରବାହଜନିତ ମୃତ୍ୟୁରେ ୨୩% ବୃଦ୍ଧି ଘଟିଛି। ତଦନୁସାରେ ଏହି କାରଣରୁ ବାର୍ଷିକ ୫,୪୬,୦୦୦ ଜଣଙ୍କ ମୃତ୍ୟୁ ଘଟୁଛି। ପକ୍ଷମାନଙ୍କ ୩୦ତମ ଜାତିସଂଘ ସମ୍ମିଳନୀ (କୋପ୍‌୩୦) ପୂର୍ବରୁ ପ୍ରକାଶିତ ଉକ୍ତ ରିପୋର୍ଟରେ ଜଳବାୟୁ ପରିବର୍ତ୍ତନ ସହ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ଉପରେ ଆଲୋକପାତ କରାଯାଇଛି।

---


### ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No.CAD-2134
No.-CHEP/TW-02 (Vol.-V)/4101 Date: 27.10.2025

**TENDER CALL NOTICE NO.-CHEP-39/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / Reputed Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of T & P Materials for Maintenance Division of CHEP, Chiplima | Rs.2,360/- (Rs.2,000/- + GST @18%) | 4,260/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.31.10.2025 up to 12:30 PM of dtd.14.11.2025.

OIPR-04006/11/0110/2526 Sd/- C & P Head, CHEP, Chiplima

---

### GOVERNMENT OF ODISHA
### OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA
No.C-1348
e-mail:eephd.rgda.od@od.gov.in eephdrgda@gmail.com
Letter No.5002/ Dt.29.10.25

**CORRIGENDUM**

The following corrigendum is made for the work as mentioned in invitation for the bids through e-tender published vide NIT No. **EEPHDRAYAGADA-21/2025-26 DT.09.09.2025 has been cancelled.**

| Sl. No. | Name of the Work | Bid Identification No. | Reason |
|---|---|---|---|
| 1 | Procurement & Installation of DG set for ESR & OGR site at Katikia Sahi, Kashinagar | EEPHDRAYAGADA-21/ 2025-26 Dtd.09.09.2025 | Tender has been cancelled due to single bid qualified in Technical Evaluation |
| 2 | Procurement & Installation of DG set for Intake Site at Kashinagar | EEPHDRAYAGADA-21/ 2025-26 Dtd.09.09.2025 | Tender has been cancelled due to single bid qualified in Technical Evaluation |

OIPR-13052/11/0037/2526 Sd./- EXECUTIVE ENGINEER, P.H. DIVISION, RAYAGADA

---

### ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ)
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍- ୧, ଭୁବନେଶ୍ୱର-୭୫୧୦୦୯

**ଆଦିବାସୀ ପ୍ରତିଭା ସମ୍ମାନ-୨୦୨୬**

No.V- ଏତଦ୍ ଦ୍ୱାରା ଘୋଷଣା କରାଯାଉଅଛି କି ବିଗତ ବର୍ଷମାନଙ୍କ ପରି ନୃତ୍ୟ, ସଙ୍ଗୀତ, ସାହିତ୍ୟ, ଚିତ୍ରକଳା, ଚାରୁକଳା, ସମାଜସେବା, ଦେଶଜ ଶିକ୍ଷା ବିଦ୍ୟା, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଜନଜାତି ପ୍ରତିଭାମାନଙ୍କୁ ଆଗାମୀ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବରେ ମାନପତ୍ର, ଉତ୍ତରୀୟ ଓ ଅର୍ଥରାଶି ପ୍ରଦାନ କରି ସମ୍ମାନିତ କରାଯିବ। ଏଣୁ ଏହି ସମ୍ମାନ ନିମନ୍ତେ ଉପରୋକ୍ତ କ୍ଷେତ୍ରରେ ବିଶେଷ ପାରଦର୍ଶିତା ହାସଲ କରିଥିବା ଜନଜାତି ବର୍ଗର ବ୍ୟକ୍ତି ବିଶେଷଙ୍କୁ **ନଭେମ୍ବର ୩୦, ୨୦୨୫** ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି।

ସମ୍ପୂର୍ଣ୍ଣ ବିଜ୍ଞାପନ ଓ ଆବେଦନ ପତ୍ର ଡାଉନଲୋଡ୍ କରିବା ନିମନ୍ତେ ୱେବସାଇଟ୍ www.atlcodisha.org, www.scstrti.in ଅଥବା www.stsc.odisha.gov.in ଦେଖନ୍ତୁ।

OIPR-26011/11/0014/2526 ସ୍ୱା/- ସଦସ୍ୟ ସଚିବ

---

### OFFICE OF THE SUPERINTENDING ENGINEER, MINOR IRRIGATION DIVISION, DHENKANAL
No.2196/Dt.28.10.2025

**e-Procurement Notice**

**Bid Identification No.-DMID/09/2025-26**
e-mail ID : eemidkl@gmail.com

**No.A-811** : The Superintending Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | As per Annexure to this bid notice |
| No. of Works | : | 09 (Nine) Only |
| Estimated Cost | : | Varies from 20.96 lakh to 83.24 lakh (Approximately) |
| Cost of Tender Paper | : | As per Annexure to this bid notice |
| Period of Completion | : | 04 (Four) Calendar months |
| Availability of bid documents for sale and receipt through on-line | : | From Dt.01.11.2025, 10.00 A.M. to Dt.10.11.2025, up to 5.00 P.M. |
| Last date / time of receipt of bids in the portal | : | 10.11.2025 (5.00 P.M.) |
| Date of Technical bid opening through online | : | On Dt.11.11.2025 at 11.00 A.M. in the Office of the S.E, M.I. Division, Dhenkanal |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http:/ dowrorissa.gov.in | | |
| Name & Address of the OIT | : | Superintending Engineer, Minor Irrigation Division, Dhenkanal, At/P.O/District - Dhenkanal, Ph. No / Fax No. - 06762-224461, Email ID : eemidkl@gmail.com |
| Further details can be seen from the e-Procurement http://tendersorissa.gov.in | | |

Sd./- Superintending Engineer
M.I.Division, Dhenkanal
OIPR-32027/11/0024/2526

---

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH
No.O-1219
E-mail ID : serw_sundargarh@gmail.com
Bid Identification No. Online-PMGSY/RWCCESNG-08 of 2025-26
Letter No.2915 // Date : 24.10.2025

1. Name of the work : **Repair and Maintenance of Rural roads under PMGSY roads**, 2. Total No. of Packages : **04 Nos.**, 3. Estimated Cost of individual packages : **Rs.82.22 lakh to 177.21 lakh**, 4. Period of completion : **05 (Five) years (IR Part-90 Ninety days)**, 5. Other details :

| Procurement Officer | Bid Identification No. | No. of Packages | Availability of Tender on-line for bidding | | Date & Time of Technical Bid opening | Date & Time of Financial Bid opening |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | PMGSY / RWCCESNG-08 of 2025-26 | 04 Nos. | 31.10.2025 at 11.00 A.M. | 10.11.2025 upto 5.00 P.M. | 11.11.2025 at 11.00 A.M. | Will be intimated separately |

Further details can be seen from the website www.pmgsytenders.gov.in

Sd./- Chief Construction Engineer
Rural Works Circle, Sundargarh
OIPR-25133/11/0077/2526

---

### OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA
Email : rw_balliguda@yahoo.com

**NATIONAL COMPETITIVE BIDDING THROUGH e-Procurement**
Bid Identification No. Online Tender/08-2025-26/BLG
No.O-1251

| Identification No. | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 08-2025-26/BLG | Road Works | 03 Nos | Rs.59.96 Lakhs to Rs.80.67 Lakhs | "B" Class | 06 (Six) Calendar Month as provided |

| Procurement officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, Rural Works, Division, Balliguda | Online Tender/08-2025-26/ BLG | 28.10.2025 at 10.00 A.M. | 11.11.2025 upto 5.30 P.M. |

(i) EMD/Bid Security, Cost of Bid document is to be transferrred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website : www.tendersodisha.gov.in

Sd./- Executive Engineer
R.W. Division, Balliguda
OIPR-25150/11/0010/2526

---

### GOVERNMENT OF ODISHA
### OFFICE OF THE SUPERINTENDING ENGINEER, RURAL WORKS DIVISION, TITILAGARH
E-Mail ID: eerw_titilagarh@yahoo.co.in
No. O-1201

**e-Procurement Notice**

**IFB IDENTIFICATION No. EETIG-Online-09/2025-26**

| | | | |
|---|---|---|---|
| 1. | Name of Work | : | Building Works |
| 2. | Total No. of Works | : | 01 (One) No. |
| 3. | Approximate Estimated Cost | : | Varies from Rs.39.13 lakh |
| 4. | Time for Completion | : | 06 (Six) Calendar Months |
| 5. | Mode of submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | : | As per TCN No. EETIG-Online-09/2025-26 |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W. Divn., Titilagarh | EETIG-Online-09/2025-26 | 30.10.2025 at 11.00 A.M. | 10.11.2025 upto 5.00 P.M. | 10.11.2025 to 11.00 A.M. | 11.11.2025 at 11.30 A.M. |

- Further details can be seen from the website www.tenders.ori.nic.in.
- Any Corrigendum/Addendum will be displayed in the above e tender website only.

OIPR-25078/11/0031/2526 Sd./- Executive Engineer, R.W. Division, Titilagarh

---

### GOVERNMENT OF ODISHA
### OFFICE OF THE SUPERINTENDING ENGINEER, RURAL WORKS DIVISION-I, MALKANGIRI
**NATIONAL COMPETITIVE BIDDING THROUGH e-Procurement**
**1st Corrigendum to Online Tender 03/RWD-I, MKG/2025-26, dt.23.09.2025 (Revised)**

No.O-1249:In partial modification to this office tender call notice Online Tender 03/RWD-I, MKG/2025-26, dt.23.09.2025 availability of Tender on-line for bidding have been rescheduled as follows.

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date and Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender-03/RWD-I, MKG/2025-26 | Total 33 Nos. (Single Cover & Double Cover) | 10.11.2025 from 11.00 AM | 24.11.2025 upto 5.00 PM | 21.11.2025 upto 5.00 P.M. | Tech. Bid opening: (Single Cover & Double Cover Tech.Bid) 25.11.2025 at 11.00 AM |

OIPR-25058/11/0021/2526 Sd./- Executive Engineer, R.W.Division-I, Malkangiri

---

### OFFICE OF DISTRICT MANAGER
### ODISHA STATE CIVIL SUPPLIES CORPORATION LTD. (OSCSC), BHADRAK (DISTRICT)
Phone:06784 251424 District Website: cso.bdk@gmail.com/cso-bha@nic.in
Tender No. 5660, 5661, 5662, 5663, 5664, 5665, 5666 Dt.: 27.10.2025

No. CAD-2120: Online tenders are invited from eligible bidders for selection and appointment of Transport Contractors for transportation of (I) Paddy from Paddy Purchase Centres (PPCs)/Mandis to Rice Mill points (within or outside district), (II) Custom Milled Rice (CMR) from Rice Mill points to Rice Receiving Centres (RRCs)/ Depots (within or outside districts)

| | | |
|---|---|---|
| 1 | Name of the work | Selection and appointment of Transport Contractors for transportation of (I) Paddy from Paddy Purchase Centres (PPCs)/Mandis to Rice Mill points (within or outside district), (II) Custom Milled Rice (CMR) from Rice Mill points to Rice Receiving Centres (RRCs)/Depots (within or outside districts) |
| 2 | Availability of bid document in the portal | From 31.10.2025 |
| 3 | Last Date/time for receipt of bids in the portal | Dt.27.11.2025 by 5.30 P.M. |
| 4 | Date/Time of opening of Technical Bid | Dt.28.11.2025 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Bhadrak (District) |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/Corrigendum/Cancellation/Re-tenders etc. if any shall be published only in above websites.

Sd./- District Manager
OSCSC Ltd., Bhadrak
OIPR-07055/11/0009/2526

---

### OFFICE OF THE SUPERINTENDING ENGINEER, RURAL WORKS DIVISION, KARANJIA
E-mail ID: eerwkaranjia@yahoo.com
Letter No.4353, Date 25.10.2025

**2ND CORRIGENDUM NOTICE**

**BID IDENTIFICATION NO. RWDKNJ-05/2025-26 (Road) Invited Vide this Office Letter No.3953, Dt.11.09.2025**

**No.O-1238:**Due to unavoidable circumstances, tender invited vide Bid Identification **No-RWDKNJ-05/2025-26** (Road) works vide this office letter No.3953, Dt.11.09.2025 and 1st Corrigendum Notice Vide Ltr.No-4029, Dt.15.09.2025 for the work **"Periodical Renewal of 05 (Five) year Completed PMGSY roads for the year 2025-26."** The Important dates have been changed as per following.

| | | | |
|---|---|---|---|
| 1 | Availability of tender Online | : | 30.10.2025 at to 11.00 AM instead of 28.10.2025 |
| 2 | Last date of availability of tender | : | 11.11.2025 upto 5.00 PM instead of 11.11.2025 |
| 3 | Last date & time of seeking tender | : | 11.11.2025 upto 1.00 PM instead of 08.11.2025 |
| 4 | Date of Opening of Tender | : | 12.11.2025 at 11.00 AM instead of 10.11.2025 |

**All other terms and conditions will remain unaltered.**

OIPR-25086/11/0033/2526 Sd./- Executive Engineer, R.W.Division, Karanjia

---

### ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
No.O-1236
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
(At/Po-Ambapua, Near Income Tax Office, Berhampur-760011, Ganjam, Odisha) (E-Mail : serwbpr2004@yahoo.com, Tel No.: 0680-2404287)

**No. e-tender // 3802 // RWC // BAM // Dated. 17.10.2025**

**1st Corrigendum to Bid Identification No. Online Tender/32-2025-26/BPR**

1) The partial modification of Road works under MMSY-CMRL vide above identification has been made as follows.

| | | | |
|---|---|---|---|
| 1 | Date of availability of tender | : | 06.11.2025 to 20.11.2025 upto 5.30 P.M. instead of 17.10.2025 to 31.10.2025 upto 5.30 P.M. |
| 2 | Last Date & Time of seeking tender clarification | : | 18.11.2025 at 5.30 P.M. instead of 29.10.2025 at 5.30 P.M. |
| 3 | Date of opening of Technical Bid | : | 21.11.2025 at 11.00 A.M. instead of 01.11.2025 at 11.00 A.M. |
| 4 | Date of opening of Financial Bid | : | Will be intimated later on. |

All other contents will remain unchanged.

Sd./- Chief Construction Engineer
R.W.Circle, Berhampur
OIPR-25071/11/0155/2526

---

### GOVERNMENT OF ODISHA
### OFFICE OF THE SUPERINTENDING ENGINEER RURAL WORKS DIVISION-II, BHADRAK
No.O-1229
ee_rwbdk2@yahoo.co.in

**"e" Procurement Notice for Building Works**
**Identification Online Tender 15/RWD/BDK-II/2025-26, Dtd.27.10.2025**

1. Name of the Work : Building Works as per Annexure, 2. Total Number of Works : 1 No., 3. Approximate Estimated Cost : Rs.68.46 lakhs, 4. Class of Contractor : As per Annexure, 5. Period of Completion : As Per Annexure, 6. Other details : The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Bhadrak | 15 | 30.10.2025 at 11.30 A.M. | 06.11.2025 up to 5.00 P.M. | 06.11.2025 up to 3.00 P.M. | 07.11.2025 at 11.00 A.M. | Will be intimated latter |

7. **Further details can be seen from the e-procurement portal "https://www.tendersorissa.gov.in"**
8. Any other changes / Corrigendum may be seen only in website www.tendersorissa.gov.in

Sd./- Executive Engineer
R.W. Division-II, Bhadrak
OIPR-25090/11/0034/2526

---

### GOVT. OF ODISHA
### OFFICE OF THE SUPERINTENDING ENGINEER RURAL WORKS DIVISION-I, KEONJHAR
No.O-1140
Tel. 06766-258094(O), Mail : eerw1_kjr@yahoo.com

**e-Procurement Notice for Road works**
**Identification No Online NCB - 07/2025-26**

1. Name of the Work : 45 No. Road Work, 2. Total Number of Work : 45 No., 3. Estimated Cost : Rs.5.08 Lakhs to Rs.48.81 Lakhs, 4. Class of Contractor : "D & C", "B" Class, 5. Period of Completion : As per annexure of e-Procurement Notice No.7 of 2025-26, 6. Other Details :

| Procurement officer | Bid Identification No. | Availability of tender online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Keonjhar | Building Online NCB No.07 | Dt.31.10.2025 at 11.00 A.M. | Dt.11.11.2025 up to 5.00 P.M. | Dt.10.11.2025 up to 5.00 P.M. | Dt.12.11.2025 at 11.00 A.M. |

Further details can be seen from the website www.tenderorissa.gov.in

Sd./- Superintending Engineer
R.W. Division-I, Keonjhar
OIPR-25110/11/0024/2526

---

### OFFICE OF THE DIVISIONAL FOREST OFFICER, MANGROVE FOREST DIVISION (WL), RAJNAGAR
AT/P.O: Rajnagar, Dist: Kendrapara-754225, Phone: 06729-242460,
Control Room: 06729-242463, E-mail ID: dfo.rajnagarwl@odisha.gov.in
BID IDENTIFICATION NO- DFO MFD-Hiring Trawler/01/IF(Accts.)/Tender/334/ Dated.29/10/2025
Dated, Rajnagar the 29th October 2025

**SHORT TENDER CALL NOTICE**

**No.MM-257:**Sealed quotations are invited from registered trawler owners to submit their competitive quote for leasing of their sea worthy vessel of engine power between 450 HP to 550 HP for Sea Turtle Protection duty for the year 2025-26. The period of engagement shall normally be from 15th November-2025 to 31st March-2026. The owners are to quote the monthly hire charges inclusive of taxes if any but the cost of fuel, which will be brone by this Division. The details of terms and condition for engagement of trawler can be obtained from the office of the undersigned during office hours from 30th November-2025 onwards. Quotation for hiring of trawler (450 to 550 HP) to be submitted separately. Tender Paper & related documents should be collected from the office of the undersigned during the working hours between 10 A.M. to 5 P.M. from 31.10.2025 onwards with production of Tender Paper cost. Last Date & Time of Receipt of Quotation up to 03:00 PM on 14.11.2025. Opening of Quotation: 4:00 PM on the same day in presence of the bidders or their authorized representatives.

Sd./- Divisional Forest Officer
OIPR-08053/11/0038/2526 Mangrove Forest Division (Wildlife), Rajnagar

---

### ODISHA STATE HEALTH & FAMILY WELFARE SOCIETY
Dept. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit - 8, Bhubaneswar-751012
Phone: 0674-2392480/88
Advt. No. 14/25 Date: 29.10.2025

**TENDER CALL NOTICE FOR BOOKING OF TRAVEL TICKETS & HOTELS**

No. E-469: Sealed tenders are invited from IATA & TAAI registered/ accredited travel agencies for booking of travel tickets (Air/Train/ Bus) & hotels (for outside State Travel) for a period of three years. Initially, the contract with the selected agency shall be signed for a period of one year which shall be renewed for another two years depending on satisfactory performance of the agency. The eligibility criteria and detail terms & conditions may be downloaded from the website **www.nhmodisha.gov.in** (under link "Tender"). The tenders should reach the office of the undersigned by 19th November 2025 (till 3 P.M.). The tenders will be opened at 4.00 P.M. on 19th November 2025. The undersigned reserves the right to reject any or all the tenders without assigning any reason thereof.

Sd./- Mission Director
OIPR-10084/11/0043/2526 NHM, Odisha

---

### Government of Odisha
### Office of the Superintending Engineer, Rural Works Division, Jharsuguda
No.O-1185
Email : eerw_jharsuguda@yahoo.co.in, Tel. : 06645-271643
Bid Identification No. Online - SEJSG - 06 of 2025-26

**NOTICE INVITING TENDER FOR ROAD WORK IN ODISHA**
NATIONAL COMPETITIVE BIDDING THROUGH e-Procurement

| | | | |
|---|---|---|---|
| 1 | Name of the work | : | Road Works as per DTCN available in the www.tendersorissa.gov.in |
| 2 | Total No. of Work | : | 04 (Four) Nos. |
| 3 | Estimated Cost | : | Rs. 63.29 Lakh to Rs. 79.13 Lakh |
| 4 | Period of completion | : | 04 (Four) Calendar Months |
| 5 | Period and Time of availability of bid document in the portal for bidding | : | Dt. **30.10.2025** at 11.00 A.M. to **15.11.2025** upto 05.00 P.M. |
| 6 | Date and Time of bid opening | : | Dt. **17.11.2025** at 11.00 A.M. |
| 7 | Name and address of the officer inviting Bid | : | S.E., R.W.Division, Jharsuguda |

(1) Other details can be seen from Detailed notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd./- Superintending Engineer
OIPR-25104/11/0041/2526 R.W. Division, Jharsuguda

---

### Government of Odisha "e" procurement Notice
**Bid Identification No. TENDER ONLINE**
**SNPR - 08 OF 2025-26**
No.O-1203
No. 4107 Dated : 25.10.2025

| | | | |
|---|---|---|---|
| 1. | Name of the Work | : | Building Works as per DTCN available in the website www.tendersodisha.gov.in |
| 2. | Total No. of Work | : | 02 (Two) Nos. |
| 3. | Approximate Estimated Cost | : | Vary from Rs. 30.04 lakh to Rs. 67.27 lakh |
| 4. | Period of Completion | : | 6 (Six) to 9 (Nine) Calendar months |
| 5. | Period and time of availability of bid document in the portal for bidding | : | 30.10.2025 at 11.00 A.M. to 14.11.2025 up to 5.00 P.M. |
| 6. | Date and time of opening of Tender | : | 15.11.2025 at 11.00 A.M. (Technical Bid) & (Financial Bid will be intimated later on) |
| 7. | Name and address of the Officer Inviting Bid | : | S.E.R.W. Division, Sonepur |

(1) Other details can be seen from detailed notice
(2) Inviting tenders, available in website www.tendersodishagov.in
(3) Corrigendum if any shall only be published in the website : www.tenderodisha.gov.in

Sd./- Executive Engineer
OIPR-25054/11/0045/2526 Rural Works Division, Sonepur

---

### GOVT. OF ODISHA
### OFFICE OF THE SUPERINTENDING ENGINEER MINOR IRRIGATION DIVISION, GAJAPATI
AT/PO:PARALAKHEMUNDI, DIST:GAJAPATI
PHONE NO:06815-222365, e-mail-eemi_gajapati@yahoo.co.in
eemigajapatiparalakhemundi@gmail.com
e-Procurement Notice No.2857 Date. 27/10/2025
BID IDENTIFICATION NO. MIDGJP-4/2025-26

No.A-801:The Superintending Engineer, Minor Irrigation Division, Paralakhemundi on behalf of Governor of Odisha invites Percentage Rate bid in Single Cover System in ONLINE MODE for the construction of following works as detailed in the Detailed Tender Call Notice (D.T.C.N) from the eligible class of contractors.

1. Name of the work:**Imp. To Check Dams and Imp. To MIPs underMIPSP/ 2025-26 &Critical/25-26 Scheme.**
2. No of works:**14Nos. (Fourteen)**
3. Estimated cost:**Varies approximately from Rs.5.00 Lakhs.To 21.10 Lakhs**
4. Period of completion: **02 (Two) to 3 (three) Calendar months.**
5. Date and time of availability of bid documents in the portal: from **10.30 Hours of 03.11.2025 to 17.00 Hours of 12.11.2025.**
6. Last date/ time for receipt of bids in the portal: **17.00 Hours of 12.11.2025.**
7. Date of opening of Bid:**11.00 Hours on 13.11.2025.**
8. Name and address of the Officer inviting Bid:Superintending Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati. PIN-761200. Further details can be seen from the e-procurement portal- **https://tendersodisha.gov.in**

Sd/-27.10.2025
Er.Simachala Satapathy
Superintending Engineer, MI Division,
OIPR-32555/11/0002/2526 Gajapati, Paralakhemundi

---

### GOVERNMENT OF ODISHA
### DEPARTMENT OF WATER RESOURCES
No.A-
**"e" Procurement Notice-SAL-BDK 2P1 OF 2025-26**
**BID IDENTIFICATION NO.SAL-BDK 2P1 OF 2025-26**

The Superintending Engineer, Salandi Canal Division, Bhadrak on behalf of Govt. of Odisha invites bid in Single Cover System from registered and established Manpower Service Provider to provide manpower as detailed below:

| | | | |
|---|---|---|---|
| 1 | Nature of the Work | : | Manpower supply (Engagement of 1 No.skilled, 2No Semi-skilled & 7 No. Unskilled personnel through service provider from dt.15.11.2025 to 31.03.2026 |
| 2 | No. of Works | : | 1 (One) No. |
| 3 | Value of Works | : | Rs.6.84 Lakhs |
| 4 | Tender Paper Cost | : | Refer to DTCN |
| 5 | EMD/Bid Security | : | Refer to DTCN |
| 6 | Period of Completion | : | Refer to DTCN |
| 7 | Class of Contractors | : | Refer to DTCN |
| 8 | Procurement Officer | : | Superintending Engineer, Salandi Canal Division, Bhadrak |
| 9 | Bid Identification No. | : | SAL-BDK-2P1/2025-26 |
| 10 | Availability of tender for Online Bidding | : | From 11.00 AM Dt.1.11.2025 to 5.30 PM Dt.10.11.2025 |
| 11 | Date and Time for Tender Opening | : | Dt.11.11.2025 @11.30 AM onwards in O/O the Superintending Engineer, Salandi Canal Division, Bhadrak |
| 12 | Date and Time for lottery (If required) | : | Dt.14.11.2025 @ 11.00 AM onwards in O/O the Superintending Engineer, Salandi Canal Division, Bhadrak |

The Bidders have to participate in ONLINE bidding only. Further details can be seen from the e-procurement portal: www.tendersodisha.gov.in. Any addendum/ corrigendum/cancellation of tenders can be seen from the above portal.

Sd./- Superintending Engineer,
OIPR-32005/11/0008/2526 Salandi Canal Division, Bhadrak

---

### ତଦନ୍ତ ଅଧିକାରୀ ତଥା ଭାରପ୍ରାପ୍ତ ଉପନିର୍ଦ୍ଦେଶକ ବୟନ ଶିଳ୍ପଙ୍କ କାର୍ଯ୍ୟାଳୟ, ବରଗଡ଼
ସା: ମିନି ଷ୍ଟାଡିୟମ ପାଖ, ପୋ/ଜିଲ୍ଲା: ବରଗଡ଼, Ph. No.: 06646-233161
Email Id: ddtbargarh@gmail.com

ନୋଟିସ: ୪୪୨ ତାରିଖ ୨୭/10/୨୦୨୫

No. PP-41: ଏତଦ୍ଦ୍ୱାରା ଶ୍ରୀ ପବିତ୍ର ମୋହନ ଖାଡ଼ିଆ, କନିଷ୍ଠ ସହାୟକ, ଯୁଗ୍ମ ନିର୍ଦ୍ଦେଶକ ବୟନ ଶିଳ୍ପଙ୍କ କାର୍ଯ୍ୟାଳୟ (ପଶ୍ଚିମାଞ୍ଚଳ) ବରଗଡ଼ ଯାହାଙ୍କ ସ୍ଥାୟୀ ଠିକଣା ଶ୍ରୀ ପବିତ୍ର ମୋହନ ଖାଡ଼ିଆ, ପିତା: ସ୍ୱର୍ଗତ କଙ୍ଗାଲୁ ଖାଡ଼ିଆ, ସା/ପୋ.: କିରେଇ, ଥାନା/ଜିଲ୍ଲା: ସୁନ୍ଦରଗଡ଼ଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣଙ୍କୁ ଅତ୍ର କାର୍ଯ୍ୟାଳୟ ପତ୍ର ସଂଖ୍ୟା 3908 ତା 19.09.2025 ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା09.10.2025ରିଖ ଦିବା 11.00 ଘଟିକା ସମୟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ହେବା ପାଇଁ ସ୍ୱତନ୍ତ୍ର ବାହକ ଜରିଆରେ ଆପଣଙ୍କ ବାସଭବନକୁ ପଠାଯାଇଥିଲା। କିନ୍ତୁ, ଆପଣ ଅନୁପସ୍ଥିତ ଥିବାରୁ ଉକ୍ତ ପତ୍ରକୁ ଆପଣଙ୍କ ପୁଅଙ୍କ ଉପସ୍ଥିତିରେ ବାସଭବନର କାନ୍ଥରେ ଲଟକାଜାରୀ କରାଯାଇଥିଲା। କିନ୍ତୁ ଆପଣ ନିର୍ଦ୍ଧାରିତ ତାରିଖ ଓ ସମୟରେ ତଦନ୍ତ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ତଦନ୍ତ କାର୍ଯ୍ୟ କରାଯାଇ ପାରିଲାନାହିଁ। ଏଣୁ ପୁନଶ୍ଚ ଆପଣଙ୍କୁ ଏହି ସମ୍ବାଦପତ୍ର ମାଧ୍ୟମରେ ଶେଷଥର ପାଇଁ ଜଣାଇ ଦିଆଯାଉଅଛି ଯେ ଆପଣ ଆସନ୍ତା ତା14.11.2025ରିଖ ଦିନ ଦିବା 11.00 ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି ତଦନ୍ତ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରାଗଲା। ଏଥିରେ ଖିଲାପ କଲେ ପରବର୍ତ୍ତୀ ସମୟରେ ଆପଣଙ୍କ କୌଣସି ଅଭିଯୋଗ ଶୁଣାଯିବ ନାହିଁ ଓ ସରକାରଙ୍କ ନିୟମାନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଏଥିପାଇଁ ଆପଣ ନିଜେ ଦାୟୀ ରହିବେ।

ସ୍ୱା./–ତଦନ୍ତ ଅଧିକାରୀ ତଥା ଯୁଗ୍ମ ବୟନ ଶିଳ୍ପ ନିର୍ଦ୍ଦେଶକ (Level-II)
OIPR-31032/11/0006/2526 ତଥା ଭାରପ୍ରାପ୍ତ ଉପନିର୍ଦ୍ଦେଶକ ବୟନ ଶିଳ୍ପ, ବରଗଡ଼

---

### OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR
No.O-1210
Phone : 0680-2291405, E-Mail : eerw_gm1@yahoo.co.in
Government of Odisha e-Procurement Notice
**Bid Identification No. Online Tender//11//SERWDG-I//2025-26**
Letter No. 4944//RWDG-I//BAM//Date : 25.10.2025

| | | | |
|---|---|---|---|
| 1 | Name of the Work | : | Repair to Road Works |
| 2 | Estimated Cost | : | Rs.6.72 to 46.23 Lakhs |
| 3 | Period of Completion | : | As per annexure Column No.06 |
| 4 | Date & Time of Availability of Bid Documents in the Portal | : | From 31.10.2025 at 11.00 AM to 18.11.2025 upto 5.00 PM |
| 5 | Last Date / Time for Receipt of Bids in the Portal | : | 18.11.2025 up to 5.00 PM |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website **https://www.tendersodisha.gov.in.**

Sd./- Executive Engineer
R.W. Division-I, Ganjam,
Berhampur
OIPR-25085/11/0035/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଲାବନ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଫାଇନାଲରେ ଓଡ଼ିଶା ପୋଲିସ

## ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ

ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)

ନୟାପଲ୍ଲୀର ସିଟି କ୍ଲବ୍ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟରେ ପ୍ରଥମ ଦଳ ଭାବେ ଓଡ଼ିଶା ପୋଲିସ ଟିମ୍ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ପୋଲିସ ଟାଇବ୍ରେକର ୩-୨ ଗୋଲରେ କେନ୍ଦୁଝରର ତାରିଣୀ ଏଫ୍‌ସିକୁ ପରାସ୍ତ କରିଛି। ପେନାଲ୍ଟି ଶୁଟ୍‌ଆଉଟ୍ ପର୍ଯ୍ୟାୟରେ ଓଡ଼ିଶା ପୋଲିସ ପକ୍ଷରୁ ଯଶୋଦା ମୁଣ୍ଡା, ସତ୍ୟବତୀ ଖାଡ଼ିଆ ଓ ସସ୍ମିତା ତାନ୍ତି ଏବଂ ତାରିଣୀ ଏଫ୍‌ସି ପକ୍ଷରୁ ପୂର୍ଣ୍ଣିମା ମୁଣ୍ଡା ଓ ଅର୍ଚ୍ଚିତା ରାଉତ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ପୋଲିସ ଗୋଲ୍‌କିପର ମଞ୍ଜୁ ଗଞ୍ଜୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଥିଲା। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ଉପସଭାପତି ଦିଲୀପ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବୃନ୍ଦାବନ ଦଳବେହେରା, ଅଶୋକ କୁମାର ମହାନ୍ତି, ମହମ୍ମଦ ସହିଦ ଜବାର, ସୁରେଶ କୁମାର ସ୍ୱାଇଁ, ଜଲିଲ ଖାଁ, ରଞ୍ଜିତା ମହାନ୍ତି, ସୁଦୀପ୍ତା ଦାସ, ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସିଟି କ୍ଲବ୍ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୩୦ ତାରିଖରେ ଦ୍ୱିତୀୟ ସେମିଫାଇନାଲ ନୀତା ଫୁଟ୍‌ବଲ ଏକାଡେମୀ ଓ ସୁନ୍ଦରଗଡ଼ର କୁଆଁରମୁଣ୍ଡା ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ। ୩୧ ତାରିଖ ଅପରାହ୍ନ ୪ଟାରେ ଫାଇନାଲ ଖେଳାଯିବ।




ମଞ୍ଜୁ ଗଞ୍ଜୁଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ଜାନୁଆରୀ ୧୦ରେ କପିଳାସ ହାଫ୍ ମାରାଥନ




କପିଳାସ ହାଫ୍ ମାରାଥନ ନିମନ୍ତେ ଜର୍ସି ଉନ୍ମୋଚନ କରାଯାଉଛି।

ଢେଙ୍କାନାଳ, ୨୯।୧୦ (ରତନ ନାୟାର)

କପିଳାସ ହାଫ୍ ମାରାଥନର ତୃତୀୟ ସଂସ୍କରଣ ୨୦୨୬ ଜାନୁଆରୀ ୧୦ରେ ଢେଙ୍କାନାଳ ଜିଲା କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅନୁଷ୍ଠିତ ହେବ। ଟାଟା ଷ୍ଟିଲ୍ ମେରାମଣ୍ଡଳୀ(ଟିଏସ୍‌ଏମ୍) ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନ ସହଯୋଗରେ ଏହାର ଆୟୋଜନ କରାଯାଇଛି। ଏ ସମ୍ପର୍କରେ ଢେଙ୍କାନାଳସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନ ୧୧ଟାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଖବରଦାତା ସମ୍ମିଳନୀରେ ହାଫ୍ ମାରାଥନର ଅଫିସିଆଲ ଟି-ସାର୍ଟକୁ ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉନ୍ମୋଚନ କରିଥିଲେ। ଏସ୍‌ପି ଅଭିନବ ସୋନକର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, କମ୍ପାନୀ କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ମୋହିତ ଦାସ, କ୍ରୀଡା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜନ୍ମ ଶତବାର୍ଷିକ ପାଇଁ ଶହୀଦ ବୀର ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ହାଫ୍ ମାରାଥନରେ ଜୈବ ବିବିଧତା ସଂରକ୍ଷଣ, ବିଶେଷକରି ହାତୀ ସୁରକ୍ଷାକୁ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଏଥିସହ କପିଳାସକୁ ବିଶ୍ୱବ୍ୟାପୀ ଇକୋ-ଟୁରିଜିମ୍ ଏବଂ ପ୍ରଫେଶନାଲ ଦୌଡ଼ର ସ୍ଥଳ ଭାବରେ ସ୍ଥାପିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ହାଫ୍ ମାରାଥନରେ ୩ଟି ବର୍ଗ ରହିବ। ୧୮ବର୍ଷ ଓ ଊର୍ଦ୍ଧ୍ୱ ବୟସର ଅଂଶଗ୍ରହଣକାରୀଙ୍କ ପାଇଁ ୨୧ କିଲୋମିଟର, ୧୦ କିଲୋମିଟର ଦୌଡ଼, ୧୪ରୁ ୧୮ବର୍ଷ ବୟସର ବାଳିକା ଓ ବାଳକଙ୍କ ପାଇଁ ୫ କିଲୋମିଟର ଦୌଡ଼ ରହିଛି । ବିଶ୍ୱବ୍ୟାପୀ ମାରାଥନ ଲାଗି ସ୍ୱୀକୃତିପ୍ରାପ୍ତ ସଂସ୍ଥା ଆସୋସିଏଶନ ଅଫ୍ ଇଣ୍ଟରନ୍ୟାଶନାଲ ମାରାଥନ ଆଣ୍ଡ୍ ଡିଷ୍ଟାନ୍ସ ରେସେସ୍(ଏଆଇଏମ୍‌ଏସ୍) ପକ୍ଷରୁ ଏହି ମାରାଥନର ମାର୍ଗକୁ ସ୍ୱୀକୃତି ଦିଆଯାଇଛି। ଏହି ଅବସରରେ ଢେଙ୍କାନାଳ ଜିଲାପାଳ ପାଟିଲ ଜିଲା ପ୍ରଶାସନ ଓ ଅନ୍ୟ ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସଫଳ ହେବ ବୋଲି କହିଥିଲେ। ଜିଲା ପ୍ରଶାସନ ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇ କମ୍ପାନୀ କର୍ପୋରେଟ ସେବାର ଉପସଭାପତି ଡି.ବି. ସୁନ୍ଦର ରମମ୍ କ୍ରୀଡ଼ାକୁ ଫିଟନେସ୍, ଉତ୍ତମ ସ୍ୱାସ୍ଥ୍ୟ ଓ କମ୍ୟୁନିଟି ସ୍ପିରିଟ୍‌ର ପ୍ରୋତ୍ସାହନ ପାଇଁ ବ୍ୟବହାର କରିବାରେ ବିଶ୍ୱାସ କରୁ ବୋଲି କହିଥିଲେ। ଉପସଭାପତି(ପରିଚାଳନା) ଉତ୍ତମ ସିଂହ ଏକ ସୁସ୍ଥ ମନ ଓ ଶରୀରର ଯାତ୍ରା ପ୍ରକୃତିକୁ ଆପଣାଇବା ଏବଂ ଅଧ୍ୟବସାୟର ଶକ୍ତିରୁ ହିଁ ହୋଇଥାଏ ବୋଲି କହିଥିଲେ। ଆଗ୍ରହୀ କ୍ରୀଡ଼ାବିତ୍‌ମାନେ ଆସନ୍ତା ଡିସେମ୍ବର ୧୫ ତାରିଖ ଭିତରେ ଏଥିପାଇଁ ନିଜର ନାମ ପଞ୍ଜୀକରଣ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ଦ୍ୱିତୀୟ ଦିବସରେ ୨୦ ଇଭେଣ୍ଟ

## ରାଜ୍ୟ ଭାରୋତ୍ତୋଳନ

ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ଚାଲିଥିବା ୭୨ତମ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତାର ବୁଧବାର ଦ୍ୱିତୀୟ ଦିବସରେ ୨୦ଟି ଇଭେଣ୍ଟ ଅନୁଷ୍ଠିତ ହୋଇଛି। ଯୁବ ବାଳିକା ବର୍ଗରେ ୪୮, ୫୩ ଓ ୫୮ ଏବଂ ବାଳକ ବିଭାଗର ୫୬, ୬୦, ୬୫ ଓ ୭୧ କେଜି ବର୍ଗର ପ୍ରତିଯୋଗିତା ଶେଷ ହୋଇଛି। ସେହିପରି ଜୁନିୟର ଓ ସିନିୟର ବିଭାଗର ୪୮, ୫୩ ଓ ୫୮ କେଜି ବର୍ଗର ପ୍ରତିଯୋଗିତା ସମ୍ପନ୍ନ ହୋଇଛି। ସିନିୟର ମହିଳା ୪୮ କେଜିରେ ରିଙ୍କି ନାୟକ, ୫୩ କେଜିରେ ସ୍ନେହା ସୋରେନ, ୫୮ କେଜିରେ ରିମା ଭୋଇ ଏବଂ ପୁରୁଷ ୬୦ କେଜିରେ ମୁନା ନାୟକ, ୬୫ କେଜିରେ ଜଗଦୀଶ ନାୟକ ଓ ୭୧ କେଜିରେ ସ୍ୱୟମଜିତ ପ୍ରସାଦ ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଜୁନିୟର ମହିଳା ୪୮ କେଜିରେ ବିନିତା ନାୟକ, ୫୩ କେଜିରେ ମୀନା ସିଂ, ୫୮ କେଜିରେ ମୀନା ସାନ୍ତା (ଏ), ପୁରୁଷ ୬୦ କେଜିରେ ସୁବ୍ରତ ନାଏକ, ୬୫ କେଜିରେ ସଦାନନ୍ଦ ବରିହା ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୟୁଥ୍ ବାଳିକା ୪୪ କେଜିରେ ଅଭିପ୍ସା ଆଚାର୍ଯ୍ୟ, ୪୮ କେଜିରେ ବିନିତା ପାଏକ, ୫୩ କେଜିରେ ମୀନା ସିଂ, ୫୮ କେଜିରେ ମୀନା ସାନ୍ତା, ବାଳକ ୫୬ କେଜିରେ ହର୍ଷବର୍ଦ୍ଧନା ସାହୁ, ୬୦ କେଜିରେ ସୁବ୍ରତ ନାଏକ, ୬୫ କେଜିରେ ପ୍ରଫୁଲ୍ଲ ଖାଡା ଏବଂ ୭୧ କେଜିରେ ଏମ. ଭିନାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜ୍ୟ ଭାରୋତ୍ତୋଳନ ସଂଘର ଆନ୍ତରିଣ ସମ୍ପାଦକ ଗୋପାଳକୃଷ୍ଣ ଦାସ, ଅଲିମ୍ପିଆନ କେ, ରବିକୁମାର, ସୌମିତ୍ରୀ ମଣ୍ଡଳ, ରାଜୀବ ଲୋଚନ ଷଡ଼ଙ୍ଗୀ, ଜୋଲଟନ ଫରକାସ, ହିମାସ ଗାପାସି, ପି. ଧର୍ମାରାଓ, ପଦ୍ମିନୀ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।




ପଦକ ବିଜେତା ଭାରୋତ୍ତୋଳକଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



**ଲାବନ୍ୟା ରାଉତରାୟ**
ସଂସାରଫଳ, ପଟ୍ଟାମୁଣ୍ଡାଇ
ପବିତ୍ର ଜନ୍ମଦିନ ଅବସରରେ କରୁଣାମୟ ଶ୍ରୀଜଗନ୍ନାଥ ଆମ ଗେହ୍ଲା ନାତୁଣୀ ଲାବନ୍ୟାକୁ କୋଟି ଆୟୁଷ ଦିଅନ୍ତୁ।
ଶୁଭେଚ୍ଛାସହ:
ଜେଜେ, ଜେମା', ଅଜା, ଆଇ, ବାପା, ବୋଉ, ବଡ଼ବାପା, ବଡ଼ବୋଉ, କକା, କାକି ଓ ଭାଇ ଭଉଣୀ।
ଧ-୨୪୧୯


# ରୋହିତ ଶର୍ମା ନଂ-୧

ଦୁବାଇ,୨୯।୧୦(ପି.ଟି.): ଭାରତର ପୂର୍ବତନ ଅଧିନାୟକ ରୋହିତ ଶର୍ମା ବୁଧବାର ଆଇସିସି ପୁରୁଷ ଦିନିକିଆ ବ୍ୟାଟରଙ୍କ ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଜାଜ୍ୱଲ୍ୟମୟ କ୍ୟାରିୟରରେ ସେ ପ୍ରଥମ ଥର ପାଇଁ ଏହି ସଫଳତା ପାଇଛନ୍ତି। ଏହି ପ୍ରକ୍ରିୟାରେ ସେ ଆଫଗାନିସ୍ତାନର ଓପନର ଇବ୍ରାହିମ ଜଦ୍ରାନ ଓ ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ପଛରେ ପକାଇଛନ୍ତି। ରୋହିତଙ୍କ ବ୍ୟତୀତ ଟପ୍-୧୦ ବ୍ୟାଟରଙ୍କ ମଧ୍ୟରେ ୩ ଭାରତୀୟ ରହିଛନ୍ତି।

# କେନ୍ଦ୍ରାପଡ଼ାରେ ମହିଳା ଫିଡେ ରେଟିଂ ଚେସ୍

ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ରାଜ୍ୟ ସିନିୟର ମହିଳା ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। କେନ୍ଦ୍ରାପଡ଼ାର ଗରାପୁରଠାରେ ଏହା ନଭେମ୍ବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ପ୍ରଥମଥର ଲାଗି ୫୦,୦୦୦ ଟଙ୍କାର ପୁରସ୍କାର ରାଶି ଏବଂ ୪୩ଟି ଟ୍ରଫି ପ୍ରଦାନର ବ୍ୟବସ୍ଥା କରାଯାଇଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନରଅପ୍‌ଙ୍କୁ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ୫ରୁ ୧୫ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ୩ ଜଣ ଲେଖାଏ ଖେଳାଳିଙ୍କୁ ଆକର୍ଷଣୀୟ ଟ୍ରଫି ଏବଂ ଶ୍ରେଷ୍ଠ ଭେଟେରାନ୍, ଭିନ୍ନକ୍ଷମ ଏବଂ କେନ୍ଦ୍ରାପଡ଼ା ଜିଲାର ସ୍ଥାନୀୟ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯିବ। ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଆୟୋଜକ ଆସୋସିଏଶନ ସଭାପତି କିଶୋର ପଣ୍ଡା ପ୍ରକାଶ କରିଛନ୍ତି। ପ୍ରତିଯୋଗିତାର ଶ୍ରେଷ୍ଠ ୪ ପ୍ରତିଯୋଗୀ ଆଗାମୀ ଜାତୀୟ ସିନିୟର ମହିଳା ଚେସ୍‌ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହେବେ। ଜାତୀୟ ପ୍ରତିଯୋଗିତା ଡିସେମ୍ବର ୩ରୁ ୧୩ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ ଅନୁଷ୍ଠିତ ହେବ। ଗୁରୁବାର ସକାଳ ୧୦ଟା ମଧ୍ୟରେ ୫୦୦ ଟଙ୍କା ଏଣ୍ଟ୍ରି ଫି' ଦେଇ ପ୍ରତିଯୋଗୀମାନେ ନିଜ ନାମ ପଞ୍ଜୀକୃତ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ଭବେଶ ମହାନ୍ତି ଜଣାଇଛନ୍ତି।

# ଓଡ଼ିଶାର ସାର୍ଥକଙ୍କୁ ବ୍ରୋଞ୍ଜ ପଦକ

## ଏସିଆନ୍ ୟୁଥ୍ ଗେମ୍ସ

ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)

ବାହାରିନ୍‌ରେ ଅନୁଷ୍ଠିତ ଏସିଆନ୍ ୟୁଥ୍ ଗେମ୍ସରେ ଓଡ଼ିଶାର ସାର୍ଥକ ଆର୍ଯ୍ୟ ଟେବୁଲ ଟେନିସ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲକରି ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ସାର୍ଥକ ଓ ବେଙ୍ଗଲର ସିନ୍ଦ୍ରେଲା ଦାସ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ମହାଦେଶୀୟ ୟୁଥ୍ ଟେବୁଲ ଟେନିସ୍‌ର ଡବଲ୍ସ ଇଭେଣ୍ଟରେ ଭାରତର ଏହା ପ୍ରଥମ ପଦକ। ସାର୍ଥକ ଓ ସିନ୍ଦ୍ରେଲା ଯୋଡ଼ି କ୍ୱାର୍ଟର ଫାଇନାଲରେ ଉଚ୍ଚ ର୍‌ୟାଙ୍କ୍‌ପ୍ରାପ୍ତ କୋରିଆ ଯୋଡ଼ି ଲି ସଙ୍ଗ୍‌ସୁ ଓ ହିୟୋ ୟେରିମଙ୍କୁ ୩-୨ରେ ପରାସ୍ତ କରିଥିଲା। ସେମିଫାଇନାଲରେ ପ୍ରଥମ ୨ ସେଟ୍ ଜିତି ଫାଇନାଲ ଦ୍ୱାରରେ ପହଞ୍ଚିଥିଲେ ହେଁ ପରବର୍ତ୍ତୀ ୩ ସେଟ୍ ହାରି ଚାଇନା ଯୋଡ଼ି ତାଙ୍ଗ ୟିରେନ ଓ ହୁ ୟି'ଙ୍କଠାରୁ ୨-୩ (୧୧-୫, ୧୧-୯, ୯-୧୧, ୮-୧୧, ୯-୧୧)ରେ ପରାଜିତ ହୋଇଥିଲେ। ଏସୀୟ ପ୍ରତିଯୋଗିତା ପରି ଏକ ବଡ଼ ମଞ୍ଚରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ସାର୍ଥକ ଓ ସିନ୍ଦ୍ରେଲାଙ୍କୁ ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ମ୍ୟାଚ୍ ଡ୍ର ; ଓଡ଼ିଶାକୁ ୬, ଆସାମକୁ ୨ ପଏଣ୍ଟ

## ସି.କେ. ନାଇଡୁ ଟ୍ରଫି

ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)

କିଟ୍ କ୍ରିକେଟ୍ ଷ୍ଟାଡିୟମରେ ବୁଧବାର ଶେଷ ହୋଇଥିବା ଓଡ଼ିଶା-ଆସାମ ୨୩ ବର୍ଷରୁ କମ୍ କଲୋନେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ୍ ମ୍ୟାଚ ଅମୀମାଂସିତ ଭାବେ ଶେଷହୋଇଛି। ବର୍ଷା ଯୋଗୁ ୪ର୍ଥ ଦିବସ ଖେଳ ସମ୍ଭବ ହୋଇ ନ ଥିଲା। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପଏଣ୍ଟ ସିଷ୍ଟମ ଅନୁସାରେ ଓଡ଼ିଶାକୁ ୬ ଓ ଆସାମକୁ ୨ ପଏଣ୍ଟ ମିଳିଛି। ଉଭୟ ଦଳକୁ ଗୋଟିଏ ଲେଖାଏ ମ୍ୟାଚ୍ ପଏଣ୍ଟ ମିଳିଥିବାବେଳେ ବ୍ୟାଟିଂରେ ଓଡ଼ିଶାକୁ ୧ ଓ ଆସାମକୁ ୦ ଏବଂ ବୋଲିଂରେ ଓଡ଼ିଶାକୁ ୪ ଓ ଆସାମକୁ ୧ ପଏଣ୍ଟ ମିଳିଛି। ଏଥିରେ ଆସାମ ପ୍ରଥମ ଇନିଂସ୍‌ରେ ୨୧୬ ରନ୍ କରିଥିବାବେଳେ ଓଡ଼ିଶା ୩ ଉଇକେଟ ହରାଇ ୧୬୯ ରନ୍ କରିବାପରେ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଉଭୟ ଦଳର ପ୍ରଥମ ଇନିଂସ୍ ଶେଷ ହୋଇ ନ ଥିବାରୁ ବିସିସିଆଇ ନିୟମ ଅନୁସାରେ ପଏଣ୍ଟ ପ୍ରଦାନ କରାଯାଇଥିଲା।


# Classified Everyday
0674-2580101, 9692975378


REAL ESTATE
SALE

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ଫ୍ଲାଟ୍, 2/3 BHK Flat/ Duplex ଅଛି– 8327785834 D–06


FOR RENT

Fully furnished residential accommodation near Allen College Koustav Chandrasekharpur. 8895154066. D-2416

Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944


Healthcare

Full body massage by odia therapist in homely atmosphere. 9078618337. D-2417

AFFIDAVIT

By virtue of an affidavit sworn before the Notary Public, Saintala dated.- 23.10.2025, Sl.No.- 87, I, Jamuna Bhoi, Resident of Village At- Dedhel, P.O.- Ghunsar, P.S.- Saintala, Dist:- Balangir (Odisha), PIN– 767032 declare that I have changed my name from Amrita Majhi to Jamuna Bhoi. Henceforth, I shall be known as Jamuna Bhoi for all purpose.
Jamuna Bhoi D-2414

By virtue an affidavit sworn before the Executive Magistrate, dated- 27.10.2025, I, Smrutilata Dash, W/o.- Madhusudan Dash, Address: At- Chainpur, P.O./P.S.- Bonth, Dist.- Bhadrak, PIN- 756114, Odisha declare that I have changed my name from Srutilata Dash to Smrutilata Dash. Henceforth, I shall be known as Smrutilata Dash for all purposes. D-2413

By virtue of an affidavit sworn before the Executive Magistrate, Sundargarh, date- 27.10.25, I, Prakash Podh, S/o.- Late Shyam Podh, R/o. Village/P.O.- Tikilipara, P.S.- Hemgir, Dist.- Sundargarh, Odisha declare that my father Late Shyam Podh official nominee record of MCL my name has been erroneously mentioned as PRANAY KU. PODH. That both the names PRAKASH PODH and PRANAY KU. PODH refers to one and same person. D-2421

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

I, KANU CHARAN BEURA, S/o.- Late Kumar Beura, Resident of At- Padasahi, P.O.- Raghunathpur, P.S.- Nandankanan, Bhubaneswar, Dist.- Khordha, PIN- 754005, Odisha declare by this affidavit No.- 878 dtd.- 27.10.2025 that now onwards I shall be known as KANHU CHARAN BEURA for all purposes. D-2412

LOST

Original property document Sale Deed, Link Documents, Patta/ ROR & money receipt of property at address Plot No.- 766/4573 & 765/4557 & 767/4556, Khata No.432/2669 & 432/2660, Mouza- Dumduma, P.S.- Khandagiri, SRO/Tahasil- Bhubaneswar, Dist.- Khurda belonging to Surya Kumari Prusty, W/o.- Late Basanta Kumar Prusty, R/o Plot No.- 1294, N-1/175, Nayapalli, Bhubaneswar, has been lost/misplaced inadvertently. Finder may please contact at 9937147355. Duplicate will be applied for if unclaimed within 7 days. D-76867

LEGAL NOTICE

IN THE COURT OF THE SUB-COLLECTOR, CUTTACK.
MUTATION APPEAL NO. 12/25.
Ashok Kumar Mohanty & others. ....Appellants.
VERSUS
Himansu Sekhar Mohanty & others. .....Respondents.
To.
Respondent No.2) Kalyani Mohanty, aged about 41 years. 3) Chumuki Mohanty, aged about 37 years. No.2 & 3 are Daughters of Late Ramanath Mohanty, Both are of Village- Mallipur, P.O/P.S-Kishannagar, Dist.- Cuttack.
You are hereby noticed to appear in the above Appeal on dt.- 25.11.2025, failing which the Appeal will be decided in your absence.
S/d.- SUB COLLECTOR, CUTTACK.
D-2420



**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

## ୧୬ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**
ସ୍ୱାମୀ- ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁପରିଜନ
ଧ-୨୪୧୮

## Shradhanjali



DOB: 15.08.1933
DOD: 21.10.2025
**Late Soudamini Misra**
(W/o: Late Biswanath Misra)
A gentle and caring soul, will continue to live in our memories and be in our prayers always.
DEEPLY MOURNED BY
Bereaved Sons Manoranjan Mishra, Sudhansu Ranjan Mishra and other grieving relatives and family members
D-2422

## ପରଦାରେ...

# ଶମ୍ଭୁ



ତମନ୍ନା

ବିଭୂତି ଭୂଷଣ ଜେନାଙ୍କ ପ୍ରଯୋଜିତ ଓଡ଼ିଆ ଫିଲ୍ମ 'ଶମ୍ଭୁ' ଚଳିତ ମାସ ୩୧ ତାରିଖରେ ରିଲିଜ ହେବାକୁ ଯାଉଛି। ଅନୁପମା ଜେନାଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଏସ. ଦିଲୀପ ପଣ୍ଡା। ଏହାର ନାୟକ ସାଜିଛନ୍ତି ନବାଗତ ଶୁଭମ୍। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଦୀପକ କୁମାର। ଏହାର ସହ ପ୍ରଯୋଜକ ଅଛନ୍ତି ବିବେକ ଜେନା ଓ ଅଭିଷେକ ଜେନା । ଏଥିରେ ଶୁଭମଙ୍କ ଅପୋଜିଟ୍‌ରେ ଅଛନ୍ତି ତମନ୍ନା। ଯାତ୍ରା ଜଗତର ଖଳନାୟକ ପୀୟୂଷ ତ୍ରିପାଠୀ, ଜୀବନ ପଣ୍ଡା, ଡିସ୍କୋ ରେଡ୍ଡୀ,ଚିନ୍ତାମଣି,ଐଶ୍ୱର୍ଯ୍ୟାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

# ଭାବି ନ ଥିଲେ ଅନନ୍ୟା



ଅନନ୍ୟା

ଅନନ୍ୟା ପାଣ୍ଡେ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ତାହା ତାଙ୍କ ପାଇଁ ଏକ ସରପ୍ରାଇଜ ଥିଲା କହିଲେ ଟିକିଏ ହେଲେ ଭୁଲ୍ ହେବ ନାହିଁ। କାରଣ ସେତେବେଳେ ସେ ପାଠପଢ଼ାରେ ବ୍ୟସ୍ତ ଥିଲେ। ହଠାତ୍ କରନ୍ ଜୋହରଙ୍କ ପରି ନାମୀ ପ୍ରଯୋଜକଙ୍କ ନିକଟରୁ ଅଫର ପାଇବା ପରେ ତାହାକୁ ସେ ସହଜରେ ବିଶ୍ୱାସ କରିପାରି ନ ଥିଲେ। କରନ୍ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର ୨'ର ଫିମେଲ ଲିଡ୍ ପାଇଁ ଜଣେ ନବାଗତାଙ୍କ ସନ୍ଧାନରେ ଥିଲେ। ଏକଦା ତାଙ୍କର ଚଙ୍କି ତନୟା ଅନନ୍ୟାଙ୍କ କଥା ମନକୁ ଆସିଥିଲା ଆଉ ବିଳମ୍ବ ନ କରି ସେ ଚଙ୍କିଙ୍କ ସହ ଯୋଗାଯୋଗ କରିଥିଲେ। ଶେଷରେ ମାମା-ପାପାଙ୍କ କଥାକୁ କାଟି ନ ପାରି ଅନନ୍ୟା ଅଡିଶନ୍ ଦେବାକୁ ଯାଇଥିଲେ। ଆଉ ଯେତେବେଳେ ସେ ଜାଣିଲେ ଯେ ଏହି ରୋଲ୍ ପାଇଁ ତାଙ୍କୁ ଚୟନ କରାଯାଇଛି ତାଙ୍କ ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ଆସି ଯାଇଥିଲା। ଏ ନେଇ ଅନନ୍ୟା କହନ୍ତି, ''କରନ୍ ସାର୍ ଯେତେବେଳେ ମୋତେ ଜଣାଇଲେ ଯେ ମୁଁ ଅଡିଶନରେ ପାସ୍ କରିଛି ସେତେବେଳେ ମୁଁ ତାହାକୁ ବିଶ୍ୱାସ କରିପାରି ନ ଥିଲି। କାରଣ ଏତେ ଶୀଘ୍ର ବଲିଉଡ୍‌ରେ ଏଣ୍ଟ୍ରି ପାଇଁ ମୁଁ ମାନସିକ ସ୍ତରରେ ପ୍ରସ୍ତୁତ ନ ଥିଲି। ଯାହାହେଉ ଦର୍ଶକଙ୍କ ଭଲ ପାଇବା ଯୋଗୁ ଆଜି ମୋର ଆକ୍ଟିଂ କ୍ୟାରିୟର ଚାଲୁ ରହିଛି। ଏକଥା ସତ ଯେ ମୋର ଛଅ ବର୍ଷର କ୍ୟାରିୟର ଭିତରେ ମୁଁ ମାତ୍ର ୧୨ଟି ସିନେମାରେ ଅଭିନୟ କରିଛି। ଭବିଷ୍ୟତରେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଆଶା ରଖିଛି।'' ଅନନ୍ୟା ଏବେ 'ଚାନ୍ଦ ମେରା ଦିଲ୍' ଫିଲ୍ମ ଶୁଟିଂରେ ବ୍ୟସ୍ତ ଅଛନ୍ତି।

# ବାଲିଯାତ୍ରା

ଆମ ରାଜ୍ୟର ଅନେକ ପ୍ରାଚୀନ ପରମ୍ପରା ଏବେ ବି ବଞ୍ଚି ରହିଛି। ତନ୍ମଧ୍ୟରୁ ଅନ୍ୟତମ ହେଉଛି ବାଲିଯାତ୍ରା। ସେହି ସ୍ୱର୍ଣ୍ଣିମ ଗାଥାକୁ ଏକ ନାଟ୍ୟାଭିନୟ ମାଧ୍ୟମରେ ଉପସ୍ଥାପନା କରାଯାଉଛି, ଯାହାର ଶୀର୍ଷକ ରହିଛି 'ବାଲିଯାତ୍ରା'। ଏହାର ପରିକଳ୍ପନା, ବିଷୟବସ୍ତୁ, ଗୀତ ରଚନା ସାଙ୍ଗକୁ ସଙ୍ଗୀତ ନିର୍ଦ୍ଦେଶନାର ଗୁରୁ ଦାୟିତ୍ୱ ବହନ କରିଛନ୍ତି ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ସୌଭାଗ୍ୟଲକ୍ଷ୍ମୀ ଜେନା (ବିନି)। ସାଇ ଶ୍ରଦ୍ଧା ପ୍ରଡକ୍ସନ ବ୍ୟାନରରେ ଏହାର ସଙ୍ଗୀତଭିତ୍ତିକ ଅଡିଓ ଭିଜୁଆଲ ପ୍ରସ୍ତୁତ ହେଉଛି। ଏଥିରେ ପ୍ରମୁଖ ଭୂମିକାରେ ଅଛନ୍ତି ଅଶ୍ରୁମୋଚନ ମହାନ୍ତି, ଶ୍ରୀତମ ଦାସ, ସୁକାନ୍ତ ରଥ, ଅଖିଳ ପଟ୍ଟନାୟକ, ସାହେବ ସିଂ, ସୋହମ, ଶୁଭାଶିଷ, ଶକ୍ତି ବରାଳ, ଶମ୍ଭୁ ଖୁଣ୍ଟିଆ, ମିଲୁ, ହିତେଶ। ବାଗ, ଲଭରିନ ଖାନ,ଲିପ୍ସା ମହାରଣା, ସୌମ୍ୟା ସୁଚରିତା ସାହୁ, ସଙ୍ଗୀତା ବେହେରା, ମାମାଲି ସାହୁ, ଲିପ୍ସା ଓ ପ୍ରିୟଙ୍କା ସାହୁ। କୋରିଓଗ୍ରାଫି କରିଛନ୍ତି ବବି ଇସଲାମ୍। ପାରିକୁଦ ଓ ଭିଙ୍ଗାରପୁରଠାରେ ଏହାର ଶୁଟିଂ ଚାଲିଛି। ଆସନ୍ତା ନଭେମ୍ବର ୫ ତାରିଖରେ ଏହା ଲୋକାର୍ପିତ ହେବ ବୋଲି ସୂଚନା ଦେଇଛନ୍ତି ସୌଭାଗ୍ୟଲକ୍ଷ୍ମୀ। ତେବେ ଏହି ନାଟ୍ୟାଭିନୟର ସଫଳାତକୁ ନେଇ ଦୃଢ଼ ଆଶାବାଦୀ ଅଛନ୍ତି ଡ. ଶତପଥୀ।



'ବାଲିଯାତ୍ରା'ର ଏକ ଦୃଶ୍ୟ

# ଅପେକ୍ଷାର ଫଳ ମିଠା...

ସତରେ ଅପେକ୍ଷାର ଫଳ ମିଠା। କିନ୍ତୁ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବା ହେଲା ବଡ କଥା। ନିଜ ମାରାଥନ ଅଭିନୟ କ୍ୟାରିୟରରେ ପ୍ରିୟଙ୍କା ଚୋପ୍ରା ତେଲୁଗୁ ସିନେମାରେ ଅଭିନୟ କରି ନ ଥିଲେ। 'ଏସ୍ଏସ୍ଏମ୍ବି୨୯' ଟାଇଟଲ ବିଶିଷ୍ଟ ତେଲୁଗୁ ଫିଲ୍ମର ସେ ନାୟିକା ସାଜୁଛନ୍ତି। ଏହାର ନାୟକ ଚରିତ୍ରରେ ଅଭିନୟ କରିବେ ସୁପରଷ୍ଟାର ମହେଶବାବୁ। ସବୁଠାରୁ ଖାସ୍ କଥା ହେଲା, ଏହି ବିଗ୍ ବଜେଟ୍ ଫିଲ୍ମର ନିର୍ଦ୍ଦେଶନା ଦେବେ ପ୍ରଖ୍ୟାତ ନିର୍ଦ୍ଦେଶକ ଏସ.ଏସ. ରାଜମୌଳି। ଚିତ୍ରଟିର ମୁଖ୍ୟ ଭୂମିକା ଫାଇନାଲ ହୋଇଥିବା ବେଳେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏହାର ବଜେଟ ରଖାଯାଇଛି ପାଖାପାଖି ୧୧୦୦ କୋଟି। ଅନ୍ୟପକ୍ଷରେ ରାଜମୌଳିଙ୍କ ନିର୍ଦ୍ଦେଶିତ 'ଆର୍ଆର୍ଆର୍'ର ପାଞ୍ଚବର୍ଷ ପୂର୍ତ୍ତି ଅବସରରେ 'ଏସ୍ଏସ୍ଏମ୍ବି୨୯' ମାର୍ଚ୍ଚ ୨୫, ୨୦୨୭ରେ ରିଲିଜ ହେବାର ଯୋଜନା ରହିଛି। ଅନ୍ୟପକ୍ଷରେ ଏଭଳି ଏକ ସୁଯୋଗ ପାଇଥିବାରୁ ପ୍ରିୟଙ୍କାଙ୍କ ଖୁସି କହିଲେ ନ ସରେ। ଏ ବିଷୟରେ ପ୍ରିୟଙ୍କା କହନ୍ତି, ''ଯେତେବେଳେ ମୁଁ ଜାଣିଲି ଯେ ରାଜମୌଳି ସାର୍‌ଙ୍କ ପରି ନିର୍ଦ୍ଦେଶକଙ୍କ ଫିଲ୍ମରେ କାମ କରିବି ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। ପୁଣି ଏହି ଫିଲ୍ମରେ ମୋ ଅପୋଜିଟ୍‌ରେ ଅଛନ୍ତି ମହେଶ ବାବୁ। ତେବେ ଫିଲ୍ମଟି ନିଶ୍ଚୟ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିବ ବୋଲି ମୋର ଦୃଢ଼ ବିଶ୍ୱାସ।'' ଏହାବ୍ୟତୀତ ସେ ଏବେ ନିର୍ମାଣାଧୀନ ଦୁଇଟି ହଲିଉଡ୍ ସିନେମା-'ଦ ବ୍ଲଫ୍' ଏବଂ 'ଜଜମେଣ୍ଟ ଡେ'ରେ ଅଭିନୟ କରୁଛନ୍ତି।



ପ୍ରିୟଙ୍କା

# ନାମ ପରିବର୍ତ୍ତନ ଅନ୍ତରାଳେ...

ଅକ୍ଷୟ କୁମାରଙ୍କ ପ୍ରକୃତ ନାମ ଥିଲା ରାଜୀବ ହରି ଓମ୍ ଭାଟିଆ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ନାମକୁ ପରବର୍ତ୍ତନ କରି ଅକ୍ଷୟ କୁମାର ରଖିଥିଲେ। ହେଲେ ଏହାପଛରେ କିଛି କାରଣ ମଧ୍ୟ ଥିଲା। ଏ ବିଷୟରେ ସେ କହନ୍ତି, ''ଏକଦା ମୁଁ ମହେଶ ବାବୁଙ୍କ ଏକ ସିନେମା ଦେଖୁଥାଏ। ଏଥିରେ ଅନୁପ୍ରାଣିତ ହୋଇ ମୋ ନାମକୁ ପରିବର୍ତ୍ତନ କରିବାକୁ ସ୍ଥିର କରିଥିଲି। ହେଲେ ତା'ପୂର୍ବରୁ ମୁଁ ଜଣେ ଜ୍ୟୋତିଷୀଙ୍କ ସହ ଏ ନେଇ କଥା ହୋଇଥିଲି ଏବଂ ସେ ମୋତେ ଏଥିପାଇଁ ସବୁଜ ସଙ୍କେତ ଦେଇଥିଲେ।'' ଅଭିନୟ କରିବା ପୂର୍ବରୁ ସେ ବ୍ୟାଙ୍କକ୍‌ରେ ଜଣେ ସେଫ୍ ଭାବରେ କିଛି ଦିନ କାମ କରିଥିଲେ। ମାର୍ଶଲ ଆର୍ଟସରେ ସେ ଜଣେ ପ୍ରଶିକ୍ଷକ ଭାବରେ ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି। ୧୯୯୧ରେ ତାଙ୍କ ଅଭିନୀତ ପ୍ରଥମ ସିନେମା 'ସୌଗନ୍ଧ' ରିଲିଜ ହୋଇଥିଲା। ଠିକ୍ ଏହାର ପରବର୍ଷ ଅର୍ଥାତ୍ ୧୯୯୨ରେ 'ଖିଲାଡି' ମୁକ୍ତିଲାଭ କଲା ଆଉ ଏହି ଚିତ୍ରଟି ତାଙ୍କୁ ରାତାରାତି ଜଣେ ନାମୀ ଅଭିନେତାର ମାନ୍ୟତା ଦେଇଥିଲା। ଏପରିକି ଏଥିପାଇଁ ତାଙ୍କୁ 'ଖିଲାଡି ମାଷ୍ଟର' ଭାବରେ ସମ୍ବୋଧିତ କରାଯାଇଥାଏ।



ଅକ୍ଷୟ କୁମାର

# ସଜ ହେଉଛନ୍ତି ଜ୍ୟାକ୍ଲିନ୍

ମଡେଲିଂରୁ ଅଭିନୟ ଜଗତରେ ପାଦ ଥାପିଥିଲେ ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍ଲିନ୍ ଫର୍ନାଡିସ। ନିର୍ଦ୍ଦେଶକ ସୁଜୟ ଘୋଷ ତାଙ୍କୁ ବଲିଉଡ୍‌ରେ ପ୍ରଥମେ ସୁଯୋଗ ଦେଇଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ଆଲ୍ଲାଦିନ'। ଅମିତାଭ ବଚ୍ଚନଙ୍କ ପରି ନାମୀ କଳାକାରଙ୍କୁ ନେଇ ପ୍ରସ୍ତୁତ ଏହି ସିନେମାଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ୍ କରିବାରେ ବିଫଳ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ନିଜ ମନୋବଳକୁ ଦୃଢ଼ କରି ଗୋଟିଏ ପରେ ଗୋଟିଏ ସିନେମାର ଅଭିନୟ କରିଚାଲିଛନ୍ତି। ଏବେ ତାଙ୍କୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ନିକଟରେ ତାଙ୍କୁ ଏକ ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଛି। ତେଣୁ ଏ ନେଇ ସେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏଭଳି ସୁଯୋଗ ବିଷୟରେ ଜ୍ୟାକ୍ଲିନ୍ କହନ୍ତି, ''ଏହି ଫିଲ୍ମରେ ମୋତେ ନେଇ କେତୋଟି ଆକ୍ସନ ଶଟ୍ ଶୁଟିଂ କରାଯିବ। ତେଣୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। କେବଳ ସେତିକି ନୁହେଁ, ଏହି ରୋଲ୍‌ଟି ମୋ କ୍ୟାରିୟରକୁ ଏକ ନୂଆ ମୋଡ ଦେବ ବୋଲି ଆଶା ରଖିଛି। ଏହାର ଟାଇଟଲ ଫାଇନାଲ ହୋଇନାହିଁ।'' ତେବେ ଆକ୍ସନ ଭୂମିକାରେ ଜ୍ୟାକ୍ଲିନ୍ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ଜ୍ୟାକ୍ଲିନ୍

# ଓଡ଼ିଆ ଚଳଚ୍ଚିତ୍ରର ସେନ୍ସର ପ୍ରସଙ୍ଗ...

ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରେ ପ୍ରଦର୍ଶନ ହେବା ପୂର୍ବରୁ ସେନ୍ସର ସାର୍ଟିଫିକେଟର ଆବଶ୍ୟକତା ପଡିଥାଏ। ଏହି ସେନ୍ସର ସାର୍ଟିଫିକେଟର ଜେରକ୍ସ କପି କିମ୍ବା ମୂଳ ସାର୍ଟିଫିକେଟର ଫଟୋକପି ଚିତ୍ରର ପ୍ରଯୋଜକ କିମ୍ବା ଚଳଚ୍ଚିତ୍ର ବିତରକ ପ୍ରେକ୍ଷାଳୟ ମାଲିକଙ୍କୁ ଦେଇଥାନ୍ତି। ସେନ୍ସନର ସାର୍ଟିଫିକେଟ ନ ଥାଇ କୌଣସି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ପ୍ରଦର୍ଶନ ହୋଇ ପାରିବ ନାହିଁ। ସିନେମାଟୋଗ୍ରାଫ ଆଇନ କେନ୍ଦ୍ର ସରକାରଙ୍କର ଅଧୀନରେ ପରିଚାଳିତ ଓ ଫିଲ୍ମ ସେନ୍ସର ବୋର୍ଡ ମଧ୍ୟ କେନ୍ଦ୍ର ସରକାରଙ୍କ ଅଧୀନରେ ପରିଚାଳିତ। ଭାରତର ତିନି ଗୋଟି ସେନ୍ସର ବୋର୍ଡ କାର୍ଯ୍ୟାଳୟ ମୁମ୍ବାଇ, ଚେନ୍ନାଇ, ଏବଂ କୋଲକାତାଠାରେ କାର୍ଯ୍ୟ କରୁଅଛି। ସେନ୍ସର ବୋର୍ଡ ସରକାରଙ୍କର ନିର୍ଦ୍ଧାରିତ ନୀତି ଅନୁସାରେ ଗୋଟିଏ ଫିଲ୍ମକୁ 'ୟୁ' (ୟୁନିଭର୍ସାଲ), 'ଏ' (ଆଡଲ୍ଟ) କିମ୍ବା 'ୟୁ/ଏ' ସାର୍ଟିଫିକେଟ ପ୍ରଦାନ କରିଥାନ୍ତି।



ଦର୍ଶକମାନଙ୍କୁ ମନୋରଞ୍ଜନ ଦେବା ଆଳରେ ଯେଉଁସବୁ ଦୃଶ୍ୟ ସେନ୍ସର ଆଇନ ବିରୋଧ ସେ ବିଷୟରେ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଭଲ ଭାବରେ ଅବଗତ ହେବା ଦରକାର। ବିଷୟବସ୍ତୁ ଓ ଚିତ୍ରନାଟ୍ୟରେ ଯେପରି ହିଂସା, ମାରିପିଟ୍, ମହିଳାମାନଙ୍କ ଉପରେ ନିର୍ଯାତନା, ଅର୍ଦ୍ଧନଗ୍ନ ଦୃଶ୍ୟ ପ୍ରଦର୍ଶନ, ରାହାଜାନି, ମଦ୍ୟପାନ ଓ ନିଶାଦ୍ରବ୍ୟ ସେବନ ଭଳି ଦୃଶ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର। ଏହାବ୍ୟତୀତ ଚଳଚ୍ଚିତ୍ରରେ ଅଖଣ୍ଡତା, ସାମ୍ପ୍ରଦାୟିକ ସଦ୍‌ଭାବ, ଧାର୍ମିକ ଭାବନା ଉପରେ ଆଞ୍ଚ ଆଣିବା ଏବଂ କୋମଳମତି ଶିଶୁମାନଙ୍କ ମନରେ କୁପ୍ରଭାବ ନ ପକାଇବା ଭଳି ଦୃଶ୍ୟ ପ୍ରତି ସଚେତନ ରହିବା ନିହାତି ଜରୁରୀ। ଓଡ଼ିଶାରେ ଏକ ସେନ୍ସର ବୋର୍ଡର ଶାଖା ଖୋଲିବାକୁ ତତ୍କାଳୀନ ସୂଚନା ପ୍ରସାରଣ ମନ୍ତ୍ରୀ ଅଜିତ କୁମାର ପାଞ୍ଜାଙ୍କୁ କଟକ ବକ୍ସିବଜାର ଚଳଚ୍ଚିତ୍ର ଉନ୍ନୟନ ନିଗମ ବୋର୍ଡର ଏକ ବୈଠକରେ ଯୋଗ ଦେବା ଅବସରରେ ଓଡ଼ିଶା ସିନେ କ୍ରିଟିକ ଆସୋସିଏଶନ ପକ୍ଷରୁ ସ୍ମାରକ ପତ୍ର ଦିଆଯାଇଥିଲା। ତା'ପରେ ଓଡ଼ିଶାରେ ସେନ୍ସର ବୋର୍ଡ ହେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା। ପ୍ରଶାନ୍ତ ନନ୍ଦଙ୍କ ସିନେମା 'ଲୁଟତରାଜ'ର ସେନ୍ସର ଓଡ଼ିଶାରେ ହେଲା। ଚଳିତ ବର୍ଷ ଦୀପାବଳିରେ ନୂଆ ଓଡ଼ିଆ ସିନେମା 'ଲଢ଼େଇ' ରିଲିଜ ହେବାର ଥିଲା। କିନ୍ତୁ କେତେକ ସେନ୍ସରଗତ କାରଣରୁ ଏହାକୁ ମୁମ୍ବାଇ ମୁଖ୍ୟ ସେନ୍ସର କାର୍ଯ୍ୟାଳୟକୁ ପଠାଯାଇଛି। ତେବେ ସିନେମାଟିଏ ନିର୍ମାଣ କରିବା ସମୟରେ ପ୍ରଯୋଜନା ସଂସ୍ଥା ସେନ୍ସର ସମ୍ପର୍କିତ ସମସ୍ତ ନିୟମାବଳୀ ବିଷୟରେ ଭଲ ଭାବରେ ଅବଗତ ହେବା ନିହାତି ଦରକାର।

**-ଦିଲ୍ଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩୦/୨୦୨୫ Bhubaneswar, Thursday, October 30/ 2025

# ଫାଇନାଲରେ ଦକ୍ଷିଣ ଆଫ୍ରିକା

**ଗୁଆହାଟୀ,୨୯।୧୦**

ଲୌରା ୱୋଲଭାର୍ଡଟଙ୍କ ମାରାଥନ ଶତକ ଓ ମାରିଜେନ କାପଙ୍କ ୫ ଉଇକେଟ ସଫଳତା ବଳରେ ଦକ୍ଷିଣ ଆଫ୍ରିକା ବୁଧବାର ଖେଳାଯାଇଥିବା ଚଳିତ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲରେ ଇଂଲଣ୍ଡକୁ ୧୨୫ ରନର ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଏଥିସହିତ ଦଳ ମହିଳା ବିଶ୍ୱକପ୍ ଇତିହାସରେ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ୪ ଥରର ଚାମ୍ପିୟନ ଇଂଲଣ୍ଡର ଅଭିଯାନ

**ମହିଳା କ୍ରିକେଟ ବିଶ୍ୱକପ୍**

ସେମିଫାଇନାଲରେ ଶେଷ ହୋଇଛି।

ଦକ୍ଷିଣ ଆଫ୍ରିକା ପାଇଁ ଅଧିନାୟିକା ଲୌରା ଓ ତଜମିନ ବ୍ରିଟ୍ସ ପ୍ରଥମ ଉଇକେଟରେ ୧୧୬ ରନ କରିଥିଲେ। ବ୍ରିଟ୍ସ (୪୫ ରନ, ୬ ଚୌକା ଓ ୧ ଛକା) ଆଉଟ୍ ହେବା ପରେ ଗୋଟିଏ ପଟେ ୱୋଲଭାର୍ଡଟ ଆଟାକିଂ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା। ୱୋଲଭାର୍ଡଟ ୨୦ ଚୌକା ଓ ୪ ଛକା ସହ ୧୬୯ ରନର ଇନିଂସ ଖେଳି ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ କ୍ଲୋ ଟ୍ରାଇଅନଙ୍କ ସହ ସପ୍ତମ ଉଇକେଟ ପାଇଁ ୪୭ ବଲରେ ଦ୍ରୁତ ୮୯ ରନ ଯୋଡ଼ିଥିଲେ। ଶେଷ ଆଡ଼କୁ ଟ୍ରାଇଅନ ୩୩ (୩ ଚୌକା ଓ ୧ ଛକା) ଓ ନାଦିନେ ଡି କ୍ଲର୍କ ୧୧ (୨ ଚୌକା) ରନ କରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୩୧୯ ରନ କରିଥିଲା। ଇଂଲଣ୍ଡ ପାଇଁ ସୋଫି ଏକଲେଷ୍ଟୋନ ୪ ଓ ଲୌରେନ ବେଲ ୨ ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ମାତ୍ର ୧ ରନରେ ଆମି ଜୋନ୍ସ, ଟମି ବ୍ୟୁମଣ୍ଟ ଓ ହିଥର ନାଇଟ୍‌ଙ୍କ ଉଇକେଟ ହରାଇଥିଲା। ଟପ୍-୩ ବ୍ୟାଟର ଖାତା ଖୋଲିପାରିନଥିଲେ, ଯାହାକି ମହିଳା କ୍ରିକେଟରେ ଇଂଲଣ୍ଡ ପାଇଁ ପ୍ରଥମ ଘଟଣା। ଏଭଳି ପରିସ୍ଥିତିରେ ଅଧିନାୟିକା ନାଟ ସ୍କିଭର-ବ୍ରଣ୍ଟ ୬୪ (୬ ଚୌକା ଓ ୧ ଛକା) ଓ ଆଲିସ କାପସି ୫୦ (୬ ଚୌକା) ଚତୁର୍ଥ ଉଇକେଟରେ ୧୦୭ ରନ ଯୋଡ଼ିଥିଲେ। ଏହି ଦୁଇ ବ୍ୟାଟର ଆଉଟ୍ ହେବା ପରେ ଇଂଲଣ୍ଡର ବ୍ୟାଟିଂ ଲାଇନ ଭୁଷୁଡ଼ି ପଡ଼ିଥିଲା। ଫଳରେ ଇଂଲଣ୍ଡ ୪୨.୩ ଓଭରରେ ୧୯୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ପାଇଁ କାପ ୫ ଉଇକେଟ ସଫଳତା ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୫୦ ଓଭରରେ ୩୧୯/୭ (ଲୌରା ୱୋଲଭାର୍ଡଟ-୧୬୯, ତଜମିନ ବ୍ରିଟ୍ସ-୪୫, ମାରିଜେନ କାପ-୪୨, ସୋଫି ଏକଲେଷ୍ଟୋନ-୪/୪୪, ଲୌରେନ ବେଲ-୨/୫୫)। ଇଂଲଣ୍ଡ: ୪୨.୩ ଓଭରରେ ୧୯୪/ଅଲଆଉଟ୍ (ନାଟ ସ୍କିଭର-ବ୍ରଣ୍ଟ-୬୪, ଆଲିସ କାପସି-୫୦, ମାରିଜେନ କାପ-୫/୨୦, ନାଦିନେ ଡି କ୍ଲର୍କ-୨/୨୪)।



ଶତକ ହାସଲ ପରେ ଲୌରା ୱୋଲଭାର୍ଡଟ।

**ପୁରୁଷ ଜୁନିୟର ହକି ବିଶ୍ୱକପ୍**

## ପାକିସ୍ତାନ ବଦଳରେ ଓମାନ୍ ଖେଳିବ

**ଲାଉସାନେ,୨୯।୧୦(ପି.ଟି.):** ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଭାରତର ଚେନ୍ନାଇ ଓ ମଦୁରାଇଠାରେ ହେବାକୁଥିବା ଏଫ୍‌ଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପ୍‌ରେ ପାକିସ୍ତାନ ବଦଳରେ ଓମାନ୍ ଖେଳିବ। ଏ ନେଇ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ(ଏଫ୍‌ଆଇଏଚ୍) ପକ୍ଷରୁ ବୁଧବାର ସ୍ପଷ୍ଟ କରାଯାଇଛି।

ପୁରୁଷ ଜୁନିୟର ହକି ବିଶ୍ୱକପ୍‌ରେ ଖେଳିବା ପାଇଁ ଆମନ୍ତ୍ରଣକୁ ସ୍ୱୀକାର କରି ନ ଥିବା ପାକିସ୍ତାନ ହକି ଫେଡେରେଶନ ପକ୍ଷରୁ ଆମକୁ ଜଣାଇ ଦିଆଯାଇଛି। ସେମାନଙ୍କ ବଦଳରେ ଓମାନ୍‌ର ଜୁନିୟର ଦଳକୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବା ଦଳମାନଙ୍କ ତାଲିକାରେ ସାମିଲ କରାଯାଇଛି। ଜୁନିୟର ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଜୁନିୟର ଏସିଆ କପ୍‌ରେ ଓମାନ୍ ପାକିସ୍ତାନ ପଛରେ ରହିଥିଲା। ପ୍ରଥମଥର ପାଇଁ ଏଫ୍‌ଆଇଏଚ୍ ହକି ଜୁନିୟର ବିଶ୍ୱକପ୍ ୨୦୨୫ରେ ୨୪ ଲେଖାଏ ଦଳ ଭାଗନେବେ ବୋଲି ଏଫ୍‌ଆଇଏଚ୍ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ପାକିସ୍ତାନକୁ ଗ୍ରୁପ୍-ବି'ରେ ଭାରତ, ଚିଲି ଓ ସ୍ୱିଜରଲାଣ୍ଡ ସହ ରଖାଯାଇଥିଲା। ପାକିସ୍ତାନ ଦ୍ୱିତୀୟଥର ପାଇଁ ଭାରତରେ ହେବାକୁଥିବା ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟରୁ ଓହରି ଯାଇଛି।

# ଆଜି ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ

**ନଭି ମୁମ୍ବାଇ,୨୯।୧୦(ପି.ଟି.)**

ଭାଗ୍ୟ ବଳରେ ଚଳିତ ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ତିଷ୍ଠିରହିଥିବା ଭାରତୀୟ ମହିଳା ଦଳ ଗୁରୁବାର ସେମିଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳକୁ ଭେଟିବାକୁ ଯାଉଛି। ହରମନ୍‌ପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ଏହା ନିଶ୍ଚିତରୂପେ ଏକ କଡ଼ା ପରୀକ୍ଷା ହେବ। ୮ ବର୍ଷ ତଳେ ହରମନ୍‌ପ୍ରୀତ ୨୦୧୭ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଅପରାଜିତ ୧୭୧ ରନ୍‌ର ଅବିସ୍ମରଣୀୟ ପାଳି ଖେଳି ଭାରତକୁ ଜିତାଇଥିଲେ।

**ଫାଇନାଲ ପାଇଁ ଲଢ଼େଇ**

ତାହା ହିଁ ଆଇସିସି ମହିଳା ଟୁର୍ନାମେଣ୍ଟ ଇତିହାସରେ ଅଷ୍ଟ୍ରେଲିଆ ବିପକ୍ଷରେ ନକ୍‌ଆଉଟ୍‌ରେ ଭାରତର ଏକମାତ୍ର ବିଜୟ ଥିଲା। ଦୁଇ ଦଳ ମଧ୍ୟରେ ବିଶ୍ୱକପ୍‌ରେ ୧୩ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୩ଥର ବିଜୟ ସ୍ୱାଦ ଚାଖିଛି। ୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇବା ପାଇଁ ଭାରତୀୟ ଦଳକୁ ତା'ର ଖେଳାଳିଙ୍କଠାରୁ ସେଭଳି କିଛି ସ୍ୱତନ୍ତ୍ର ପ୍ରଦର୍ଶନ ଦରକାର।

ଲଗାତର ଦୁଇ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଭାରତୀୟ ଦଳ କ୍ରମାଗତ ୩ ମ୍ୟାଚ୍‌ରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡଠାରୁ ପରାଜିତ ହୋଇ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବା ଭଳି ପରିସ୍ଥିତିରେ ଥିଲା। କିନ୍ତୁ ନ୍ୟୁଜିଲାଣ୍ଡକୁ ହରାଇ ଭାରତ ସେମିରେ ସ୍ଥାନ ପକ୍କା କରିଥିଲା। ହେଲେ ଏହି ମ୍ୟାଚ୍‌ରେ ଶତକୀୟ ପାଳି ଖେଳିଥିବା ଇନ୍‌ଫର୍ମ ଓପ୍‌ନର ପ୍ରତୀକା ରାୱଲ ଇଞ୍ଜୁରି କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜିତ ରହିଛି। ଗତ ସଂସ୍କରଣଠାରୁ ଅଷ୍ଟ୍ରେଲିଆ ମହିଳା ଦଳ ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ କୌଣସି ମ୍ୟାଚ୍ ହାରି ନାହିଁ। ବିଶ୍ୱକପ୍‌ରେ କ୍ରମାଗତ ୧୫ ମ୍ୟାଚ୍ ଜିତିଥିବା ଅଷ୍ଟ୍ରେଲିଆ ଦଳ ବିପକ୍ଷରେ ଭାରତ ପାଇଁ ଯେକୌଣସି ପ୍ରକାର ତ୍ରୁଟି କାଳ ହୋଇପାରେ। ମାତ୍ର ମ୍ୟାଚ୍ ପୂର୍ବରୁ ଦଳରେ ଟିମ୍ କମ୍ବିନେଶନକୁ ନେଇ ଅନେକ ପ୍ରଶ୍ନ ରହିଛି। ପ୍ରତୀକା ବାଦ୍ ପଡ଼ିବାରୁ ତାଙ୍କ ବଦଳରେ ବିସ୍ଫୋରକ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ହେଲେ ତାଙ୍କୁ ବିଶ୍ୱକପ୍ ଲାଗି ଭାରତୀୟ ଦଳର ଯୋଜନାରେ ରଖାଯାଇ ନ ଥିଲା। ଏଥିଯୋଗୁ ବିଶ୍ୱକପ୍ ଲାଗି ରଖାଯାଇଥିବା ୬ ରିଜର୍ଭ ଖେଳାଳିଙ୍କ ମଧ୍ୟରେ ତାଙ୍କୁ ସ୍ଥାନ ଦିଆଯାଇ ନ ଥିଲା। ମାତ୍ର ସ୍ମୃତି ମନ୍ଧାନାଙ୍କ ସହିତ ତାଙ୍କର ଭଲ ରେକର୍ଡ ରହିଛି। ମନ୍ଧାନାଙ୍କ ସହ ତାଙ୍କ ବିସ୍ଫୋରକ ବ୍ୟାଟିଂ ଷ୍ଟାଇଲ ପ୍ରତିପକ୍ଷ ଦଳକୁ ଚାପରେ ପକାଇପାରେ। ଏହା ବଦଳରେ ହର୍ଲିନ୍ ଦେଓଲଙ୍କୁ ମଧ୍ୟ ପ୍ରମୋଟ୍ କରାଯିବାର ବିକଳ୍ପ ଟିମ୍ ମ୍ୟାନେଜମେଣ୍ଟ ପାଖରେ ରହିଛି। ଯାହାଫଳରେ ଭାରତକୁ ଅତିରିକ୍ତ ଷଷ୍ଠ ବୋଲର ଖେଳାଇବାକୁ ସୁଯୋଗ ମିଳିବ। ବାମହାତୀ ସ୍ପିନର ଭାବେ ସ୍ନେହ ରଣାଙ୍କ ବଦଳରେ ରାଧା ଯାଦବଙ୍କୁ ଖେଳାଯାଇପାରେ।

**ସମୟ: ଅପରାହ୍ଣ ୩ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**





ବୁଧବାର ନେଟ୍ସ ସେସନରେ ଅମନଜୋତ କୌର ଓ ଶେଫାଳୀ ବର୍ମା।

# ଆୟୋଜକ କମିଟିରେ ଓଡ଼ିଶାରୁ ଦେବବ୍ରତ



ଦେବବ୍ରତ ଭଞ୍ଜ



ସତ୍ୟରଞ୍ଜନ ପଟ୍ଟନାୟକ



ରିତେଶ କୁମାର ରଥ

■ ଗୋଆରେ ଫିଡେ ଚେସ୍ ବିଶ୍ୱକପ୍ ୩୧ରୁ
■ ସତ୍ୟରଞ୍ଜନ, ରିତେଶ ଏଜିଏମ୍‌ରେ ଯୋଗଦେବେ

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

ଚଳିତ ମାସ ୩୧ରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ସମ୍ମାନଜନକ ଫିଡେ ଚେସ୍ ବିଶ୍ୱକପ୍ ଗୋଆରେ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟରେ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ, ମ୍ୟାଗ୍ନସ କାର୍ଲସେନ, ଆର୍. ପ୍ରଜ୍ଞାନନ୍ଦଙ୍କ ପରି ବିଶ୍ୱର ଅନେକ ଶ୍ରେଷ୍ଠ ଖେଳାଳିଙ୍କ ସହ ମୋଟ ୨୦୬ ଖେଳାଳି ଅଂଶଗ୍ରହଣ କରିବେ। ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶ୍‌ମୁଖ ଭାରତର ଏକମାତ୍ର ମହିଳା ଖେଳାଳି ଭାବେ ଏଥିରେ ଭାଗନେବେ। ପ୍ରତିଯୋଗିତାର ସଫଳ ପରିଚାଳନା ପାଇଁ ଗଠିତ ଆୟୋଜକ କମିଟିରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ସମ୍ପାଦକ ଦେବବ୍ରତ ଭଞ୍ଜ ସ୍ଥାନ ପାଇଛନ୍ତି। ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍)ର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍) ଏବଂ ଉଦ୍‌ଘାଟନୀ ସମାରୋହରେ ଦେବବ୍ରତଙ୍କ ସମେତ ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ରିତେଶ କୁମାର ରଥ ଯୋଗଦେବେ। ଆଗାମୀ ବିଶ୍ୱକପ୍ ପାଇଁ ଭାରତୀୟ ପ୍ରତିନିଧି ଦଳକୁ ଏଓସିଏ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଦିଲ୍ଲୀ-ପଲ୍‌ଟନ ଫାଇନାଲ

**ପ୍ରୋ କବାଡ଼ି ଲିଗ୍**

**ନୂଆଦିଲ୍ଲୀ,୨୯।୧୦**

ଚଳିତ ପ୍ରୋ କବାଡି ଲିଗ୍ (ପିକେଏଲ୍)ରେ ବୁଧବାର ଖେଳାଯାଇଥିବା କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌ରେ ପୁନେରି ପଲଟନ ୫୦-୪୫ ପଏଣ୍ଟରେ ତେଲୁଗୁ ଟାଇଟନ୍ସକୁ ପରାସ୍ତ କରିଛି। ଏହି ବିଜୟ ସହ ପୁନେରି ପଲଟନ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ପ୍ରଥମ କ୍ୱାଲିଫାୟରରେ ବିଜୟୀ ହୋଇ ଦବଙ୍ଗ ଦିଲ୍ଲୀ ଫାଇନାଲରେ ସ୍ଥାନ ପକ୍କା କରିଥିଲା। ଶୁକ୍ରବାର ଥ୍ୟାଗରାଜ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯିବାକୁ ଥିବା ଫାଇନାଲରେ ଦବଙ୍ଗ ଦିଲ୍ଲୀ ଓ ପୁନେରି ପଲଟନ ପରସ୍ପରକୁ ଭେଟିବେ। ଉଭୟ ଦଳ ଦ୍ୱିତୀୟ ଟାଇଟଲ ଲକ୍ଷ୍ୟରେ ରହିବେ। ଦବଙ୍ଗ ଦିଲ୍ଲୀ ୨୦୨୧-୨୨ରେ ଓ ପୁନେରି ପଲଟନ ୨୦୨୩-୨୪ ସିଜନରେ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଥିଲେ। ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌ରେ ପୁନେରି ପଲଟନ ପାଇଁ ଆଦିତ୍ୟ ଶିନ୍ଦେ ୨୨ ଓ ପଙ୍କଜ ମୋହିତେ ୧୦ ପଏଣ୍ଟ ସ୍କୋର କରିଥିବା ବେଳେ ତେଲୁଗୁ ଦଳ ପକ୍ଷରୁ ଭରତ ୨୩ ଓ ଅଧିନାୟକ ବିଜୟ ମଲିକ ୧୧ ପଏଣ୍ଟ ଅର୍ଜନ କରିଥିଲେ। ରେଡ୍ ପଏଣ୍ଟ କ୍ଷେତ୍ରରେ ତେଲଗୁ ଟାଇଟନ୍ସ (୩୪)ଠାରୁ ପୁନେରି ପଲଟନ (୩୨) ପଛରେ ପଡ଼ି ଯାଇଥିଲେ ହେଁ ଅଲ୍ ଆଉଟ ପଏଣ୍ଟରେ ୮-୨ରେ ଆଗରେ ରହିଥିଲା। ସେହିପରି ଅତିରିକ୍ତ ପଏଣ୍ଟରେ ମଧ୍ୟ ୨-୧ରେ ରହି ଫାଇଦା ପାଇଥିଲା। ଦୁଇ ଦଳର ସୁପର ରେଡ୍ ୧-୧ ଏବଂ ଟ୍ୟାକ୍‌ଲ ପଏଣ୍ଟ ୮-୮ ରହିଥିଲା।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟ୍‌ବଲ**

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

ପଞ୍ଜାବର ଅମୃତସରଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ନିଜର ପ୍ରଥମ ମ୍ୟାଚ୍‌ରେ ଲଜ୍ଜାଜନକଭାବେ ୦-୧୩ ଗୋଲ୍‌ରେ ମିଜୋରାମଠାରୁ ହାରିଥିବା ଓଡ଼ିଶା ବୁଧବାର ୦-୬ ଗୋଲରେ ମଣିପୁର ନିକଟରୁ ପରାସ୍ତ ହୋଇଛି। ମଣିପୁର ପକ୍ଷରୁ ଶେଖ୍ ସାହିଲ, ଥ୍ୱାଙ୍ଗବାଇଜାମ ସାନାତୋମ୍ବା, ହିଦାମ ୟୋହେନବା ସିଂ ଏବଂ ବଦଳ ଖେଳାଳି ନାଓରେମ ମୋମୋ ସିଂ ଗୋଲ ସ୍କୋର କରିଥିଲେ। ଓଡ଼ିଶା ୨ଟି ମ୍ୟାଚ୍‌ରେ ୧୯ଟି ଗୋଲ ବରଣ କରିସାରିଥିବାବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ଦେବାରେ ସକ୍ଷମ ହୋଇନାହିଁ। ଫଳରେ ଓଡ଼ିଶା ରକ୍ଷଣଭାଗଠାରୁ ଆରମ୍ଭକରି ଫରୱାର୍ଡ ପର୍ଯ୍ୟନ୍ତ ସବୁଥିରେ ଦୁର୍ବଳ ରହିଥିବାର ସୂଚନା ମିଳୁଛି। ଓଡ଼ିଶା ଏହାର ତୃତୀୟ ମ୍ୟାଚ୍ ଅମୃତସରସ୍ଥିତ ମାଉଣ୍ଟ ଲିଟେରା ଜୀ ସ୍କୁଲ ପଡ଼ିଆରେ ବିହାର ବିପକ୍ଷରେ ୩୧ ତାରିଖରେ ଖେଳିବ।

# ବର୍ଷା ବାଧକ: ପ୍ରଥମ ଟି୨୦ ବାତିଲ

**କାନବେରା, ୨୯।୧୦ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ଟି୨୦ କ୍ରିକେଟ ମ୍ୟାଚ୍ ଲଗାଣ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ବର୍ଷା ବାଧକ ସାଜିବା ପୂର୍ବରୁ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିଥିବା ନେଇ ସଙ୍କେତ ଦେବା ସହ ଟି୨୦ ଅନ୍ତର୍ଜାତୀୟରେ ୧୫୦ ଛକା ପୂରଣ କରିଛନ୍ତି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ମେଲବୋର୍ନରେ ଖେଳାଯିବ।

ଟସ୍ ଜିତି ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ଶ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପାଇଁ ଅଭିଷେକ ଶର୍ମା ଓ ଶୁବମନ ଗିଲ୍‌ଙ୍କ ଓପ୍‌ନିଂ ଯୋଡ଼ି ୩୫ ରନ୍ କରିଥିଲା। ଆରମ୍ଭରୁ ଚିରାଚରିତ ବିସ୍ଫୋରକ ଷ୍ଟାଇଲରେ ବ୍ୟାଟିଂ କରିଥିବା ଅଭିଷେକ ୧୪ ବଲରେ ୪ ଚୌକା ସହିତ ୧୯ ରନ୍ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ବର୍ଷା ବାଧକ ସାଜିବାରୁ ମ୍ୟାଚ୍‌କୁ ୧୮ ଓଭରରେ ସୀମିତ ରଖାଯାଇଥିଲା। ମ୍ୟାଚ୍ ପୁନଃ ଆରମ୍ଭ ହେବା ପରେ ଅଧିନାୟକ ସୂର୍ଯ୍ୟ ଓ ଶୁବମନ ଦ୍ୱିତୀୟ ଉଇକେଟରେ ୩୫ ବଲରେ ଦ୍ରୁତ ୬୨ ରନ୍ ଯୋଡ଼ିଥିଲେ। ଏହାପରେ ଲଗାଣ ବର୍ଷା କାରଣରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ବର୍ଷା ବାଧକ ସାଜିବା ସୁଦ୍ଧା ଭାରତ ୯.୪ ଓଭରରେ ୧ ଉଇକେଟ ହରାଇ ୯୭ ରନ୍ କରିଥିଲା। ସୂର୍ଯ୍ୟ ୨୪ ବଲ୍‌ରେ ୩ ଚୌକା ଓ ୨ ଛକା ସହ ୩୯ ଏବଂ ଗିଲ୍ ୨୦ ବଲ୍‌ରେ ୪ ଚୌକା ଓ ୧ ଛକା ସହିତ ୩୭ ରନ୍‌କରି ଅପରାଜିତ ରହିଥିଲେ।

**ନୀତୀଶ କୁମାର ଆହତ**

ଆହତ ସମସ୍ୟାରେ ଘେରି ହୋଇ ରହୁଥିବା ନୀତୀଶ କୁମାର ରେଡ୍ଡୀ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ର ପ୍ରଥମ ୩ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସେ ବର୍ତ୍ତମାନ ବେକଜନିତ ସମସ୍ୟା ଦେଇ ଗତି କରୁଛନ୍ତି। ଏ ନେଇ ବିସିସିଆଇ ପକ୍ଷରୁ ବୁଧବାର କୁହାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଏହି ଅଲ୍‌ରାଉଣ୍ଡରଙ୍କ ବାମଗୋଡ଼ର ମାଂସପେଶୀରେ ଆଘାତ ଲାଗିଥିଲା। ପରେ ସେ ବେକରେ ଯନ୍ତ୍ରଣା ଅନୁଭବ କରୁଥିବା କହିଥିଲେ।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ